# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ସେପ୍ଟେମ୍ବର ୮/୨୦୨୧ (୧୬ ପୃଷ୍ଠା) | Balasore, Wednesday, September 8/2021 | ★★★★

୪୭ଶ ଭାଗ ୨୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

**ଆଜିର ସମ୍ପାଦକୀୟ**

## ଭିଡିଓ ଗେମ୍






# ସ୍କୁଲ ବନ୍ଦ ହୋଇପାରେ

## ଚିନ୍ତା ବଢ଼ାଉଛି ଶିଶୁଙ୍କ ସଂକ୍ରମଣ

■ ଆଇସିୟୁରେ ୨% ଶିଶୁ ଚିକିତ୍ସାଧୀନ

*ରାଜ୍ୟରେ ଏବେ କରୋନା ସଂକ୍ରମଣ ପ୍ରାୟତଃ ସ୍ଥିର ରହିଛି। କିନ୍ତୁ ପିଲାଙ୍କ ସଂକ୍ରମଣ ଚିନ୍ତା ବଢ଼ାଇଛି। ଗତ ୨୪ ଘଣ୍ଟାରେ ୧୮ ବର୍ଷରୁ କମ୍ ବର୍ଗର ୯୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି, ଯାହା ମୋଟ ସଂକ୍ରମଣର ପ୍ରାୟ ୧୫%।*

ଭୁବନେଶ୍ୱର, ୭।୯(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣର ତୃତୀୟ ଲହର ଦେଖିବାକୁ ମିଳି ନ ଥିଲେ ହେଁ ପ୍ରତିଦିନ ପିଲାମାନେ କରୋନା ଦ୍ୱାରା ସଂକ୍ରମିତ ହେଉଛନ୍ତି। ଢେଙ୍କାନାଳ ଓ ବରଗଡ଼ରେ ୨ଟି ସ୍କୁଲର ୩୪ ପିଲା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏ ନେଇ ସୂଚନା ପାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଅନ୍ୟପକ୍ଷରେ ଡିଏମ୍ଇଟି ସି.ବି.କେ. ମହାନ୍ତି ପିଲାଙ୍କ ସଂକ୍ରମଣ ପାଇଁ ପରିବାରଙ୍କୁ ପରୋକ୍ଷରେ ଦାୟୀ କରିଛନ୍ତି। ପିଲାଙ୍କୁ ଥଣ୍ଡା, କାଶ, ଜ୍ୱର ହୋଇଥିଲେ ନ ଲୁଚାଇ ଜଣାଇବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ଅଭିଭାବକ ଏସବୁ ତଥ୍ୟ ନ ଜଣାଇଲେ ☞ପୃଷ୍ଠା-୪

## ଅବହେଳା କଲେ ପୁଣି ଲକ୍‌ଡାଉନ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ବର୍ତ୍ତମାନ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲକ୍‌ଡାଉନ କୋହଳ କରାଯାଇଛି। କିନ୍ତୁ ତା'ର ଅର୍ଥ ନୁହେଁ ଯେ, ଆମେ ନିୟମ ପାଳନରେ ଢିଲା କରିବା। ତେଣୁ ଯଦି କେଉଁଠି ବି ଅବହେଳା ପରିଲକ୍ଷିତ ହୁଏ, ତେବେ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ପୁଣି ଥରେ ଲକ୍‌ଡାଉନ ପାଇଁ ବାଧ୍ୟ ହେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସତର୍କ କରାଇଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ କୋଭିଡ୍ ସ୍ଥିତି ସମୀକ୍ଷା କରି କହିଛନ୍ତି, ଆମେରିକା ଠାରୁ ଆରମ୍ଭ କରି କେରଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କରୋନା ସଂକ୍ରମଣ ବଢ଼ିବା ଚିନ୍ତାଜନକ ହୋଇଛି। ଏଭଳି ସ୍ଥିତିରେ ଆମକୁ ସମ୍ଭାବ୍ୟ ତୃତୀୟ ଲହରଠାରୁ ନିରାପଦ ରହିବାକୁ ହେଲେ, କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। ଏଥିରେ ସାମାନ୍ୟ ଅବହେଳା ସମସ୍ତଙ୍କ ଲାଗି ବିପଦର କାରଣ ହୋଇପାରେ। କୋଭିଡ୍ ☞ପୃଷ୍ଠା-୪



ନବୀନ ପଟ୍ଟନାୟକ

### କୋଭିଡ୍ ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

■ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅଚାନକ ପରିଦର୍ଶନ ନିର୍ଦ୍ଦେଶ

■ ଜନସାଧାରଣ ଅଧିକ ସତର୍କ ରହିବାକୁ ପରାମର୍ଶ

# ଆଇନଶୃଙ୍ଖଳା: ସରକାରଙ୍କୁ ଘେରିଲେ ବିରୋଧୀ

*ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ବଳାତ୍କାର, ହତ୍ୟା, ଶିଶୁ ନିଖୋଜ ଓ ମହିଳା ନିର୍ଯାତନା ଭଳି ଅପରାଧ ବଢ଼ି ଚାଲିଛି। ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ଅଭିଯୁକ୍ତଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି। ଏଭଳି ଅଭିଯୋଗ ଆଣି ବିରୋଧୀ ମଙ୍ଗଳବାର ବିଧାନସଭାରେ ମୁଲତବୀ ଆଲୋଚନାବେଳେ ସରକାରଙ୍କୁ ଘେରିଛନ୍ତି।*

ଭୁବନେଶ୍ୱର,୭।୯(ବ୍ୟୁରୋ)

'ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣରେ ନାହିଁ, ଜନସାଧାରଣ ଡାକୁଛନ୍ତି ତ୍ରାହି ତ୍ରାହି' ଶୀର୍ଷକ ମୁଲତବୀ ଆଲୋଚନା ମଙ୍ଗଳବାର ଗୃହରେ ହୋଇଥିଲା। ଆଲୋଚନାରେ ଭାଗନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଲେ ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଜେଡି ନେତା ତଥା ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଏଫ୍ଆଇଆର୍‌ର ୧୩ ନମ୍ବରରେ ତାଙ୍କ ନାମ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହାକୁ ହଟାଇ ଦିଆଯାଇଛି। ଯଦି ଜଣେ ମନ୍ତ୍ରୀଙ୍କ ନାମରେ ନରହତ୍ୟା ଅଭିଯୋଗ ଆସେ ତେବେ ସେ ତୁରନ୍ତ ଇସ୍ତଫା ଦେବା କଥା। ☞ପୃଷ୍ଠା-୪

### ରାଜ୍ୟରେ ଶାନ୍ତି ରହିଛି: ମନ୍ତ୍ରୀ

ଭୁବନେଶ୍ୱର,୭।୯(ବ୍ୟୁରୋ)

ବିଧାନସଭାରେ ବିରୋଧୀ ଦଳଙ୍କ ଦ୍ୱାରା ଆଗତ ମୁଲତବୀ ଆଲୋଚନାର ଉତ୍ତର ରଖିଛନ୍ତି ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର। ରାଜ୍ୟରେ ଅଦ୍ୟାବଧି ମୋଟାମୋଟି ଆଇନଶୃଙ୍ଖଳା ଶାନ୍ତିପୂର୍ଣ୍ଣ ରହିଛି। ବିଭିନ୍ନ ସମ୍ପ୍ରଦାୟ ☞ପୃଷ୍ଠା-୪








**ଶିଶୁଙ୍କୁ ଟିକାକରଣ: କ୍ୟୁବା ପ୍ରଥମ**
୨ରୁ ୧୨ ବର୍ଷ ବୟସ ବର୍ଗର ପିଲାଙ୍କୁ କରୋନା ଟିକା ଦେବାରେ କ୍ୟୁବା ବିଶ୍ୱର ପ୍ରଥମ ଦେଶ ହୋଇଛି। ସୋମବାର ଏଠାରେ ଉକ୍ତ ବୟସର ପିଲାଙ୍କ ଟିକାକରଣ ଆରମ୍ଭ ହୋଇଛି। ମାତ୍ର ୧ କୋଟି ୧୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଦେଶ ସ୍କୁଲ ଖୋଲିବା ପୂର୍ବରୁ ସମସ୍ତ ପିଲାଙ୍କୁ ଟିକାକରଣ କରିବାକୁ ଲକ୍ଷ୍ୟ ରଖିଛି। କ୍ୟୁବା ନିଜର କୋଭିଡ୍ ଟିକା ଆବ୍‌ଦାଲା ଏବଂ ସୋବେରାନା ବିକଶିତ କରିଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହାକୁ ମାନ୍ୟତା ପ୍ରଦାନ କରିନାହିଁ।



## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ବଘେଲଙ୍କ ବାପା ଗିରଫ



**ରାୟପୁର, ୭।୯:** ବ୍ରାହ୍ମଣ ସମୁଦାୟ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ବାପା ନନ୍ଦ କୁମାର ବଘେଲ(୮୬)ଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ରାୟପୁରର ଏକ କୋର୍ଟରେ ହାଜର ହେବା ପରେ ଅଦାଲତ ତାଙ୍କୁ ୧୫ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି। ଗତ ରବିବାର ରାୟପୁର ପୋଲିସ ନନ୍ଦ କୁମାରଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଆସନ୍ତା ୨୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଉତ୍ତରପ୍ରଦେଶ ଗସ୍ତବେଳେ ନନ୍ଦ କୁମାର ବ୍ରାହ୍ମଣ ସମୁଦାୟକୁ ବଏକଟ୍ ବା ବହିଷ୍କାର କରିବାକୁ ଲୋକଙ୍କୁ କହିଥିଲେ। 'ବ୍ରାହ୍ମଣମାନେ ବିଦେଶୀ। ସେମାନଙ୍କୁ ଗଙ୍ଗା ତଟରୁ ବାହାର କରି ଭୋଲ୍‌ଗା ନଦୀକୁ ପଠାଯିବା ଦରକାର। ବ୍ରାହ୍ମଣମାନେ ଅନ୍ୟମାନଙ୍କୁ ଅଛୁଆଁ କରିବା ସହ ସମସ୍ତଙ୍କ ଅଧିକାର ଛଡ଼ାଇ ନେଇଛନ୍ତି। ତେଣୁ ଗ୍ରାମବାସୀ ସେମାନଙ୍କ ଗାଁକୁ ବ୍ରାହ୍ମଣଙ୍କ ପ୍ରବେଶ କରାଇ ଦିଅନ୍ତୁନାହିଁ' ବୋଲି ନନ୍ଦ କୁମାର କହିଥିଲେ। ବାପାଙ୍କ ମନ୍ତବ୍ୟ ଉଚିତ ନୁହେଁ। ସେ ଆଇନରୁ ଊର୍ଦ୍ଧ୍ୱରେ ନୁହନ୍ତି। ତେଣୁ ନିୟମ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୂପେଶ କହିଛନ୍ତି।

### ମେହବୁବା ଗୃହବନ୍ଦୀ



**ଶ୍ରୀନଗର, ୭।୯:** ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ମୁଖ୍ୟ ମେହବୁବା ମୁଫ୍‌ତିଙ୍କୁ ଗୃହବନ୍ଦୀ କରାଯାଇଥିବା ନେଇ ସେ ଏକ ଟୁଇଟ୍ କରିଛନ୍ତି। ସେଠାରେ ସବୁକିଛି ଠିକ୍ ଥିବା ପ୍ରଶାସନ କହୁଥିବାବେଳେ ଏହାର ସତ୍ୟତା ସାମ୍ନାକୁ ଆସିଛି ବୋଲି ମୁଫ୍‌ତି କହିଛନ୍ତି। ଦକ୍ଷିଣ କଶ୍ମୀରର କୁଲଗାମ୍ ଗସ୍ତ କରିବାକୁ ବାହାରିଥିବାବେଳେ ତାଙ୍କୁ ସେଠାକୁ ଯିବାକୁ ଦିଆଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ମୁଫ୍‌ତି କହିଛନ୍ତି, ଭାରତ ସରକାର ଆଫଗାନିସ୍ତାନବାସୀଙ୍କ ଅଧିକାର କଥା ଉଠାଉଛନ୍ତି କିନ୍ତୁ କଶ୍ମୀରବାସୀଙ୍କ ପ୍ରତି ତାହା ଲାଗୁ ହେଉନାହିଁ। ତାଙ୍କ ଘର ବାହାର ଗେଟ୍‌ରେ ତାଲା ପଡ଼ିଥିବା ଏବଂ ନିକଟରେ ଅସ୍ତ୍ରଶସ୍ତ୍ର ଥିବା ଏକ ଟ୍ରକ୍ ଛିଡ଼ା ହୋଇଥିବାର ଏକ ଫଟୋ ସେ ଟୁଇଟରରେ ଅପ୍‌ଲୋଡ କରିଛନ୍ତି। ତେବେ ମୁଫ୍‌ତିଙ୍କ ଏହି ଅଭିଯୋଗକୁ ସ୍ଥାନୀୟ ପ୍ରଶାସନ ଖଣ୍ଡନ କରିଛି। ସୁରକ୍ଷା ଦୃଷ୍ଟିରୁ ମୁଫ୍‌ତିଙ୍କୁ କୁଲ୍‌ଗାମ୍ ନ ଯିବାକୁ ପରାମର୍ଶ ଦିଆଯାଇଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

# ସରକାର ଗଢ଼ିଲା ତାଲିବାନ୍

## କାମଚଳା କ୍ୟାବିନେଟ ସଦସ୍ୟଙ୍କ ନାମ ଘୋଷଣା

**କାବୁଲ, ୭।୯**

କାବୁଲ ଦଖଲର ୩ ସପ୍ତାହ ପରେ ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ତାଲିବାନ୍ ଏକ କାମଚଳା କ୍ୟାବିନେଟ ଘୋଷଣା କରିଛି। ଦୀର୍ଘ ୨୦ ବର୍ଷ ଧରି ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟ ଓ ଆଫଗାନିସ୍ତାନ ସରକାର ବିରୋଧରେ ଯୁଦ୍ଧ ବେଳେ ପ୍ରମୁଖ ଭୂମିକା ନେଇଥିବା ସଙ୍ଗଠନର ପୁରୁଣା ସହଯୋଗୀଙ୍କୁ କ୍ୟାବିନେଟରେ ବଡ଼ ପଦବୀ ମିଳିଛି। ରେହବାରି ଶୁରାର ପୂର୍ବତନ ମୁଖ୍ୟ ମୁଲ୍ଲା ମହମ୍ମଦ ହାସନ ଅଖୁନ୍ଦଙ୍କୁ ତାଲିବାନ୍ ସରକାରରେ ଅନ୍ତରୀଣ ପ୍ରଧାନମନ୍ତ୍ରୀ କରାଯାଇଛି। ତାଲିବାନ୍‌ର ଶୀର୍ଷ ନେତା ମୁଲ୍ଲା ହିବାତୁଲ୍ଲା ଅଖୁନ୍ଦଜାଦା ଏହି ପଦ ପାଇଁ ମୁଲ୍ଲା ଅଖୁନ୍ଦଙ୍କ ନାମ ପ୍ରସ୍ତାବ ଦେଇଥିଲେ। ସେହିପରି କାତାର ରାଜଧାନୀ ଦୋହାରେ ଆମେରିକା ସହ ଚୁକ୍ତି ସ୍ୱାକ୍ଷର କରିଥିବା ସଙ୍ଗଠନର ସହପ୍ରତିଷ୍ଠାତା ତଥା ରାଜନୈତିକ ମୁଖ୍ୟ ମୁଲ୍ଲା ଅବ୍‌ଦୁଲ ଗନି ବରାଦରଙ୍କୁ ଉପପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଛି। ସବୁ ବର୍ଗର ଲୋକଙ୍କୁ ନେଇ ସରକାର ଗଠନ କରିବାକୁ ଅନ୍ତର୍ଜାତୀୟ ସମୁଦାୟ ପକ୍ଷରୁ ହୋଇଥିବା ଦାବିକୁ ଏଥିରେ ଅଣଦେଖା କରାଯାଇଛି।

ତାଲିବାନ୍ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ ମଙ୍ଗଳବାର କାମଚଳା ସରକାର ଗଠନ ନେଇ କହିଛନ୍ତି, ଆମ ଦେଶର ଜନସାଧାରଣ ଏକ ନୂଆ ସରକାରକୁ ଅପେକ୍ଷା କରିଥିଲେ। ଏହା ଏକ ଅନ୍ତରୀଣ ସରକାର। ଆଗକୁ ଆମେ ଦେଶର ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ପୂର୍ଣ୍ଣାଙ୍ଗ ସରକାର ଗଢ଼ିବୁ। ନୂଆ ସରକାରରେ ହକ୍କାନି ନେଟ୍‌ୱର୍କ ମୁଖ୍ୟ ସିରାଜୁଦ୍ଦିନ ହକ୍କାନିଙ୍କୁ ଅନ୍ତରୀଣ ସରକାରରେ ଆଭ୍ୟନ୍ତରୀଣ (ସ୍ୱରାଷ୍ଟ୍ର) ମନ୍ତ୍ରୀ କରାଯାଇଛି। ତାଲିବାନ୍ ପ୍ରତିଷ୍ଠାତା ମୁଲ୍ଲା ଉମାରଙ୍କ ପୁଅ ମୁଲ୍ଲା ୟାକୁବ ପ୍ରତିରକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଇବେ। ହେଦାୟାତୁଲ୍ଲା ବଦ୍‌ରିଙ୍କୁ ଅର୍ଥମନ୍ତ୍ରୀ, ଆମିର ଖାନ୍ ବହିର୍ବ୍ୟାପାର ମନ୍ତ୍ରୀ ଓ ମୁଲ୍ଲା ଅବ୍‌ଦୁଲ ସଲାମ୍ ହନାଫି ଦ୍ୱିତୀୟ ଉପପ୍ରଧାନମନ୍ତ୍ରୀ ହେବେ। ଅନ୍ୟ ମନ୍ତ୍ରୀମାନେ ହେଲେ ଶେର ମହମ୍ମଦ ଅବ୍ବାସ ଷ୍ଟାନିକ୍‌ଜାଇ (ବହିର୍ବ୍ୟାପାର ଉପମନ୍ତ୍ରୀ), ଅବ୍‌ଦୁଲ ହାକିମ ହକ୍କାନି (ନ୍ୟାୟ), ଖଇରୁଲ୍ଲା ଖଇରଖ୍ୱା (ସୂଚନା) ଓ ଜାବିହୁଲ୍ଲା ମୁଜାହିଦ୍ (ସୂଚନା ଉପମନ୍ତ୍ରୀ)।



ତାଲିବାନର କାମଚଳା ସରକାରରେ ଅନ୍ତରୀଣ ପ୍ରଧାନମନ୍ତ୍ରୀ ମୁଲ୍ଲା ମହମ୍ମଦ ହାସନ ଅଖୁନ୍ଦ।

### ଅଳ୍ପରେ ଅଖୁନ୍ଦ

- ୨୦ ବର୍ଷ ଧରି ତାଲିବାନ୍ ରେଭାରି ଶୁରା କାଉନସିଲର ନେତୃତ୍ୱ ନେଇଥିଲେ।
- ୨୦୦୧ରେ ଆମେରିକା ସହ ଯୁଦ୍ଧ ପୂର୍ବରୁ ତାଲିବାନ ସରକାରରେ ମନ୍ତ୍ରୀ ଥିଲେ।
- ସାମରିକ ଅପେକ୍ଷା ଧର୍ମୀୟ ନେତା ରୂପେ ପରିଚିତ ଓ ଶୀର୍ଷ ନେତା ହିବାତୁଲ୍ଲା ଅଖୁନ୍ଦଜାଦାଙ୍କ ସହଯୋଗୀ।
- ତାଲିବାନ୍‌ର ଜନ୍ମସ୍ଥାନ କାନ୍ଦାହାର ବାସିନ୍ଦା ମୁଲ୍ଲା ଅଖୁନ୍ଦ ସଶସ୍ତ୍ର ଆନ୍ଦୋଳନର ଅନ୍ୟତମ ପ୍ରତିଷ୍ଠାତା।
- ୨୦୦୧ରେ ବାମିୟାନ ବୁଦ୍ଧ ମୂର୍ତ୍ତି ଭାଙ୍ଗିବାକୁ ଏକ ଧାର୍ମିକ କର୍ତ୍ତବ୍ୟ ରୂପେ ଅଭିହିତ କରି ନିର୍ଦ୍ଦେଶ ଦେଇଥିଲେ।

### ହାସନ ଅଖୁନ୍ଦ ଅନ୍ତରୀଣ ପ୍ରଧାନମନ୍ତ୍ରୀ, ମୁଲ୍ଲା ବରାଦର ଉପପ୍ରଧାନମନ୍ତ୍ରୀ



ମୁଲ୍ଲା ଅବ୍‌ଦୁଲ ଗନି ବରାଦରଙ୍କୁ ଉପପ୍ରଧାନମନ୍ତ୍ରୀ

# ଜୈବିକ ଆତଙ୍କବାଦ ମୁକାବିଲା ପ୍ରସ୍ତୁତି ଜରୁରୀ

### ପାଶ୍ଚାତ୍ୟକୁ ସତର୍କ କରାଇଲେ ଟୋନି ବ୍ଲେୟାର

**ଲଣ୍ଡନ,୭।୯**

ଇସ୍‌ଲାମିଜମ୍ ବିଶ୍ୱ ଆଗରେ ନିରାପତ୍ତା ପାଇଁ ଏକ ବଡ଼ ବିପଦ ଭାବେ ଉଭା ହୋଇଛି। କଠୋରପନ୍ଥୀ ସଙ୍ଗଠନଗୁଡ଼ିକ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବିରୋଧରେ ଜୈବିକ ଅସ୍ତ୍ର ବ୍ୟବହାର କରିପାରନ୍ତି। ତେଣୁ ସମ୍ଭାବ୍ୟ ଆକ୍ରମଣ ଲାଗି ପ୍ରସ୍ତୁତି ଜରୁରୀ ବୋଲି ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ସୋମବାର ସତର୍କ କରାଇ ଦେଇଛନ୍ତି।

ଅଗଷ୍ଟ ୧୫ରେ ତାଲିବାନ୍ କାବୁଲ ଦଖଲ କରିବା ସହ ଆମେରିକା ନେତୃତ୍ୱାଧୀନ ନାଟୋ ସୈନ୍ୟ ୩୧ ଡେଡ୍‌ଲାଇନ ପୂର୍ବରୁ ଆଫଗାନିସ୍ତାନ ଛାଡ଼ି ଚାଲିଯାଇଛନ୍ତି। ଏଥିସହ ଆଫଗାନିସ୍ତାନରେ ଆମେରିକାର ୨୦ ବର୍ଷ ଯୁଦ୍ଧର ଅନ୍ତ ଘଟିଛି। ଫଳରେ ସେଠାରେ ସୃଷ୍ଟି ହୋଇଥିବା ଶୂନ୍ୟତାର ଫାଇଦା ଆତଙ୍କବାଦୀ ସଙ୍ଗଠନ ନେଇପାରନ୍ତି। ଅଲ୍-କାଏଦା ଓ ଇସ୍‌ଲାମିକ୍ ଷ୍ଟେଟ(ଆଇଏସ୍) ଭଳି ସଙ୍ଗଠନର ଶକ୍ତି ବୃଦ୍ଧି ହୋଇପାରେ। ଇସ୍‌ଲାମବାଦ ବିଚାରଧାରା ଓ ହିଂସା ଏବେ ବିଶ୍ୱ ଆଗରେ ସବୁଠୁ ବଡ଼ ସୁରକ୍ଷା ଚ୍ୟାଲେଞ୍ଜ ହୋଇଯାଇଛି। ଏହାକୁ ରୋକା ନ ଗଲେ ୯/୧୧ ଭଳି ଘଟଣାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ୨୦୦୧ ସେପ୍ଟେମ୍ବର ୧୧ ଆକ୍ରମଣର ୨୦ ବର୍ଷ ପୂର୍ତ୍ତି ଅବସରରେ ରୟାଲ ୟୁନାଇଟେଡ୍ ସର୍ଭିସେସ୍ ଇନ୍‌ଷ୍ଟିଚ୍ୟୁଟ୍ (ଆର୍‌ୟୁଏସ୍‌ଆଇ) ସିକ୍ୟୁରିଟି ଥିଙ୍କ୍‌ଟ୍ୟାଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ଚେଞ୍ଜ ପ୍ରତିଷ୍ଠାତା ବ୍ଲେୟାର କହିଛନ୍ତି। ବ୍ଲେୟାରଙ୍କ ମତରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ



ନିଜ ଉପରେ ଥିବା ବିପଦର ଆକଳନ କରିବା ଆବଶ୍ୟକ। କୋଭିଡ୍-୧୯ ଆମକୁ ଘାତକ ଭୂତାଣୁର ଭୟାବହତା ସମ୍ପର୍କରେ ଶିକ୍ଷା ଦେଇସାରିଛି। ସାଇନ୍ସ ଫିକ୍ସନର କ୍ଷେତ୍ର ଭଳି ଜୈବିକ-ଆତଙ୍କ ସାମ୍ନାକୁ ଆସିପାରେ। କିନ୍ତୁ ଏଥିପାଇଁ ଏବେଠୁ ପ୍ରସ୍ତୁତ ହେବା ଆମ ପାଇଁ ବିଜ୍ଞତାର ପରିଚୟ ହେବ।

୨୦୦୧ରେ ଆଫଗାନିସ୍ତାନକୁ ବ୍ରିଟିଶ୍ ସୈନ୍ୟଙ୍କୁ ପଠାଇଥିବା ତତ୍କାଳୀନ ପ୍ରଧାନମନ୍ତ୍ରୀ ବ୍ଲେୟାର ଆହୁରି କହିଛନ୍ତି, ତାଲିବାନ୍ କଠୋରପନ୍ଥୀ ଇସ୍‌ଲାମକୁ ନେଇ ବୈଶ୍ୱିକ ଆନ୍ଦୋଳନର ଏକ ଅଂଶ। ଏଥିରେ ଅନେକ ଭିନ୍ନ ଭିନ୍ନ ସଙ୍ଗଠନ ସାମିଲ ଅଛନ୍ତି। କିନ୍ତୁ ସେମାନଙ୍କର ସମାନ ମୌଳିକ ବିଚାରଧାରା ରହିଛି। ଆମେରିକା ଓ ବ୍ରିଟେନ୍ ଅନ୍ୟ ୟୁରୋପୀୟ ଦେଶଗୁଡ଼ିକ ସହ ମିଶି ଆଫ୍ରିକାର ସହେଲ ଭଳି ଅଞ୍ଚଳରେ ଆତଙ୍କବାଦର ମୁକାବିଲା ପାଇଁ ସାମର୍ଥ୍ୟ ବୃଦ୍ଧି ଦିଗରେ ଉଦ୍ୟମ କରିବା ଉଚିତ। କେବଳ ଆତଙ୍କବାଦ ନିରୋଧୀ ଅଭିଯାନ ବିପଦକୁ ଟାଳିପାରିବ ନାହିଁ। ଆମକୁ ତୃଣମୂଳ ସ୍ତରରେ ଅଧିକ କାମ କରିବାକୁ ପଡ଼ିବ ବୋଲି ବ୍ଲେୟାର ମତ ଦେଇଛନ୍ତି।



କାବୁଲର ପାକିସ୍ତାନ ଦୂତବାସ ବାହାରେ ମଙ୍ଗଳବାର ବିକ୍ଷୋଭ କରୁଛନ୍ତି ଆଫଗାନ୍ ମହିଳା।

# ଆଫଗାନିସ୍ତାନରେ ପାକ୍ ବିରୋଧୀ ରାଲି

- ଆଇଏସ୍‌ଆଇ ବିରୋଧରେ ନାରା
- ଘଉଡ଼ାଇବାକୁ ତାଲିବାନ୍‌ର ଫାଙ୍କା ଗୁଳି ଚାଳନା

**କାବୁଲ, ୭।୯**

ଆଫଗାନିସ୍ତାନର ଆଭ୍ୟନ୍ତରୀଣ ମାମଲାରେ ପାକିସ୍ତାନର ହସ୍ତକ୍ଷେପକୁ ଆଫଗାନ୍‌ମାନେ ବିରୋଧ କରିଛନ୍ତି। ଆଇଏସ୍‌ଆଇ ବିରୋଧରେ ନାରା ଦେଇ, ପ୍ଲାକାର୍ଡ ଧରି ଶତାଧିକ ଆଫଗାନ୍ ମଙ୍ଗଳବାର କାବୁଲରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ରହିଛନ୍ତି। ରାଲି ହଟାଇବାକୁ ତାଲିବାନ୍ ପକ୍ଷରୁ ଫାଙ୍କା ଗୁଳିଚାଳନା କରାଯାଇଛି।

କାବୁଲସ୍ଥିତ ରାଷ୍ଟ୍ରପତି ଭବନ ସମ୍ମୁଖରେ ଶହ ଶହ ସଂଖ୍ୟାରେ ବିକ୍ଷୋଭକାରୀ ଏକାଠି ହୋଇଥିଲେ। ପାକିସ୍ତାନ ଆଇଏସ୍‌ଆଇ ମୁଖ୍ୟ ଫୈଜ ହମିଦ ଆଫଗାନିସ୍ତାନ ଗସ୍ତ କରି ରହଣି କରୁଥିବା ସେରେନା ହୋଟେଲ ପର୍ଯ୍ୟନ୍ତ ବିକ୍ଷୋଭକାରୀ ଶୋଭାଯାତ୍ରାରେ ବାହାରିଥିଲେ। ମହିଳାମାନେ ନିକାବ ଓ ବୁର୍ଖା ପିନ୍ଧି ଏଥିରେ ସାମିଲ ହୋଇଥିଲେ। ରାଲି ରୋକିବାକୁ ତାଲିବାନୀମାନେ ସେଠାରେ ଫାଙ୍କା ଗୁଳିଚାଳନା କରିଥିଲେ। ବିକ୍ଷୋଭ ବେଳର ଭିଡିଓ ସୋସିଆଲ ମିଡିଆରେ ଜାରି ହୋଇଛି। ପଞ୍ଜଶିର ଉପରେ ଆକ୍ରମଣ କରିବାର ଅଧିକାର ପାକିସ୍ତାନ କିମ୍ବା ତାଲିବାନ୍‌ର ନାହିଁ ବୋଲି ଭିଡିଓରେ ଜଣେ ଆଫଗାନ୍ ମହିଳା କହୁଥିବା ଦେଖିବାକୁ ମିଳିଛି। ବିକ୍ଷୋଭକାରୀ 'ଆଜାଦୀ, ଆଜାଦୀ', ପାକିସ୍ତାନ ମୁର୍ଦ୍ଦାବାଦ୍ ନାରା ଦେଇଛନ୍ତି।

# ବିଟ୍‌କଏନ୍‌କୁ ଅଫିସିଆଲ କରେନ୍ସି ମାନ୍ୟତା

### ଏଲ୍ ସାଲଭେଡରର ପ୍ରଥମ ଦେଶ

**ସାନ୍ ସାଲ୍‌ଭେଡର ୭।୯**

କ୍ରିପ୍ଟୋକରେନ୍ସି ବିଟ୍‌କଏନ୍‌କୁ ଲିଗାଲ ଟେଣ୍ଡର ବା ଅଫିସିଆଲ କରେନ୍ସି ମାନ୍ୟତା ଦେବାରେ ଏଲ୍ ସାଲଭେଡର ମଙ୍ଗଳବାର ବିଶ୍ୱର ପ୍ରଥମ ଦେଶ ହୋଇଛି। କିଛି ମାସ ପୂର୍ବରୁ ଏହି ଦେଶ ବିଟ୍‌କଏନକୁ ବୈଧ ବୋଲି ଘୋଷଣା କରିଥିଲା। କ୍ରିପ୍ଟୋକରେନ୍ସି ବ୍ୟବହାର ଦ୍ୱାରା କ୍ଷତିର ଯଥେଷ୍ଟ ଆଶଙ୍କା ଥିବାରୁ ଏଲ୍ ସାଲଭେଡରବାସୀ ଏହା ଉପରେ ଭରସା କରିପାରୁ ନ ଥିଲେ ହେଁ ରାଷ୍ଟ୍ରପତି ନଇବ୍ ବୁକେଲେ ଏଭଳି ଘୋଷଣା କରିଛନ୍ତି। ସେଠାକାର ଅଧିକାଂଶ ଲୋକେ ଏହା ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ। ଏଥିସହ ପ୍ରତିବର୍ଷ ବିଦେଶରୁ ପଠାଯାଉଥିବା ଅର୍ଥ ବାବଦରେ ରେମିଟାନ୍ସ ଫଣ୍ଡ ଉପରେ ୪୦୦ ମିଲିୟନ୍ ଡଲାର ସଞ୍ଚୟ ହୋଇପାରିବ ବୋଲି ନଇବ କହିଛନ୍ତି।



# ମନ୍ଦିର ଜମିର ମାଲିକ ନୁହନ୍ତି ପୂଜକ

**ନୂଆଦିଲ୍ଲୀ,୭।୯**

କୌଣସି ମନ୍ଦିର ସଂଲଗ୍ନ ଜମିର ମାଲିକ ବା ସତ୍ତ୍ୱାଧିକାରୀ ହେଉଛନ୍ତି ସେଠାରେ ପୂଜା ପାଉଥିବା ଦେବଦେବୀ। ମନ୍ଦିର ପୂଜକଙ୍କୁ ଏହାର ଭୂମିସ୍ୱାମୀ କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି।

ମଧ୍ୟପ୍ରଦେଶ ସରକାରଙ୍କ ପକ୍ଷରୁ ଏମ୍‌ପି ଲ ରେଭେନ୍ୟୁ କୋଡ୍, ୧୯୫୯ (କୋଡ୍) ଅନୁସାରେ ଦୁଇଟି ସର୍କୁଲାର ଜାରି କରାଯାଇଥିଲା। ପୂଜକଙ୍କ ଦ୍ୱାରା ମନ୍ଦିର ସମ୍ପତ୍ତିର ଅନଧିକୃତ ବିକ୍ରି ରୋକିବା ପାଇଁ ରାଜ୍ୟ ସରକାର ଉକ୍ତ ସର୍କୁଲାରରେ ପୂଜକଙ୍କ ନାମ ରାଜସ୍ୱ ରେକର୍ଡରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ସେହି ସର୍କୁଲାରକୁ ଖାରଜ କରି ଏକ ରାୟ ଦେଇଥିଲେ। ରାଜ୍ୟ ସରକାର ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ହେମନ୍ତ ଗୁପ୍ତା ଏବଂ ଏ.ଏସ୍. ବୋପାନ୍ନା ଏହାର ଶୁଣାଣି କରି କହିଛନ୍ତି, ମନ୍ଦିର ସମ୍ପତ୍ତି ପରିଚାଳନା ପାଇଁ ପୂଜାରୀ କେବଳ ନିଜ ପାଖରେ ଭୂମି ରଖିଥାଆନ୍ତି। ଦେବଦେବୀ ଜମିର ମାଲିକ ହୋଇଥିବାରୁ ରେକର୍ଡ ଅଫ୍ ରାଇଟ୍ସ ବା ପଟ୍ଟାର ସତ୍ତ୍ୱାଧିକାରୀ ସ୍ତମ୍ଭରେ କେବଳ ଦେବଦେବୀଙ୍କ ନାମ ଉଲ୍ଲେଖ କରାଯିବା ଦରକାର। ଜମିର ଦଖଲ ମଧ୍ୟ ସମ୍ପୃକ୍ତ ଦେବଦେବୀଙ୍କ ନିକଟରେ ଥାଏ। ସେମାନଙ୍କ ତରଫରୁ ପୂଜକ କେବଳ ଏହାର ପରିଚାଳକ। ତେଣୁ ମ୍ୟାନେଜର ବା ପୂଜକଙ୍କ ନାମ ରାଜସ୍ୱ ରେକର୍ଡର ଏହି ସ୍ତମ୍ଭରେ ଉଲ୍ଲେଖ କରାଯିବା ଆବଶ୍ୟକ ନୁହେଁ। ପୂଜକଙ୍କୁ ଭୂମିସ୍ୱାମୀ ଭାବେ ପରିଗଣିତ କରାଯାଇପାରିବ ନାହିଁ ବୋଲି ସୋମବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।

# 'ବ୍ରାହ୍ମଣଙ୍କୁ ମିଳିବ ଉଚିତ ସମ୍ମାନ'

### ମାୟାବତୀଙ୍କ ପ୍ରବୁଦ୍ଧ ସମ୍ମିଳନୀ

**ଲକ୍ଷ୍ନୌ, ୭।୯**

ଆସନ୍ତା ବର୍ଷ ଉତ୍ତରପ୍ରଦେଶରେ ନିର୍ବାଚନ ହେବାକୁ ଥିବାବେଳେ ପୁଣି ବ୍ରାହ୍ମଣ କାର୍ଡ ଖେଳିଛନ୍ତି ବହୁଜନ ସମାଜ ପାର୍ଟି(ବିଏସ୍‌ପି) ମୁଖ୍ୟ ମାୟାବତୀ। ତାଙ୍କ ଦଳ କ୍ଷମତାକୁ ଆସିଲେ ବ୍ରାହ୍ମଣଙ୍କୁ ସମାଜରେ ଉଚିତ ସ୍ଥାନ ଓ ସମ୍ମାନ ମିଳିବ ବୋଲି ମଙ୍ଗଳବାର ଲକ୍ଷ୍ନୌରେ ଆୟୋଜିତ ପ୍ରବୁଦ୍ଧ ସମ୍ମିଳନୀରେ ସେ କହିଛନ୍ତି। ପୂର୍ବରୁ ପ୍ରବୁଦ୍ଧ ସମ୍ମିଳନୀକୁ ମାୟାବତୀ ବ୍ରାହ୍ମଣ ସମ୍ମିଳନୀ ନାଁ ଦେଇଥିଲେ। ଏହାବାଦ୍ ବିଏସ୍‌ପି ସରକାର ଗଢ଼ିଲେ ରାଜ୍ୟରେ ସ୍ମାରକୀ, ପ୍ରତିମୂର୍ତ୍ତି, ପାର୍କ ନିର୍ମାଣ ବଦଳରେ ସେହି ଅର୍ଥ ବିକାଶମୂଳକ କାମରେ ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି।

# ସାଙ୍କେତିକ ଭାଷା ଅଭିଧାନ, ଅଡିଓ ବୁକ୍‌ସ ଶୁଭାରମ୍ଭ

### ଶିକ୍ଷକ ପର୍ବ-୨୦୨୧

**ନୂଆଦିଲ୍ଲୀ, ୭।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର 'ଶିକ୍ଷକ ପର୍ବ-୨୦୨୧' ଉଦ୍‌ଘାଟନୀ ସମ୍ମିଳନୀରେ ଶିକ୍ଷାକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଭାରତର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଏବଂ ଦେଶରେ ଶିକ୍ଷାଦାନ-ଶିକ୍ଷା ପ୍ରକ୍ରିୟାକୁ କ୍ରମାଗତ ଭାବରେ ଆଧୁନିକୀକରଣ କରାଯିବା ଉପରେ ମୋଦି ଗୁରୁତ୍ୱ ଦେଇଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶିକ୍ଷକ ପର୍ବ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ଭାରତୀୟ ସାଙ୍କେତିକ ଭାଷା ଅଭିଧାନ (ଶିକ୍ଷଣର ୟୁନିଭର୍ସାଲ ଡିଜାଇନ୍ ଅନୁସାରେ ଶ୍ରବଣ ବାଧିତ ବ୍ୟକ୍ତିଙ୍କ ପାଇଁ ଶ୍ରାବ୍ୟ ଓ ଲେଖା ଥିବା ସାଙ୍କେତିକ ଭାଷାର ଭିଡିଓ), ଦୃଷ୍ଟିବାଧିତଙ୍କ ପାଇଁ ଅଡିଓ ବୁକ୍‌ସ, ସିବିଏସ୍‌ଇ ସ୍କୁଲର ଗୁଣବତ୍ତା ନିଶ୍ଚିତତା ଏବଂ ମୂଲ୍ୟାଙ୍କନ ଢାଞ୍ଚା, ନିପୁଣ ଭାରତ ଏବଂ ବିଦ୍ୟାଞ୍ଜଳି ପୋର୍ଟାଲ ଶିକ୍ଷକଙ୍କ ନିମନ୍ତେ ନିଷ୍ଠା ଟ୍ରେନିଂ ପ୍ରୋଗ୍ରାମ ଆଦି ଶୁଭାରମ୍ଭ କରିଛନ୍ତି। ଆଗାମୀ ୧୦୦ ବର୍ଷ ପରେ ଭାରତର ନୂଆ ରୂପରେଖ ପାଇଁ ସଂକଳ୍ପ ନେବା ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ନୂତନ ଶିକ୍ଷା ନୀତି ପ୍ରଣୟନଠାରୁ ପ୍ରଚଳନ ପର୍ଯ୍ୟନ୍ତ ଶିକ୍ଷାବିତ୍, ଶିକ୍ଷକ, ବିଶେଷଜ୍ଞ ପ୍ରମୁଖଙ୍କ ବହୁ ଅବଦାନ ରହିଛି। ଦେଶରେ ଏବେ ପରିବର୍ତ୍ତନର ପରିବେଶ ରହିଛି। ଏବେ ସମାଜ ଏଥିରେ ସାମିଲ ହୋଇ ଏହି ସହଭାଗିତାକୁ ଆଗକୁ ନେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଗୁଣବତ୍ତା ଓ ଦୀର୍ଘସ୍ଥାୟୀ ବିଦ୍ୟାଳୟ: ଭାରତର ବିଦ୍ୟାଳୟରୁ ଶିକ୍ଷା 'ଶିକ୍ଷକ ପର୍ବ-୨୦୨୧'ର ଥିମ୍ ରହିଛି।



ନରେନ୍ଦ୍ର ମୋଦି

# କର୍ନାଲରେ କୃଷକଙ୍କ ଶକ୍ତି ପ୍ରଦର୍ଶନ

**ଅଗଷ୍ଟ ୨୮ରେ ଅଧିକାର ମାଗୁଥିଲେ, ଲାଠିମାଡ଼ ଖାଇଲେ। ପୋଲିସ ପ୍ରହାରରେ ଜଣେ ଚାଷୀଙ୍କ ଜୀବନ ଚାଲିଗଲା। ଏହାର ପ୍ରତିବାଦରେ ହରିୟାଣାର କର୍ନାଲ ସ୍ଥିତ ମିନି ସେକ୍ରେଟାରିଏଟ୍ ଘେରାଓ ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଏହି କ୍ରମରେ ମଙ୍ଗଳବାର ପ୍ରାୟ ୨୦ ହଜାର ଚାଷୀ ଏକତ୍ରିତ ହୋଇଥିଲେ। ସ୍ଥାନୀୟ ପ୍ରଶାସନ ସେମାନଙ୍କୁ ରୋକିବା ପାଇଁ ଏକତ୍ରିତ ହେବାକୁ ଅନୁମତି ନ ଦେଇ ୧୪୪ ଧାରା ଜାରି କରିଥିଲା। ଏଥିସହ ମୋବାଇଲ୍ ଇଣ୍ଟରନେଟ୍ ସେବାକୁ ମଧ୍ୟ ବନ୍ଦ କରାଯାଇଥିଲା।**

**କର୍ନାଲ,୭।୯**

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଗତମାସରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ବେଳେ ପୋଲିସର ଲାଠିମାଡ଼ରେ ସୁଶୀଲ କାଜ୍‌ଲା ନାମକ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ଇତିମଧ୍ୟରେ କର୍ନାଲ ଏସ୍‌ଡିଏମ୍ ଆୟୁଷ ସିହ୍ନା ଆନ୍ଦୋଳନରତ କୃଷକଙ୍କ ମୁଣ୍ଡ ଫଟାଇବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ ପୋଲିସ ଏହି ଅଭିଯୋଗକୁ ଖଣ୍ଡନ କରି ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା କହିଛି। ସୁଶୀଲଙ୍କ ପାଇଁ ନ୍ୟାୟ ଦାବି କରି ମଙ୍ଗଳବାର ହଜାର ହଜାର ଚାଷୀ କର୍ନାଲରେ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି।

ଉତ୍ତର ପ୍ରଦେଶର ମୁଜାଫରନଗର ମହାପଞ୍ଚାୟତର ଦୁଇଦିନ ପରେ ରାକେଶ ଟିକାଏତ୍, ବଲବୀର ସିଂ ରାଜେୱାଲ, ଯୋଗୀନ୍ଦ୍ର ସିଂ ଉଗ୍ରସେନ, ଦର୍ଶନ ପାଲ୍ ଓ ଯୋଗେନ୍ଦ୍ର ଯାଦବଙ୍କ ଭଳି ଏସ୍‌କେଏମ୍ ନେତାମାନେ ଏହି ରାଲିରେ ସାମିଲ ହୋଇଥିଲେ। କୃଷକ ସଙ୍ଗଠନଗୁଡ଼ିକର ନେତାମାନେ ଅନାଜ ମଣ୍ଡି ମହାପଞ୍ଚାୟତରୁ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ମିନି ସେକ୍ରେଟାରିଏଟ୍‌କୁ ଯିବା ପାଇଁ ଆହ୍ୱାନ ଦେଇଥିଲେ। ପୋଲିସ ସହ ମୁହାଁମୁହିଁ ନ ହେବାକୁ ସେମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରାୟ ୨୦ ହଜାର ଚାଷୀ କୃଷକ ସଙ୍ଗଠନଗୁଡ଼ିକର ପତାକା ଧରି ମିନି ସେକ୍ରେଟାରିଏଟ୍ ଆଡ଼କୁ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ବାଟରେ ଅନେକ ବ୍ୟାରିକେଡ୍ କରାଯାଇଥିଲା।



- ପୋଲିସ ଲାଠିରେ ଚାଷୀଙ୍କ ମୃତ୍ୟୁର ପ୍ରତିବାଦ
- ବିକ୍ଷୋଭ ବେଳେ ପାଣିବର୍ଷା କଲା ପ୍ରଶାସନ


ଏହା ପୂର୍ବରୁ ବିକେୟୁ ନେତା ରାକେଶ ଟିକାଏତ୍ ଗଣମାଧ୍ୟମକୁ କହିଥିଲେ, ବିକ୍ଷୋଭରତ ଚାଷୀଙ୍କ ମୁଣ୍ଡ ଫଟାଇବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇ ଭିଡିଓରେ କଏଦ୍ ହୋଇଥିବା ଆଇଏଏସ୍ ଅଫିସରଙ୍କୁ ନିଲମ୍ବନ କରାଯାଉ। ଯୋଗେନ୍ଦ୍ର ଯାଦବ ମହାପଞ୍ଚାୟତକୁ ସମ୍ବୋଧିତ କରି କହିଥିଲେ, ଜଣେ ଆଇଏଏସ୍ ଅଫିସରଙ୍କୁ ଚାଷୀଙ୍କ ମୁଣ୍ଡ ଫଟାଇବା ପାଇଁ ନିର୍ଦ୍ଦେଶ ଦେବା ସକାଶେ କେଉଁ ସମ୍ବିଧାନ ଓ କେଉଁ ଆଇନ ଅନୁମତି ଦେଇଛି। କେଉଁ ଆଇନ ଚାଷୀଙ୍କୁ ବର୍ବର ଭାବେ ଲାଠିମାଡ଼ କରିବାକୁ ଅନୁମତି ଦେଇଛି। ସରକାରଙ୍କୁ ତାହା ପଚାରିବା ପାଇଁ ଆମେ ଏଠାକୁ ଆସିଛୁ। ଆଲୋଚନା ବେଳେ ପ୍ରଶାସନ ପକ୍ଷରୁ ଡେପୁଟି କମିଶନର ନିଶାନ୍ତ କୁମାର ଯାଦବ, କର୍ନାଲ ଆଇଜିପି ମମତା ସିଂ, ଏସ୍‌ପି ଗଙ୍ଗାରାମ ପୁନିଆ ଉପସ୍ଥିତ ଥିଲେ। ତେବେ ଜିଲା ପ୍ରଶାସନ ଚାଷୀଙ୍କ ଦାବି ପୂରଣ କରିବାକୁ ସହମତି ପ୍ରକାଶ ନ କରିବାରୁ ଆଲୋଚନା ବିଫଳ ହୋଇଥିବା କୃଷକ ନେତା ଯୋଗୀନ୍ଦ୍ର ସିଂ ଉଗ୍ରସେନ କହିଥିଲେ। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ୪୦ କମ୍ପାନୀ ପୋଲିସ ଓ ଅନ୍ୟ ସୁରକ୍ଷା ବଳ ମୁତୟନ କରାଯାଇଥିଲା। ୫ ଜିଲାରେ ମୋବାଇଲ୍ ଇଣ୍ଟରନେଟ ଏବଂ ଏସ୍‌ଏମ୍‌ଏସ୍ ସେବାକୁ ବନ୍ଦ କରାଯାଇଥିଲା। ଚାଷୀଙ୍କ ଉପରେ କଡ଼ା ନଜର ରଖିବା ପାଇଁ କ୍ୟାମେରା ସଂଲଗ୍ନ ଡ୍ରୋନ୍ ଉଡୁଥିଲା। ପୋଲିସର ୧୪୪ ଧାରାକୁ ଅବଜ୍ଞା କରି ଚାଷୀମାନେ ଶୋଭାଯାତ୍ରା କରିବାରୁ ଦିଲ୍ଲୀ-କର୍ନାଲ-ଅମ୍ବାଲା ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ୍ ହୋଇଥିଲା।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୨୨,୬୪,୧୦୫ | ୪୫,୯୩,୫୯୮ | ୧୯,୮୮,୮୪,୫୦୬ |
| ଭାରତ | ୩,୩୦,୯୪,୮୪୩ | ୪,୪୧,୪୩୩ | ୩,୨୨,୫୫,୮୮୦ |
| ଓଡ଼ିଶା | ୧୦,୧୨,୮୦୫ | ୮୦୬୨(+୫୩) | ୯,୯୮,୫୯୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

ସେପ୍ଟେମ୍ବର ୬ ଧରିତ୍ରୀରେ ପ୍ରକାଶିତ 'ବିଚାରରେ ଗାଈ' ଶୀର୍ଷକ ସମ୍ପାଦକୀୟକୁ ନେଇ କେତେକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି କି ସୋସିଆଲ୍ ମିଡିଆରେ ମଧ୍ୟ ଏହା ବିତର୍କ ସୃଷ୍ଟି କରିଛି। ଟୁଇଟରରେ ହୋଇଥିବା କେତେକ ବିତର୍କର ସ୍କ୍ରିନ୍‌ଶଟ୍




# ଆନ୍ଧ୍ରର ପୂର୍ବତନ ବିଧାୟକଙ୍କୁ କୋର୍ଟରେ ହାଜର କଲା ଇଓଡବ୍ଲ୍ୟୁ

### ଚିଟ୍ ଫଣ୍ଡ ଠକେଇ ମାମଲା

**କଟକ ଅଫିସ,୭।୯**

ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇଥିବା ଆନ୍ଧ୍ରର ପୂର୍ବତନ ବିଧାୟକ ମାଲ୍ଲା ବିଜୟ ପ୍ରସାଦଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ମଙ୍ଗଳବାର କଟକର ଓଡ଼ିଶା ଜମାକାରୀ ସ୍ୱାର୍ଥ ସୁରକ୍ଷା(ଓପିଆଇଡି) ସ୍ୱତନ୍ତ୍ର ଅଦାଲତରେ ହାଜର କରିଛି। ପରେ ତାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯିବା ସହ ସେ କରିଥିବା ଜାମିନ ଆବେଦନର ଶୁଣାଣି ଆସନ୍ତା ୧୩କୁ ସ୍ଥିର କରାଯାଇଛି। ଓପିଆଇଡି କୋର୍ଟର ବିଚାରପତି ଭି. ସୁଜାତାଙ୍କ ନିକଟରେ ଏହି ମାମଲାର ଶୁଣାଣି କରାଯିବ।

ପ୍ରକାଶ ଯେ, ଆନ୍ଧ୍ରର ପୂର୍ବତନ ବିଧାୟକ ମାଲା ବିଜୟ ପ୍ରସାଦ ହେଉଛନ୍ତି ୱେଲ୍‌ଫେୟାର ବିଲ୍ଡିଂ ଆଣ୍ଡ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ। ତାଙ୍କ ନାମରେ ମୋଟ୍ ୧,୨୫୦ କୋଟିରୁ ଅଧିକ ଟଙ୍କାର ଠକେଇ ଅଭିଯୋଗ ରହିଛି। ସେଥିରୁ ଓଡ଼ିଶାରୁ କେବଳ ୨କୋଟି ଟଙ୍କାରୁ ଅଧିକ ଟଙ୍କା ଠକେଇ କରିଥିବା ସୂଚନା ମିଳିଛି। ଓଡ଼ିଶାର ଭୁବନେଶ୍ୱର, କଟକ ଏବଂ ନୟାଗଡ଼ରେ ତାଙ୍କର ଚିଟ୍‌ଫଣ୍ଡ ସଂସ୍ଥା ରହିଥିଲା। ତାଙ୍କ କମ୍ପାନୀରେ ଟଙ୍କା ଡିପୋଜିଟ କଲେ ଅଧିକ ଫେରସ୍ତ ମିଳିବାର ପ୍ରତିଶ୍ରୁତି ଦେଇ ଲୋକଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ। ଏପରି କି ବିଶାଖାପାଟଣାରେ ଜାଗା ଯୋଗାଇଦେବା ପରି ବିଭିନ୍ନ ଲୋଭନୀୟ ଅଫର ଦେଇ ଟଙ୍କା ହଡ଼ପ କରୁଥିବାର ଅଭିଯୋଗ ହୋଇଥିଲା। ଏନେଇ ଅର୍ଥନୈତିକ ଅପରାଧ ଶାଖାରେ ଏକ ମାମଲା ରୁଜୁ ହୋଇଥିଲା। ପରେ ଚିଟ୍‌ଫଣ୍ଡ ଠକେଇ ମାମଲାରେ ବିଜୟ ପ୍ରସାଦଙ୍କୁ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ବିଶାଖାପଟଣାରୁ ସୋମବାର ଗିରଫ କରିଥିଲା। ପରେ ତାଙ୍କୁ କଟକ ଆଣି ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଥିଲା। ବିଜୟ ପ୍ରସାଦ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଭାଇଜାଗ ୱେଷ୍ଟର ବିଧାୟକ ଥିଲେ। ଏବେ ସେ ଆନ୍ଧ୍ରପ୍ରଦେଶର ଶିକ୍ଷା ଭିତ୍ତିଭୂମି ବିକାଶ ନିଗମ ଅଧ୍ୟକ୍ଷ ଅଛନ୍ତି।

# ରେମୁଣା ବିଧାୟକଙ୍କୁ ହାଇକୋର୍ଟଙ୍କ ନୋଟିସ

### ପ୍ରାର୍ଥୀପତ୍ର ଦାଖଲବେଳେ ମିଥ୍ୟା ସତ୍ୟପାଠ ମାମଲା

କଟକ ଅଫିସ,୭।୯: ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲବେଳେ ମିଥ୍ୟା ସତ୍ୟପାଠ ମାମଲାର ମଙ୍ଗଳବାର ଶୁଣାଣି କରି ହାଇକୋର୍ଟ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କୁ ନୋଟିସ ଜାରି କରିଛନ୍ତି। ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ବିଚାରପତି ଶତ୍ରୁଘ୍ନ ପୂଜାହାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୯ ରେମୁଣା ବିଧାନସଭା ଆସନ ପାଇଁ ଆବେଦନକାରୀ ଗୋବିନ୍ଦ ଚନ୍ଦ୍ର ଦାସ ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇ ୭୪, ୯୭୯ ଭୋଟ ପାଇଥିଲେ। ବିଜେଡି ପ୍ରାର୍ଥୀ ସୁଧାଂଶୁ ଶେଖର ପରିଡା ୭୯, ୦୯୭ ଭୋଟ ପାଇ ବିଜୟୀ ହୋଇଥିଲେ। ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ, ରେମୁଣା ବିଧାୟକ ସୁଧାଂଶୁ ପ୍ରାର୍ଥୀପତ୍ର ଦାଖଲ ସମୟରେ ତ୍ରୁଟିଯୁକ୍ତ ଓ ଅସମ୍ପୂର୍ଣ୍ଣ ସତ୍ୟପାଠ ଦାଖଲ କରିଥିଲେ। ସେଥିରେ ତାଙ୍କର ଜାତି ଓ ବ୍ୟବସାୟ ସମ୍ପର୍କିତ ତଥ୍ୟ ଲୁଚାଇଥିଲେ। ତେଣୁ ତାଙ୍କ ପ୍ରାର୍ଥୀତ୍ୱକୁ ଅବୈଧ ଘୋଷଣା କରାଯିବା ସହ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିବା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯିବା ନେଇ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ୨୦୧୯ ଜୁଲାଇ ୩ରେ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ।




# ୧୧ରେ ଆଉ ଏକ ଲଘୁଚାପ

### ଆହୁରି ୨ଦିନ ପ୍ରବଳ ବର୍ଷିବ
### ସବୁ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ବଙ୍ଗୋପସାଗରର ଉତ୍ତର ଦିଗରେ ଆଉ ଏକ ଲଘୁଚାପ ଏବେ ଦାନା ବାନ୍ଧୁଛି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏହା ସ୍ପଷ୍ଟ ଚିହ୍ନିତ ହେବା ସହ ୧୧ ତାରିଖ ସୁଦ୍ଧା ଲଘୁଚାପରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ବଙ୍ଗୋପସାଗରର ଉତ୍ତର-ପଶ୍ଚିମ ଏବଂ ପଶ୍ଚିମ-କେନ୍ଦ୍ରୀୟ ଉପକୂଳରେ ଏହି ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ପ୍ରବଳ ବର୍ଷା ହୋଇପାରେ। ତେବେ ଏହାର ପ୍ରଭାବରେ ପ୍ରାୟ ଏକ ସପ୍ତାହ କିମ୍ବା ଅଧିକ ସମୟ ପର୍ଯ୍ୟନ୍ତ ପୂର୍ବ ଏବଂ କେନ୍ଦ୍ରୀୟ ଅଂଶଗୁଡ଼ିକ ଉପରେ ମୌସୁମୀ ବର୍ଷା ଲାଗି ରହିବ ଏବଂ ମୌସୁମୀ ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ଫଳରେ ରାଜ୍ୟରେ ଯେଉଁ ନିଅଣ୍ଟିଆ ମୌସୁମୀ ବର୍ଷା ହୋଇଥିଲା, ତାହାର ଭରଣା ହେବ ବୋଲି କୁହାଯାଉଛି।

ସେପଟେ ବଙ୍ଗୋପସାଗରର ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ସକ୍ରିୟ ରହିଛି। ଏଥିସହ ଦକ୍ଷିଣ ଓଡ଼ିଶା ଏବଂ ପଡ଼ୋଶୀ ଦକ୍ଷିଣ ଛତିଶଗଡ଼ ଉପରେ ବିସ୍ତାରିତ ହୋଇ ରହିଛି। ଏହାର ପ୍ରଭାବରେ ସମୁଦ୍ର ପତ୍ତନ ଠାରୁ ୭.୬ କିଲୋମିଟର ଉଚ୍ଚତାରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଦକ୍ଷିଣ-ପଶ୍ଚିମ ଦିଗକୁ ସକ୍ରିୟ ରହିଛି। ଆଗାମୀ ୨ଦିନ ମଧ୍ୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି।

ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓ ଉତ୍ତର ଓଡ଼ିଶାର ଅଧିକାଂଶ ଜିଲାରେ ହାଲୁକା ଏବଂ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର, ନୁଆପଡ଼ା, ନବରଙ୍ଗପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି। ଲଘୁଚାପ ପ୍ରଭାବରେ ବଙ୍ଗୋପସାଗରର ଉତ୍ତର ଉପକୂଳରେ ଘଣ୍ଟାପ୍ରତି ୪୦-୫୦ କିଲୋମିଟର ବେଗରେ ପବନ ବହିବା ସହ ସମୁଦ୍ର ଅଶାନ୍ତ ରହିବ। ତେଣୁ ଓଡ଼ିଶା ଉପକୂଳବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର କୂଳରେ ରହୁଥିବା ମତ୍ସ୍ୟଜୀବୀଙ୍କୁ ଆସନ୍ତା ୨୪ ଘଣ୍ଟା ପାଇଁ ସମୁଦ୍ର ମଧ୍ୟକୁ ଯିବା ପାଇଁ ବାରଣ କରାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ତାଳଚେରରେ ସର୍ବାଧିକ ୬୦ମିମି ବର୍ଷା ହୋଇଥିବାବେଳେ ବାଲେଶ୍ୱରରେ ୨୬, ବାରିପଦାରେ ୨୫, ଚାନ୍ଦବାଲିରେ ୧୨ମିମି ବର୍ଷା ରେକର୍ଡ କରାଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଲିପି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

## ଅବହେଳା କଲେ ...

ବିରୋଧରେ ଲଢ଼ିବା ପାଇଁ କୋଭିଡ୍ ଆଚରଣ ବିଧି ହେଉଛି ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର। ତେଣୁ ଏହାର ଉପଯୁକ୍ତ ପାଳନ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପିଲାମାନେ ଏ ପର୍ଯ୍ୟନ୍ତ ଟିକା ନେଇନାହାନ୍ତି। ତେଣୁ ସେମାନଙ୍କ ପାଇଁ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ। କୋଭିଡ୍ ନିୟମ ପାଳନରେ ଅବହେଳା ଯଦି ଦୃଷ୍ଟିକୁ ଆସେ, ତେବେ ଅନୁଷ୍ଠାନର ମୁଖ୍ୟ ଦାୟୀ ରହିବେ। ପ୍ରଶାସନ ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରି ଶିକ୍ଷାନୁଷ୍ଠାନଗୁଡ଼ିକ ନିୟମିତ ଭାବେ ଅଚାନକ ଯାଞ୍ଚ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହାଟ ବଜାର, ଧର୍ମାନୁଷ୍ଠାନ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଆଦିଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖିବା ସହିତ ସେଠାରେ କୋଭିଡ୍ ନିୟମ କଡ଼ାକଡ଼ି ପାଳନ ଉପରେ ପ୍ରଶାସନ ଦୃଷ୍ଟି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟକର୍ମୀ, ସ୍କୁଲ ଯାଉଥିବା ପିଲା, ଗର୍ଭବତୀ ମହିଳା, ସରକାରୀ କର୍ମଚାରୀ ଏବଂ ପୋଲିସ ଏହି ହାଇ ରିସ୍କ ଗ୍ରୁପ୍‌ର ନିୟମିତ ଭାବେ ଟେଷ୍ଟିଂ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟକର୍ମୀଙ୍କ ଭିତରେ ସଂକ୍ରମଣ ନଜରକୁ ଆସୁଛି। ତେଣୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀ ଓ ନମୁନା ସଂଗ୍ରହ କରୁଥିବା ଟିମ୍‌ଗୁଡ଼ିକୁ କୋଭିଡ଼ ନିୟମ ସମ୍ପର୍କରେ ବାରମ୍ବାର ସଚେତନ କରାଯିବା ଉଚିତ। ଏହାସହିତ ଡେଲ୍‌ଟା ଭାରିଆଣ୍ଟ ଅଧିକ ସଂକ୍ରମଣ କରୁଥିବାରୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ କରି ନିରନ୍ତର ଦୃଷ୍ଟି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟକୁ ଟିକା ଯୋଗାଣରେ ବୃଦ୍ଧି ଘଟିଥିବାରୁ ଟିକାକରଣରେ ଉନ୍ନତି ଆସିଛି। ତେଣୁ ସବୁ ଲୋକ ଯେପରି ତାଙ୍କର ଦୁଇଟି ଡୋଜ୍ ନିଶ୍ଚିତ ନେବେ, ତାହା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ପାର୍ବଣ ଋତୁ ଆସୁଛି। କେରଳରେ ଓନାମ୍ ପର୍ବ ପାଳନ ପରେ ପରେ ସଂକ୍ରମଣ ବୃଦ୍ଧି ହୋଇଥିଲା। ପାର୍ବଣ ସମୟରେ ସମସ୍ତଙ୍କୁ ଅଧିକ ସତର୍କ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ପରିସ୍ଥିତିର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହାଦ୍ୱାରା ଆମେ ଭବିଷ୍ୟତରେ ଲକ୍‌ଡାଉନକୁ ଏଡ଼ାଇ ପାରିବା ଏବଂ ଲୋକଙ୍କ ଆର୍ଥିକ ଅବସ୍ଥାରେ କ୍ଷତି ହେବ ନାହିଁ।ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶର ଅନୁପାଳନ ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ତଥ୍ୟ ରଖିଥିଲେ। ପୋଲିସ ମହାନିର୍ଦ୍ଦେଶକ ଅଭୟ ମଧ୍ୟ କୋଭିଡ୍ ନିୟମ ଅନୁପାଳନ ଉପରେ ପୋଲିସର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବିଏମ୍‌ସି ଏବଂ ସିଏମ୍‌ସି କମିଶନର, ଦେବଗଡ଼ ଓ ପୁରୀର ଜିଲାପାଳମାନେ ସେମାନଙ୍କ ଅଞ୍ଚଳର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବୈଠକରେ ଉନ୍ନୟନ କମିଶନରଙ୍କ ସମେତ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

## ଆଇନଶୃଙ୍ଖଳା: ସରକାରଙ୍କୁ ...

ଏଫ୍‌ଆଇଆର୍‌ରେ ନାଁ ଥିଲେ ମଧ୍ୟ ପୋଲିସ ତାଙ୍କୁ ଥରୁଟିଏ ବି ପଚରାଉଚରା କରିନାହିଁ। ଆଇନ ମନ୍ତ୍ରୀ ଇସ୍ତଫା ଦେଇ ନିଜକୁ ନିର୍ଦ୍ଦୋଷ ଥିବା ପ୍ରମାଣିତ କରନ୍ତୁ। ସରକାର ୫-ଟି ତଥା ମୋ ସରକାର ସ୍ୱଚ୍ଛତା କଥା କହୁଥିବାବେଳେ ଅପରାଧୀଙ୍କୁ ଘଣ୍ଟ ଘୋଡ଼ା ଯାଉଛି। ମୁଖ୍ୟମନ୍ତ୍ରୀ ନିଜର ଭାବମୂର୍ତ୍ତି ରଖିବା ପାଇଁ ଏହି ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ। ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତିକୁ ନେଇ ହୋଇଥିବା ଅଭିଯୋଗର ତଦନ୍ତ କରିବାକୁ ମାହାଙ୍ଗା ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟରେ ହତ୍ୟା, ବଳାତ୍କାର, ଚୋରି, ରାହାଜାନି, ଅପହରଣ ଭଳି ଘଟଣା ବଢ଼ିଚାଲିଛି। ମାନବବାଦ ସଂଗଠନ ମୁଖ୍ୟ ମାନସ ଦାସ ନିର୍ଯାତନାରେ ୬ପରିବାର ଗତ ୮ ବର୍ଷ ହେବ ଗାଁ ଛାଡ଼ି ଜଙ୍ଗଲରେ ରହୁଛନ୍ତି। ସରକାରୀ ଦଳରେ ମାନସଙ୍କ ପ୍ରଭାବ ରହିଛି। ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସହ ତାଙ୍କ ସମ୍ପର୍କ ନେଇ ଫଟୋ ଓ ଭିଡିଓ ଭାଇରାଲ ହେଉଛି। ଆମେ ଜନ ପ୍ରତିନିଧି ଥାନାକୁ ଗଲେ ପାଣି ଗ୍ଲାସ ମିଳୁ ନାହିଁ କିମ୍ବା ବସିବାକୁ କୁହାଯାଉନାହିଁ। ରାଜ୍ୟରେ ୨୭ ହଜାର ଶିଶୁ ନିଖୋଜ ଅଛନ୍ତି। ପରୀ ଏବଂ ପିହୁ ଭଳି ଶିଶୁ ଆଜି ମଧ୍ୟ ନିଖୋଜ ଅଛନ୍ତି। ଛାତ୍ରୀ, ମହିଳା କେହି ବି ରାଜ୍ୟରେ ସୁରକ୍ଷିତ ନାହାନ୍ତି ବୋଲି ମୋହନ ଅଭିଯୋଗ କରିଥିଲେ।

ଭାଜପା ସଦସ୍ୟ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ୨୦୧୫ରୁ ୨୦୨୧ ମଧ୍ୟରେ ରାଜ୍ୟରେ ହତ୍ୟା, ବଳାତ୍କାର ବୃଦ୍ଧି ପାଇଛି। ୨୦୧୫ରେ ୨୮୬ ବଳାତ୍କାର ମାମଲା ହୋଇଥିବାବେଳେ ୨୦୨୦ରେ ଏହା ୩୦୦୦ରେ ପହଞ୍ଚିଛି। ମହିଳା ଏବଂ ମା'ମାନଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ନେଇ ସରକାର କେତେ ତତ୍ପର ତାହା ଏହି ଘଟଣାରୁ ଜଣାପଡୁଛି। ନୂଆ ଥାନା ଓ ଫାଣ୍ଡି ଖୋଲିବାକୁ ୭୦ଜଣ ବିଧାୟକ ଲେଖି କରି ଦେଇଥିଲେ ମଧ୍ୟ ସରକାରଙ୍କ ଉପରେ ଏହାର କିଛି ପ୍ରଭାବ ପଡୁନାହିଁ। ଭାଜପା ସଦସ୍ୟ କୁସୁମ ଟେଟେ ରାଜ୍ୟରେ ମହିଳା ଓ ଶିଶୁ ସୁରକ୍ଷିତ ନ ଥିବା କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଆପରାଧିକ କାର୍ଯ୍ୟକଳାପରେ ଉତ୍ତରପ୍ରଦେଶ ପ୍ରଥମ ସ୍ଥାନରେ ରହିଥିବା ବେଳେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟରେ ଶିଶୁକନ୍ୟା ଅପହରଣ ଏବଂ ସାଇବର ଅପରାଧ ବଢ଼ି ବଢ଼ି ଚାଲିଛି। ଏଥିସହ ମାଓବାଦୀ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇଛି। ରାଜ୍ୟ ସରକାର ଆଇନଶୃଙ୍ଖଳା ରକ୍ଷା କରିବା ଦିଗରେ ସେଭଳି କିଛି ପଦକ୍ଷେପ ନେବା ଭଳି ମନେ ହେଉ ନାହିଁ। ଏପରି କି ବହୁ ପୋଲିସ ପଦବୀ ଖାଲି ପଡ଼ିଛି। ସକରାରଙ୍କ ଏଭଳି ନିଷ୍କ୍ରିୟତା ସମ୍ପର୍କରେ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂହ ସାଲୁଜା କହିଛନ୍ତି ଯେ, ଅଫିସରମାନେ ଯାହା ଲେଖି ଦେଉଛନ୍ତି, ମନ୍ତ୍ରୀ ତାହାକୁ ପଢ଼ି ଦେଉଛନ୍ତି। ରାଜ୍ୟରେ ଗତ ବର୍ଷ ପ୍ରତି ୧ ଲକ୍ଷରେ ୭ଟି ବଳାତ୍କାର ହେଉଥିବାବେଳେ ଏବର୍ଷ ତାହା ୧୩କୁ ବୃଦ୍ଧି ପାଇଛି। ଗତ ଅଢ଼େଇ ବର୍ଷ ମଧ୍ୟରେ ୭,୪୧୭ ବଳାତ୍କାର ମାମଲା ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲା ଗଞ୍ଜାମରେ ସର୍ବାଧିକ ବଳାତ୍କାର ମାମଲା ହୋଇଛି। ରାଜ୍ୟ ସରକାର ସହରାଞ୍ଚଳରେ ଗୋଟିଏ ବି ମହିଳା ଥାନା ସ୍ଥାପନ କରି ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଆଇନଶୃଙ୍ଖଳାକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ସରକାରଙ୍କୁ କଡ଼ା ସମାଲୋଚନା କରିଥିବାବେଳେ ବିଜେଡି ସଭ୍ୟ ଅମର ଶତପଥୀ କହିଛନ୍ତି ଯେ, ବିରୋଧୀଙ୍କ ଅଭିଯୋଗ ସତ ନୁହେଁ। ଓଡ଼ିଶାରେ ଅପରାଧ ବଢ଼ିଛି। ଏହାକୁ ସରକାର ଲୁଚାଇନାହାନ୍ତି। ମାହାଙ୍ଗା ଡବଲ୍ ମର୍ଡର ଘଟଣା ଏବେ ନ୍ୟାୟାଳୟରେ ବିଚାରାଧୀନ ରହିଛି। ଏହା ଉପରେ ଆଲୋଚନା କରିବାର ଆବଶ୍ୟକତା ନାହିଁ। ମାନବବାଦ ସଂଗଠନ ମୁଖ୍ୟ ମାନସ ଦାସ ଏବଂ ତାଙ୍କ ପୁଅଙ୍କୁ ଗିରଫ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ଭଲ ଥିବାରୁ ରାଜ୍ୟରେ ପୁଞ୍ଜିନିବେଶ ବଢୁଛି। ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବଢୁଛି। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଭାଜପା ଶାସିତ ରାଜ୍ୟ ଉତ୍ତରପ୍ରଦେଶ, ହରିୟାଣା ଭଳି ରାଜ୍ୟରେ ଚାଷୀଙ୍କ ଉପରକୁ ଗୁଳି କରାଯାଉଛି। ଓଡ଼ିଶାରେ କୃଷକ, ଛାତ୍ର ଓ ସମସ୍ତ ନାଗରିକ ସୁରକ୍ଷିତ ଅଛନ୍ତି। ମହିଳାମାନେ ସାମାଜିକ, ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ପୋଲିସ ଉପରେ ମହିଳାଙ୍କ ଭରସା ରହିଛି। ଥାନାରେ ମହିଳା ଓ ଶିଶୁ ଡେସ୍କ ଖୋଲା ଯାଇଛି। ବିଜେଡି ସଭ୍ୟ ନୃସିଂହ ଚରଣ ସାହୁ, ରାଜ କିଶୋର ଦାସ ଆଇନଶୃଙ୍ଖଳାକୁ ନେଇ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

## ରାଜ୍ୟରେ ଶାନ୍ତି ...

ମଧ୍ୟରେ ସଦ୍‌ଭାବ ବଜାୟ ରହିଛି। କୋଭିଡ୍ ପରିସ୍ଥିତିକୁ ପୋଲିସ ସଫଳତାର ସହ ମୁକାବିଲା କରିଛି ବୋଲି ମିଶ୍ର କହିଛନ୍ତି। ୨୦୨୦ରେ ୧୯୩୧ ମାମଲା ରୁଜୁ କରାଯାଇଥିବାବେଳେ ୩୬୬ଜଣଙ୍କୁ ଗିରଫ କରାଯାଇଥିଲା। ୨୦୨୧ ଜୁନ୍ ୩୦ ତାରିଖ ସୁଦ୍ଧା ୯୬୧ ସାଇବର ଅପରାଧ ମାମଲା ରୁଜୁ ହୋଇଥିବାବେଳେ ୧୫୧ଜଣଙ୍କୁ ଗିରଫ କରାଯାଇଛି। ସାଇବର ଅପରାଧ ତଦନ୍ତ ଲାଗି ୨୧୦ ପୋଲିସ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ୨୦୨୧ ସୁଦ୍ଧା ସାଇବର କ୍ରାଇମ୍ ୟୁନିଟଗୁଡ଼ିକର କାର୍ଯ୍ୟାନୁଷ୍ଠାନ ଯୋଗୁ ୨୯,୪୮,୨୨୪ ଟଙ୍କା ଉଦ୍ଧାର କରାଯାଇଛି। ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧକୁ ରୋକିବା ଲାଗି ରାଜ୍ୟ କ୍ରାଇମବ୍ରାଞ୍ଚ ଅଧୀନରେ ଏକ ମହିଳା ଓ ଶିଶୁ ଅପରାଧ ୟୁନିଟ କାର୍ଯ୍ୟକାରୀ କରାଯାଉଛି। ସମୟୋପଯୋଗୀ ଗୋଇନ୍ଦା ତଥ୍ୟ ଏବଂ ପୋଲିସର ଆଗୁଆ କାର୍ଯ୍ୟାନୁଷ୍ଠାନ ଫଳରେ ମହାମାରୀ କୋଭିଡ୍-୧୯ ସମୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜି ନାହିଁ। ୬୨ପୋଲିସ କର୍ମଚାରୀ କୋଭିଡ୍ ଯୋଦ୍ଧା ଭାବେ ଶହୀଦ ହୋଇଛନ୍ତି। ୧୦୨୬ରୁ ଅଧିକ ପୋଲିସ କର୍ମଚାରୀ କୋଭିଡ୍ ରୋଗୀଙ୍କ ପାଇଁ ପ୍ଲାଜ୍‌ମା ଦାନ କରିଛନ୍ତି। ଗତ ୧ବର୍ଷ ମଧ୍ୟରେ ମାଲକାନଗିରି ସ୍ୱାଭିମାନ ଅଞ୍ଚଳରେ ଗୁରୁପ୍ରିୟା ସେତୁ ସମେତ ପୋଲିସ ପାଇଁ ନୂତନ ୩ଟି ଶିବିର ସ୍ଥାପନ କରାଯାଇଛି। ସ୍ୱାଭିମାନ ଅଞ୍ଚଳରେ ଯୋଡ଼ାମ୍ବୋ ଥାନା କାର୍ଯ୍ୟକାରୀ ହୋଇଛି। ଅପରାଧ ଓ ଜରୁରୀ ସେବା ସମୟରେ ତୁରନ୍ତ ସେବା ଯୋଗାଇବା ଲାଗି ରାଜ୍ୟ ସରକାର ଏମରଜେନ୍ସି ରେସ୍ପନ୍ସ ସପୋର୍ଟ ସିଷ୍ଟମ୍(ଇଆର୍‌ଏସ୍‌ଏସ୍) କାର୍ଯ୍ୟକାରୀ କରିଛନ୍ତି। ଏହାର କମାଣ୍ଡ ସେଣ୍ଟର ଭୁବନେଶ୍ୱରରେ ସ୍ଥାପନ କରାଯାଇଛି। ଏହାଦ୍ୱାରା ୧୧୨ ନମ୍ବର ଯୋଗେ ପୋଲିସ ସେବା, ଆମ୍ବୁଲାନ୍ସ, ଅଗ୍ନିଶମ ସେବା, ମହିଳା ଓ ଶିଶୁ ସହାୟତା ଆଦି ଉପଲବ୍ଧ ହୋଇପାରୁଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୧୦୯୮ଟି ବିଭିନ୍ନ ପଦବୀ ଯଥା ୪ ଡିଏସ୍‌ପି, ୧୫୧ ସବ୍‌ଇନ୍ସପେକ୍ଟର, ୨୦୩ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ୭୪୦ କନ୍‌ଷ୍ଟେବଲ ପଦବୀ ସୃଷ୍ଟି କରିଛନ୍ତି। ମହିଳାମାନଙ୍କ ବିରୋଧରେ ଘଟୁଥିବା ଅପରାଧଗୁଡ଼ିକୁ ପରିଚାଳନା କରିବା ନିମନ୍ତେ ମାମଲାଗୁଡ଼ିକୁ ରେଡ୍ ଫ୍ଲାଗ ପର୍ଯ୍ୟାୟଭୁକ୍ତ କରାଯାଇଛି। ୨୦୨୧ ଜୁଲାଇ ୩୧ ତାରିଖ ସୁଦ୍ଧା ୮୧ ମାମଲାକୁ ରେଡ୍ ଫ୍ଲାଗ ମାମଲା ଭାବେ ଗ୍ରହଣ କରାଯାଇଛି। ୨୦୨୦ରେ ବିପୁଳ ପରିମାଣର ୧୫୪୯ କୁଇଣ୍ଟାଲ ୮୦ କିଗ୍ରା ଗଞ୍ଜେଇ ଏବଂ ୨୦୨୧ ଜୁନ୍ ସୁଦ୍ଧା ୮୦୭ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଚଳିତ ବର୍ଷ ଡ୍ରଗ୍ସ ଚୋରା କାରବାରକୁ ରୋକିବା ଲାଗି ଏସ୍‌ଟିଏଫ୍, ପିଆଇଡି, କ୍ରାଇମବ୍ରାଞ୍ଚ ଅଧୀନରେ ଏକ ନାର୍କୋଟିକ ୟୁନିଟ ସ୍ଥାପନ କରାଯାଇ ୨୭ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଚଳିତ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ପୋଲିସର ସୁବନ୍ଦୋବସ୍ତ ଫଳରେ ଶାନ୍ତିଶୃଙ୍ଖଳା ସହିତ ସମାହିତ ହୋଇଛି। ରାଜ୍ୟରେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପ ଘଟି ନାହିଁ। ମାଓବାଦୀ ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। କେନ୍ଦ୍ର ସରକାରଙ୍କ ନିରାପତ୍ତାଜନିତ ବ୍ୟୟ ଯୋଜନା ଅନୁଯାୟୀ ୧୫ ମାଓବାଦୀ ପ୍ରଭାବିତ ଜିଲା ମଧ୍ୟରୁ ୫ ଜିଲା ଯଥା ଅନୁଗୋଳ, ବୌଦ୍ଧ, ଦେବଗଡ଼, ନୟାଗଡ଼ ଏବଂ ସମ୍ବଲପୁର ନକ୍ସଲ କାର୍ଯ୍ୟକଳାପରୁ ମୁକ୍ତ ରହିଛି । ପୋଲିସର ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ଫଳରେ ଚଳିତ ବର୍ଷ ଅଦ୍ୟାବଧି ରାଜ୍ୟରେ ୩ ଜଣ ମାଓବାଦୀ ମୃତ୍ୟୁବରଣ କରିଥିବା ବେଳେ, ୨୫ ଜଣ ମାଓବାଦୀ ଗିରଫ ହୋଇଛନ୍ତି ଓ ୧୫ ଜଣ ଆତ୍ମସମର୍ପଣ କରିଛନ୍ତି। ସରକାର ସଦାସର୍ବଦା ଆଇନଶୃଙ୍ଖଳା ରକ୍ଷା, ଲୋକଙ୍କ ଧନଜୀବନ ରକ୍ଷାକୁ ପ୍ରାଥମିକତା ଦେଇଆସୁଛନ୍ତି। ଏସବୁକୁ ଦେଖିଲେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଛି ବୋଲି ମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଛନ୍ତି। ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ପ୍ରକାଶ କରି ବିରୋଧୀ ଭାଜପା ଓ କଂଗ୍ରେସ ଦଳର ସଦସ୍ୟମାନେ ବିଧାନସଭା କକ୍ଷତ୍ୟାଗ କରି ଚାଲି ଯାଇଥିଲେ।

## ସ୍କୁଲ ବନ୍ଦ ...

ପରିସ୍ଥିତି ଭୟାନକ ହେବ। ଏପରି କି ଆବଶ୍ୟକ ପଡ଼ିଲେ ସ୍କୁଲ ବନ୍ଦ ହୋଇପାରେ ବୋଲି ଡିଏମ୍‌ଇଟି କହିଛନ୍ତି। ରାଜ୍ୟରେ ଶିଶୁଙ୍କ ସଂକ୍ରମଣ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ସ୍କୁଲରେ ସଂକ୍ରମଣ ବଢ଼ିବ ବୋଲି ପୂର୍ବରୁ ଆଶଙ୍କା କରାଯାଉଥିଲା। କେତେ ଶିଶୁଙ୍କ ପାଖରେ ଲକ୍ଷଣ ଅଛି, କେତେ ଗୁରୁତର ତାହା ଦେଖିବାକୁ ପଡ଼ିବ। ସର୍ଭିଲାନ୍ସକୁ କଡ଼ାକଡ଼ି କରିବା ଛଡ଼ା ଆଉ କିଛି ଅଲଗା ବାଟ ନାହିଁ। ଯଦି ଶିଶୁଙ୍କ ପାଖରେ କୋଭିଡ୍ ଲକ୍ଷଣ ରହୁଛି, ତା'ହେଲେ ସ୍କୁଲ ନ ଆସିବାକୁ ସେ ପରାମର୍ଶ ଦେଇଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ଆଇସିୟୁରେ ୨% ଶିଶୁ ଚିକିତ୍ସାଧୀନ ଅଛନ୍ତି। ଭେଣ୍ଟିଲେଟରରେ କେହି ପିଲା ନାହାନ୍ତି। ଅଧିକାଂଶ ପିଲା ମାଇଲ୍ଡ ବା ସ୍ୱଳ୍ପ ସଂକ୍ରମିତ ହୋଇଛନ୍ତି। ଦ୍ୱୈତନଗରୀରେ ଆର୍ ଭ୍ୟାଲୁ ୧ ପ୍ରତିଶତ ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୪ଘଣ୍ଟାରେ ରାଜ୍ୟରେ ୫୭,୩୦୩ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୮ ଜିଲାରୁ ୬୩୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ପୁଣି ୧% ବଢ଼ି ୧.୧୧%କୁ ଛୁଇଁଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୨୪୫ ଓ କଟକରୁ ୬୬ ଜଣ ଥିବାବେଳେ ବାକି ୨୬ ଜିଲାରୁ ସଂକ୍ରମିତଙ୍କ ସଂଖ୍ୟା ୫୦ ତଳେ ରହିଛି। ଫଳରେ ରାଜ୍ୟରେ ମୋଟ ସଂକ୍ରମଣ ସଂଖ୍ୟା ୧୦,୧୨,୮୦୫କୁ ବୃଦ୍ଧି ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ପାରିବାରିକ ପରିସ୍ଥିତି ବିଗିଡ଼ି ଯାଇଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପରିବହନ, ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟରେ ଆଶା ଅନୁଯାୟୀ ସଫଳତା ଲାଭ କରିବେ। ଭ୍ରାତୃବର୍ଗ ଦ୍ୱାରା ପଡ଼ୋଶୀଙ୍କ ସହ ଉପୁଜିଥିବା ସମସ୍ୟା ସମାଧାନ ହେବାର ଆଶା ରହିଛି।

**ବୃଷ** - କର୍ମକ୍ଷେତ୍ରରେ ନିଜ ଲୋକଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି। କୌଣସି ଉନ୍ନତିମୂଳକ କାମ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକ ପଡ଼ିପାରେ। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଆଲୋଚନା କ୍ରମେ ପିଲାମାନଙ୍କ ଅସୁବିଧା କଥା ଚିନ୍ତା କରିପାରନ୍ତି।

**ମିଥୁନ** - ସାମାଜିକ ସ୍ତରରେ ଦୀର୍ଘ ଦିନର ଶତ୍ରୁତା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ। ବନ୍ଧୁଙ୍କ ପରାମର୍ଶ କ୍ରମେ ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଅଫିସରେ ଗୋଡଟଣା ଚାଲି ହେତୁ ସୁବିଧାରେ କାମ ହାସଲ କଷ୍ଟକର ହୋଇପଡ଼ିବ। ପରିବାରରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବ ନାହିଁ।

**କର୍କଟ** - ଆଜି ହାତକୁ ନେଇଥିବା କାମଗୁଡ଼ିକ ସୁରୁଖୁରୁରେ ହୋଇଯିବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ଆର୍ଥିକ ଦିଗରୁ ସନ୍ତୋଷଜନକ ଫଳ ପାଇ ମନ ଖୁସୀ ରହିବ। ଅଶ୍ଳେଷା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ସନ୍ତୋଷଜନକ ରହିବ।

**ସିଂହ** - ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ତଥା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ହାସଲ ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ।

**କନ୍ୟା** - ଆଶା ପୂରଣ ହେବା ସଙ୍ଗକୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରରେ ପାରସ୍ପରିକ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରି ପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଆନୁଷ୍ଠାନିକ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଜମିଜମା କାରବାର, ପ୍ରେସ୍, ପବ୍ଲିକେଶନରେ ସମସ୍ୟା ସମାଧାନ ହୋଇଯିବ।

**ତୁଳା** - ପାରସ୍ପରିକ ମତଭେଦ କାରଣରୁ ପରିବାରରେ ଅଶାନ୍ତିଜନିତ ଦୁଃଖୀ ହୋଇପାରନ୍ତି। ସାମାଜିକ ସ୍ତରରେ ଧର୍ମକାର୍ଯ୍ୟ କରି ଏବଂ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ରରେ କଠିନ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ। ବନ୍ଧୁମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇବେ।

**ବିଛା** - ବହୁତ ଝଡ଼ଝଞ୍ଜା ମଧ୍ୟ ଦେଇ ହାତକୁ ନେଇଥିବା କାମଟିକୁ ସମ୍ପୂର୍ଣ୍ଣ କରିବେ। ପରିବାରରେ ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ମାନସିକ ଅବସାଦ ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବାର ଆଶା ରହିଛି।


**ଧନୁ** - ଆଜି ଆପଣଙ୍କୁ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ନଚେତ୍ ସମାଲୋଚିତ ହେବାକୁ ପଡ଼ିପାରେ। ନୂତନ ଗୃହାରମ୍ଭ, ଜମିଜମା କାରବାର ସକାଶେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ରପ୍ତାନି ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଭାଇ, ବନ୍ଧୁ କୁଟୁମ୍ବଙ୍କ ସୁସମ୍ପର୍କ ରହି ନ ପାରେ।

**ମକର** - ଦୀର୍ଘ ଦିନରୁ ଲାଗି ରହିଥିବା ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ଓ କାର୍ଯ୍ୟ ହାସଲ କରିବେ । ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ପାରିବାରିକ ସମସ୍ୟାକୁ ପଡ଼ୋଶୀଙ୍କ ଦ୍ୱାରା ସମାଧାନ କରିବେ। ଆର୍ଥିକ ସ୍ଥିତି ପୂର୍ବ ପରି ରହିବା ମନସ୍ତାପର କାରଣ ହୋଇପାରେ।

**କୁମ୍ଭ** - ଶାରୀରିକ ସୁସ୍ଥତା ଓ ଆର୍ଥିକ ଅଭିବୃଦ୍ଧି ମାନସିକ ସୁସ୍ଥତାର କାରଣ ହେବ। ଆଜି ଦିନରେ ପରିବାର, ବ୍ୟବସାୟ, ସଭାସମିତି, ପରିବହନ, ପ୍ରଶାସନିକ କ୍ଷେତ୍ରରେ ସୁଫଳ ପାଇବେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** - କର୍ମକ୍ଷେତ୍ରରେ ସମସ୍ୟା ସୁଧୁରିଯିବା କାରଣରୁ ପାରିବାରିକ ସଦ୍ଭାବ କ୍ରମଶଃ ବୃଦ୍ଧି ପାଇବ। ପରିବାରରେ ଭୁଲ୍ ବୁଝାମଣାଜନିତ ବନ୍ଧୁ ସମ୍ପର୍କରେ ଅବନତି ଘଟିପାରେ। ଧାତୁ, ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବ୍ୟସ୍ତ ନ ହୋଇ ଅପେକ୍ଷା କରନ୍ତୁ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହୋଇପାରିବ।


# classifieds Everyday
0674-2580101, 2549302



MATRIMONIAL

**BRIDE WANTED**

ବ୍ରାହ୍ମଣ, କରଣ, ଖଣ୍ଡାୟତ, କ୍ଷତ୍ରିୟ, ତେଲି, ଗଉଡ଼ ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68282

**GROOM WANTED**

"Fair beautiful Gopal bride 27 year/ 5'5" MCA (OUAT BBSR). Father Retired Govt Officer. Looking for suitable Gopal groom, preferably Govt/ PSU Job. Contact: 9437533402". D-21537

ସୁନ୍ଦର 40 ବୟସ୍କା ବ୍ରାହ୍ମଣ ଏକ ସନ୍ତାନ ଥିବା ଛାଡ଼ପତ୍ର ଝିଅଙ୍କୁ ଯେ କୌଣସି ଜାତିର ରୋଜଗାରିଆ ଘରଜ୍ୱାଇଁ ଆବଶ୍ୟକ। 7606067313. D-21540

Postal Department Job କରୁଥିବା 39 ବୟସ୍କା ଖଣ୍ଡାୟତ ବିଧବା ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7681060810. D-21541




**SALE**

ହଂସପାଳ, ଅଟଳା, ପାହାଳ **Duplex/ Simplex** ଫ୍ଲଟ୍ ସୁଲଭ ମୂଲ୍ୟରେ ଉପଲବ୍ଧ। **7855995233.** D-71407

**Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118.** D-70887

ଭୁବନେଶ୍ୱର ବିକାଶ ସ୍କୁଲ ନିକଟରେ ଘରବାରି ପ୍ଲଟ୍ sqft.-650/-, ସୁନ୍ଦରପଦାରେ 1500/-, 9937984256. D-70899

Land Owner plot for sale Patrapada CV Raman College yellowzone, Price-999/-. 9437335686, 7008487006. D-21504

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

ହଂସପାଳ ଛକରୁ 2K.M. ଦୂରରେ immediate ଘରକରି ରହିବା ପାଇଁ yellowzone ଘରବାରି ପ୍ଲଟ୍ ମିଳୁଛି। 9692213354. D-70479

**Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805.** D-70900

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାଡ଼ି commercial ଜାଗା ବିକ୍ରିହେବ (Single Owner). ଷ୍ଟାର୍ ହୋଟେଲ୍, ମାର୍କେଟ୍ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। 8917413036. D-71151




**Construct your home with branded material. We provide plan approval, boring, vastu. 7789824989, 9040744989.** D-70891




ଏୟାରପୋର୍ଟ, ରେଳଷ୍ଟେସନ୍, ବିଜେବି କଲେଜ, ସର୍ବୋତ୍କୃଷ୍ଟ ସ୍କୁଲ, କୋର୍ଟ ଇତ୍ୟାଦି ନିକଟରେ ଥିବା ବିଜେବି ନଗର ଭୁବନେଶ୍ୱର ସହରର ଆଭିଜାତ୍ୟପୂର୍ଣ୍ଣ ଅଞ୍ଚଳ। ୨୦୦୦ବର୍ଗଫୁଟର ଅତ୍ୟାଧୁନିକ ସୁବିଧା ଉପଲବ୍ଧ ସ୍ୱତନ୍ତ୍ର ପ୍ରବେଶପଥ ଥିବା ପ୍ରଥମ ମହଲା ଅଫିସ୍ ପାଇଁ ଭଡ଼ା ଦିଆଯିବ। ଯୋଗାଯୋଗ- ୮୯୧୭୨୧୧୪୭୮. ଧ-୭୦୪୮୦

4000sqft. Godown with office space for rent at BJB Nagar. Contact: 9937095445. D-70478




Refreshments rejuvenation body massage therapy with experience therapists, Bhubaneswar. 9668374480. D-71152

Newly Open Saikrupa Panchakarma Spa positively health benefits with Expert. 8984068077. D-21564

**Refreshing your mind, your body with tha best therapy at Lotus SPA. 8018891951.** D-70482

Newly open SPA Offer @699/-, positively health benefits, Jaydevbihar. 7846814019. D-71411

Take wellness relax massage trained ladies / jents therapist 800/-. 7008773793. D-71409

Swarna SPA newly open positively health benefits with expert therapist. 9556978408. D-71150

Newly open therapy centre offer @ 799/-, positively health benefits. 7381172169. D-71410

Newly open full body massage ladies and gents. 7894304092, 8327740003. D-70481

Newly open SPA Offer @599/-, positively health benefits, Kalpana. 8984846329. D-71413




Project Contract for NGO, SHG, Social Workers. Contact 8260052422, 9348062884. D-21575

**AFFIDAVIT**

I, Mariam Munda by affidavit on dt.05.11.2009 before Notary Public, Sambalpur declare that I came to known as Mariam Munda instead of Mariyam Munda or Mariyam Gedam. I doing any signature as Mariam Munda where required. D-21577

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଜନ୍ମଦିନ ଶୁଭେଚ୍ଛା**



ସନ୍ଧ୍ୟାରାଣୀ ରାଉତ (ଲିପି)
(ଭାଦ୍ରବ ମାସ ଶୁକ୍ଳପକ୍ଷ ୨ୟାରେ)
ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ କରନ୍ତୁ ତୁମ ଚଲାପଥ ହସଖୁସିରେ ଭରିଉଠୁ।
-:ଶୁଭେଚ୍ଛା ସହ:-
ବାପା, ମାଆ, ଲିଟୁ ଓ ପରିବାରବର୍ଗ । ଧ-୬୭୪୧୨

**Ph.D. ଲାଭ**



ସ୍ଥାନୀୟ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବେନ୍ତାଳ ଗ୍ରାମର ଶଦେନ୍ଦୁ ଶେଖର ମିଶ୍ର ବାରିପଦାସ୍ଥ 'ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ'ରୁ ତା ୦୧.୦୯.୨୦୨୧ରିଖରେ "ବିଦ୍ୟାରଣ୍ୟକୃତ ଅନୁଭୂତି ପ୍ରକାଶେ ଔପନିଷଦୀୟ ପ୍ରତିଫଳନମ୍" ବିଷୟରେ ବାରିପଦା ସରକାରୀ ଡିଗ୍ରୀ ସଂସ୍କୃତ ମହାବିଦ୍ୟାଳୟର ବ୍ୟାକରଣ ଅଧ୍ୟାପକ ଡ. ସୁବଳ ଚନ୍ଦ୍ର ସାହୁଙ୍କ ମାର୍ଗ ଦର୍ଶନରେ Ph.D. ଉପାଧି ଲାଭ କରିଛନ୍ତି। ଶ୍ରୀ ମିଶ୍ର ପିତା ଶ୍ରୀଯୁକ୍ତ କରୁଣାକର ମିଶ୍ର ଓ ଶ୍ରୀମତୀ ଲତା ମଙ୍ଗେଶ୍ୱର ପତିଙ୍କ ଜ୍ୟେଷ୍ଠପୁତ୍ର ତଥା ଶ୍ରୀଯୁକ୍ତ ଅଶୋକ କୁମାର ଶତପଥୀ ଓ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ଶତପଥୀଙ୍କ ଜାମାତା ଅଟନ୍ତି। ଶ୍ରୀ ଶଦେନ୍ଦୁ ଶେଖର ମିଶ୍ର ନିଜର କଠୋର ଅଧ୍ୟବସାୟ ବଳରେ ବୈଦିକ ସିଦ୍ଧାନ୍ତ ଓ ଉପନିଷଦ୍‌ର ସାରଭୂତ ତଥ୍ୟକୁ ନିଜର ଶୋଧପ୍ରବନ୍ଧରେ ଆଲୋକପାତ କରି ଆଧାତ୍ମ ଚିନ୍ତା ଚେତନାକୁ ବୁଦ୍ଧିମନ୍ତ କରିଛନ୍ତି। ଏହି ଶୋଧପ୍ରବନ୍ଧଟି ଭାରତୀୟ ଦର୍ଶନ ଜିଜ୍ଞାସୁମାନଙ୍କ ନିମନ୍ତେ ଅତ୍ୟନ୍ତ ଉପାଦେୟ ଓ ଦେଦୀପ୍ୟମାନ ଅଟେ। ଏହି ଶୋଧକାର୍ଯ୍ୟରେ ଡ. ଦେବେନ୍ଦ୍ର ପ୍ରସାଦ ମାଝୀ, ଶ୍ରୀ ଜଗନ୍ନାଥ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରୋ. ଶ୍ରୀଯୁକ୍ତ ପ୍ରଭାତ ରଞ୍ଜନ ମହାପାତ୍ର ଓ ଲୋକଭାଷା ପ୍ରଚାର ସମିତିର ପ୍ରତିଷ୍ଠାତା ପ୍ରୋ. ସଦାନନ୍ଦ ଦୀକ୍ଷିତଙ୍କ ପ୍ରେରଣା ଅବିସ୍ମରଣୀୟ। ଏହି ସଫଳତା ପାଇଁ ମାର୍ଗଦର୍ଶକ, ବିଶ୍ୱବିଦ୍ୟାଳୟର ବିଭାଗୀୟ ଅଧିକାରୀ ଓ ଶୁଭେଚ୍ଛୁ ତଥା ପତ୍ନୀ: ରାଜଶ୍ରୀ ଶତପଥୀ, ଭିଣୋଇ: ପ୍ରୋ. ହିମାଂଶୁ ଶେଖର ମିଶ୍ର, ଭଗିନୀ: ଶ୍ରୀମତୀ ମଞ୍ଜୁଷା ମିଶ୍ର, ଭ୍ରାତା: ଅର୍ଦ୍ଧେନ୍ଦୁ ଏବଂ ଭ୍ରାତାବଧୂ: ଜ୍ୟୋତିର୍ମୟୀ, ଭାଣିଜୀ: ହିରଣ୍ମୟୀ, ପୁତ୍ରୀ: ଆରାଧ୍ୟା ଏବଂ ଋତୁପର୍ଣ୍ଣାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଧ-୨୧୫୬୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ନବାହ୍ନ ପାଇଁ ନୂଆ ଧାନ ଗ୍ରହଣ କଲେ ସମଲେଇଙ୍କ ପୂଜକ

ସମ୍ବଲପୁର,୭।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଚଳିତ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ ହେବ। ଇଂରାଜୀ ତାରିଖ ମତେ ସେପ୍ଟେମ୍ବର ୧୧ ପୂର୍ବାହ୍ନ ୯ଟା ୧୫ ମିନିଟରୁ ୯ଟା ୨୫ ମିନିଟ ମଧ୍ୟେ ମା' ସମଲେଇଙ୍କ ପାଖରେ ନବାହ୍ନ ଲାଗି ହେବ। ଏଥିପାଇଁ ମଙ୍ଗଳବାର ନୂଆଧାନ (ସରିଆଧାନ) ମନ୍ଦିରରେ ପହଞ୍ଚିଛି। ସମ୍ବଲପୁର ବଳବସପୁର ଗ୍ରାମର ସୁବାସ ବେହେରାଙ୍କଠାରୁ ଏହି ଧାନକୁ ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଗ୍ରହଣ କରିଛନ୍ତି। ମୁଖ୍ୟ ଫାଟକରେ ପିତ୍ତଳ ଥାଳିରେ ଧାନ ଗ୍ରହଣ କରି ସେ ଏହାକୁ ଠାକୁର ଘରକୁ ନେଇଥିଲେ। ବୁଧବାରଠାରୁ ନବାହ୍ନ ତିଆରି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯିବ। ପରିବାରର ମହିଳାମାନେ ଶୁକ୍ଳବସ୍ତ୍ର ପରିଧାନ କରି ଧାନରୁ ଅକ୍ଷତ ଚାଉଳ (ନବାହ୍ନ) ବାହାର କରିବାରେ ଲାଗିପଡିବେ। ହାତର ନଖ କିମ୍ବା ଅନ୍ୟ କୌଣସି ସାମଗ୍ରୀ ବ୍ୟବହାର କରାଯିବ ନାହିଁ। ମହିଳାମାନେ ନିଜ ହାତରେ ଧାନକୁ ଘସି ଚାଉଳ ବାହାର କରନ୍ତି। ମା'ଙ୍କ ପାଖରେ ଅକ୍ଷତ ଚାଉଳ ଲାଗି ପାଇଁ ଏଭଳି କରାଯିବା ପରମ୍ପରା ରହିଛି। ସୁବାସ ବିଲରେ ପୂଜା କରିବା ପରେ ସମ୍ପୂର୍ଣ୍ଣ ଭାବେ ପାକ ହୋଇ ନ ଥିବା ଧାନକେଣ୍ଡା ଆଣିଥିଲେ। ପରେ ସିଧାସଳଖ ମନ୍ଦିରକୁ ଆସିଥିଲେ। ଏ ସମ୍ପର୍କରେ ଚାଷୀ ସୁବାସ କହିଛନ୍ତି, ଆଜକୁ ୫ବର୍ଷ ହେବ ଧାନ ଦେବାର ସୌଭାଗ୍ୟ ପାଇଛନ୍ତି। ଅକ୍ଷୟ ତୃତୀୟା ଦିନରୁ ମା'ଙ୍କ ପାଇଁ ଧାନ ଚାଷ କରନ୍ତି। କୀଟପତଙ୍ଗ ଯେଭଳି ନ ଲାଗିବେ ସେ ନେଇ ଯତ୍ନ ନେଇଥାନ୍ତି। ସମୟ ଆସିଲେ



ସମଲେଇ ମନ୍ଦିର ମୁଖ୍ୟ ପୂଜକ ଧାନ ଗ୍ରହଣ କରୁଛନ୍ତି।

ଧାର୍ଯ୍ୟ ଲଗ୍ନ ଅନୁସାରେ ଧାନ ତୋଳାଯାଇଥାଏ ବୋଲି କହିଛନ୍ତି। ସୂଚନାଯୋଗ୍ୟ ସମ୍ବଲପୁର ଝାଡୁଆପଡ଼ା ବଡଦୁଆର ଆରଣ୍ୟକ ମଞ୍ଚଠାରେ ଗତ ବୁଧବାର ଗୋଧୂଳି ଲଗ୍ନରେ ବିଭିନ୍ନ ଅଞ୍ଚଳର ପଣ୍ଡିତମାନେ ସମବେତ ହୋଇ ନକ୍ଷତ୍ର ଗଣନା କରି ନୂଆଖାଇ ଲଗ୍ନ ଧାର୍ଯ୍ୟ କରିଥିଲେ। ସେପ୍ଟେମ୍ବର ୧୧ ତାରିଖ ନୂଆଖାଇ ପର୍ବ ପାଳନ କରାଯିବ ବୋଲି ସ୍ଥିର ହୋଇଛି।

# ନେରେଡିବାଲସାରେ ସ୍ୱନ୍ଦନା କାର୍ଯ୍ୟକ୍ରମ

## ସୁପ୍ରିମକୋର୍ଟଙ୍କ ରାୟକୁ ଗୁରୁତ୍ୱ ଦେଉନି ଆନ୍ଧ୍ର

ପଟ୍ଟାଙ୍ଗୀ,୭।୯(ଡି.ଏନ୍.ଏ.)

ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ କୋଟିଆ ପଞ୍ଚାୟତକୁ ନେଇ ଲାଗି ରହିଥିବା ବିବାଦ ରାଜନୈତିକ ସ୍ତରରେ ଆଲୋଚନାକରି ୬ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ ଉଭୟ ରାଜ୍ୟ ସରକାରଙ୍କୁ ନିକଟରେ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ କୋର୍ଟ ମାମଲାର ଶୁଣାଣି କରିବେ ବୋଲି କହିଥିଲେ। ତେବେ ସୁପ୍ରିମକୋର୍ଟଙ୍କ ଏହି ରାୟର କୌଣସି ପ୍ରଭାବ ଆନ୍ଧ୍ର ଉପରେ ପଡ଼ି ନ ଥିବା ଦେଖିବାକୁ ମିଳିଛି। ସୁପ୍ରିମକୋର୍ଟଙ୍କ ଶୁଣାଣି ପରେ ମଧ୍ୟ ଆନ୍ଧ୍ର ପୁଣି ସୋମବାର କୋଟିଆର ନେରେଡିବାଲସା ଗ୍ରାମରେ ଅଭିଯୋଗ ଶୁଣାଣି ଦିବସ ସ୍ୱନ୍ଦନା କାର୍ଯ୍ୟକ୍ରମ କରିଛି। ଗ୍ରାମବାସୀଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗପତ୍ର ଗ୍ରହଣ କରିଛି। ନେରେଡିବାଲସା ଗ୍ରାମ ଆନ୍ଧ୍ର ପୋଲିସ ଅଧୀନରେ ଥିବା ଦର୍ଶାଇ କୋଟିଆ ପଞ୍ଚାୟତ ପାଇଁ ଥିବା ଏସ୍‌ଆଇ ରୋହିନି ପାତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଛି। ଏହି ସମୟରେ ନେରେଡିବାଲସା ସମେତ ଧୂଳିପଦର, ଉପରସେମ୍ବି, ତଳସେମ୍ବି ଗ୍ରାମର ଲୋକେ ସାଲୁରୁକୁ ପ୍ରତ୍ୟହ ଯାତାୟାତ ଲାଗି ଏକ ବସ୍ ଚଳାଚଳ ପାଇଁ ଦାବି ଜଣାଇଥିଲେ। ସପ୍ତାହକୁ ୨/୩ ଦିନ ସ୍ୱାସ୍ଥ୍ୟସେବା ଶିବିର କରିବା, ଜାତିଗତ ପ୍ରମାଣପତ୍ର ଓ ପାନୀୟ ଜଳ ଯୋଗାଣ ସୁବିଧା କରିବା ଲାଗି ଗ୍ରାମବାସୀ ଆନ୍ଧ୍ର ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଥିଲେ। ନେରେଡିବାଲସା ଗ୍ରାମର ଦୁଇଭଉଣୀ ରହୁଥିବା ଘର ଉପରେ ତେନ୍ତୁଳି ଗଛ ପଡି ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ଜାଣିବା ପରେ ଏସ୍‌ଆଇ ପାତି ଦୁଇ ଭଉଣୀଙ୍କ ନିକଟରେ ପହଞ୍ଚି ଆଲୋଚନା କରିଥିଲେ। ଏନେଇ ଏକ ରିପୋର୍ଟ ବିଜୟନଗରମ ଜିଲା ପୋଲିସ ପ୍ରଶାସନକୁ ଦେଇଥିଲେ। ତେବେ ଏହି ସମୟରେ ଦୁଇ ଭଉଣୀ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ସେମାନେ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପାଇଥିବା କହିବାରୁ ଏସ୍‌ଆଇ ପାତି ଉଭୟଙ୍କୁ କିଛି ଅର୍ଥ ସହାୟତା ଦେଇଥିଲେ।





ନେରେଡିବାଲାସାରେ ଗ୍ରାମବାସୀ ଆନ୍ଧ୍ରର ଏସ୍‌ଆଇଙ୍କୁ ଦାବିପତ୍ର ଦେଉଛନ୍ତି।

# ଭୁଲ୍ ବୁଝାମଣାକୁ ବହୁତ ଡରେ

ସବ୍ୟସାଚୀ ମିଶ୍ର



କେବଳ ରିଲ୍‌ରେ ନୁହେଁ, ରିୟଲ ଲାଇଫ୍‌ରେ ଅନେକଙ୍କ ପାଇଁ ହିରୋ ସାଜିଛନ୍ତି ସବ୍ୟସାଚୀ ମିଶ୍ର। ପେସାରେ ଜଣେ ଇଞ୍ଜିନିୟର ହୋଇଥିଲେ ବି ଅଭିନୟ ପାଇଁ ଚାକିରି ଛାଡ଼ିଥିଲେ। ଆଲ୍‌ବମ୍ 'ବେଣୀ ନୁହେଁ ତତେ ଖୋସା ମାନିବ' ମାଧ୍ୟମରେ ସେ ପରଦାକୁ ଓହ୍ଲାଇଥିଲେ। ତାଙ୍କ ଅଭିନୀତ ପ୍ରଥମ ଚଳଚ୍ଚିତ୍ର ଥିଲା 'ପାଗଳପ୍ରେମୀ'। ସେ ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ଫିଲ୍ମ ଫେୟାର ଆୱାର୍ଡ ପାଇଛନ୍ତି। ୧୦୦ରୁ ଉର୍ଦ୍ଧ୍ୱ ଆଲବମ୍, ୪୫ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ସମେତ ତେଲୁଗୁ, ବଙ୍ଗଳା ଚଳଚ୍ଚିତ୍ରରେ ମଧ ଅଭିନୟ କରିଛନ୍ତି। ୧୯୮୫ ଅକ୍ଟୋବର ୬ରେ ସମ୍ବଲପୁର ଜିଲା ବୁର୍ଲାରେ ଜନ୍ମଗ୍ରହଣ କରିଥିବା ସବ୍ୟସାଚୀ ଏବେ ଭୁବନେଶ୍ୱରରେ ରହୁଛନ୍ତି। ତାଙ୍କ ମା' ଡ. ସୁଷମା ମିଶ୍ର ଜଣେ ସାହିତ୍ୟିକା ଏବଂ ବାପା ସୁରେନ୍ଦ୍ର ମିଶ୍ର ହେଉଛନ୍ତି ଅବସରପ୍ରାପ୍ତ ଆଇଏଏସ୍ ଅଫିସର। ଅଭିନୟ ଓ ବ୍ୟକ୍ତିଗତ ଜୀବନକୁ ନେଇ ସବ୍ୟସାଚୀଙ୍କ ସହ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।

ଧରିତ୍ରୀ ଆଳାପ

**ପ୍ରଶ୍ନ– ଚାକିରି ଛାଡ଼ି ଅଭିନୟକୁ କାହିଁକି ପ୍ରଫେସନ କଲେ?**

ଉତ୍ତର: ଛୋଟବେଳୁ ମୋର ଅଭିନୟ କରିବାର ବହୁତ ଇଚ୍ଛା ଥିଲା। କିନ୍ତୁ ବାପାଙ୍କର ନିୟମ ଥିଲା, ଯାହା ବି କର କିନ୍ତୁ ପାଠ ଛାଡ଼ିବୁନି। ତେଣୁ ତାଙ୍କ କଥା ମାନି ପାଠ ପଢୁଥିଲି। ଇଞ୍ଜିନିୟରିଂ ପରେ ଏକ ସଫ୍ଟୱେୟାର କମ୍ପାନୀରେ ଚାକିରି କଲି। ମାତ୍ର ମନ ମୋର ଅଭିନୟରେ ଥିଲା। ସେଥିପାଇଁ ଆଲ୍‌ବମ୍‌କୁ ମାଧ୍ୟମ କଲି। ଆଲବମ୍ ପରେ ଚଳଚ୍ଚିତ୍ର କରିବାର ସୁଯୋଗ ମିଳିଲା। ଦର୍ଶକମାନେ ପସନ୍ଦ କଲେ ଓ ଧୀରେ ଧୀରେ ମତେ ଅଫର୍ ମିଳିବା ଆରମ୍ଭ ହେଲା, ତା'ପରେ ଚାକିରି ଛାଡ଼ିଦେଲି।

**ପ୍ରଶ୍ନ– ଅଭିନୟର ପ୍ରଥମ ସୁଯୋଗ କେମିତି ପାଇଥିଲେ?**

ଉତ୍ତର: ସେତେବେଳେ ଦୂରଦର୍ଶନରେ 'ରଙ୍ଗାରଙ୍ଗ' ନାମରେ ଏକ କାର୍ଯ୍ୟକ୍ରମ ପ୍ରସାରିତ ହେଉଥିଲା। ଯୁକ୍ତ୨ ସରିବା ପରେ ମୋର କିଛିଟା ଫଟୋ ସେହି କାର୍ଯ୍ୟକ୍ରମର ଯୋଗାଯୋଗ ଠିକଣାରେ ପଠାଇଥିଲି। ରଙ୍ଗାରଙ୍ଗର ନିର୍ଦ୍ଦେଶକ ସରୋଜ ଶତପଥୀଙ୍କୁ ମୋ ଫଟୋ ଭଲ ଲାଗିଥିଲା ଓ ସେ ମତେ ପ୍ରଥମ କରି ଆଲ୍‌ବମ୍‌ରେ ସୁଯୋଗ ଦେଇଥିଲେ।

**ପ୍ରଶ୍ନ– ଲକ୍‌ଡାଉନ ସମୟରେ ଆପଣ ଲୋକଙ୍କୁ ସହାୟତା କରୁଥିବା ଦେଖିବାକୁ ମିଳିଥିଲା। ସମାଜସେବାର ପ୍ରେରଣା କେଉଁଠୁ ପାଇଥିଲେ?**

ଉତ୍ତର: ଏଥିପାଇଁ ଛୋଟବେଳୁ ମା' ବାପାଙ୍କଠାରୁ ମତେ ପ୍ରେରଣା ମିଳିଛି। ବାପାଙ୍କର ଚାକିରି କାଳରେ ବହୁଥର ଟ୍ରାନ୍ସଫର ହୋଇଥିଲା। ତେଣୁ ଆମକୁ ନୂଆ ନୂଆ ଜାଗାକୁ ଯିବାକୁ ପଡ଼େ। ମା' ସେଠାରେ ଥିବା ବସ୍ତି ଅଞ୍ଚଳର ପିଲାମାନଙ୍କୁ ପାଠ ପଢ଼ାନ୍ତି। ସେମାନଙ୍କୁ ଡ୍ରେସ୍ ଓ ଅନ୍ୟାନ୍ୟ ଜିନିଷ ବାଣ୍ଟନ୍ତି। ବସ୍ତି ପିଲାଙ୍କ ସହ ଏକାଠି ବସି ମୁଁ ମଧ୍ୟ ପାଠ ପଢ଼ିଛି। ଏହିଠାରୁ ମୋ ସମାଜସେବାର ମୂଳଦୁଆ ପଡ଼ିଥିଲା କହିଲେ ଭୁଲ ହେବ ନାହିଁ। ଗତବର୍ଷ ଲକ୍‌ଡାଉନ୍ ସମୟରେ ମୁଁ ବି ଅନ୍ୟମାନଙ୍କ ପରି ଘରେ ଥାଏ। ସେ ସମୟରେ କାହାର ମେଡିକାଲ ସହାୟତା, କାହାର ଘରକୁ ଫେରିବା ପାଇଁ ସହାୟତା ଭଳି ଅନେକ ମେସେଜ୍ ସୋସିଆଲ ମିଡିଆରେ ଆସୁଥିଲା। ସେପରି ମେସେଜ୍ ଦେଇଥିବା ଲୋକଙ୍କୁ ମୋ ତରଫରୁ ଯୋଗାଯୋଗ କରି ସାହାଯ୍ୟ କରିଥିଲି। ଏପରି ଦୁଇ ତିନିଟା ଘଟଣାରେ ସଫଳତା ପାଇବା ପରେ ଲୋକମାନେ ମତେ ତାଙ୍କ ତରଫରୁ ଯୋଗାଯୋଗ କରିବା ଆରମ୍ଭ କରି ଦେଇଥିଲେ। ତା'ପରଠାରୁ ମୋ କାମ ଚାଲିଛି। ଏବେ 'ସ୍ମାଇଲ୍ ପ୍ଲିଜ୍' ନାଁରେ ଏକ ଟ୍ରଷ୍ଟ ଗଠନ କରି କାମ କରୁଛି। ଏଥିରେ ଥିବା ସମସ୍ତ ସଦସ୍ୟଙ୍କୁ 'ସ୍ମାଇଲ୍ ଫୋର୍ସ' କୁହାଯାଉଛି। ଏବେ ସାରା ଓଡ଼ିଶାରେ ୧୨ହଜାର ସ୍ମାଇଲ ଫୋର୍ସ ରହିଛନ୍ତି, ଯେଉଁମାନେ ସ୍ୱଇଚ୍ଛାରେ ଟ୍ରଷ୍ଟରେ ଯୋଗଦେଇଛନ୍ତି।

**ପ୍ରଶ୍ନ– ଲୋକଙ୍କୁ ସହଯୋଗ କରିବା ପାଇଁ କିପରି ଅର୍ଥ ଯୋଗାଡ଼ କରୁଛନ୍ତି?**

ଉତ୍ତର: ଗତବର୍ଷ ରାଶନ ବାଣ୍ଟିବାଠାରୁ ଆରମ୍ଭ କରି ପ୍ରବାସୀଙ୍କୁ ଘରକୁ ଫେରାଇବା ପର୍ଯ୍ୟନ୍ତ ସବୁକିଛି ମୋ ନିଜ ପଇସାରେ କରିଥିଲି। କରୋନାର ଦ୍ୱିତୀୟ ଲହର ବେଳକୁ ବହୁ ବନ୍ଧୁ, ସହଯୋଗୀ ମତେ ସାହାଯ୍ୟର ହାତ ବଢ଼ାଇଲେ। ଏହାଛଡ଼ା ଓଡ଼ିଶା ସୋସାଇଟି ଅଫ୍ ଆମେରିକା ଭଳି ଅନେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ସହଯୋଗ କରିଛନ୍ତି। ମୋ ମତରେ ଯଦି ଆମ ଲକ୍ଷ୍ୟ ସ୍ଥିର ଓ ମହତ୍ ହୋଇଥାଏ, ତେବେ କୌଣସି ନା କୌଣସି ରାସ୍ତାରେ ସହଯୋଗ ମିଳିଯାଏ। ଭଲ କାମ ପାଇଁ ଅର୍ଥ କେବେ ପ୍ରତିବନ୍ଧକ ସାଜିପାରିବ ନାହିଁ।

**ପ୍ରଶ୍ନ– ରାଜନୀତିରେ କେବେ ପ୍ରବେଶ କରିବେ?**

ଉତ୍ତର: ରାଜନୀତି ପ୍ରତି ମୋର ଆଦୌ ଆଗ୍ରହ ନାହିଁ। ରାଜନୀତି ଏକ ବହୁଦାୟିତ୍ୱସମ୍ପନ୍ନ କାମ। ଜଣେ ଅଭିନେତା ଭାବେ ମୁଁ ଯେତିକି ଦାୟିତ୍ୱ ତୁଲାଇ ପାରୁଛି ତାହା ହିଁ ବଡ଼ କଥା। ରାଜନୀତି ଏତେ ମଧ୍ୟ ଶସ୍ତା ହୋଇଯିବା ଉଚିତ୍ ନୁହେଁ ଯେ, ଯେକେହି ବ୍ୟକ୍ତି କିଛି ଭଲ କାମ କରିଦେଲେ ତା' ପାଇଁ ରାଜନୀତିର ବାଟ ଖୋଲିଯିବ। ଯଦି ମୁଁ ରାଜନୀତି ନ କରି ବି ସମାଜ ପାଇଁ କିଛି କରିପାରୁଛି, ତେବେ ଏଥିରେ ପ୍ରବେଶ କରିବାର ଆବଶ୍ୟକତା ନାହିଁ।

**ପ୍ରଶ୍ନ– କ'ଣ କରିବାକୁ ଇଚ୍ଛା ରହିଛି?**

ଉତ୍ତର: ମତେ ଏବେ ଭିନ୍ନ ଭିନ୍ନ ଭାଷାର ଚଳଚ୍ଚିତ୍ରରେ ଅଭିନୟ କରିବାର ଇଚ୍ଛା ଅଛି। ତେଲୁଗୁ, ବଙ୍ଗଳା ଭାଷାରେ ଫିଲ୍ମ କରିସାରିଛି। ଆଗକୁ କମେଡିରୁ ବାହାରି ପ୍ରେରଣାଦାୟୀ ଫିଲ୍ମ କରିବାକୁ ଯୋଜନା ରଖିଛି। ଏହାବାଦ୍ ଓଡ଼ିଶାରେ ଫିଲ୍ମ ଜଗତର ଯେଭଳି ଅବସ୍ଥା ରହିଛି, ତାହାକୁ ସୁଧାରିବା ବଡ଼ ଲକ୍ଷ୍ୟ। ସମାଜସେବା, ଅଭିନୟ ଏସବୁ ମୋ ଜୀବନର ଏକ ଅଂଶ। ତେବେ ସିନେମା ହଲ୍ ଶିଳ୍ପକୁ ସୁଦୃଢ଼ କରିବା ଓ ଓଡ଼ିଆ ଫିଲ୍ମର ମାନକୁ ବଢ଼ାଇ ବିଶ୍ୱ ଦରବାରରେ ପହଞ୍ଚାଇବା ମୋର ମିଶନ।

**ପ୍ରଶ୍ନ– ଓଡ଼ିଆ ଫିଲ୍ମର ମାନ ହ୍ରାସ ପାଉଛି କି?**

ଉତ୍ତର: ସମୟ ସହିତ ଫିଲ୍ମର ମାନ କମି କମି ଯାଇଛି, ମାତ୍ର ଏହା ସ୍ଥାୟୀ ନୁହେଁ। ଏଥିପାଇଁ ଆମେ କାହାକୁ ଜଣକୁ ଦାୟୀ କରିପାରିବା ନାହିଁ। ଓଡ଼ିଆ ସିନେମାର ସ୍ଥିତିରେ ଉନ୍ନତି ପାଇଁ ବହୁ ସ୍ତରରେ କାମ କରିବାକୁ ପଡ଼ିବ। ବିଶେଷକରି ସରକାରୀସ୍ତରରେ ସହଯୋଗ ସହିତ ଫିଲ୍ମ ନିର୍ମାତାମାନଙ୍କ ସହଭାଗିତା ରହିବା ଦରକାର। ଦର୍ଶକଙ୍କର ବି ସହଯୋଗ ମିଳିବା ଆବଶ୍ୟକ, ସେମାନେ ଯେପରି ପରିବର୍ତ୍ତନକୁ ଗ୍ରହଣ କରି ଦି ପାଦ ଆଗକୁ ଆସିପାରିବେ। ସରକାର, ଦର୍ଶକ ଓ ଫିଲ୍ମମେକର ଏହି ୩ଟି ସ୍ତରରେ ମିଶି କୌଶଳ ତିଆରି କରିପାରିଲେ ଆମେ ସିନେମା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିପାରିବା।

**ପ୍ରଶ୍ନ– ପ୍ରଥମ ରୋଜଗାରରେ କ'ଣ କରିଥିଲେ?**

ଉତ୍ତର: ମା' ଏବଂ ଅନ୍ୟ ସମ୍ପର୍କୀୟଙ୍କ ପାଇଁ ଡ୍ରେସ, ଶାଢ଼ି କିଣିଥିଲି। ବଳକା ଟଙ୍କାକୁ ମା'ଙ୍କୁ ଦେଇଥିଲି। ମୋ ଆଈ ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ଜଡ଼ିତ ଥିଲେ। ମା' ଓ ଆଈ ସେହି ଟଙ୍କାରେ ଲୋକଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା କରିଥିଲେ।

**ପ୍ରଶ୍ନ– ସବ୍ୟର୍ଚ୍ଚିତାଙ୍କୁ ପୁଣି ଥରେ ଏକାଠି କେବେ ପରଦାରେ ଦେଖିବାକୁ ମିଳିବ?**

ଉତ୍ତର: ସତ କହିବାକୁ ଗଲେ ଏକ ଭଲ ସ୍କ୍ରିପ୍ଟକୁ ଆମେ ଅପେକ୍ଷା କରିଛୁ। ବିବାହ ପରେ ଯେପରି ଏକ ଭଲ ଭେଟି ନେଇକି ଦର୍ଶକଙ୍କ ପାଖକୁ ପୁଣି ଥରେ ଆସିପାରିବୁ। ତେଣୁ କାହାଣୀରେ କିଛି ସ୍ୱତନ୍ତ୍ରତା ରହିଥିବା ନିହାତି ଆବଶ୍ୟକ। ମୋ ଆଗାମୀ ଚଳଚ୍ଚିତ୍ର 'ଯେତେ ଗୋରୀ ସେତେ ଷ୍ଟୋରି'ରେ ଅର୍ଚ୍ଚିତା ଅତିଥି କଳାକାର ଭାବେ ଆସିବେ।

**ପ୍ରଶ୍ନ– ଅର୍ଚ୍ଚିତାଙ୍କ ସହ କେବେଠାରୁ ପ୍ରେମ ଆରମ୍ଭ ହୋଇଥିଲା?**

ଉତ୍ତର: ଜଣେ କୋ–ଆର୍ଟିଷ୍ଟ ଭାବରେ ସେ ବହୁତ ସପୋର୍ଟିଭ୍। ଆମ ଭିତରେ ଏକ ଭଲ ବୁଝାମଣା ରହିଥିଲା। ଆମ ଯୋଡ଼ିକୁ ଦର୍ଶକ ପସନ୍ଦ କରିବା ପରେ ନିର୍ଦ୍ଦେଶକମାନେ ଆମକୁ ବିଭିନ୍ନ ଫିଲ୍ମରେ ନେଲେ। ଏହା ଆମ ଭିତରେ ବନ୍ଧୁତାକୁ ଆହୁରି ସୁଦୃଢ଼ କରିଥିଲା। ଧୀରେ ଧୀରେ ମୁଁ ବୁଝିପାରିଲି ଯେ, ଅର୍ଚ୍ଚିତାଙ୍କ ମନରେ ମୋ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି। ଅର୍ଚ୍ଚିତା ପ୍ରଥମେ ପ୍ରପୋଜ୍ କରିଥିଲେ। ଯେହେତୁ ମୋ ଜୀବନରେ ବହୁତ କିଛି ଅସୁବିଧା ରହିଥିଲା, ତେଣୁ ନିଷ୍ପତ୍ତି ନେବା ପାଇଁ ବହୁତ ସମୟ ଲାଗିଥିଲା। ଅର୍ଚ୍ଚିତା ଧୈର୍ଯ୍ୟର ସହିତ ମୋ ନିଷ୍ପତ୍ତିକୁ ଅପେକ୍ଷା କରିଥିଲେ।

**ପ୍ରଶ୍ନ– କିଛି ସ୍ମରଣୀୟ ଘଟଣା?**

ଉତ୍ତର: ମହର୍ଷି କଲେଜରେ ଯୁକ୍ତ ୨ ପଢୁଥାଏ। କଲେଜର ସବୁ ଫଙ୍କସନ୍‌ରେ ଡ୍ୟାନ୍ସ କରୁଥିବାରୁ ଏହା ମୋର ପରିଚୟ ପାଲଟି ଯାଇଥିଲା। ସେତେବେଳେ ନୂଆ ନୂଆ ଡିସ୍କୋ ଆରମ୍ଭ ହୋଇଥିଲା। କଲେଜର ଜଣେ ପିଲା ଡିସ୍କୋରେ ଡ୍ୟାନ୍ସ କଲାବେଳେ କୌଣସି କାରଣରୁ ତା'ର ମୃତ୍ୟୁ ହୋଇଯାଇଥିଲା। ଡ୍ୟାନ୍ସ କରିକି ମୃତ୍ୟୁ ହୋଇଛି ଜାଣିବା ପରେ ସମସ୍ତେ ଭାବିଲେ ମୁଁ ମରିଯାଇଛି। ଏମିତିକି ପୂରା କଲେଜରେ ପ୍ରଚାର ହୋଇଯାଇଥିଲା ଯେ, ସବ୍ୟସାଚୀ ନାଚି ନାଚି ମରି ଯାଇଛି। ତା' ପରଦିନ ଯେତେବେଳେ କଲେଜ ଗଲି ମତେ ସମସ୍ତେ ଭୂତ ବୋଲି କହିଥିଲେ।

**ପ୍ରଶ୍ନ– ଅଭିନେତା ନ ହୋଇଥିଲେ କ'ଣ ହୋଇଥାନ୍ତେ?**

ଉତ୍ତର: ଅଭିନେତା ନ ହୋଇଥିଲେ ଅଭିନେତ୍ରୀ ହୋଇଥା'ନ୍ତି।

**ପ୍ରଶ୍ନ– କାହାକୁ ଡରନ୍ତି?**

ଉତ୍ତର: ମୁଁ ମିଛ ଓ ଭୁଲ ବୁଝାମଣାକୁ ବହୁତ ଡରେ।

# ୨୧ ବର୍ଷ ପରେ ରାୟ: ତତ୍କାଳୀନ କ୍ୟାଶିୟରଙ୍କୁ ୨ବର୍ଷ ଜେଲ

**ସରକାରୀ ଅର୍ଥ ଆତ୍ମସାତ୍ ମାମଲା**

**ବିଡିଓ ନିର୍ଦ୍ଦୋଷରେ ଖଲାସ**

ଜୟପୁର, ୭।୯ (ନି.ପ୍ର.): ସରକାରୀ ଅର୍ଥ ଆତ୍ମସାତ୍ ମାମଲାର ବିଚାର କରି ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୀର୍ଘ ୨୧ ବର୍ଷ ପରେ ମାମଲାର ରାୟ ଶୁଣାଣି କରିଛନ୍ତି। ଏଥିରେ ବିଚାରପତି ରାଜେଶ ଏକ୍କା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ମାଲକାନଗିରିର ତତ୍କାଳୀନ କ୍ୟାଶିୟର ଶିବରାମ ରାଜ (୬୩)ଙ୍କୁ ୨ ବର୍ଷ ଜେଲଦଣ୍ଡ ଦେଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ଅନାଦାୟ ହେଲେ ଅଧିକ ୩ ମାସ ଦଣ୍ଡ ଭୋଗିବାକୁ ରାୟରେ ସ୍ପଷ୍ଟ କରିଛନ୍ତି। ସେହିପରି ମାଲକାନଗିରିର ପୂର୍ବତନ ବିଡିଓ ରାଜ କିଶୋର ଶାସ୍ତ୍ରୀ (୫୮)ଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲା ବିବରଣୀରୁ ଜଣାପଡିଛି, ମାଲକିନଗିରି ବ୍ଲକରେ ୧୯୯୭-୯୮ରେ ସରକାରୀ ଅର୍ଥ ଆତ୍ମସାତ କରିଥିବା ନେଇ ତତ୍କାଳୀନ କ୍ୟାଶିୟର ରାଜ ଓ ବିଡିଓ ଶାସ୍ତ୍ରୀଙ୍କ ନାମରେ ଅଭିଯୋଗ ହୋଇଥିଲା। ୭ ଲକ୍ଷ ୧୦ ହଜାର ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗରେ ଉଲ୍ଲେଖ ଥିଲା। ଏହାକୁ ଗୁରୁତର ସହ ନେଇ ୨୦୦୦ ମସିହାରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ତଦନ୍ତ ଆରମ୍ଭ କରିଥିଲା। ଜୟପୁରଠାରେ ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠା ପରେ ଏହି ମାମଲା ଜୟପୁର କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ମାମଲାରେ ୧୭ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ମାମଲାକୁ ସରକାରୀ ଓକିଲ ଏମ. ବାଲାଜୀ ରାଓ ପରିଚାଳନା କରୁଥିଲେ।


# 'ଗୁରୁଜୀ'ଙ୍କ ଘରେ ପୋଲିସର ଚଢ଼ାଉ

- ସିଡୀ, ବ୍ୟାନର, ପୋଷ୍ଟର ଜବତ
- ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯିବ
- ବାପ,ପୁଅ ଚଳାଉଥିଲେ ମାନବବାଦ ସଙ୍ଗଠନ

ଖୋର୍ଦ୍ଧା ଅଫିସ,୭।୯

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଅଭିମାନପୁରର ସତ୍ୟବ୍ରତ ନାୟକ ହତ୍ୟା ଘଟଣାରେ ମାନବବାଦ ସଙ୍ଗଠନର ମୁଖ୍ୟ ତଥା ଆତ୍ମଘୋଷିତ ଗୁରୁଜୀ ମାନସ ଦାସଙ୍କୁ ଗିରଫ କରାଯାଇଛି। ମାନସଙ୍କ ବିରୋଧରେ ଅପହରଣ, ଆପରାଧିକ ଷଡ଼ଯନ୍ତ୍ର, ହତ୍ୟା, ହତ୍ୟା ଉଦ୍ୟମ, ପ୍ରମାଣ ନଷ୍ଟ ଏବଂ ଧମକ ଭଳି ଏକାଧିକ ମାମଲା ରହିଛି। ତେଣୁ ତାଙ୍କ ବିରୋଧରେ ପୋଲିସ ଠୋସ୍ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ଏହିକ୍ରମରେ ମଙ୍ଗଳବାର ମାନସଙ୍କ ଭୁବନେଶ୍ୱର ଶହୀଦନଗରସ୍ଥିତ ବାସଭବନରେ ପୋଲିସ ଚଢ଼ାଉ କରିଛି।

ଖୋର୍ଦ୍ଧା ପୋଲିସ ଏବଂ ଶହୀଦନଗର ପୋଲିସର ମିଳିତ ୨ଟି ଟିମ୍ ଏହି ଚଢ଼ାଉ କରିଥିଲା। ସେଠାରୁ ମାନବବାଦ ସଙ୍ଗଠନ ନାଁରେ ଛପାଯାଇଥିବା ବ୍ୟାନର, ପୋଷ୍ଟର, ଡକ୍ୟୁମେଣ୍ଟ, ବିଭିନ୍ନ ସଭାସମିତିର ସିଡୀ ଆଦି ଜବତ ହୋଇଛି। ଏଥିସହ ସଙ୍ଗଠନ ପଞ୍ଜୀକୃତ ହୋଇଛି କି ନାହିଁ, ସଙ୍ଗଠନର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ପୋଲିସ ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ମାନସ ଏବଂ ତାଙ୍କ ପୁଅ ମନୋରଞ୍ଜନ ଏହି ସଙ୍ଗଠନ ଚଳାଉଥିବା ପୋଲିସ ହାତରେ ପ୍ରମାଣ ଲାଗିଛି। ଏପରିକି ମାନସଙ୍କ ଅର୍ଥନୈତିକ କାରବାର ଉପରେ ମଧ୍ୟ ପୋଲିସ ଯାଞ୍ଚ ଆରମ୍ଭ କରିଛି। ମାନସଙ୍କର ଅନେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଆକାଉଣ୍ଟ ରହିଛି। ଏହାର ଯାଞ୍ଚ ଲାଗି ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଆକାଉଣ୍ଟ ଯାଞ୍ଚ ଲାଗି ବ୍ୟାଙ୍କ ଶାଖା ପରିଚାଳକଙ୍କୁ ସମନ ଜାରି କରାଯାଇଛି ବୋଲି ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ ମିଶ୍ର କହିଛନ୍ତି। ମାନବବାଦ ସଙ୍ଗଠନର ମୁଖ୍ୟ ମାନସ ରହିଛନ୍ତି। ତେଣୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ଆଗକୁ ମଧ୍ୟ ତଦନ୍ତ ଜାରି ରହିବ ବୋଲି ଏସଡିପିଓ ମିଶ୍ର ସୂଚନା ଦେଇଛନ୍ତି। ପୋଲିସ ତଦନ୍ତ ବେଳେ କିଛି ମୂର୍ତ୍ତି ଜବତ କରିଥିବା ଜଣାପଡିଛି। ତେବେ ଏସମ୍ପର୍କରେ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ସୂଚନାଥାଉ କି, ଅଗଷ୍ଟ ୨ରେ ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକଙ୍କୁ ମାନବବାଦ ସଙ୍ଗଠନ ମୁଖ୍ୟ ମାନସ ଦାସଙ୍କ ଇଙ୍ଗିତରେ କରଡ଼ଗାଡ଼ିଆରେ ପିଟି ହତ୍ୟା କରାଯାଇଥିବା ତାଙ୍କ ପୁତୁରା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୪୯/୨୧) ରୁଜୁ କରିବା ସହ ୬ଜଣଙ୍କୁ ଗିରଫ କରିଥିଲା। ଏହି ହତ୍ୟାକାଣ୍ଡରେ ମାନସଙ୍କ ପରୋକ୍ଷ ଭାବେ ସମ୍ପୃକ୍ତି ଥିବା ଦର୍ଶାଇ ଖୋର୍ଦ୍ଧା ପୋଲିସ ଗତ ସେପ୍ଟେମ୍ବର ୨ରେ ତାଙ୍କୁ ଶହୀଦନଗର ବାସଭବନରୁ ଗିରଫ କରିଥିଲା। ସେହିପରି କଡ଼ବର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦଙ୍କୁ ବନ୍ଦ କୋଠରିରେ ନିସ୍ତୁକ ମାଡ଼ ମାରିବା ଘଟଣାରେ ପୋଲିସ ମାନସଙ୍କ ପୁଅ ମନୋରଞ୍ଜନଙ୍କୁ ଗିରଫ କରିଥିଲା। ତେବେ ମାନସ ଓ ତାଙ୍କ ପୁଅ ମନୋରଞ୍ଜନ ଏବେ ଖୋର୍ଦ୍ଧା ସବ୍‌ଜେଲରେ ରହିଛନ୍ତି। ଅଧିକ ତଥ୍ୟ ପାଇଁ ବାପପୁଅଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।



ମାନସ ଦାସଙ୍କ ଶହୀଦ ନଗର ବାସଭବନରେ ଚଢ଼ାଉ ଚାଲିଛି।

# ପୋଖରୀରେ ବୁଡ଼ି ବାପଝିଅଙ୍କ ମୃତ୍ୟୁ

ନୂଆପଡ଼ା ଅଫିସ,୭।୯

ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ବାପ ଝିଅଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ନୂଆପଡ଼ା ଏନ୍‌ଏସିର ୮ ନଂ. ୱାର୍ଡ ସାଲେଭଟା ଗାଁରେ। ମୃତକ ହେଲେ ରୋହିତ ମାଝି (୩୫) ଓ ତାଙ୍କ ୮ ବର୍ଷର ଝିଅ ଦୀପିକା। ମଙ୍ଗଳବାର ପୂର୍ବାହ୍ନରେ ରୋହିତ ଝିଅ ଦୀପିକାକୁ ନେଇ ଗାଁର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଝିଅ ଗାଧୋଉ ଥିବା ବେଳେ ବୁଡି ଯାଉଥିଲେ। ଚିତ୍କାର ଶୁଣି ପୋଖରୀ ହୁଡ଼ା ଉପରେ ବସିଥିବା ବାପା ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେ ପାଣିରୁ ବାହାରିପାରି ନ ଥିଲେ। ସେ ମଧ୍ୟ ବୁଡ଼ିଯାଇଥିଲେ। ପାଖରେ କେହି ଲୋକ ନ ଥିବାରୁ ଘଟଣାସ୍ଥଳରେ ବାପଝିଅଙ୍କ ମୃତ୍ୟୁ ଘଟିଥିଲା। ଉଭୟେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପୋଖରୀ ହୁଡ଼ାରେ ଗାମୁଛା ଓ ଚପଲ ଦେଖି ପାଣିରେ ବୁଡ଼ିଯାଇଥିବା ସନ୍ଦେହ କରି ପରିବାର ଏବଂ ଗାଁ ଲୋକେ ଖୋଜିଥିଲେ। ପାଣି ଭିତରୁ ବାପଝିଅଙ୍କ ମୃତଦେହ ଉଦ୍ଧାର କରି ଘରକୁ ନେଇ ଯାଇଥିଲେ।

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨,୦୦୦/-
(ରହିବା ସୁବିଧା ଅଛି)
Ph : 6370950484
(Call Timing : 10.00 pm - 2.00 pm ମଧ୍ୟରେ)

ସିକ୍ୟୁରିଟି ଗାର୍ଡ ପଦବୀରେ ଆସିଲା ନିଯୁକ୍ତି
ବିନା ପରୀକ୍ଷାରେ ଚାକିରି ଶୀଘ୍ର ଆବେଦନ କରନ୍ତୁ। ଯୋଗ୍ୟତା- ସପ୍ତମ ପାସ୍, ଓଡିଶାର ସମସ୍ତ ପ୍ରାର୍ଥୀ ଆବେଦନ କରିପାରିବେ।
ମାସିକ ଦରମା
୯,୦୦୦/- ରୁ ୧୬,୦୦୦/-
Contact
8984897600, 8917637741

WANTED
ସିଙ୍ଗାପୁର (SINGAPORE)
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି
(ଭଲ ବେତନ, ଭଲ ସୁବିଧା। ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସ୍‌ମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

APPOINTMENT
ରୋଷେଇ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ପାର୍ଟଟାଇମ୍ ବା ଫୁଲ୍‌ଟାଇମ୍ ବ୍ରାହ୍ମଣ ସ୍ତ୍ରୀଲୋକ ଆବଶ୍ୟକ କରୁଛୁ। ଟଙ୍କପାଣି ରୋଡ୍, ଭୁବନେଶ୍ୱରରେ ଯୋଗାଯୋଗ କରନ୍ତୁ। ସକାଳ ୧୦ଟାରୁ ସନ୍ଧ୍ୟା ୭ ମଧ୍ୟରେ।
ମୋବାଇଲ: 9437025551

DHARITRI
Career appointment
Every Wednesday and Saturday

JOB IN BHUBANESWAR
GRAPHIC DESIGNER
Graduate with minimum experience in CorelDraw/ Photoshop/ Illustrator
Office Assistant
Graduate with minimum experience.
Office Peon
+2 pass with resident in Bhubaneswar only
Call/Whatsapp : 8249416516
Salary best in industry

A leading Retail House Of Consumer Durables, Bhubaneswar
WE'RE LOOKING FOR SALES PERSONNEL
( BOTH GIRLS AND BOYS )
Qualification : Min. +2 and above
Experience : 1-2 years in FMCG sector
WALK-IN-INTERVIEW
Date : 11th & 12th Sept 2021 | Timing : 11am to 2pm
SHREE SAI AGENCY
4th Floor, Plot No : 516/1755,Maruti Corner,
Near Patia Big Bazaar, Chandrasekharpur,Bhubaneswar,
Ph : 7381030720

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ଦୂରେ ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ



# ଭିଡିଓ ଗେମ୍

କରୋନା ମହାମାରୀ ଯୋଗୁ ବିଶ୍ୱସାରା ଲୋକ ସଂକ୍ରମିତ। ଏହି ଭୂତାଣୁ ପ୍ରାୟ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶିଶୁଠାରୁ ବୟସ୍କଙ୍କୁ ଘରେ ବାନ୍ଧି ରଖିଛି। ଏଥିରେ ବେଶି ପ୍ରଭାବିତ ହୋଇଛନ୍ତି ଶିଶୁ ଓ କିଶୋର। ଖେଳକୁଦ ବୟସରେ ମାସ ମାସ ଧରି ଘରେ ଆବଦ୍ଧ ହୋଇ ରହିବା ଫଳରେ ସେମାନଙ୍କ ଉପରେ ମାନସିକ ଚାପ ପଡୁଛି। ଶ୍ରେଣୀକକ୍ଷ ପାଠ ଏକପ୍ରକାର ବନ୍ଦ ହୋଇଯାଇଥିବାରୁ ଆବଶ୍ୟକତା ଦୃଷ୍ଟିରୁ ଅନ୍‌ଲାଇନ ପାଠକୁ ଗୁରୁତ୍ୱ ଦିଆଯାଇଛି। ହେଲେ ଏହି ଅଭ୍ୟାସ ସେମାନଙ୍କୁ ଅନ୍‌ଲାଇନ ଗେମ୍ ଆଡ଼କୁ ଟାଣି ନେଇଯାଉଥିବା ମାତାପିତା ଓ ଅଭିଭାବକମାନେ ଅନୁଭବ କରୁଛନ୍ତି। ଅଧିକ ସମୟ ପିଲାମାନେ ସ୍ମାର୍ଟ ଫୋନ୍, ଟାବ୍‌ଲେଟ୍ ଓ ଲାପ୍‌ଟପ ସହ ବିତାଇବା ଦ୍ୱାରା ସେମାନଙ୍କ ସୃଜନଶୀଳତା ଉପରେ ଗଭୀର ପ୍ରଭାବ ପଡୁଛି। ପୂର୍ବରୁ ପିଲାମାନେ ଗୀତ ଗାଇବା, ନାଚ କରିବା, ଚିତ୍ର ଆଙ୍କିବା, ବହି ପଢ଼ିବା, କବିତା କିମ୍ବା ଗପ ଲେଖିବା ଏବଂ କ୍ରୀଡ଼ା ପ୍ରତି ବିଶେଷ ଆଗ୍ରହ ଦେଖାଉଥିଲେ। ଆଜି ଘରୁ ବାହାରିବା କଷ୍ଟକର ହୋଇପଡୁଥିବାରୁ ପିଲାଙ୍କ ମାନସିକତାରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ତତ୍‌ସହିତ ଏବେକାର ନୂତନ ଡିଜିଟାଲ ଯୁଗରେ ପିଲାମାନେ ଘଣ୍ଟା ଘଣ୍ଟା ଧରି ଭିଡିଓ ଗେମ୍‌ରେ ମଜ୍ଜି ରହୁଛନ୍ତି। ଏହି ସମସ୍ୟା କେବଳ ଭାରତରେ ନୁହେଁ, ବିଶ୍ୱବ୍ୟାପୀ ପ୍ରତୀୟମାନ ହେଉଛି। ତେବେ ଅନ୍ୟ କୌଣସି ଦେଶ କଟକଣା ଜାରି କରିବା ପୂର୍ବରୁ ପ୍ରଥମେ ଚାଇନା ଏ ଦିଗରେ ପଦକ୍ଷେପ ନେଇଛି। ୧୮ ବର୍ଷରୁ କମ୍ ବର୍ଗଙ୍କ ଭିଡିଓ ଗେମ୍ ଦେଖିବା ଉପରେ କେତେକ କଟକଣା ଜାରି କରିଛି। ସେପ୍ଟେମ୍ବର ପହିଲାରୁ ନୂଆ ନୀତି ଲାଗୁ କରାଯାଇ ଶୁକ୍ରବାର, ଶନିବାର ଓ ରବିବାର ରାତି ୮ଟାରୁ ୯ଟା ପର୍ଯ୍ୟନ୍ତ ସପ୍ତାହରେ ମାତ୍ର ୩ ଘଣ୍ଟା ପାଇଁ ଅନ୍‌ଲାଇନ ଗେମ୍ ଉପଲବ୍ଧ ହେଉଛି। ନ୍ୟାସନାଲ ପ୍ରେସ୍ ଆଣ୍ଡ ପବ୍ଲିକେସନ୍ ଆଡମିନିଷ୍ଟ୍ରେସନ (ଏନ୍‌ପିପିଏ) ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ନିର୍ଦ୍ଦେଶନାମାରେ ଆହୁରି କୁହାଯାଇଛି ଯେ, ଗେମିଂ କମ୍ପାନୀଗୁଡ଼ିକ ସରକାରଙ୍କ ନିୟମ ମାନିବାକୁ ବାଧ୍ୟ। ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରାଯିବ ବୋଲି ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

ଭିଡିଓ ଗେମ୍ ନିଶା କମାଇବା ପାଇଁ ଚାଇନା ନେଇଥିବା ପଦକ୍ଷେପ ସେଠାକାର ସରକାରଙ୍କ କଠୋର ନିୟମ ଯୋଗୁ ନିୟନ୍ତ୍ରଣକୁ ଆସିପାରେ ବୋଲି ଅନୁମାନ କରାଯାଉଛି। ହେଲେ ତା'ର ବିଶାଳ ଗେମ୍ ମାର୍କେଟ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଏକ ରିପୋର୍ଟ ଅନୁଯାୟୀ ସେଠାରେ ୬୨.୫ ପ୍ରତିଶତ ୧୮ ବର୍ଷରୁ କମ୍ ବୟସର ପିଲା ଅନ୍‌ଲାଇନ୍ ଗେମ୍ ଖେଳୁଛନ୍ତି। ୨୦୨୦ରେ ଚାଇନାର ଗେମିଂ ଶିଳ୍ପ ୪୩.୨ ବିଲିୟନ ଆମେରିକୀୟ ଡଲାର ରାଜସ୍ୱ ହାସଲ କରିଥିଲା, ଯାହାକି ପୂର୍ବବର୍ଷ ତୁଳନାରେ ୨୦.୭୧ ପ୍ରତିଶତ ଅଧିକ। କଠୋର ନିଷ୍ପତ୍ତି ଦ୍ୱାରା ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହେଉଥିବା ଜାଣି ମଧ୍ୟ ଚାଇନା ଏପରି ପଦକ୍ଷେପ ଏଥିପାଇଁ ନେଉଛି ଯେ, ପିଲାଙ୍କ ଶାରୀରିକ ଓ ମାନସିକ ସ୍ଥିତି ପ୍ରଭାବିତ ହେବାରେ ଲାଗିଛି। ସେତେବେଳେ ପିଲାମାନଙ୍କ ଭବିଷ୍ୟତ କଥା ଚିନ୍ତା କରାଯାଏ, ଉପରଲିଖିତ କଟକଣାର ଜରୁରୀ ଆବଶ୍ୟକତା ପଡ଼ିଥାଏ। ଏହି ପ୍ରଚ୍ଛଦପଟରେ ଭାରତକୁ ଦେଖିଲେ ଦେଶର ସମୁଦାୟ ଜନସଂଖ୍ୟାର ୪୧ ପ୍ରତିଶତ ୧୮ ବର୍ଷରୁ କମ୍ ବର୍ଗର ଅଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଭିଡିଓ ଗେମ୍ ନିଶାରେ ପଡ଼ିଯାଉଥିବାରୁ ସେମାନଙ୍କୁ ସେପଟୁ ନିବୃତ୍ତ କରିବା କଷ୍ଟକର ହୋଇପଡୁଛି। ସେହେତୁ ବାହ୍ୟ ପରିବେଶରେ ଖେଳିବା ଉପରେ କଟକଣା ରହିଛି, ସେହେତୁ ପିଲାମାନେ ଭିଡିଓ ଗେମ୍ ମାଧ୍ୟମରେ ଆନନ୍ଦିତ ହେଉଛନ୍ତି। କିନ୍ତୁ ଏହି ଗେମ୍‌ର କୁପ୍ରଭାବକୁ ଗୌଣ କରାଯିବା ଉଚିତ ନୁହେଁ। ଦୀର୍ଘସମୟ ଖେଳିଲେ ତାହାର ପ୍ରଭାବ ଆଖି ଉପରେ ପଡ଼ିବା ସ୍ୱାଭାବିକ। ଏଥିସହିତ ଧୈର୍ଯ୍ୟ ରକ୍ଷା କରିବା ଏମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ପିଲାମାନଙ୍କ ପାଠପଢ଼ା ଓ ଖାଇବା ଭଳି କାର୍ଯ୍ୟରେ ଅନିୟମିତତା ଦେଖାଦେଉଛି। ଅବଶ୍ୟ ଭାରତର ସ୍ଥିତି ଦେଖିଲେ ଚାଇନା ଭଳି ଆଇନ ସୃଷ୍ଟି କରିବା ଓ ତାହାକୁ କେହି ମାନିବା ଏକ ଦିବାସ୍ୱପ୍ନ। ଏହାଦ୍ୱାରା ଆସନ୍ତାକାଲି ପିଢ଼ିର ମାନସିକତାରେ ଶୃଙ୍ଖଳାଗତ ବ୍ୟବହାର ପାଇବା କଷ୍ଟକର ହୋଇପଡ଼ିବ। ଏମିତିରେ ଅଧିକାଂଶ ଭାରତୀୟ ଅନାକିଆ ଓ ବିଶୃଙ୍ଖଳିତ। ଏବେକାର ସ୍ଥିତିରେ ଆଗାମୀ ପିଢ଼ିର ବ୍ୟବହାର ଆହୁରି ଅଧିକ ସମସ୍ୟା ସୃଷ୍ଟି କରିପାରେ।

# ଉଲଗ୍ନ ପିଲା

ଭାରତରେ ଶିଶୁଙ୍କୁ ନେଇ ଅନ୍ଧବିଶ୍ୱାସ ବଳବତ୍ତର ରହିଛି। ସେପ୍ଟେମ୍ବର ୫ରେ ମଧ୍ୟପ୍ରଦେଶର ଦମୋହ ଜିଲା ଅନ୍ତର୍ଗତ ବନିୟା ଗ୍ରାମରେ ବର୍ଷା ପାଇଁ ପାଳିତ ପର୍ବ ଏହାର ଏକ ଦୃଷ୍ଟାନ୍ତ। ପ୍ରଥାନୁଯାୟୀ ବର୍ଷା ଦେବତାଙ୍କୁ ସନ୍ତୁଷ୍ଟ କରିବା ଲାଗି ପାଖାପାଖି ୫ ବର୍ଷ ବୟସର ୬ ଜଣ ଝିଅଙ୍କୁ ଉଲଗ୍ନ ଅବସ୍ଥାରେ ଚଲାଯାଇଥିଲା। ଏମାନଙ୍କ କାନ୍ଧରେ ଥିବା ଏକ କାଠ ବାଡିରେ ବେଙ୍ଗ ବନ୍ଧାଯାଇଥିଲା। ଝିଅମାନଙ୍କ ସହ ସେମାନଙ୍କ ମା'ମାନେ ମଧ୍ୟ ଥିଲେ। ଝିଅମାନେ ଚାଲିଚାଲି ଯିବା ସମୟରେ ଗାଁର ମହିଳାମାନେ ଗୀତଗାଉଥିବା ଦେଖିବାକୁ ମିଳିଥିଲା। ସୋସିଆଲ ମିଡ଼ିଆରେ ଏଭଳି ଦୃଶ୍ୟ ପ୍ରସାରିତ ହେବା ପରେ ଉକ୍ତ ଘଟଣାର ତଦନ୍ତ ପାଇଁ ନ୍ୟାଶନାଲ କମିଶନ ଫର୍ ପ୍ରୋଟେକ୍ସନ ଅଫ୍ ଚାଇଲ୍ଡ ରାଇଟ୍‌ସ (ଏନ୍‌ସିପିସିଆର୍) ଜିଲା ପ୍ରଶାସନକୁ ଏ ସଂକ୍ରାନ୍ତରେ ତଦନ୍ତ କରି ୧୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଝିଅମାନଙ୍କୁ ଉଲଗ୍ନ ହେବା ପାଇଁ ଯଦି ବାଧ୍ୟ କରାଯାଇଥାଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ଏହା ତ ଆଇନଗତ ଦିଗକୁ ସୂଚିତ କରୁଛି, ହେଲେ ଆଧୁନିକ ଭାରତରେ ଏଭଳି ପ୍ରଥା ବନ୍ଦ କରିବା କଷ୍ଟକର। କହିବାକୁ ଆଧୁନିକ, କିନ୍ତୁ ଅଧିକାଂଶ ଭାରତୀୟଙ୍କ ମାନସିକତା ଅତ୍ୟନ୍ତ ପୁରାତନ। ଧର୍ମ ଓ ଅନ୍ଧବିଶ୍ୱାସ ନାଁରେ ବିଭିନ୍ନ ବିକୃତ କାର୍ଯ୍ୟ କରାଇବା ପାଇଁ ସାଧାରଣ ଭାରତୀୟ ଆଗଭର ହୋଇଥାଆନ୍ତି। ଏହାର କାରଣ ହେଉଛି ସଚେତନ ମାନସିକତା ସୃଷ୍ଟି କରିବା ପାଇଁ ଆମ ସମାଜରେ କେବେହେଲେ ପ୍ରୟାସ କରାଯାଇନାହିଁ। ଏହା କେବଳ ଗଣିତ, ଭୂଗୋଳ ଭଳି ଶିକ୍ଷା ମାଧ୍ୟମରେ ହାସଲ କରି ହୋଇ ନ ଥାଏ। ସାମାଜିକ ପରିବର୍ତ୍ତନ ହେଉଛି ଏକମାତ୍ର ବାଟ। ଏଭଳି ପରିବର୍ତ୍ତନର ନେତୃତ୍ୱ ସମାଜ ଭିତରୁ ଆରମ୍ଭ ହେବା ଦରକାର; ରାଜନୈତିକ କିମ୍ବା ପ୍ରଶାସନିକ ହସ୍ତକ୍ଷେପରେ ସୁଧାର ଆସିପାରିବ ନାହିଁ।

# ପରିବେଶ ନିୟମ ଉଲ୍ଲଂଘନ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଜୀବଜଗତ, ସର୍ବୋପରି ମାନବଜାତିର ସୁସ୍ଥତା ପ୍ରକୃତି ଓ ପରିବେଶର ସ୍ୱାସ୍ଥ୍ୟାବସ୍ଥା ଉପରେ ଅନେକାଂଶରେ ନିର୍ଭରଶୀଳ। ମାତ୍ର ଅବାଞ୍ଛିତ ମାନବୀୟ କାର୍ଯ୍ୟକଳାପର ପରିଣାମରେ ଘଟୁଥିବା ପ୍ରଦୂଷଣର କ୍ଷତିକାରକ ପ୍ରଭାବରେ ଜଳ, ବାୟୁ ଏବଂ ମୃତ୍ତିକା ପରି ପ୍ରାକୃତିକ ସମ୍ବଳର ଗୁଣବତ୍ତାରେ ଅବନତି ସଂଘଟିତ ହେଉଛି ଏବଂ ପରିବେଶ କ୍ରମଶଃ ଅବକ୍ଷୟିତ ହୋଇ ଚାଲିଛି। ପରିସଂସ୍ଥାର ଅବନତି, ବନ୍ୟଜନ୍ତୁଙ୍କର ବିଲୁପ୍ତି ତଥା ସେମାନଙ୍କ ବାସସ୍ଥଳୀର ବିନଷ୍ଟ ଏବଂ ପ୍ରକୃତିଲବ୍ଧ ସମ୍ପଦର ହ୍ରାସନ ପରି ପ୍ରକ୍ରିୟା କ୍ରମେ ତ୍ୱରାନ୍ୱିତ ହେଉଛି। ଏପରି ଅବନତି ସାମାଜିକ, ଅର୍ଥନୈତିକ ଏବଂ ପାରିବେଶିକ ଉଦ୍ଦେଶ୍ୟ ସାଧନ ଏବଂ ଆବଶ୍ୟକତା ପୂରଣ କରିବାରେ ପ୍ରକୃତିର ଦକ୍ଷତାକୁ କ୍ରମେ ସଙ୍କୁଚିତ କରୁଛି। କ୍ଷିପ୍ର ଅର୍ଥନୈତିକ ପ୍ରଗତି ହାସଲ ଉଦ୍ଦେଶ୍ୟରେ ଏବେ ଅସହନୀୟ ମାର୍ଗରେ ପରିଚାଳିତ ବିକାଶ ଧାରାରେ ଶିଳ୍ପାୟନ, ଶକ୍ତି ଉତ୍ପାଦନ, ପରିବହନ, ଗମନାଗମନ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଭିତ୍ତିଭୂମି ନିର୍ମାଣ ଏବଂ ପର୍ଯ୍ୟଟନ ଇତ୍ୟାଦି କ୍ଷେତ୍ରର ପ୍ରତିକୂଳ ପ୍ରଭାବ ପରିବେଶ ଏବଂ ଜୀବଜଗତ ଉପରେ ପ୍ରତିବିମ୍ବିତ ହେଉଛି। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଏପରି କ୍ଷତିକାରକ ପ୍ରକ୍ରିୟାସବୁର ପ୍ରଭାବଶାଳୀ ନିୟନ୍ତ୍ରଣ ଏବଂ ପରିବେଶର ଗୁଣାତ୍ମକ ମାନ ତଥା ମଣିଷ ଓ ଅନ୍ୟ ଜୀବଜନ୍ତୁମାନଙ୍କର ସୁରକ୍ଷା ନିମନ୍ତେ ପର୍ଯ୍ୟାପ୍ତ ଆଇନ ପ୍ରଣୟନ ଏବଂ ସେସବୁର କାର୍ଯ୍ୟକାରିତା ଯେ ଅବଶ୍ୟମ୍ଭାବୀ ତାହା ସୁସ୍ପଷ୍ଟ। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏ ଦିଗରେ, ବିଶେଷତଃ ବିପଜ୍ଜନକ ପଦାର୍ଥର ନିଷ୍କ୍ରିୟକରଣ ଏବଂ ନିଷ୍କାସନ ନିମନ୍ତେ ପ୍ରଣୀତ ଆଇନ ସୁରକ୍ଷା କବଚର ଭୂମିକା ନିର୍ବାହ କରି ପରିବେଶର କ୍ଷତିସାଧନକୁ ରୋକିବା ଏବଂ ବିବିଧ ପ୍ରାକୃତିକ ପରିସଂସ୍ଥାର କାର୍ଯ୍ୟକାରିତାକୁ ସୁଗମ କରିବାରେ ସହାୟକ ହେବା ବାଞ୍ଛନୀୟ।

ଆମ ଦେଶରେ ପ୍ରଦୂଷଣର ପ୍ରତିରୋଧ ଓ ନିୟନ୍ତ୍ରଣ ତଥା ଜଳ, ବାୟୁ, ମୃତ୍ତିକା, ଜଙ୍ଗଲ, ଜୈବବିବିଧତା, ସର୍ବୋପରି ପରିବେଶର ସୁରକ୍ଷା ନିମନ୍ତେ ଯଥେଷ୍ଟ ଆଇନ ଉପଲବ୍ଧ। ଏସବୁ ଆଇନ ପ୍ରଣୟନର ଇପ୍ସିତ ଲକ୍ଷ୍ୟ ହେଉଛି ଜୀବଜଗତ, ପରିସଂସ୍ଥା ଏବଂ ପ୍ରାକୃତିକ ସମ୍ପଦକୁ ସୁରକ୍ଷା ପ୍ରଦାନ, ସେସବୁର ସଂରକ୍ଷଣ ନିମନ୍ତେ ଯଥୋଚିତ ପଦକ୍ଷେପ ଗ୍ରହଣ ଏବଂ ଉତ୍ତମ ଗୁଣବତ୍ତା ବହନକାରୀ ଏକ ପରିବେଶର ସ୍ଥାପନ। ଏହି ନିୟମାବଳୀ ସରକାରଙ୍କୁ ପ୍ରଦୂଷଣଜନିତ ବିପର୍ଯ୍ୟୟ ସୃଷ୍ଟିକାରୀ ଏବଂ ପରିବେଶ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଦଣ୍ଡିତ କରିବାର କ୍ଷମତା ପ୍ରଦାନ କରେ। ସହନୀୟ ମାର୍ଗରେ ଉତ୍ପାଦନ, ଅର୍ଥନୀତି ଏବଂ ବିକାଶ ପ୍ରକ୍ରିୟାକୁ ପରିଚାଳିତ କରି ମାନବୀୟ ତଥା ପରିବେଶୀୟ ସ୍ୱାସ୍ଥ୍ୟର ଗୁଣାତ୍ମକ ମାନକୁ ଅକ୍ଷୁର୍ଣ୍ଣ ରଖିବା ଏବଂ ମାନବୀୟ କାର୍ଯ୍ୟର ନକାରାତ୍ମକ ପ୍ରଭାବକୁ ଆକଳନ ଓ ଦମନ କରିବା ଏହାର ଉଦ୍ଦେଶ୍ୟ। ସମ୍ପ୍ରତି ବୃଦ୍ଧି ପାଉଥିବା ସବୁଜଗୃହ ବାଷ୍ପ ନିର୍ଗମନ, ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ, ଅମ୍ଳବର୍ଷା, ଓଜନ ସ୍ତରର ଅବକ୍ଷୟ, ଜଙ୍ଗଲାଞ୍ଚଳର ହ୍ରାସ, ବିଲୁପ୍ତପ୍ରାୟ ଜୀବଜାତିଙ୍କର ଶିକାର, ପ୍ରାକୃତିକ ସମ୍ପଦର ଅବନତି ଇତ୍ୟାଦି ସମସ୍ୟା ପରିପ୍ରେକ୍ଷୀରେ ଏ ସମସ୍ତ ନିୟମ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହି ପ୍ରସଙ୍ଗରେ ପ୍ରଚଳିତ ପ୍ରଦୂଷଣକାରୀ ଦେୟ ନୀତି ହେଉଛି ଦଣ୍ଡବିଧାନର ଏକ ଉପଯୁକ୍ତ ପ୍ରାବଧାନ, ଯାହା ଉଲ୍ଲଙ୍ଘନକାରୀଙ୍କୁ ପରିବେଶ ଅବକ୍ଷୟର ପ୍ରତିକାର ବ୍ୟବସ୍ଥା ଓ ପୁନରୁଦ୍ଧାର ନିମନ୍ତେ ଆବଶ୍ୟକ ଖର୍ଚ୍ଚ ବହନ କରିବାକୁ ବାଧ୍ୟକରେ। ପ୍ରଦୂଷଣ ନିରାକରଣ ଦ୍ୱାରା, ବିଶେଷ ରୂପେ ସମ୍ବେଦନଶୀଳ ଅଞ୍ଚଳରେ, ପରିବେଶ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷିତ ରହେ, ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ପରିଚାଳନା ନିମନ୍ତେ ଆର୍ଥିକ ଖର୍ଚ୍ଚ ହ୍ରାସ ପାଏ, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଘଟେ ଏବଂ ଶିଳ୍ପ ଉତ୍ପାଦନରେ ଅଧିକ ଦକ୍ଷତା ହାସଲ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି ସୁଦୃଢ଼ ହୁଏ।

କୌଣସି ନୂତନ ପ୍ରକଳ୍ପ, ଯୋଜନା କିମ୍ବା ନୀତି ପରି ବିକାଶ ସହାୟକ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଷ୍ପତ୍ତି ନେବା ପୂର୍ବରୁ ଏହାର ପରିବେଶ ପ୍ରଭାବ ଆକଳନ (ଇଆଇଏ)କୁ ୧୯୯୪ର ବିଜ୍ଞପ୍ତି ଅନୁଯାୟୀ ବାଧ୍ୟତାମୂଳକ କରାଯାଇଛି। ଖଣି ଉତ୍ତୋଳନ ; ତାପଜ ବିଦ୍ୟୁତ୍‌ଉତ୍ପାଦନ ; ନଦୀବନ୍ଧ ନିର୍ମାଣ ; ସଡ଼କ, ରାଜପଥ, ବନ୍ଦର ଏବଂ ବିମାନବନ୍ଦର ପରି ଭିତ୍ତିଭୂମି ନିର୍ମାଣ ଏବଂ ଶିଳ୍ପ ସ୍ଥାପନ ପରି ବିଭିନ୍ନ ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ। ଇଆଇଏ ପ୍ରକଳ୍ପର ସମ୍ଭାବ୍ୟ ଉଭୟ ନକାରାତ୍ମକ ଏବଂ ସକାରାତ୍ମକ ପ୍ରଭାବଗୁଡ଼ିକର ପୂର୍ବାନୁମାନ କରେ ଏବଂ କ୍ଷତିକାରକ ପ୍ରଭାବର ପରିବର୍ତ୍ତନ କିମ୍ବା ହ୍ରାସ ନିମନ୍ତେ ପଦକ୍ଷେପ ଗ୍ରହଣ ବିଷୟରେ ସୂଚନା ପ୍ରଦାନ କରେ। ତେଣୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ଭାବ୍ୟ ପ୍ରଭାବ ଚିହ୍ନଟ କରି ନିଷ୍ପତ୍ତି ନେବା ଏବଂ ଏହି ତଥ୍ୟ ଉପରେ ଆଧାର କରି ପ୍ରକଳ୍ପ ଯୋଜନାର ଗୁଣବତ୍ତା ଉନ୍ନତ କରିବା ନିଶ୍ଚିତ ରୂପେ ହିତକାରୀ ସାଧିତ ହୁଏ। ପରନ୍ତୁ, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ କେତେକ ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ କାରଣ ପରିବେଶ କାରକଠାରୁ ଅଧିକ ଓଜନଦାର ସାବ୍ୟସ୍ତ ହେଉଥିବାର ଦୃଷ୍ଟାନ୍ତ ମଧ୍ୟ ପରିଲକ୍ଷିତ ହୁଏ।

ନିକଟରେ ଜୁନ ମାସରେ ଫର୍ମାଲ୍ଡିହାଇଡ୍ ରସାୟନ ପ୍ରସ୍ତୁତକାରୀ କେତେକ ଶିଳ୍ପସଂସ୍ଥାକୁ ବିନା ପରିବେଶ ମଞ୍ଜୁରୀରେ ହରିୟାଣା ସରକାରଙ୍କ ପ୍ରଦତ୍ତ ଅସ୍ଥାୟୀ ଅନୁମତି ବିରୋଧରେ ଏନ୍‌ଜିଓ ଦସ୍ତକ୍ ଦ୍ୱାରା ଦାଖଲ ମାମଲା ପରିପ୍ରେକ୍ଷୀରେ ଜାତୀୟ ସବୁଜ ପ୍ରାଧିକରଣ (ଗ୍ରୀନ୍ ଟ୍ରିବ୍ୟୁନାଲ୍) କେତେକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ପ୍ରଦାନ କରିଛନ୍ତି। ସେ ଆଦେଶନାମାରେ ସ୍ପଷ୍ଟ କରିଛନ୍ତି ଯେ, ଶିଳ୍ପସଂସ୍ଥାମାନେ ୨୦୦୬ର ଇଆଇଏ ବିଜ୍ଞପ୍ତି ଅନୁଯାୟୀ ପୂର୍ବ ପରିବେଶ ମଞ୍ଜୁରୀ ବିନା କାର୍ଯ୍ୟାରମ୍ଭ କରିପାରିବେ ନାହିଁ। ଏହି ମଞ୍ଜୁରୀର ଆବଶ୍ୟକତାକୁ ଛାଡ଼ କରିବା କିମ୍ବା କ୍ଷତିପୂରଣ ପ୍ରଦାନ ଦ୍ୱାରା ସେମାନଙ୍କୁ କାର୍ଯ୍ୟ କରିବାର ଅନୁମତି ପ୍ରଦାନର କୌଣସି କ୍ଷମତା ମଧ୍ୟ ରାଜ୍ୟମାନଙ୍କର ନାହିଁ। 'ପ୍ରଦୂଷଣକାରୀ ଦେୟ ନୀତି' ଅବଲମ୍ବନରେ ନିୟମ ଖିଲାପକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ଅଧିକାରୀମାନେ ମୁକ୍ତ। ଯେଉଁ ପ୍ରକଳ୍ପଗୁଡ଼ିକ ପୂର୍ବ ପରିବେଶ ମଞ୍ଜୁରୀ ବିନା କାର୍ଯ୍ୟକ୍ଷମ ଅଛନ୍ତି, ସେଗୁଡିକୁ ବନ୍ଦ କରି ପୁନର୍ବାର ମୂଲ୍ୟାଙ୍କନ କରାଯିବା ଉଚିତ। ଯେଉଁ ପ୍ରକଳ୍ପଗୁଡ଼ିକ ପରିବେଶ ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛନ୍ତି ଏବଂ ପରିବେଶ ମଞ୍ଜୁରୀ ପାଇଁ ଆଦୌ ଯୋଗ୍ୟ ନୁହନ୍ତି, ସେଗୁଡ଼ିକ ଭଙ୍ଗାଯିବ ଅଥବା ବନ୍ଦ କରାଯିବ। ଏହି ଆଦେଶର ମର୍ମରେ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ପରିବେଶ ମଞ୍ଜୁର ନିୟମକୁ ଉଲ୍ଲଂଘନ କରିଥିବା ଭିତ୍ତିଭୂମି ଏବଂ ଶିଳ୍ପ ପ୍ରକଳ୍ପଗୁଡିକ ପାଇଁ ୨୦୨୧ ଜୁଲାଇରେ ଏକ କ୍ଷମା ଯୋଜନାର ପ୍ରବର୍ତ୍ତନ ଏବଂ ଏଥିନିମନ୍ତେ ଏକ ମାନକ କାର୍ଯ୍ୟକାରୀ ପଦ୍ଧତି (ଏସ୍‌ଓପି) ପ୍ରସ୍ତୁତ କରିଛି। ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରିଥିବା, କିନ୍ତୁ 'ଅନୁମତିପ୍ରାପ୍ତ' ହୋଇଥିବା ପ୍ରକଳ୍ପଗୁଡ଼ିକ ନିମନ୍ତେ ଏକ ପ୍ରତିକାର ଯୋଜନା ପ୍ରସ୍ତୁତ କରାଯାଇଛି। କେନ୍ଦ୍ର କିମ୍ବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ସୃଷ୍ଟ କ୍ଷୟକ୍ଷତିର ଆକଳନ କରିବେ ଏବଂ ଏହାର ଭରଣା ନିମନ୍ତେ ଏକ ପରିବେଶ ସମୃଦ୍ଧକାରୀ ଯୋଜନା କାର୍ଯ୍ୟକାରୀ ହେବା ପରେ ଖିଲାପକାରୀ ଦାଖଲ କରିଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଫେରସ୍ତ ପାଇବେ। ନିୟମ ଉଲ୍ଲଂଘନକାରୀ ପ୍ରକଳ୍ପଗୁଡ଼ିକୁ ଜରିମାନା ଦେବା ବାଧ୍ୟତାମୂଳକ, ଯାହାର ସବିଶେଷ ବିବରଣୀ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

ଇଆଇଏ ହେଉଛି ପ୍ରସ୍ତାବିତ ପ୍ରକଳ୍ପର ସମ୍ଭାବ୍ୟ ପରିବେଶ ପରିଣାମକୁ ଆକଳନ କରିବାର ଏକ ବୈଜ୍ଞାନିକ, ଆଇନଗତ ଏବଂ ସାମାଜିକ ବ୍ୟବସ୍ଥା। ବିଜ୍ଞପ୍ତି ଅନୁଯାୟୀ ପ୍ରକଳ୍ପ ଆରମ୍ଭ ପୂର୍ବରୁ ପରିବେଶ ମଞ୍ଜୁରୀ ବାଧ୍ୟତାମୂଳକ ହୋଇଥିଲା ବେଳେ ଏପର୍ଯ୍ୟନ୍ତ ଏହାର ବହୁଳ ଉଲ୍ଲଂଘନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ଶିଳ୍ପସଂସ୍ଥାମାନଙ୍କର ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଆଇନର ଉପେକ୍ଷା ଏବଂ ପ୍ରଶାସନିକ ବ୍ୟବସ୍ଥା ନିଜେ କାର୍ଯ୍ୟକାରୀ କରିଥିବା ଆଇନର ଉଲ୍ଲଂଘନକୁ ଗୁରୁତ୍ୱ ନ ଦେବାକୁ ସୂଚାଉ ନାହିଁ କି? ଏହା ମଧ୍ୟ ପ୍ରକୃତି ଓ ପରିବେଶ ପ୍ରତି ଆମ ସମ୍ବେଦନଶୀଳତାରେ ଥିବା ନ୍ୟୂନତାକୁ ପ୍ରଦର୍ଶିତ କରୁନାହିଁକି? ସେଣ୍ଟର ଫର ପଲିସି ରିସର୍ଚ୍ଚର ବରିଷ୍ଠ ସହକର୍ମୀ ମଞ୍ଜୁ ମେନନ୍ କହିଛନ୍ତି ଯେ ବୈଧତା ଏବଂ ପରିବେଶ ଅନୁମୋଦନ ନଥିବା ହଜାର ହଜାର ପ୍ରକଳ୍ପ ଏବେ ଦେଶର ବିଭିନ୍ନ ରାଜ୍ୟରେ କାର୍ଯ୍ୟରତ। ଏବେ ନୂତନ ଇଆଇଏର ପ୍ରସ୍ତୁତି ନିମନ୍ତେ ସରକାରଙ୍କର ୨୦୨୦ର ଡ୍ରାଫ୍ଟ ବିଜ୍ଞପ୍ତିର ପ୍ରତିକ୍ରିୟାରେ ଜନସାଧାରଣଙ୍କଠାରୁ ଅତି କମରେ ରେକର୍ଡ ସଂଖ୍ୟକ ୧୭ ଲକ୍ଷରୁ ଅଧିକ ପରାମର୍ଶ ଉପଲବ୍ଧ ହୋଇଛି। ପରିବେଶ କର୍ମୀମାନେ ଏଥିରେ ଥିବା କେତେକ ବିବାଦୀୟ ବ୍ୟବସ୍ଥାର ପରିବର୍ତ୍ତନ, ବିଶେଷ ରୂପେ ପରିବେଶ (ସୁରକ୍ଷା) ଅଧିନିୟମ ୧୯୮୬ର ଉଲ୍ଲଂଘନରେ କାର୍ଯ୍ୟ କରୁଥିବା ପ୍ରକଳ୍ପଗୁଡିକର ସ୍ଥାପନ ପରେ ମଞ୍ଜୁରୀ ପ୍ରଦାନର ପ୍ରସ୍ତାବକୁ ବିରୋଧ କରୁଛନ୍ତି। ଏପରିହେଲେ ଏହାକୁ ସବୁଠାରୁ ବଡ଼ ନିୟମିତକରଣ ଯୋଜନା ରୂପେ ଅଭିହିତ କରାଯିବ।

ସର୍ବୋଚ୍ଚ ନ୍ୟାୟାଳୟ ଏପ୍ରିଲ ୨୦୨୦ରେ ପ୍ରଦତ୍ତ ଏକ ଆଦେଶନାମାରେ ବ୍ୟକ୍ତ କରିଛନ୍ତି ଯେ, ପ୍ରକଳ୍ପର ଏପରି ବିଳମ୍ବିତ ମଞ୍ଜୁରୀକରଣ ପରିବେଶ ଆଇନର ମୌଳିକ ସିଦ୍ଧାନ୍ତ ଏବଂ ୧୯୯୪ର ଇଆଇଏ ବିଜ୍ଞପ୍ତିର ମୂଳ ଉଦ୍ଦେଶ୍ୟର ବିରୁଦ୍ଧାଚରଣ କରେ, ଯାହା ପରିବେଶ ପାଇଁ କ୍ଷତିକାରକ ଏବଂ ଅପୂରଣୀୟ ଅବନତିର କାରଣ ହୋଇପାରେ। ଏ ସମସ୍ତ ଦୃଷ୍ଟିରୁ ନୂତନ ଭାବେ ପ୍ରଣୀତ ହେବାକୁ ଥିବା ସଂଶୋଧିତ ଇଆଇଏରେ କୌଣସି ଚାପର ବଶବର୍ତ୍ତୀ ନ ହୋଇ, ଆଇନର ଫାଙ୍କଗୁଡ଼ିକୁ ଅନୁଧ୍ୟାନ କରି ସମାଧାନର ପନ୍ଥା ନିରୂପଣ କରିବା ଏବଂ ଏହାର କାର୍ଯ୍ୟକାରିତାକୁ ବସ୍ତୁତଃ ବାଧ୍ୟତାମୂଳକ କରିବା ହିଁ ସମୟର ଆହ୍ୱାନ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
jk.panigrahi@gmail.com
**ମୋ: ୯୪୩୭୦୭୬୧୦୦**

# ଆଉ କେତେ ଝୁଣ୍ଟିବା



ଶ୍ୱେତପଦ୍ମାସିନୀ ମହାନ୍ତି

ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି, କରୋନା ମହାମାରୀ ସମଗ୍ର ବିଶ୍ୱରେ କାୟାବିସ୍ତାର କରି ତାଣ୍ଡବ ଖେଳାଇଦେଇଛି। ଯେତେବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ୟୁନେସ୍କୋ ଏହାର ଭୟାବହତାକୁ ଅନୁଧ୍ୟାନ କରି ସଚେତନ ରହିବାକୁ ସମଗ୍ର ବିଶ୍ୱକୁ ଚେତାବନୀ ଦେଇଥିଲେ, ସେତେବେଳେ ଆମ ଦେଶ ଏତେଟା ସଂକ୍ରମିତ ହୋଇ ନ ଥିଲା। କିନ୍ତୁ ଆମର ଦୂରଦୃଷ୍ଟି ଅଭାବ ଯୋଗୁ କରୋନା ମାଡ଼ି ଆସିଲା। ସମୟ ଉପଯୋଗୀ ତୁରନ୍ତ ପଦକ୍ଷେପ ନେବାରେ ସରକାର ଝୁଣ୍ଟିପଡ଼ିଥିଲେ। ଭୁଲ୍ ସ୍ୱରୂପ ଦଣ୍ଡ ମିଳିଲା। ସରକାର ତା'ପରେ ପ୍ରଥମ ଲହରର ସଂକ୍ରମଣ ରୋକିବାରେ କରିଥିବା ତ୍ରୁଟିର ସଂଶୋଧନ କଲେ। ପୁରାତନ ପଦ୍ଧତିର ଅନୁସରଣ ଓ ବିଶେଷଜ୍ଞମାନଙ୍କ ନିର୍ଦ୍ଦେଶ ଅନୁସାରେ ସାରା ଦେଶରେ 'ତାଲାବନ୍ଦ' ଘୋଷଣା ହେଲା।

ଲୋକେ ଗୃହବନ୍ଦୀ ଥିବା ଅବସରରେ ସ୍ୱାସ୍ଥ୍ୟ ସମ୍ପର୍କିତ ଭିତ୍ତିଭୂମିକୁ ଉନ୍ନତ କଲେ। ରୋଗୀର ଚିକିତ୍ସା ଓ ରୋଗର ପରୀକ୍ଷା ପାଇଁ ସମସ୍ତ ପଦକ୍ଷେପ ନିଆଗଲା। ଜନଗଣଙ୍କୁ ସେବା ଯୋଗାଇଦେବା ପାଇଁ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ସ୍ୱେଚ୍ଛାସେବୀଙ୍କ ଉଦ୍ୟମ ବାସ୍ତବରେ ପ୍ରଶଂସନୀୟ। ୟା' ଭିତରେ ସମଗ୍ର ବିଶ୍ୱ କରୋନାର ନିରାକରଣ ପାଇଁ ସଞ୍ଜୀବନୀ ସ୍ୱରୂପ 'ଟିକା' ବିକାଶ ପାଇଁ ଲାଗିପଡ଼ିଲେ। ଆମ ଦେଶର ବୈଜ୍ଞାନିକମାନେ ମଧ୍ୟ ଟିକା ବିକଶିତ କରିବାରେ ସଫଳ ହେଲେ। ଏଭଳି କଷ୍ଟସାଧ୍ୟ ଉଦ୍ଭାବନ ଆମକୁ ଖୁବ୍‌ଶୀଘ୍ର ମିଳିପାରିଲା। ଜୀବନ ରକ୍ଷା କରିବାର ଦକ୍ଷତା ଅର୍ଜନ ହେଲା ସତ, ମାତ୍ର ଏହାର ସଦ୍‌ଉପଯୋଗ ପାଇଁ ନେତାଙ୍କୁ ପ୍ରବର୍ତ୍ତାଇବାରେ ସରକାରଙ୍କ ପଦକ୍ଷେପ ସେତେଟା ତ୍ୱରାନ୍ୱିତ ହେଲା ନାହିଁ।

'ତାଲାବନ୍ଦ' କୋହଳ କରାଗଲା। ଗୃହବନ୍ଦୀରୁ ମୁକୁଳି ଆମେ ଦୀର୍ଘଦିନର ଦୁଃସମୟକୁ ପାସୋରି ଦେଲେ, ସରକାର ପଢ଼ାଇଥିବା ସଚେତନତା ପାଠକୁ ଭୁଲିଗଲେ। ମୁକ୍ତିର ଆନନ୍ଦରେ ବିଭୋର ହେଲେ। ଟିକାର ବିକାଶ ଯୋଗୁ ସରକାର ମଧ୍ୟ ଆଶ୍ୱସ୍ତ ଥିଲେ। ତେଣୁ ଏଭଳି ଉଭୟପଟୁ କରୋନାର ମାର୍ଗଦର୍ଶିକାକୁ ଅବହେଳା କରିବା କାରଣରୁ, ପୁଣି ଆମେ ଝୁଣ୍ଟିଲେ। କରୋନା ମହାମାରୀ ଆମର ଭୁଲ୍‌ରୁ ବଳ ଗୋଟାଇ ପୁଣି ସକ୍ରିୟ ହେଲା, ଏଥର ଦଶଗୁଣ ବଳଶାଳୀ ହୋଇ ସଞ୍ଚରିଗଲା ଦ୍ୱିତୀୟ ଲହର। ତାଣ୍ଡବ ରଚିଲା, ଚାରିଆଡ଼େ ହାହାକାର ଖେଳିଗଲା। ଦ୍ୱିତୀୟବାର ଦେଶରେ 'ତାଲାବନ୍ଦ' ଘୋଷଣା ନ ହେଲେ ବି ରାଜ୍ୟ ସରକାରମାନେ ନିଜ ରାଜ୍ୟର ଜନତାଙ୍କ ହିତରେ ତାଲାବନ୍ଦକୁ କାର୍ଯ୍ୟକାରୀ କଲେ। ଆବଶ୍ୟକତା ଅନୁସାରେ ନିଜ ରାଜ୍ୟ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କଲେ।

ଏଥରକ ଜନସାଧାରଣଙ୍କ ପାଇଁ ସରକାରଙ୍କର ଅନୁରୋଧ ହେଲା, ପୂର୍ବର ସମସ୍ତ କଟକଣା ମାନ ଓ ତା' ସହ ତୁରନ୍ତ ଟିକା ନିଅ। ହେଲେ ଟିକାର ପରିମାଣ, ସେତେବେଳକୁ ଜନଗଣଙ୍କ ପ୍ରୟୋଜନ ପୂରଣ ଲାଗି ସକ୍ଷମ ନ ଥିଲା। ଟିକା ତ ହଠାତ୍ ଦିନକରେ କୋଟି କୋଟି ସଂଖ୍ୟାରେ ଉତ୍ପାଦିତ ହୋଇପାରିବ ନାହିଁ। ଏଥିପାଇଁ ସମୟ ଦରକାର। କିନ୍ତୁ ଆମ ଜନଗଣ କରୋନାର ଭୟାବହ ଚିତ୍ର ଦେଖି ବିବ୍ରତ ହୋଇପଡିଥିଲେ। ସମସ୍ତେ ଏତେ ସଚେତନ ହେଲେ ଯେ, ଟିକା ନେବା କେନ୍ଦ୍ର ଗୁଡ଼ିକରେ ନାହିଁ ନ ଥିବା ଭିଡ଼ କଲେ। କରୋନା କଟକଣା ଚୁଲିକୁ ଗଲା, ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପୋଲିସ ନାକେଦମ୍ ହେଲା। ବିଚଳିତ କରି ଦେଲା ଭଳି ଏ ଦୃଶ୍ୟ। ଜୀବନ ଆମର, ଦାୟିତ୍ୱ ଆମର। ଏ କଥା ଆମେ ଚେତିଲେ ନାହିଁ। ଟିକା ସମସ୍ତେ ନିଶ୍ଚୟ ନେବେ, ଏଥିପାଇଁ ଟିକିଏ ସମୟ ଦରକାର, କିନ୍ତୁ ଏ ଧୈର୍ଯ୍ୟ ଆମର କାହିଁ!

ଜୀବନ ପାଇଁ ଜୀବିକାର ପଥକୁ ସୁଗମ କରିବା ଲାଗି ରାଜ୍ୟ ସରକାରମାନେ ତାଲାବନ୍ଦକୁ ଧୀରେ ଧୀରେ କୋହଳ କଲେ। କରୋନାର ତୃତୀୟ ଲହର ଆସିବ, ଆସିବନିର ଦ୍ୱନ୍ଦ୍ୱ ସହ, ଏଥର ଏହା ପିଲାମାନଙ୍କୁ ଅଧିକ ସଂକ୍ରମଣ କରିବାର ଆଶଙ୍କା ଥିବାରୁ ସରକାର ପ୍ରସ୍ତୁତିରେ ଲାଗି ପଡ଼ିଲେ ସତ, କିନ୍ତୁ ସରକାରୀ, ବେସରକାରୀ ସବୁ ସ୍ତରରେ ଏକ ଲଗାମହୀନ ଆଚରଣ ଦେଖାଗଲା। ପୁଣି ଝୁଣ୍ଟିପଡ଼ିବା ଭଳି ଅବସ୍ଥା। କଟକଣା ମାନି ସବୁ କରିବାର ନିର୍ଦ୍ଦେଶ ଥିଲେ ବି, ସଭା ସମିତି, ଶୋଭାଯାତ୍ରା, ଅଭ୍ୟର୍ଥନା, ଆନ୍ଦୋଳନ, ମିଶ୍ରଣ ପର୍ବ ଇତ୍ୟାଦିରେ କିଛି ଦେଖାଗଲା ନାହିଁ। ଆମର ମହତଜନଙ୍କ ଆଚରଣରେ ଏଭଳି ବିଡ଼ମ୍ବନା ଦେଖିଲେ ମନେହୁଏ, ସାମାଜିକ ଦାୟିତ୍ୱ ପ୍ରତି ଅଙ୍ଗୀକାରବଦ୍ଧତା, ଏକ ଉଚ୍ଚାରଣ ମାତ୍ର, ମାର୍ମିକ ଆଚରଣ ନୁହେଁ।

କହିବାକୁ ଗଲେ, ମହାମାରୀ ଯୋଗୁ ଆମର ସ୍ୱାସ୍ଥ୍ୟ ବିଭାଗଠୁ ଅଧିକା କ୍ଷତିଗ୍ରସ୍ତ ହୋଇଛି ଶିକ୍ଷା ବିଭାଗ। କୋମଳମତି ଶିଶୁ ପାଠପଢ଼ା ଖେଳକୁଦରୁ ବଞ୍ଚିତ ହୋଇ ଘରେ ବସିଛନ୍ତି। ଉଚ୍ଚଶିକ୍ଷା ଆଶାୟୀ ତରୁଣ ଯୁବତୀଯୁବକମାନେ ଅନ୍ତର୍ଦ୍ୱନ୍ଦ୍ୱରେ ଘାଣ୍ଟି ହୋଇ ଭବିଷ୍ୟତରେ ଉଚ୍ଚ ଆଶା ଆକାଂକ୍ଷା ହରେଇଲେଣି। ସେମାନଙ୍କ ପାଇଁ ଆମର ଚିନ୍ତା ହେଉଛି ନା ନାହିଁ। ଏଇ ସବୁ ସାମୂହିକ କାର୍ଯ୍ୟକ୍ରମରେ ଅଣ୍ଟାଭିଡ଼ି ଲାଗି ପଡ଼ିଥିବା ନେତାଙ୍କର ପାଠପଢ଼ୁଆ ପିଲା ତ ଘରେ ନିଶ୍ଚୟ ଥିବେ। ଯଦି ଆମର ଆଚରଣ ରହେ, କରୋନା ତ ନିଶ୍ଚୟ ଆସିବ, ଆମ ପିଲାଙ୍କ ପାଠରେ ଡୋରି ବନ୍ଧା ହେବ।

ଆଶ୍ଚର୍ଯ୍ୟ ଲାଗେ, ଦୁଃଖ ଲାଗେ ଏଭଳି ଚିତ୍ରକୁ ବାରମ୍ବାର ଦେଖିଲେ, ମୁଣ୍ଡ ଉପରେ କରୋନାର ଖଣ୍ଡା ଏବେ ବି ଝୁଲୁଛି। ମୃତକଙ୍କ ଜୁଇରୁ ନିଆଁ ଏବେ ବି ଲିଭିନି, ତଥାପି ଆମେ ଏତେ ଦାୟିତ୍ୱହୀନ। ଏଥର କରୋନା ଆସିଲେ, ଆମର ସମସ୍ତ ତପସ୍ୟା 'ସ୍ୱାହା' ହୋଇଯିବ। ଆଗକୁ ସାମାଜିକ ଓ ରାଜନୈତିକ ସ୍ତରରେ ପାର୍ବଣର ଋତୁ ଆସୁଛି। ସଂଯମତା ରକ୍ଷା କରିବା ଆମ ସମସ୍ତଙ୍କର ନୈତିକ ଓ ସାମାଜିକ ଦାୟିତ୍ୱ। କାରଣ ପୁଣି ଥରେ 'ତାଲାବନ୍ଦ' ଭଳି ସ୍ଥିତି ଯଦି ସୃଷ୍ଟି ହୁଏ, ତାହାକୁ ସମ୍ଭାଳିବା ପାଇଁ ଆମ ଦେଶ ବା ରାଜ୍ୟର ଛାତିରେ ବଳ ଅଛି ତ? ଏହିଭଳି ବିପଦକୁ ହେୟଜ୍ଞାନ କରାଯାଇ ନ ପାରେ।

**ଗୁରୁଜଙ୍ଗ, ଖୋର୍ଦ୍ଧା, ମୋ:୯୪୩୯୬୧୮୬୨୫**

## ଏଇ ଭାରତରେ

ଭର୍ଚ୍ଚୁଆଲ ଅସ୍ଥି ବିସର୍ଜନ କଥା ଶୁଣିଛନ୍ତି କି। ଏମିତି ପଦ୍ଧତିରେ ଏବେ ଗଙ୍ଗାରେ ଅସ୍ଥି ବିସର୍ଜନ କରାଯିବା ଲାଗି ଯୋଜନା କରାଯାଇଛି। ଏହି ଯୋଜନାର ନାମ ରଖାଯାଇଛି 'ମୁକ୍ତି ଯୋଜନା'। ଏହାଦ୍ୱାରା ପରିଜନଙ୍କ ଅସ୍ଥି ବିସର୍ଜନ କରିବା ଲାଗି ଆଉ ହରିଦ୍ୱାରରେ ପହଞ୍ଚିବା ଲାଗି ପଡ଼ିବନି। ଘରେ ରହି ଅସ୍ଥି ବିସର୍ଜନ କରିବେ। ବିସର୍ଜନ ରୀତିକୁ ଘରେ ବସି ଲାଇଭ୍ ଷ୍ଟ୍ରିମିଂ ଜରିଆରେ ଦେଖିପାରିବେ। ଉତ୍ତରାଖଣ୍ଡର ସଂସ୍କୃତ ଏକାଡେମୀ ଏହି ନୂଆ ଯୋଜନା କରିଛି। ଲୋକେ କୋରିୟର କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଅସ୍ଥି ଏକାଡେମୀ ନିକଟରେ ପହଞ୍ଚାଇ ଦେଲେ ରୀତିନୀତିରେ ଅସ୍ଥି ବିସର୍ଜନ କରାଯିବ ବୋଲି କୁହାଯାଇଛି। ପାଞ୍ଚମାସ ତଳେ ଏକାଡେମୀ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିଲା ଓ ତାହାକୁ ଏବେ କାର୍ଯ୍ୟକାରୀ କରାଯିବ ବୋଲି କହନ୍ତି ଏକାଡେମୀର ସେକ୍ରେଟାରୀ ଆନନ୍ଦ ଭରଦ୍ୱାଜ। ଖାସ୍ କରି ପ୍ରବାସୀ ଭାରତୀୟମାନଙ୍କ ପାଇଁ 'ମୁକ୍ତି ଯୋଜନା' କରାଯାଇଛି। ଅସ୍ଥି ବିସର୍ଜନରୁ ଯେମିତି କୌଣସି ହିନ୍ଦୁ ବଞ୍ଚିତ ନ ହେବେ ସେଥିପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଏହା କେବେ ଲାଗୁ କରାଯିବ ଓ କେତେ ଦେୟ ରଖାଯିବ ତାହା ସ୍ଥିର କରାଯାଇନାହିଁ। କିନ୍ତୁ ଅସ୍ଥି ବିସର୍ଜନ କାର୍ଯ୍ୟ ତୁଲାଉଥିବା 'ଗଙ୍ଗା ସଭା' ଏଥିରେ ଅସନ୍ତୋଷ ବ୍ୟକ୍ତ କରିଛି। ହରିଦ୍ୱାର ପୁରୋହିତସମୂହ ଏହି ଯୋଜନାକୁ ବିରୋଧ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ସେପ୍ଟେମ୍ବର ୧୯୯୬

- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଜିତ ସିଂ କଂଗ୍ରେସ ଓ ଲୋକସଭା ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି।
- ଏକ ହତ୍ୟା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ୩ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗରେ ମେଟ୍ରୋପଲିଟାନ ଜଜ୍ ଏସ୍. ଜନାର୍ଦ୍ଦନ ରାଓଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ସସ୍‌ପେଣ୍ଡ କରିଛନ୍ତି।
- ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଭାବେ ପ୍ରଫେସର କମଳାକାନ୍ତ ପଣ୍ଡା ପ୍ରଥମ ଓଡ଼ିଆ ବ୍ୟକ୍ତି ରୂପେ ନିଯୁକ୍ତି ପାଇଛନ୍ତି।

## ଚିରନ୍ତନୀ

''ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର!'' -(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 5 | | | 2 | | 1 | |
| | | | | | 8 | | 9 | 7 |
| | | | | | 7 | 2 | | |
| | | 8 | | | | | | 4 |
| 5 | | | | | | | 2 | |
| | 2 | 9 | 3 | | | | | |
| | 1 | 2 | | 6 | | | 4 | |
| | | 7 | 2 | | | | 5 | |
| | | | 9 | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 7 | 8 | 2 | 6 | 4 | 9 | 5 |
| 8 | 2 | 9 | 5 | 4 | 3 | 7 | 6 | 1 |
| 4 | 6 | 5 | 1 | 7 | 9 | 8 | 3 | 2 |
| 1 | 3 | 8 | 9 | 6 | 7 | 2 | 5 | 4 |
| 7 | 4 | 6 | 2 | 3 | 5 | 9 | 1 | 8 |
| 5 | 9 | 2 | 4 | 8 | 1 | 3 | 7 | 6 |
| 9 | 7 | 4 | 6 | 5 | 2 | 1 | 8 | 3 |
| 6 | 8 | 3 | 7 | 1 | 4 | 5 | 2 | 9 |
| 2 | 5 | 1 | 3 | 9 | 8 | 6 | 4 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପଞ୍ଚଗବ୍ୟ ଉପରେ ଭଲ ଲେଖନ୍ତୁ

ମହାଶୟ,
ଆଲ୍ଲାହାବାଦ ହାଇକୋର୍ଟଙ୍କ ଆଦେଶକୁ ସମାଲୋଚନା କରି ଧରିତ୍ରୀରେ ୬ ସେପ୍ଟେମ୍ବରରେ ପ୍ରକାଶିତ ସମ୍ପାଦକୀୟ ପଢ଼ି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି। ହାଇକୋର୍ଟ କଂସେଇ ଜାମିନ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ସହ କେନ୍ଦ୍ରରେ ଥିବା ସରକାରଙ୍କୁ ଗାଈକୁ ଜାତୀୟ ପ୍ରାଣୀ ଭାବରେ ଘୋଷଣା କରିବାକୁ ଅନୁରୋଧ କରିଥିଲେ। ଯେପରି ଆପଣଙ୍କ ପାଇଁ ଉପଯୁକ୍ତ କିଛି ଲେଖିବାର ଅଧିକାର ଅଛି, ମୋର ପାଠକ ଭାବରେ ମଧ୍ୟ ଆପଣଙ୍କର ସମ୍ପାଦକୀୟରେ ପ୍ରକାଶିତ ମତାମତକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ଅଛି। ଅନେକ ହିନ୍ଦୁ ଗାଈକୁ ମାତା ଭାବରେ ବିବେଚନା କରନ୍ତି। ଗାଈ ଗୋବର, ଗୋମୂତ୍ର, କ୍ଷୀର ଇତ୍ୟାଦି ମାନବ ଜାତି ପାଇଁ ଅତି ଦରକାରୀ। ଚୀନ୍ ଓ ଆମେରିକା ପୂର୍ବରୁ ଗୋମୂତ୍ର ବ୍ୟବହାର କରି ମେଡିସିନ୍ ଉପରେ ୬ ଅନ୍ତର୍ଜାତୀୟ ପେଟେଣ୍ଟ ନେଇଥିଲେ। ଏ ବିଷୟରେ ଜାଣିବା ପାଇଁ ଆପଣଙ୍କୁ ଅନୁରୋଧ କରାଯାଉଛି। ଦୟାକରି ଆମକୁ ପଞ୍ଚଗବ୍ୟ ବିଷୟରେ ଶିକ୍ଷା ଦେବାକୁ ଚେଷ୍ଟା କରନ୍ତୁ ନାହିଁ, ଆପଣ ଏ ବିଷୟରେ କିଛି ଜାଣିନାହାନ୍ତି। ପଞ୍ଚଗବ୍ୟ ବିଷୟରେ ଭୁଲ ତଥ୍ୟ ଏବଂ ଅସତ୍ୟ ଦ୍ୱାରା ଜନସାଧାରଣଙ୍କୁ ଉତ୍ସାହିତ କରୁଛନ୍ତି। ଏଣୁ ଅନୁରୋଧ, ହିନ୍ଦୁ ହୋଇ ହିନ୍ଦୁଙ୍କ ଆସ୍ଥାକୁ ଆହତ କରନ୍ତୁ ନାହିଁ। ଆପଣଙ୍କ ପରବର୍ତ୍ତୀ ଲେଖାରେ ଗୋମାତା ଓ ପଞ୍ଚଗବ୍ୟ ବିଷୟରେ କିଛି ଭଲ କଥା ଲେଖିବେ ବୋଲି ଆଶା ରଖୁଛି।

**-ଅଶୋକ ମହାନ୍ତି, ମୋ: ୮୪୫୬୮୩୮୯୭୫**

## ଦୃଢ଼ ନିନ୍ଦା କରୁଛୁ

ଗତ ୬।୯।୨୦୨୧ରେ ସମ୍ପାଦକୀୟ ସ୍ତମ୍ଭରେ ଗୋମାତା ସମ୍ବନ୍ଧୀୟ ଯେଉଁ ଲେଖା ପ୍ରକାଶ ପାଇଥିଲା, ତାହା ଆମକୁ ଅତ୍ୟନ୍ତ ଦୁଃଖ ପ୍ରଦାନ କରିଛି। ତେଣୁ କାମଧେନୁ ଗୋ ସମ୍ବର୍ଦ୍ଧନ, ଭୁବନେଶ୍ୱର ପକ୍ଷରୁ ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ।

**-ବିବୁଧେନ୍ଦ୍ର ବିଦ୍ୟାଧର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶ୍ରୀହୀନ ଗଡ଼ଖାଇ, ରାଜବାଟୀ

## ବଖାଣୁଛି କେନ୍ଦୁଝରର ଗାଥା



ଚୂଲିଆ ପାହାଡ଼ରୁ ଜୁଡିଆ ଘାଟି ପର୍ଯ୍ୟନ୍ତ ବିସ୍ତୃତ ପର୍ବତ ପାଦ ଦେଶରେ ବିଦ୍ୟମାନ କେନ୍ଦୁଝରର ପୁରାତନ ରାଜବାଟୀ। ଏହାର ସୁରକ୍ଷା ପାଇଁ ପଶ୍ଚିମ ଓ ପୂର୍ବରେ ଅଛି ୨ଟି ଗଡ଼ଖାଇ। ଅନ୍ୟ ଦୁଇ ପାର୍ଶ୍ୱରେ ସୁଉଚ୍ଚ ପର୍ବତମାଳା। ବାହ୍ୟଶତ୍ରୁ ଆକ୍ରମଣରୁ ରାଜବାଟୀର ସୁରକ୍ଷା ପାଇଁ ନିର୍ମାଣ ହୋଇଥିଲା ଏହି ଗଡ଼ଖାଇ। ଜିଲାର ସ୍ୱାଭିମାନ ଓ ଐତିହ୍ୟର ପ୍ରତୀକ ଭାବେ ବିଦିତ ଏହି ଗଡ଼ଖାଇ ଏବଂ ରାଜବାଟୀ ଶ୍ରୀହୀନ ହୋଇପଡୁଥିବା ଜିଲାବାସୀଙ୍କୁ ଏବେ ବ୍ୟଥିତ କରୁଛି।

କଥିତ ଅଛି, ତତ୍କାଳୀନ କେନ୍ଦୁଝର ରାଜା ଧନୁର୍ଜୟ ନାରାୟଣ ଭଞ୍ଜଦେଓଙ୍କ ରାଜୁତି କାଳ (୧୮୬୧ରୁ ୧୯୦୫)ରେ ଏହି ରାଜବାଟୀ ଓ ଗଡ଼ଖାଇ ନିର୍ମାଣ ହୋଇଥିଲା। ଦକ୍ଷିଣରେ ଜୁଡ଼ିଆଠାରୁ ନଳାପାଟ ସାହି ପର୍ଯ୍ୟନ୍ତ ଏକ ଉଚ୍ଚ ପର୍ବତମାଳା ରହିଛି; ଯାହାକୁ ଇନ୍ଦ୍ରଛତ୍ର ହୁଡ଼ି କୁହାଯାଏ। ଉତ୍ତରରେ ଗୋପାଳବନ୍ଧ, ମଇଁଷିକଟା ନାମକ ଦୁଇଟି ପୋଖରୀ ଏବଂ ଦକ୍ଷିଣରେ ଆଉ ଏକ ପୋଖରୀ ଥିଲା ବୋଲି କୁହାଯାଏ । ଏହିପରି ଚାରିପାର୍ଶ୍ୱରେ ଜଳାଶୟ ଦ୍ୱାରା ଗଡ଼ର ସୁରକ୍ଷା କରାଯାଇଥିଲା। ସୁରକ୍ଷା ପାଇଁ ରାଜବାଟୀର ବହିଃ ପ୍ରାଚୀରରେ ୮ଟି ଗମ୍ବୁଜ ଥିଲା। ଯେଉଁଠି ସୈନ୍ୟମାନେ ପହରା ଦେଉଥିଲେ। ଏବେ ମଧ୍ୟ ବହୁ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସି ପୁରାତନ ଗାଥାକୁ ମନେପକାଇଥାନ୍ତି । ରାଜବାଟୀରେ ସେ ସମୟରେ ମହାରାଜାଙ୍କ କଚେରି, ସଭାସମିତି ପାଇଁ ଦରବାର ହଲ, ଅସ୍ତ୍ରାଗାର, ଦଣ୍ଡାଦେବୀ–ଗଡ଼ଚଣ୍ଡୀ, ରାଣୀ ହଂସପୁର, ବ୍ରତଘର, ବିବାହ ମଣ୍ଡପ, ସ୍ନାନାଗାର, ଗୁପ୍ତଦ୍ୱାର ଆଦି ଥିଲା ବୋଲି କୁହାଯାଏ। ଉତ୍ତର ଦ୍ୱାରରେ ଛତିଶା ନିଯୋଗ, ଦକ୍ଷିଣ ଦ୍ୱାର ମାଟିଆ ବନ୍ଧ ପୋଖରୀ (ଯାହାକୁ ଚନ୍ଦନ ପୋଖରୀ କୁହାଯାଉଛି) ଖୋଲିଛି। ପଶ୍ଚିମ ଦିଗରେ ଥିବା ଦ୍ୱାର ଆବଶ୍ୟକ ପଡ଼ିଲେ ଖୋଲାଯାଇ ବ୍ୟବହାର କରାଯାଇଥାଏ। ପୂର୍ବ ଦିଗରେ ଥିବା ହାଡ଼ିବନ୍ଧ ପୋଖରୀ ନିକଟରେ ପୂଜାସ୍ଥଳୀ ରହିଛି ।

ସେହିପରି ବାସୁଳିଶାଳରେ ଅଶ୍ୱପଞ୍ଚମୀ ଦିନଘୋଡ଼ାଓହାତୀଙ୍କୁପୂଜାକରାଯାଉଥିଲା। ମାଟିଆ ବନ୍ଧ ବା ଚନ୍ଦନ ପୋଖରୀ ଜଳାଶୟ ମଧ୍ୟରେ ରହିଛି ଏକ ମନ୍ଦିର। ଏଠାରେ ଶ୍ରୀ ଜୀଉଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ରାଜବାଟୀ ମଧ୍ୟରେ ରହିଛି ଶିବ ମନ୍ଦିର ଓ ସର୍ବ ପୁରାତନ କୁହାଯାଉଥିବା ମା' ତାରିଣୀଙ୍କ ମନ୍ଦିର। ରାଜବାଟୀ ଓ ଗଡ଼ଖାଇର ମନୋରମ ଦୃଶ୍ୟ ଜାତୀୟ ରାଜପଥ ୪୯ (ପୂର୍ବରୁ ୬ ନମ୍ବର)ର ଜୁଡ଼ିଆ ଘାଟି ଉପରୁ ପର୍ଯ୍ୟଟକ ତଥା ଯାତାୟାତ କରୁଥିବା ଲୋକଙ୍କୁ ବିମୋହିତ କରିଥାଏ। ଏହା ନିକଟରେ ପ୍ରତିଷ୍ଠିତ ଜିଲାର ଆରାଧ୍ୟ ଶ୍ରୀ ବଳଦେବଜୀଉ ପ୍ରସିଦ୍ଧି ଲାଭ କରିଛନ୍ତି। ରଥଯାତ୍ରା ସମୟରେ ଏଠାକୁ ଲକ୍ଷାଧିକ ଲୋକଙ୍କ ଆଗମନ ହୋଇଥାଏ ବୋଲି ଗବେଷକ ଡ. ବିମ୍ବାଧର ବେହେରା କୁହନ୍ତି। ଏଣୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହି ସ୍ଥାନଟି ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି। ସମୟର ସୁଅରେ ଆଜି ଏହି ସବୁ ଧୀରେ ଧୀରେ ଶ୍ରୀହୀନ ହୋଇପଡୁଥିବାରୁ ଅନେକେ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ପରବର୍ତ୍ତୀ ପିଢ଼ି ପାଇଁ ଏସବୁର ସୁରକ୍ଷା ସହ ଏ ବିଷୟରେ ଅଧିକ ଗବେଷଣା ଆବଶ୍ୟକ ବୋଲି ସଂଗ୍ରାହକ ସୁଜିତ ପଟ୍ଟନାୟକ କୁହନ୍ତି।

**–ନରେଶ ଚନ୍ଦ୍ର ପଟ୍ଟନାୟକ,** କେନ୍ଦୁଝର

## ମତୁଆଲା କରେ ଐଶାନୀଙ୍କ ତବଲା ବାଦନ



ବୟସ ତାଙ୍କୁ ୯। ଏଇ ବୟସରୁ ତବଲା ବାଦନ କରି ଶ୍ରୋତାଙ୍କୁ ମତୁଆଲା କରି ଦେଉଛନ୍ତି। ନିଜର ପ୍ରତିଭା ପ୍ରଦର୍ଶନ କରି ଦି ନ୍ୟାଶନାଲ ଏକାଡେମୀ ଫର୍ ଆର୍ଟ ଏଜୁକେଶନ (ମହାରାଷ୍ଟ୍ର) ପକ୍ଷରୁ 'ଇଣ୍ଡିଆ ଷ୍ଟାର ଆଇକନ୍ କିଡ୍‌ସ ଆଚିଭର୍ସ ଆୱାର୍ଡ–୨୦୨୧'ରେ ସମ୍ମାନିତ ହୋଇ ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି। ଆଉ ଏଥିସହ ସାଉଁଟିଲେଣି ଢେର ପ୍ରଶଂସା। ସେହି କୁନି ପ୍ରତିଭା ହେଲେ ଐଶାନୀ ପ୍ରଧାନ।

ବାଲେଶ୍ୱର ବାରବାଟୀସ୍ଥିତ ଆଇନଜୀବୀ ଲିଟୁ ପ୍ରଧାନ ଓ ଶାଶ୍ୱତୀ କରଙ୍କ କନ୍ୟା ଐଶାନୀ। ଝିଅର ତବଲା ବାଦନ ପ୍ରତି ଆକର୍ଷଣକୁ ଲକ୍ଷ୍ୟ କରି ମା'ବାପା ଐଶାନୀଙ୍କୁ ୫ ବର୍ଷ ବୟସରୁ ତବଲା ଗୁରୁ କମଳାକାନ୍ତ ବେହେରାଙ୍କ ପାଖରେ ଛାଡ଼ିଥିଲେ। ତାଙ୍କର ପ୍ରତିଭା ପାଇଁ ସେ ନବଭାରତ ରାଷ୍ଟ୍ରୀୟ ଜ୍ଞାନପୀଠ ସମ୍ମାନ, ୟଙ୍ଗ ଷ୍ଟାର, କଳା ବେଦିକା, ନ୍ୟାଶନାଲ ତାଲ୍ କୃତୀମଣି ସମ୍ମାନ ସହିତ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି। ବକ୍ତୃତା, ଗଳ୍ପକଥନ, ଶ୍ଳୋକ ଓ କବିତା ଆବୃତ୍ତିରେ ବି ପୁରସ୍କୃତା ଐଶାନୀ ଏବେ ଅଧ୍ୟାପିକା ପୂର୍ଣ୍ଣିମା ବାରିକଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷା ମଧ୍ୟ ଗ୍ରହଣ କରୁଛନ୍ତି । ସେଣ୍ଟ କନ୍‌ଭେଣ୍ଟ ସିନିୟର ସେକେଣ୍ଡାରୀ ସ୍କୁଲର ଷ୍ଟାଣ୍ଡାର୍ଡ–୪ଛାତ୍ରୀ ଐଶାନୀ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ 'କବିତା ଆବୃତ୍ତି'ରେ ସ୍ୱତନ୍ତ୍ର ସ୍ଥାନ ହାସଲ ସହ କିଡ୍ସ ଫେଷ୍ଟରେ ଗଳ୍ପ କଥନରେ କୃତିତ୍ୱ ଅର୍ଜନ କରିଛନ୍ତ । କରୋନା ସମୟରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ସଙ୍ଗୀତ ମହୋତ୍ସବର ଅନଲାଇନ୍‌ରେ ଲାଇଭ ପ୍ରୋଗ୍ରାମ୍ (ଏକକ ତବଲା ବାଦନ ପରିବେଷଣ) କରି କଳାକ୍ଷେତ୍ରକୁ ସମୃଦ୍ଧ କରିବା ସହ ଓଡ଼ିଶା ପାଇଁ ସୁନାମ ଅର୍ଜନ କରିଛନ୍ତି।

ଐଶାନୀ ଭବିଷ୍ୟତରେ ଜଣେ ସଫଳ କଳାକାର ହେବା ସହ ସ୍କୁଲ ପାଠ୍ୟକ୍ରମ ଶେଷ କରି ତାଙ୍କ ମା'ବାପାଙ୍କ ପରି ଆଇନ ପାଠପଢ଼ି ବିଚାର ବିଭାଗୀୟ ସେବାରେ ଯୋଗଦେବା ଲାଗି ଲକ୍ଷ୍ୟ ରଖିଥିବା କହିଛନ୍ତି।

**–ମାନସ ବିଶ୍ୱାଳ,** ବାଲେଶ୍ୱର











## ବିନା ତାଲିମରେ ପାରଙ୍ଗମ

### ନିଆରା ବ୍ୟକ୍ତିତ୍ୱ



ସୁରେନ୍ଦ୍ର ସାପ ଧରି ଖେଳାଉଛନ୍ତି।

**ସାପ** ନାଁ ଶୁଣିଲେ ଲୋକଙ୍କ ମନରେ ଭୟ ଆସେ। କିନ୍ତୁ ଏଭଳି ଜଣେ ମଣିଷ ଅଛନ୍ତି ଯେ କି ସାପ ଧରି ଆନନ୍ଦ ପାଆନ୍ତି। ଲୋକଙ୍କ ଘର ବାଡ଼ିରେ ସାପ ଦେଖିବାକୁ ମିଳିଲେ ତାଙ୍କୁ ଖୋଜା ପଡ଼େ। ଏହି କାମ ପାଇଁ ସେ ସମ୍ବର୍ଦ୍ଧିତ ମଧ୍ୟ ହୋଇଛନ୍ତି। ସେ ହେଉଛନ୍ତି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବଣସାହି ଗ୍ରାମର ସୁରେନ୍ଦ୍ର ଶିଅଳ(୬୫)।

ଚାଷ କରି ଜୀବିକା ନିର୍ବାହ କରୁଥିବା ସୁରେନ୍ଦ୍ର ବିଷାକ୍ତ ସାପ ଧରି ଅଞ୍ଚଳର ଲୋକଙ୍କୁ ସୁରକ୍ଷା ଦେବା ତାଙ୍କର ନିଶା। ଯଦି କାହା ଘରବାଡ଼ିରେ ବିଷାକ୍ତ ସାପ ଦେଖାଯାଏ ତେବେ ସଙ୍ଗେ ସଙ୍ଗେ ଲୋକେ ତାଙ୍କୁ ଖୋଜନ୍ତି। ଖବର ପାଇବା ମାତ୍ରେ ସେ ସେଠାରେ ପହଞ୍ଚି କେବଳ ଖଣ୍ଡେ ଛୋଟ ବାଡ଼ି କିମ୍ବା କଣି ସାହାଯ୍ୟରେ ସାପ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ନ୍ତି। ପ୍ରାୟ ୧୦ ବର୍ଷ ହେବ ସେ ଏଭଳି କାମ କରିଆସୁଛନ୍ତି। ଏଥିପାଇଁ ସେ କୌଣସି ତାଲିମ ମଧ୍ୟ ନେଇ ନାହାନ୍ତି। କେବଳ ନିଜର ସାହସ ଓ ଅନ୍ୟକୁ ବିପଦ ମୁଖରୁ ରକ୍ଷା କରିବାର ଇଚ୍ଛା ତାଙ୍କୁ ଏଥିଲାଗି ପ୍ରେରଣା ଦେଇଛି ବୋଲି ସୁରେନ୍ଦ୍ର କହନ୍ତି। ଯେକୌଣସି ବିଷାକ୍ତ ସାପକୁ ସେ କୌଶଳ କ୍ରମେ ସୁରକ୍ଷିତ ଭାବେ ଉଦ୍ଧାର କରି ବଣ ବୁଦାରେ ଛାଡ଼ି ଦିଅନ୍ତି। ବିଶେଷକରି ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ସାପଙ୍କର ପ୍ରଜନନ ସମୟ ହୋଇଥିବାରୁ ବାଡ଼ି, ବଗିଚା ଓ ଘରେ ବିଭିନ୍ନ ବିଷାକ୍ତ ସାପ ଦେଖିବାକୁ ମିଳିଥାଏ। ତେବେ ଖବର ପାଇଲେ ସେଠାରେ ପହଞ୍ଚି ସାପକୁ ଧରି ନେଇ ସେ ବଣରେ ଛାଡ଼ିଥାନ୍ତି। ସ୍ଥାନୀୟ ବିଜେଡି ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଣୀତକାନ୍ତ ସାମଲ ନିକଟରେ ସମ୍ବର୍ଦ୍ଧିତ କରିବା ସହ ସାପ ଧରିବା ଲାଗି ଉପକରଣ ଯୋଗାଇ ଦେଇଛନ୍ତି। ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ ଉଦ୍ଧାର କରୁଥିବା ସାପଗୁଡ଼ିକୁ ନେଇ କୌଣସି ବନାଞ୍ଚଳରେ ଛାଡ଼ିପାରୁ ନାହାନ୍ତି ବୋଲି ସୁରେନ୍ଦ୍ର କହିଛନ୍ତି।

**–ଦେବେନ୍ଦ୍ର ଆଦିଆ,** ଭଣ୍ଡାରିପୋଖରୀ














# ଶହେ ଶିବଲିଙ୍ଗର ଗାଁ

## ଶିବଲିଙ୍ଗ ନିକଟରେ ସିଂହ ବାହନ

ଅଷ୍ଟାଦଶ ଶତାବ୍ଦୀର ଭଗ୍ନାବଶେଷର ମୂକସାକ୍ଷୀ ନରେନ୍ଦ୍ରପୁର। ଭଦ୍ରକ ଜିଲା ତିହିଡ଼ି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତର ଏହି ଗ୍ରାମ ଶହେ ଶିବଲିଙ୍ଗର ଗାଁ ଭାବେ ପରିଚିତ। ବିଭିନ୍ନ ପୌରାଣିକ କୀର୍ତ୍ତିକୁ ନେଇ ସମୃଦ୍ଧ ନରେନ୍ଦ୍ରପୁର ୨୦୧୬ରେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଛି ସତ, କିନ୍ତୁ ବିକାଶ କିଛି ହୋଇନାହିଁ।

ଗାଁ ମୁଣ୍ଡରେ ବିରାଜମାନ ମା' ପାଟଣମଙ୍ଗଳା। ଏହି ମନ୍ଦିର ବେଶ୍ ପ୍ରସିଦ୍ଧ। ତେବେ ଏହି ଗାଁର ବିଶେଷତ୍ୱ ହେଉଛି ଏକାଧିକ ଶିବଲିଙ୍ଗର ଆବିର୍ଭାବ। ମାଟି ତଳୁ ଏସବୁ ଶିବଲିଙ୍ଗ ଆବିର୍ଭାବ ହେବା ସମ୍ପର୍କରେ କାହିଁ କେଉଁ କାଳରୁ ଜନଶ୍ରୁତି ରହିଛି। କିଏ କୌଣସି କାମ ପାଇଁ ମାଟି ଖୋଳୁ ଖୋଳୁ ତ କିଏ ହଳ କରିବା ସମୟରେ ଶିବଲିଙ୍ଗ ପାଇଥିଲେ। ଆଶ୍ଚର୍ଯ୍ୟର କଥା ପୂଜିତ ଶିବଲିଙ୍ଗ ପାଖରେ ପୁରାଣକାଳରୁ ଷଣ୍ଢ ବାହନ ଭାବେ ପୂଜା ପାଇ ଆସୁଥିବା ବେଳେ ଏହି ଗାଁରେ ଏକ ଶିବଲିଙ୍ଗ ନିକଟରେ ସିଂହମୂର୍ତ୍ତି ଥିବାର ଦେଖିବାକୁ ମିଳେ। ଶିବଙ୍କ ବାହନ ରୂପେ ସିଂହ ମଧ୍ୟ ସେତେବେଳେ ପୂଜା ପାଉଥିବା ନେଇ ଅନୁମାନ କରାଯାଉଛି। ମାଟିରୁ ଉଦ୍ଧାର କରାଯାଇଥିବା ଶିବଲିଙ୍ଗଗୁଡ଼ିକୁ ଗ୍ରାମବାସୀ ଶିବଙ୍କର ବିଭିନ୍ନ ନାମରେ ନାମିତ କରି ପୂଜାର୍ଚ୍ଚନା କରିଆସୁଛନ୍ତି। ସେଥିମଧ୍ୟରୁ ଗ୍ରାମ ସମ୍ମୁଖରେ ପାଣି ମହାଦେବ, ବଟେଶ୍ୱର ମହାଦେବ ଓ କପିଳେଶ୍ୱର ମହାଦେବ ପୂଜା ପାଉଥିବା ବେଳେ ବିଭିନ୍ନ ସ୍ଥାନରେ ବେଲେଶ୍ୱର, ବାଡ଼େଶ୍ୱର, ଭୂଟେଶ୍ୱର ଓ ତ୍ରିନାଥ ମହାଦେବଙ୍କ ଦର୍ଶନ ମିଳିଥାଏ। ଛତ୍ରପଦାର ଭୂଟେଶ୍ୱରଙ୍କ ଲିଙ୍ଗର ଉଚ୍ଚତା ପ୍ରାୟ ସାଢ଼େ ପାଞ୍ଚ ଫୁଟ ହେବ। ଏଭଳି ଉଚ୍ଚତାବିଶିଷ୍ଟ ଶିବଲିଙ୍ଗ ଓଡ଼ିଶାରେ ବିରଳ ବୋଲି କୁହାଯାଏ। ସେହିଭଳି କପିଳେଶ୍ୱରଙ୍କ ନିକଟରେ ସିଂହ ପୂଜା ପାଉଛନ୍ତି।

ନରେନ୍ଦ୍ର ନାମକ ଧନୀ ସୌଦାଗରଙ୍କର ଦୀର୍ଘଦିନ ଧରି କୌଣସି ସନ୍ତାନ ସନ୍ତତି ନ ହେବାରୁ ସେ ସାଧୁଙ୍କ ଶରଣାପନ୍ନ ହୋଇଥିଲେ। ସାଧୁ ତାଙ୍କୁ ଲକ୍ଷେ ଶିବ ପୂଜିଲେ ପୁତ୍ରପ୍ରାପ୍ତ ହେବେ ବୋଲି କହିଥିଲେ। ଏଣୁ ସେ ଲକ୍ଷେ ଶିବଲିଙ୍ଗ ପୂଜା କରିବାରୁ ତାଙ୍କର ମନସ୍କାମନା ପୂରଣ ହୋଇଥିଲା। ମିଳିଥିବା ଶିବଲିଙ୍ଗଗୁଡ଼ିକ ସେହିସବୁ ପୂଜିତ ଶିବଲିଙ୍ଗ ବୋଲି ଲୋକେ କହନ୍ତି। ଏପର୍ଯ୍ୟନ୍ତ ଗ୍ରାମବାସୀ ୧୦୦ ଶିବଲିଙ୍ଗ ଉଦ୍ଧାର କରି କିଛି ପୂଜା କରୁଛନ୍ତି। ଏହାବ୍ୟତୀତ ଗ୍ରାମର ଜଗନ୍ନାଥ ନାୟକଙ୍କ ପୋଖରୀରୁ ଏକ ଜାହାଜ ଲଙ୍ଗର ଏବଂ ଅନ୍ୟ ଏକ ସ୍ଥାନରୁ ପ୍ରାଚୀନ ବୌଦ୍ଧମୂର୍ତ୍ତି ସହ ପାଲି ଭାଷାରେ ଲିଖିତ ପଥରଖଣ୍ଡ ମିଳିଛି। ପ୍ରାଚୀନ କାଳ ସହ ଏହି ଗ୍ରାମର ସାମଞ୍ଜସ୍ୟ ରହିଥିବା ଏଥିରୁ ପ୍ରମାଣ ମିଳେ। ସେହିପରି ଗାଁରେ ରହିଛି ୧୨.୪୧ ଏକର ବିଶିଷ୍ଟ ଏକ ପୋଖରୀ। ଏହି ପୋଖରୀ ପଛରେ ମଧ୍ୟ ରହିଛି ଅନେକ କାହାଣୀ। ଗାଁ ନିକଟରେ ଚନ୍ଦ୍ରକଳା, ଦରିଆପାଳ, ବାଣଚଆଡିହ, ଘାଟିଆସାହି ଏଭଳି ଅନେକ ରାଜରାଜୁଡ଼ା ଶାସନ କାଳର ନାମ ରହିଥିବାରୁ ଏହା ଅଷ୍ଟାଦଶ ଶତାବ୍ଦୀର ରାଜାଙ୍କ ଦ୍ୱାରା ନାମିତ ଶବ୍ଦ ହୋଇଥିବା ଗ୍ରାମର ପୁରୁଖାବ୍ୟକ୍ତି ପ୍ରେମାନନ୍ଦ ପଣ୍ଡା କହନ୍ତି। ଗାଁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ଏଠାରେ ସେଭଳି କିଛି ଉନ୍ନତିମୂଳକ କାର୍ଯ୍ୟ କରାଯାଇ ନ ଥିବା ସେ କହିଛନ୍ତି।

**–ବିଭୁ ପ୍ରସାଦ ବେହେରା, ଭଦ୍ରକ**



ରାସ୍ତାକଡ଼ରେ ପୂଜା ପାଉଥିବା ଶିବଲିଙ୍ଗ।



ସାଢ଼େ ୫ ଫୁଟ ଉଚ୍ଚର ଶିବଲିଙ୍ଗ।

# ବିଶ୍ୱବିଦ୍ୟାଳୟ ମାନ୍ୟତା ନ ମିଳିଲେ ଭଦ୍ରକ ବନ୍ଦ

- କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି
- ଅକ୍ଟୋବର ପହିଲାରୁ ଆନ୍ଦୋଳନ ଲାଗି ଆହ୍ୱାନ

ଭଦ୍ରକ ଅଫିସ, ୭।୯

ଦୀର୍ଘବର୍ଷ ଧରି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଏବଂ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲାରେ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇ ଆସୁଥିଲା। କିନ୍ତୁ କରୋନା ପାଇଁ ବନ୍ଦ ଥିଲା। ଏହା କମିବା ପରେ ଏବେ ପୁଣି ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଛି କ୍ରିୟାନୁଷ୍ଠାନ କମିଟି। ସରକାର ତୁରନ୍ତ ଏହି ଦାବି ପୂରଣ ଦିଗରେ ପଦକ୍ଷେପ ନ ନେଲେ ଆସନ୍ତା ଅକ୍ଟୋବର ୨୯ରେ ଭଦ୍ରକ ବନ୍ଦ ପାଳନ ପାଇଁ କମିଟି ନିଷ୍ପତ୍ତି ନେଇଛି।

କୁଆଁସ ସ୍ଥିତ କାର୍ଯ୍ୟାଳୟଠାରେ ମଙ୍ଗଳବାର କମିଟି ବିଭିନ୍ନ ଅନୁଷ୍ଠାନ ସହ ଆଲୋଚନା କରି ଏହି ନିଷ୍ପତ୍ତି ଘୋଷଣା ଘରିଛି। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏବଂ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ଉପରେ ଆସ୍ଥା ପ୍ରକାଶ କରିଛି କମିଟି। ଏହି କମିଟିରେ ଅନୁବନ୍ଧନ ପାଇଥିବା ସଙ୍ଗଠନଗୁଡ଼ିକ ଅକ୍ଟୋବର ପହିଲାଠାରୁ ଆନ୍ଦୋଳନ ଚାଲୁ ରଖିବାକୁ ଆହ୍ୱାନ ଦିଆଯାଇଛି। ଛାତ୍ରୀଛାତ୍ର ଏଥିରେ ସାମିଲ ହେବାକୁ କୁହାଯାଇଛି। ଛାତ୍ରୀଛାତ୍ର ଅକ୍ଟୋବର ୧ ଠାରୁ କଲେଜର ଶେଷ ପିରିୟଡ୍ ବର୍ଜନ କରିବା ଏବଂ ଗାନ୍ଧୀ ଜୟନ୍ତୀରେ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆହ୍ୱାନ ଦିଆଯାଇଛି। ଆଲୋଚନା ବେଳେ କମିଟି ସଭାପତି ଡ. ରବି ମହାପାତ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫେସର କୈଳାସ ଚନ୍ଦ୍ର ଜେନା, କାର୍ଯ୍ୟକାରୀ କମିଟି ସଦସ୍ୟ ଅଶୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ନିଳୋକ ଗ୍ରାମପଞ୍ଚାୟତର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ତାରିଣୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ମୋର କାମନା।
ଅଶୋକ କୁମାର ମହାନ୍ତି
ସରପଞ୍ଚ
ନିଳୋକ ଗ୍ରାମପଞ୍ଚାୟତ, ବନ୍ତ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଏସ୍.ଏଚ୍.ଜି., ଜି.ପି.ଏଲ୍.ଏଫ୍., ବି.ଏଲ୍.ଏଫ୍., ସିଆର୍‌ପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ଓ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ 'ଧରିତ୍ରୀ'ର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ସି.ଏଫ୍.ଡବ୍ଲ୍ୟୁ.ଏସ୍.ଡି.
ନୋଡାଲ ଏନ୍.ଜି.ଓ., ବନ୍ତ ବ୍ଲକ, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ମାଆ ଭଉଣୀ ଓ ଟିଳୋ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ମୋର କାମନା।
ନିହାରିକା ରାଉତ
ସରପଞ୍ଚ, ଟିଳୋ ଗ୍ରାମପଞ୍ଚାୟତ ତଥା ସଭାପତି
ବିଜୁ ମହିଳା ଜନତା ଦଳ, ବନ୍ତବ୍ଲକ, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ମୋର କାମନା।
ନିରଞ୍ଜନ ମଲ୍ଲିକ
ଉପସଭାପତି, ବ୍ଲକ କଂଗ୍ରେସ କମିଟି
ବନ୍ତ, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହା ହିଁ ମୋର କାମନା।
ଦେବେନ୍ଦ୍ର କୁମାର ଜେନା
ଅଧ୍ୟକ୍ଷ, ବନ୍ତ ପଞ୍ଚାୟତ ସମିତି
ବନ୍ତ, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କର ମଙ୍ଗଳ କାମନା କରୁଛି।
ବଦ୍ରି ନାରାୟଣ ଧଳ
ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ, ଭାଜପା ନେତା, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ 'ଧରିତ୍ରୀ'ର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ମା' ତାରିଣୀ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ପ୍ରଫୁଲ୍ଲ କୁମାର ଜେନା
ପୂର୍ବତନ ବିଧାୟକ
ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ, ଭଦ୍ରକ

ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶନ ପାଇଁ ଧରିତ୍ରୀର ଭୂମିକା ପ୍ରଶଂସନୀୟ। ସ୍ୱନକ୍ଷତ୍ର ଦିବସରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।
ମିନତୀରାଣୀ ବେହେରା
ଅଧ୍ୟକ୍ଷା, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟ, ଆଙ୍କୋ, ରୂପସା, ବାଲେଶ୍ୱର

ଦୈନିକ ଖବରକାଗଜ 'ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଅଣିଜୋ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ମୋର କାମନା।
ଜଗବନ୍ଧୁ ବେହେରା
ସରପଞ୍ଚ
ଅଣିଜୋ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ କାଦବରାଙ୍ଗ ପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଆମର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛୁ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ଆମର କାମନା।
ରାମେଶ୍ୱର ଭାରତୀ
ସାମାଜିକ କର୍ମୀ
କାଦବରାଙ୍ଗ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ
ଲକ୍ଷ୍ମୀପ୍ରିୟା ଭାରତୀ
ସରପଞ୍ଚ
କାଦବରାଙ୍ଗ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଗୋବିନ୍ଦପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ମୋର କାମନା।
ତିଲୋତ୍ତମା ବାରିକ
ସରପଞ୍ଚ
ଗୋବିନ୍ଦପୁର ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

-:ଅଭିନନ୍ଦନ:-
ସତ୍ୟ, ନିରପେକ୍ଷ ଖବର ପ୍ରକାଶନ ପାଇଁ ଧରିତ୍ରୀ ସବୁବେଳେ ଚର୍ଚ୍ଚାରେ। ସ୍ୱନକ୍ଷତ୍ର ଦିବସରେ ସରକାରୀ ହାଇସ୍କୁଲ, ହୀରାପୁର, ରୂପସା, ବାଲେଶ୍ୱରର ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ପକ୍ଷରୁ ଅଜସ୍ର ଶୁଭେଚ୍ଛା ଓ ଅଭିନନ୍ଦନ।
କମଳାକାନ୍ତ ବିଶ୍ୱାଳ, ସମ୍ପାଦକ
ଗୋପାଳଚନ୍ଦ୍ର ସାହୁ, ସଭାପତି

-:ଅଭିନନ୍ଦନ:-
ଧରିତ୍ରୀର ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ସମସ୍ତଙ୍କୁ ଅଭିନନ୍ଦନ। ସଦର ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରୁଛି।
ଦିଲ୍ଲୀପ କୁମାର ମହାନ୍ତି
ବିଜୁ ଯୁବ ସଭାପତି, ସଦର ବ୍ଲକ, ବାଲେଶ୍ୱର

ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ 'ଧରିତ୍ରୀ' ପରିବାରକୁ ଅଭିନନ୍ଦନ। ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଜନସାଧାରଣ ଓ ପୋଲିସ ବନ୍ଧୁଙ୍କ ସହଯୋଗ କାମନା କରୁଛି।
ଅଶୋକ କୁମାର ନାୟକ
ଆଇଆଇସି, ସଦର ଥାନା
ବାଲେଶ୍ୱର

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ସମସ୍ତଙ୍କୁ ଅଭିନନ୍ଦନ। ନିର୍ଭୀକ ଖବର ପରିବେଷଣ ପାଇଁ ମହାବିଦ୍ୟାଳୟ ତରଫରୁ 'ଧରିତ୍ରୀ' ପରିବାରକୁ ଅଶେଷ ଧନ୍ୟବାଦ।
ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ
ଅଧ୍ୟକ୍ଷ, ନୀଳମଣି ମହାବିଦ୍ୟାଳୟ
ରୂପ୍‌ସା, ବାଲେଶ୍ୱର

With Best Compliments From
UltraTech Cement — The Engineer's Choice
TATA TISCON — JOY OF BUILDING
Shree Krishna Enterprises
Deals In: ULTRATECH CEMENT, TATA TISCON ROD, Chemicals, Colours, Fly Ash Bricks and All types of Building Materials
Address: Near Kalipadia Kendujhar, Odisha
Landline: 06766-253881 (O)
Mobile: 9437054121, 9439112121
E-mail: shreekrishnaenterpriseskj@gmail.com

ନିରପେକ୍ଷ ଖବର ପ୍ରକାଶନ କ୍ଷେତ୍ରରେ ଧରିତ୍ରୀର ଭୂମିକା ପ୍ରଶଂସନୀୟ। ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀ ପରିବାରର ଶୁଭକାମନା କରୁଛି।
ପ୍ରାଧ୍ୟାପକ ମନୋରଞ୍ଜନ ବେହେରା
ଅଧ୍ୟକ୍ଷ, ଶାନ୍ତିଲତା ମହାବିଦ୍ୟାଳୟ, ଭଇଟିକିରି, ବାଲେଶ୍ୱର

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କ ସମେତ ବସ୍ତା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ହୃଦୟଭରା ଶୁଭେଚ୍ଛା ଓ ଶୁଭକାମନା।
ଇଂ. ସୁଧାଂଶୁ ଶେଖର ଯେନା
ସାଧାରଣ ସମ୍ପାଦକ, ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି

ପ୍ରଧାନ ଟ୍ରେଡର୍ସ
ଗଣ୍ଡିବେଢ଼, ବାଲେଶ୍ୱର
ଏଠାରେ ରଡ୍, ସିମେଣ୍ଟ, କଲର୍ସ ଓ ଆଜ୍‌ବେଷ୍ଟସ୍ ଆଦି ଘରୋଇ ଉପକରଣ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଏ।
Contact No.9938073143

# ଡାକିଲେ ଶୁଣନ୍ତି ଶୂନ୍ୟରୁ



ରାତି ପାହିଲେ ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲାଗେ। ଅନ୍ତର ଖୋଲି ଶୂନ୍ୟବ୍ରହ୍ମଙ୍କୁ ସ୍ମରଣ କରନ୍ତି। ଠିକ୍ ସମୟରେ ଭକ୍ତଙ୍କ ମନବାଞ୍ଛା ପୂରଣ କରନ୍ତି ଶୂନ୍ୟ ମହାପ୍ରଭୁ। ଏଭଳି ଲକ୍ଷ ଲକ୍ଷ ଭକ୍ତଙ୍କ ଦୁଃଖ ଦୂର କରୁଥିବା ଏଭଳି ଏକ ଗାରିମାମୟ ପୀଠ ହେଲା ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର କୁପାରୀ ଶୂନ୍ୟମଣ୍ଡପ।

୧୯୯୭-୯୮ ମସିହାରେ କୁପାରୀ ଜିଲା ପର୍ଯ୍ୟଟନ ତାଲିକାରେ ସ୍ଥାନ ପାଇବା ପରେ ଏଠାରେ ଥିବା ବିଭିନ୍ନ କୀର୍ତ୍ତିରାଜି ଓ ଐତିହ୍ୟ ମଠ ମନ୍ଦିର ଯଥା ଶୂନ୍ୟମଣ୍ଡପ, ବୌଦ୍ଧ ନାଟମଣ୍ଡପ, କୃପାଚାର୍ଯ୍ୟଙ୍କ ଯଜ୍ଞକୁଣ୍ଡ, ଜୈନ କୀର୍ତ୍ତିରାଜି, ନୃସିଂହ ମଠ, ମା' ଅମ୍ବିକା ମନ୍ଦିର, ଶାରୀଶୁଆ ପାହାଡ, ଗଡଚଣ୍ଡୀ ମନ୍ଦିର ପର୍ଯ୍ୟଟକ ଓ ଭକ୍ତଙ୍କୁ ଆକୃଷ୍ଟ କରୁଛି। ଏଥିମଧ୍ୟରେ ଶୂନ୍ୟମଣ୍ଡପ ପୀଠ ମୁଖ୍ୟ ଆକର୍ଷଣ ଭାବେ ଉଭା ହୋଇଛି। ଇତିହାସ ପୃଷ୍ଠାରୁ ଅନ୍ୟୂନ ୫୦୦ ବର୍ଷ ତଳେ କୁପାରୀର ଏହି ସ୍ଥାନ ଶାଳ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଏହାର ପରିବେଶ ଅତ୍ୟନ୍ତ ମନୋମୁଗ୍ଧକର ଥିଲା। ମହାପୁରୁଷ ଅଚ୍ୟୁତାନନ୍ଦ କିଛିଦିନ ପାଇଁ ଏଠାକୁ ଆସି ଏହି ଶାଳଜଙ୍ଗଲ ଭରା ଏହି ଅଞ୍ଚଳରେ ନିଜର ଆଶ୍ରମ ପ୍ରତିଷ୍ଠା କରିଥିଲେ। ଶୂନ୍ୟବ୍ରହ୍ମ ପୂଜାରେ ବିଶ୍ୱାସ ରଖୁଥିବା ମହାପୁରୁଷ ଏକ ଶୂନ୍ୟମଣ୍ଡପ ସ୍ଥାପନା କରି ନିଜର ଶିଷ୍ୟ ଓ ଭକ୍ତଙ୍କୁ ଶୂନ୍ୟବ୍ରହ୍ମଙ୍କ ପୂଜାର୍ଚ୍ଚନା ପାଇଁ ପରାମର୍ଶ ଦେଉଥିଲେ। ପରେ ସେ ଏହି ସ୍ଥାନ ପରିତ୍ୟାଗ କରିଥିଲେ ହେଁ ରଖାଯାଇଥିବା ପରମ୍ପରା ଅନୁଯାୟୀ ଭକ୍ତମାନେ ନିୟମିତ ଦର୍ଶନ କରୁଥିଲେ। କୌଣସି ଭକ୍ତ ଅନ୍ତର ମଧ୍ୟରେ ଶୂନ୍ୟବ୍ରହ୍ମଙ୍କୁ ଡାକି ନିଜର ଦୁଃଖ ଜଣାଇଲେ ମନସ୍କାମନା ପୂର୍ଣ୍ଣ ହେଉଥିଲା। ଯାହା ଆଜି ବି ଆସୁଥିବା ଭକ୍ତମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଧୀରେ ଧୀରେ ଏହାର ଐତିହ୍ୟ ଲିଭିଯାଇଥିଲା। ପରେ ପ୍ରଭାକର ଦାସ ତଥା ଭକ୍ତଙ୍କ ମଧ୍ୟରେ ପରିଚିତ ଥିବା ଶୂନ୍ୟବାବା ଏଠାକୁ ଆସିବା ପରେ ଏହାର ଗାରିମା ବଢିଯାଇଥିଲା। ୧୯୩୬ ମସିହାରେ ବାବା ବ୍ରହ୍ମଦେଶର ରେଙ୍ଗୁନରେ ଥିବା ବେଳେ ଈଶ୍ୱରଙ୍କ ସାନିଧ୍ୟ ଲାଭ କରିଥିଲେ। ସ୍ୱପ୍ନାଦେଶକ୍ରମେ ସିଧାସଳଖ ଶୂନ୍ୟମଣ୍ଡପକୁ ଆସି ଶାଳବଣ ନିକଟସ୍ଥ ଆମ୍ବଗଛ ମୂଳରେ ଏକ ପତ୍ରକୁଡିଆ ନିର୍ମାଣ କରି ପୁନଶ୍ଚ ସାଧନା ଆରମ୍ଭ କରିଥିଲେ। ଯୋଗସିଦ୍ଧ ହେବା ପରେ ବାବା ଏଠାକୁ ଆସୁଥିବା ଭକ୍ତ ଓ ଶିଷ୍ୟଙ୍କ ଆରୋଗ୍ୟ କାମନା କରିବା ସହ କଲ୍ୟାଣ କରୁଥିଲେ। ବାବାଙ୍କର ଗୋଟିଏ ଡାକରେ ଶହ ଶହ ବଣି, କାଉ ତାଙ୍କ ନିକଟରେ ପହଞ୍ଚି ଚତୁଃପାର୍ଶ୍ୱରେ ବସି ରହୁଥିଲେ। ବାବା ଇହଲୀଳା ସମ୍ବରଣ କରିବା ପରେ ରାଜୁବାବା ଏବେ ସଞ୍ଚାଳକ ଦାୟିତ୍ୱରେ ଅଛନ୍ତି। କାର୍ତ୍ତିକ ପୂର୍ଣ୍ଣମୀ ଏଠାକାର ମୁଖ୍ୟପର୍ବ ହୋଇଥିବା ବେଳେ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶୂନ୍ୟମଣ୍ଡପ ବୁଲି ଶୂନ୍ୟବ୍ରହ୍ମଙ୍କୁ ପ୍ରଣାମ କରିବା ସହ ମଧୁସାଗରରେ ସ୍ନାନ, ପାଦୁକା କୁଣ୍ଡରୁ ଜଳପାନ, ପ୍ରଭାକର ବାବାଙ୍କ ସାଧନା ମନ୍ଦିର ଦର୍ଶନ କରି ନିଜକୁ ଧନ୍ୟ ମଣିଥାନ୍ତି।

ପର୍ଯ୍ୟଟନ ଓ ସଂସ୍କୃତିମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କୁପାରୀ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ କିଛି କାର୍ଯ୍ୟ ଶେଷ ହୋଇଛି। ଅନେକ କାର୍ଯ୍ୟ ହାତକୁ ନିଆଯାଇଛି। ତେବେ ଏଭଳି ବିକାଶ ପାଇଁ ସବୁବର୍ଗର ଲୋକଙ୍କ ସହଯୋଗ ଲୋଡା ବୋଲି କହିଛନ୍ତି। ଶୂନ୍ୟମଣ୍ଡପ ପରିଚାଳନା କମିଟି ସମ୍ପାଦକ ଶରତ କୁମାର ବିଶ୍ୱାଳ କହିଛନ୍ତି, ପର୍ଯ୍ୟଟନ ମନ୍ତ୍ରୀଙ୍କ ଶୁଭଦୃଷ୍ଟି ଯୋଗୁ ଶୂନ୍ୟମଣ୍ଡପ ସମେତ କୁପାରୀର ଅନ୍ୟାନ୍ୟ ଐତିହ୍ୟର ସୁରକ୍ଷା ପାଇଁ ବହୁ କାର୍ଯ୍ୟ କରାଯାଇଛି। ପ୍ରଭାକର ବାବାଙ୍କର ଶେଷ ଇଛା ମୁତାବକ ଶୂନ୍ୟମଣ୍ଡପ ପରିସରରେ ଖୋଲାଯାଇଥିବା ସ୍କୁଲ ଖୋଲିବା ପାଇଁ ସେ ଦାବି କରିଛନ୍ତି। ଶୂନ୍ୟମଣ୍ଡପ ସଞ୍ଚାଳକ ରାଜା ବାବା କହିଛନ୍ତି, ଭକ୍ତଙ୍କ ପାଇଁ ଅସମ୍ପୂର୍ଣ୍ଣ ଥିବା ଅତିଥିଭବନକୁ ପୂର୍ଣ୍ଣାଙ୍ଗ କରିବା ତଥା ଶୂନ୍ୟମଣ୍ଡପ ପରିସରରେ ଶୌଚାଳୟ ତଥା ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସମ୍ପର୍କରେ ଦୃଷ୍ଟି ଦିଆଯିବାକୁ ସେ ପ୍ରଶାସନ ତଥା ପର୍ଯ୍ୟଟନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

–ଉତ୍କଳବନ୍ଧୁ ପଣ୍ଡା, ଖଇରା

# ଦେଢ଼ବର୍ଷ ପରେ ଚାଲିଲା ଖଡ଼ଗପୁର-ଭଦ୍ରକ ମେମୋ

ଜଳେଶ୍ୱର, ୭।୯(ଡି.ଏନ.ଏ.)

କୋଭିଡ୍ ୧୯ର ସଂକ୍ରମଣ ରୋକିବା ଲାଗି ଦେଢ଼ବର୍ଷ ପୂର୍ବେ କେନ୍ଦ୍ର ସରକାର ସମସ୍ତ ଯାତ୍ରୀବାହୀ ଟ୍ରେନ୍‌କୁ ବନ୍ଦ ରଖିଥିଲେ। ପରିସ୍ଥିତି ସ୍ୱାଭାବିକ ହେବା ପରେ ଏବଂ ଅଞ୍ଚଳବାସୀ ବାରମ୍ବାର ଦାବି କରିବା ପରେ ରେଳ କର୍ତ୍ତୃପକ୍ଷ ମଙ୍ଗଳବାରଠାରୁ ଖଡ଼ଗପୁର-ଭଦ୍ରକ ମେମୋ ଟ୍ରେନ୍ ଚଳାଚଳ କରିଛନ୍ତି।

ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚ ଶେଷ ସପ୍ତାହଠାରୁ ଜନଜୀବନ ସହିତ ଜୀବିକା ଠପ୍ ହୋଇପଡ଼ିଥିଲା। ସମସ୍ତ ପାସେଞ୍ଜର ଟ୍ରେନ୍ ବନ୍ଦ ହୋଇଥିବା ବେଳେ କେତେକ ସ୍ୱତନ୍ତ୍ର ଦୂରଗାମୀ ଟ୍ରେନ୍ ଚଳାଚଳ କରିଥିଲା। ୨ୟ ଲହର ପୂର୍ବରୁ ମେମୋ ଓ ପାସେଞ୍ଜର ଟ୍ରେନ୍ ଚଳାଚଳ ଲାଗି ଦାବି ଓ ଆନ୍ଦୋଳନ ଦେଖାଦେବାରୁ ଟ୍ରେନ୍ ଚଳାଚଳର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ରେଳକର୍ତ୍ତୃପକ୍ଷ କରୋନା ସଂକ୍ରମଣ ଆଳରେ ଏଡାଇଯାଇଥିଲେ। ଗତ ୨ତାରିଖରେ ବାଲେଶ୍ୱର ଜିଲା ଜଳେଶ୍ୱରର କେତେକ ବୁଦ୍ଧିଜୀବୀଙ୍କ ସହିତ ସମାଜକଲ୍ୟାଣ ବିକାଶ ପକ୍ଷରୁ ଖଡ଼ଗପୁରସ୍ଥିତ ରେଳବାଇ କ୍ଷେତ୍ରପ୍ରବନ୍ଧକ ମନୋରଞ୍ଜନ ପ୍ରଧାନଙ୍କୁ ସାକ୍ଷାତ୍ କରି ଖଡଗପୁର-ଭଦ୍ରକ ମେମୋ ଟ୍ରେନ୍‌କୁ ଚଳାଇବାକୁ ଦାବି ଜଣାଇଥିଲେ। ଶେଷରେ ପ୍ରଧାନ ଅନ୍ୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ମୋମୋ ଚଳାଚଳ କରିବାକୁ ସିଦ୍ଧାନ୍ତ ଜଣାଇଥିଲେ। ମଙ୍ଗଳବାର ସକାଳ ୬ଟା ୪୧ମିନିଟ୍‌ରେ ଜଳେଶ୍ୱରରେ ଟ୍ରେନ୍ ଲାଗିବା ପରେ ଜଳେଶ୍ୱରବାସୀ ସ୍ୱାଗତ ଜଣାଇଥିଲେ। ଏଥିରେ ଷ୍ଟେଶନରୁ ଟିକେଟ କଟାଯିବାର ବ୍ୟବସ୍ଥା ଥିବାରୁ ୩୫ଜଣ ଯାତ୍ରୀ ବାଲେଶ୍ୱର ଯାଇଥିଲେ।

# ସୁବର୍ଣ୍ଣରେଖା ବନ୍ଦର, ରେଳ ଓ ସଡ଼କ ପଥ ପାଇଁ ଜମି ଅଧିଗ୍ରହଣ ତ୍ୱରାନ୍ୱିତ

ଲଙ୍ଗଳେଶ୍ୱର, ୭।୯(ଡି.ଏନ.ଏ.)

ଆସନ୍ତା ୨୪ମସିହା ସୁଦ୍ଧା ବାଲିଆପାଳ ବ୍ଲକ ଅଧୀନ ଚୌମୁଖଠାରେ ହେବାକୁ ଥିବା ସୁବର୍ଣରେଖା ବନ୍ଦର ପ୍ରକଳ୍ପ ଭିତ୍ତିଭୂମି କାର୍ଯ୍ୟ ଶେଷ ହେବା ସହିତ ବନ୍ଦର କାର୍ଯ୍ୟ ଆରମ୍ଭ ହେବ। ସେଥିପାଇଁ ସଡ଼କ ପଥ ଏବଂ ରେଳପଥ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଜୋରଦାର ଚାଲିଛି ବୋଲି ଟାଟା କମ୍ପାନୀର ସୋସିଆଲ ସାଇଣ୍ଟିଷ୍ଟ ରଶ୍ମି ରଞ୍ଜନ ଶତପଥୀ କହିଛନ୍ତି।

ଗାନ୍ଧୀଛକଠାରୁ ଚୌମୁଖଯାଏ ଚାରିଟିକିଆ ରାସ୍ତା ହେବ। ସେଥିପାଇଁ ସ୍ୱତନ୍ତ୍ର ଅଫିସ ବାଲିଆପାଳରେ ଥିବା ବେଳେ ରେଳପଥ ଅମର୍ଦ୍ଦା ଷ୍ଟେଶନରୁ ବନ୍ଦର ଯାଏ ଆସିବ ସେଥିପାଇଁ ୪ଟି ଜାଗାରେ କ୍ୟାମ୍ପ କରାଯାଇଛି। ରେକର୍ଡ଼ ପାଇଁ ମଧ୍ୟ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇଛି। ସବୁ କ୍ୟାମ୍ପରେ ଭୂମି ଅଧିଗ୍ରହଣ ଅଧିକାରୀ ଭାବେ ପ୍ରତାପ ଚନ୍ଦ୍ର ସାହୁ, ଚତୁର୍ଭୁଜ ପ୍ରଧାନ, ପ୍ରଶାନ୍ତ କୁମାର ଦାସ, ନୃପାଳ କାନ୍ତି ସିଂ, ପ୍ରଶାନ୍ତ କୁମାର ଦାସ, ଚକ୍ରଧର ପଢି ପ୍ରମୁଖଙ୍କୁ ନିଯୁକ୍ତି ଦିଆଯାଇଛି। ୧୯୭ ଏକର ଜମି ଅଧିଗ୍ରହଣ ହେବାର ଅଛି। ବନ୍ଦର ହେଲେ ବାଲିଆପାଳ ଅଞ୍ଚଳ ବିଶେଷ କରି ଦକ୍ଷିଣ ବାଲିଆପାଳରେ ବିକାଶ ହେଇପାରିବ। ବନ୍ଦରକୁ କେନ୍ଦ୍ର କରି ବହୁ ନିଯୁକ୍ତି ସୃଷ୍ଟି ହେବ। ବାଲିଆପାଳକୁ ରେଳପଥ ହେଉ ବୋଲି ବାରମ୍ବାର ଦାବି ହେଇ ବି କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ବନ୍ଦର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମସ୍ତେ ସହଯୋଗ କରିବା ପାଇଁ ଶତପଥୀ କହିଛନ୍ତି।

ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ
ମୟୂରଭଞ୍ଜ ଜିଲ୍ଲାବାସୀଙ୍କୁ ଭଞ୍ଜସେନା ପକ୍ଷରୁ ଶୁଭେଚ୍ଛା।
ଭଞ୍ଜସେନା ରକ୍ତଭଣ୍ଡାର
ବାରିପଦା, ମୟୂରଭଞ୍ଜ
ରକ୍ତ ଗ୍ରହୀତାଙ୍କ ପାଇଁ ଉଦ୍ଦିଷ୍ଟ
"ରକ୍ତ ଦାନ ମହତ ଦାନ" ଉକ୍ତିକୁ ଭିତ୍ତି କରି ଭଞ୍ଜସେନା ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି। ଯେଉଁ ମାନେ ରକ୍ତ ଅଭାବରୁ ମୃତ୍ୟବରଣ କରୁଛନ୍ତି, ତାଙ୍କୁ କିପରି ରକ୍ତ ଦାନ ଦ୍ୱାରା ନୂଆ ଜୀବନ ପ୍ରଦାନ କରିହେବ ସେଥିପାଇଁ ଭଞ୍ଜ ସେନା ସର୍ବଦା ଚେଷ୍ଟିତ। ରକ୍ତ ଦାନ ଅଭାବରୁ କାହାରିବି ଜୀବନ ନଯାଉ ଏହି ଲକ୍ଷ୍ୟ ନେଇ ଭଞ୍ଜସେନା ରକ୍ତଭଣ୍ଡାର ଉତ୍ସର୍ଗୀକୃତ। ରକ୍ତର ବ୍ୟବସାୟୀ କରଣକୁ ରୋକା ଯାଇ ଜୀବନ ବଞ୍ଚାଇବା ହେଉଛି ଏହାର ମୂଳ ଲକ୍ଷ୍ୟ। ତେଣୁ ନିମ୍ନ ଲିଖିତ ନମ୍ବର ମାନଙ୍କରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।
୯୮୫୩୩୪୧୮୩୩, ୯୮୬୧୧୯୫୯୬୩, ୯୩୩୭୩୦୯୫୮୭
ଆପଣଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ।

ବନ୍ଦେ ଉତ୍କଳ ଜନନୀ
'ଧରିତ୍ରୀ' ଉତ୍ତରଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱର ଜିଲ୍ଲାର ସମସ୍ତ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ସ୍ୱରୂପ କୁମାର ଦାସ
ବିଧାୟକ, ବାଲେଶ୍ୱର

'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ଉତ୍ତର ଓଡ଼ିଶା ଏବଂ ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଡ. ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ
ଏମ୍ପି, ବାଲେଶ୍ୱର

With Best Compliments from
A Well Wisher

'ଧରିତ୍ରୀ' ଉତ୍ତରଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀମତୀ ମମତା କୁଣ୍ଡୁ
ସଭାନେତ୍ରୀ, ଓଡ଼ିଶା ଅଖିଳ ଭାରତୀୟ ପ୍ରଫେସନାଲ କଂଗ୍ରେସ

With Best Compliments from:
Krishna Lal Prasad
Prop.
APARNA SAREE CENTRE
Near Patanjali Chikitsalaya
New Market, Keonjhar, Odisha - 758001
+91 9437180180
E-mail
aparna.saree.centre@gmail.com

ISO 9001 CERTIFIED
PP
ପ୍ରାଣକୃଷ୍ଣ ଜୁଏଲାରୀ ପାଲେସ୍
ଷ୍ଟେସନ ବଜାର (ପି.ଏନ୍.ବି. ଏଟିଏମ୍ ପାଖ), ରୂପ୍ସା, ବାଲେଶ୍ୱର - ୨୮
ଫୋନ୍ - ୦୬୭୮୧-୨୫୪୦୨୬
A Palace of an abstract idea in Jewellery Shopping
'ରବିବାର ବନ୍ଦ'
.... bond with the best

# ବାର୍ଦ୍ଧକ୍ୟ ଜନିତ ଭିନ୍ନକ୍ଷମ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ


ଚିକିତ୍ସା କେନ୍ଦ୍ରକୁ ଜିଲାପାଳ ବିନୀତ ଭରଦ୍ୱାଜ୍ ଉଦ୍‌ଘାଟନ କରୁଛନ୍ତି।

**ବାରିପଦା ଅଫିସ,୭।୯**

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ତରଫରୁ ମୟୂରଭଞ୍ଜ ଜିଲାରେ ବାର୍ଦ୍ଧକ୍ୟ ଜନିତ ଭିନ୍ନକ୍ଷମ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଏହାକୁ ଉଦଘାଟନ କରିଛନ୍ତି। ଜିଲା ଭିନ୍ନକ୍ଷମ ପୁର୍ନବାସ କେନ୍ଦ୍ର ପରିସରରେ ସ୍ଥାପିତ ଏହି ଚିକିତ୍ସା କେନ୍ଦ୍ର ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କ ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟଗତ ସମସ୍ୟାର ଚିକିତ୍ସା ସେବା ତଥା ଫିଜିଓ ଥେରାପି ମାଧ୍ୟମରେ ସେବା ମାଗଣାରେ ମିଳିପାରିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରୂପଭାନୁ ମିଶ୍ର ଯୋଗଦେଇ ବାର୍ଦ୍ଧକ୍ୟ ଜନିତ ବିଭିନ୍ନ ରୋଗର ଚିକିତ୍ସା ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆର୍‌ଡିଏସି ସଂସ୍ଥାର ସମ୍ପାଦକ ବିଜୟ ବେହେରା, ସମ୍ପୃକ୍ତ ବିଭାଗର ସମସ୍ତ କର୍ମଚାରୀ, ତଥା ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ଏହି କେନ୍ଦ୍ରର ପରିଚାଳନା ଦାୟିତ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର୍‌ଡିଏସିଙ୍କୁ ନ୍ୟସ୍ତ କରାଯାଇ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ତତ୍ତ୍ୱାବଧାନରେ ଚିକିତ୍ସା କାର୍ଯ୍ୟ ସୁପରିଚାଳନା କରିବାକୁ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ପରିଚାଳନା କରିଥିଲେ ।

# ଦୁଇ ରାତି ପୂଜା କରିଥାନ୍ତି ଛଉ କଳାକାର

## ମା'ଅମ୍ବିକା ପୀଠ



ମା' ଅମ୍ବିକା। ବାରିପଦାର ଅଧିଷ୍ଠାତ୍ରୀ ଦେବୀ। ମା' ଡାକିଦେଲେ ମିଳିଯାଏ ଅଭୟ, ପୂରଣ ହୁଏ ମନସ୍କାମନା। ଏହି ବିଶ୍ୱାସ ନେଇ ରାଜ୍ୟ ଆଉ ରାଜ୍ୟ ବାହାରୁ ଏଠାକୁ ଛୁଟି ଆସନ୍ତି ଶ୍ରଦ୍ଧାଳୁ। ବହୁ କଥା ଆଉ ଗାଥାର ଗନ୍ତାଘର ଏହି ମନ୍ଦିର ।

ରାଜଧାନୀ ଭୁବନେଶ୍ୱର ଏବଂ କୋଲକାତାଠାରୁ ୨୫୦କି.ମି. ଦୂରରେ ଅବସ୍ଥିତ ବାରିପଦା ସହର। ସହରର ମଧ୍ୟଭାଗରେ ବିରାଜମାନ ମା' ଅମ୍ବିକାଙ୍କ ପୀଠ। ପ୍ରତ୍ୟହ ଭାବମୟ ପରିବେଶରେ ପୂଜକଗଣ ମା'ଙ୍କର ପୂଜାବିଧି ସମ୍ପନ୍ନ କରିଥାନ୍ତି। ସଙ୍କୀର୍ତ୍ତନର ତାଳେତାଳେ ସନ୍ଧ୍ୟା ଆଳତି ଉତ୍ସବମୁଖର ହୋଇପଡ଼େ। ସପ୍ତାହର ମଙ୍ଗଳବାର ଓ ଶନିବାର ତଥା ସଂକ୍ରାନ୍ତିରେ ଏହି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଅଧିକ ହୋଇଥାଏ। ସେହିପରି ବର୍ଷର ବିଭିନ୍ନ ପର୍ବପର୍ବାଣି ତଥା ବିଶେଷ ଦିନରେ ଷୋଡ଼ଶ ଉପଚାର, ଚଣ୍ଡୀପୂଜା ଓ ହୋମ ଆଦି ଶ୍ରଦ୍ଧାଳୁଙ୍କ ସହଯୋଗରେ ସମ୍ପନ୍ନ ହୋଇଆସୁଛି। ବିଶେଷ ପର୍ବ ମଧ୍ୟରେ ପଣା ସଂକ୍ରାନ୍ତି, ରଜ, ମକର, ଦୁର୍ଗାପୂଜା, ବାସନ୍ତୀକ ଦୁର୍ଗାପୂଜା ଆଦି ମହାସମାରୋହରେ ପାଳିତ ହୋଇଥାଏ। ସୁନିଆଁ ଦିନ ଶ୍ରୀଜଗନ୍ନାଥଙ୍କ ଇନ୍ଦ୍ରଧ୍ୱଜ ପୂଜା ଓ ପ୍ରସିଦ୍ଧ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରାରେ ମା' ଅମ୍ବିକାଙ୍କ ଆଜ୍ଞାମାଳ ଓ ଖଡ୍ଗ ନେଇ ପୂଜକ ପ୍ରଦକ୍ଷିଣ କରିବା ପରେ ହିଁ ସମସ୍ତ କାର୍ଯ୍ୟ ଆରମ୍ଭ ହୋଇଥାଏ । ଚୈତ୍ର ମାସର ଭକ୍ତାପର୍ବ ପାଳନ ପାଇଁ ଏହି ମନ୍ଦିରରୁ ପ୍ରାରମ୍ଭିକ ପୂଜା ଆରମ୍ଭ ହେବା ପରେ ସାତଦିନ ଧରି ଅନୁଷ୍ଠିତ ହେଉଥିବା ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟର କଳାକାରମାନେ ଚୈତ୍ରମାସର ଶେଷ ଦୁଇ ରାତିରେ ନିଶାଘଟ ଆଦି ପୂଜା ଏହି ମନ୍ଦିରରେ କରିଥାନ୍ତି। ଶ୍ରଦ୍ଧାଳୁଙ୍କ ସହଯୋଗରେ ମୌରସୀ ଟ୍ରଷ୍ଟିଙ୍କ ଦ୍ୱାରା ମନ୍ଦିର ପରିଚାଳିତ ହୋଇଥାଏ । ମନ୍ଦିରର ପରିବେଶ ତଥା ପ୍ରାଙ୍ଗଣ ସଦା ସର୍ବଦା ଶାନ୍ତ ଓ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ସ୍ୱେଚ୍ଛାକୃତ କରସେବା ବେଶ୍ ନିଆରା । ମା'ଙ୍କ କରୁଣାରୁ ପରିଚାଳନାଜନିତ ଅଭାବ ଅସୁବିଧା କେବେ ଅନୁଭବ କରାଯାଇନାହିଁ ବୋଲି ଟ୍ରଷ୍ଟି ତଥା ମୁଖ୍ୟ ପୂଜକ ଯଜ୍ଞେଶ୍ୱର ଦାଶ କୁହନ୍ତି ।

ମା'ଙ୍କ ଆବିର୍ଭାବ କାଳର ଇତିହାସ ଅସ୍ପଷ୍ଟ । କେବଳ ମନ୍ଦିରର କେତେକ ପୁନର୍ନିର୍ମାଣ ଓ ମନ୍ଦିର ସଂସ୍କାର ବିଷୟରେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ ସ୍ୱର୍ଗତ ଏନ୍‌ଏନ୍ ବାସୁ ଆର୍କୋଲୋଜି ସର୍ଭେ ଅଫ୍ ମୟୂରଭଞ୍ଜ–୧୯୧୧ ଓ ବିଶିଷ୍ଟ ପ୍ରଶାସକ ସ୍ୱର୍ଗତ ନୀଳମଣି ସେନାପତିଙ୍କ ସମ୍ପାଦିତ ଡିଷ୍ଟ୍ରିକ୍ଟ ଗେଜେଟିୟର ଅଫ୍ ମୟୂରଭଞ୍ଜରେ ଉଲ୍ଲେଖ ଅଛି ଯେ, ବାରିପଦା ମଧ୍ୟସ୍ଥ ବଗସାମଲ ଗଡ଼ର ଦକ୍ଷିଣ ପାର୍ଶ୍ୱକୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଅମ୍ବିକା ଦେବୀଙ୍କ ପୀଠସ୍ଥଳୀର ପୁନର୍ନିର୍ମାଣ କରାଯାଇଥିଲା। ମା'ଙ୍କ ବିଜେସ୍ଥଳୀ ୧୬ ଡିସିମିଲ ଜମି ବ୍ୟତୀତ ନିଜସ୍ୱ ଅନ୍ୟ ସ୍ଥାବର ଅସ୍ଥାବର ସମ୍ପତ୍ତି ନାହିଁ। ୧୮୮୯ର ଲାଗ୍‌ରାଜ ମୋକଦ୍ଦମା ୧୦୮ ତଥ୍ୟରୁ ଜଣାଯାଏ ଯେ, ମୟୂରଭଞ୍ଜ ମହାରାଜା ସ୍ୱର୍ଗତ କୃଷ୍ଣଚନ୍ଦ୍ର ଭଞ୍ଜ ବସନ୍ତ ରୋଗରୁ ଆରୋଗ୍ୟ କାମନାଜନିତ ମା'ଙ୍କ ପୂଜା ପାଇଁ ୧୮୦୦ ମସିହାର ଶେଷଭାଗରେ କୁଳିଅଣା ଗ୍ରାମର ତିଳଗଡ଼ିଆ ମୌଜାରୁ ସଂଗୃହୀତ ଖଜଣାରୁ ବାର୍ଷିକ ୩୬ଟଙ୍କା ନଗଦ ଖଞ୍ଜା କରି ଦେଇଥିଲେ । ବର୍ତ୍ତମାନର ମୁଖ୍ୟ ମନ୍ଦିରଟି ତତ୍କାଳୀନ ବିଶିଷ୍ଟ ଗୁଜରାଟୀ ଠିକାଦାର ସ୍ୱର୍ଗତ ୱାଲ୍‌ଜିଗୋବିନ୍ଦ ତାଙ୍କ ପୁତ୍ରଙ୍କର ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରି ସ୍ୱପ୍ନାଦେଶ ହେବାରୁ ସେ ୧୯୨୦ରେ ପୂର୍ବୋତ୍ତର ରାଜ୍ୟ ମନ୍ଦିର ନିର୍ମାଣ ଶୈଳୀରେ ପୁନର୍ନିର୍ମାଣ କରିଥିଲେ। ପରେ ସ୍ଥାନୀୟ ଭକ୍ତଙ୍କ ସହଯୋଗରେ ଅନ୍ୟାନ୍ୟ ନାଟମନ୍ଦିର ଓ ପାର୍ଶ୍ୱ ମନ୍ଦିର ଆଦି ଗଢ଼ି ଉଠିଛି ।

– **ନୀଳାଦ୍ରି ବିହାରୀ ଦଣ୍ଡପାଟ,**
ବାରିପଦା

# କୁଡୁମୀ ସେନାର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

**ବାରିପଦା ଅଫିସ,୭।୯**

କୁଡୁମୀ ଜାତିକୁ ଆଦିବାସୀ ତାଲିକାଭୁକ୍ତ କରିବା ଦାବିରେ କୁଡୁମୀ ସେନା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବରୁ କୁଡୁମୀ ସମ୍ପ୍ରଦାୟର ଲୋକେ ଆଦିବାସୀ ତାଲିକାଭୁକ୍ତ ଥିଲେ। ୧୯୫୦ ସେପ୍ଟେମ୍ବର ୬ରୁ ସେମାନଙ୍କୁ ସରକାର ଆଦିବାସୀ ତାଲିକାରୁ ବାଦ ଦେଇଥିଲେ। ଏହାକୁ ନେଇ ସେପ୍ଟେମ୍ବର ୬କୁ କୁଡୁମୀମାନେ କଳାଦିବସ ଭାବେ ପାଳନ କରିବା ସହ ପୁନର୍ବାର ଆଦିବାସୀ ମାନ୍ୟତା ଦାବିରେ ଆନ୍ଦୋଳନ ଜାରି ରଖିଛନ୍ତି। ସେନାର ରାଜ୍ୟ ସଭାପତି ଜୟମୁନି ମହାନ୍ତଙ୍କ ନେତୃତ୍ୱରେ ଦିଲ୍ଲୀର ଯନ୍ତରମନ୍ତରଠାରେ ସେପ୍ଟେମ୍ବର ୬ରେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ସହ କଳାଦିବସ ମଧ୍ୟ ପାଳନ କରିଥିଲେ।

# ମୟୂରଭଞ୍ଜ ଜିଲାରେ ସେରୋ ସର୍ଭେ ଆରମ୍ଭ

**ବାରିପଦା ଅଫିସ, ୭।୯**

କରୋନା ସଂକ୍ରମଣର ତୃତୀୟ ଲହର ଆଶଙ୍କାକୁ ଦୃଷ୍ଟିରେ ରଖି ସୋମବାରଠାରୁ ମୟୂରଭଞ୍ଜ ଜିଲାରେ ସେରୋ ଲୋଜିକାଲ ସର୍ଭେ ତଥା ଆଣ୍ଟିବଡି ଟେଷ୍ଟ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ମେଡିକାଲ ଗବେଷଣା କେନ୍ଦ୍ର (ଆର୍‌ଏମ୍‌ଆର୍‌ସି) ପକ୍ଷରୁ ଏହି ସର୍ଭେ ବାରିପଦାରେ ହୋଇଛି। ପର୍ଯ୍ୟାୟ କ୍ରମେ ସମଗ୍ର ଜିଲାରେ ବୁଲି ଟେଷ୍ଟ କରିବାର କାର୍ଯ୍ୟକ୍ରମ ରହିଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେବ ବୋଲି ଜଣାପଡ଼ିଛି। ଆର୍‌ଏମ୍‌ଆର୍‌ସି ପକ୍ଷରୁ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ଏଥିରେ ସାମିଲ ଅଛନ୍ତି। ଅନ୍ୟପଟେ ପିଆର୍‌ଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ପକ୍ଷରୁ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି ।

# ୧୬ ପୋଲିସ ଅଧିକାରୀଙ୍କୁ ମାନପତ୍ର

**ବାରିପଦା ଅଫିସ,୭।୯**

ମୟୂରଭଞ୍ଜ ଜିଲା ପୋଲିସ ପକ୍ଷରୁ ଉତ୍ତମ ସେବା ଓ କର୍ତ୍ତବ୍ୟ ପାଳନ କରିଥିବା ୧୬ ସବ୍ ଇନ୍ସପେକ୍ଟରଙ୍କୁ ଡିଜିପିଙ୍କ କମେଣ୍ଡେଣ୍ଟ ରୋଲ୍ ମାନପତ୍ର ପ୍ରଦାନ କରାଯାଇଛି । ମଙ୍ଗଳବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଏସ୍‌ପି କେ.ଆର.ଦ୍ୟାନଦେଓ ଉପସ୍ଥିତ ରହି ସମ୍ପୃକ୍ତ ଅଧିକାରୀମାନଙ୍କୁ ଏହି ମାନପତ୍ର ପ୍ରଦାନ କରିଥିଲେ। ସେମାନେ ହେଲେ ତିରିଂ ଥାନାଧିକାରୀ ପ୍ରଫୁଲ୍ଲ ବାରିକ, ବାରିପଦା ଟାଉନ ଥାନାର ଏସ୍‌ଆଇ ରୀତା ବେହେରା, ପ୍ରବୋଧ ଚନ୍ଦ୍ର ପଣ୍ଡା, ମାନିନୀ ପ୍ରଧାନ ଓ ରଞ୍ଜନ କୁମାର ବେହେରା, ବେତନଟୀ ଥାନାର ଏସ୍‌ଆଇ ଅନନ୍ତ ନାରାୟଣ ନାଏକ, ଝାରପୋଖରିଆର ଯସ୍ମିତା ମାଝି, ମୋରଡ଼ାର ବଦ୍ରିକା ନାଥ ବେହେରା, ଖୁଣ୍ଟାର ସୌମ୍ୟ ରଞ୍ଜନ ଭୋଳ ଓ ସୁଶାନ୍ତ କୁମାର ମହାକୁଡ଼, ବୈଶିଙ୍ଗାର ଅନୀତା ସ୍ୱାଇଁ ଓ ହରେନ୍ଦ୍ର ନାଥ ନାଗ୍ରୀ, କପ୍ତିପଦାର ବିଶ୍ୱଭୂଷଣ ସାହାଣୀ ଓ ସୁନାରାମ ମାଝୀ, ବାଙ୍ଗରିପୋଷିର ଅନ୍ନପୂର୍ଣ୍ଣା ଦାସ ଓ ଶୁଳିଆପଦାର ମିନି ଭୋଇ। ଏହି ଅଧିକାରୀମାନେ ତଦନ୍ତ ପ୍ରକ୍ରିୟାକୁ କ୍ରୀୟାଶୀଳ କରାଇ ଅଧିକ ପରିମାଣରେ କେସ୍ ସମାପ୍ତ କରିଥିବାରୁ ଡିଜିପିଙ୍କ ପ୍ରଶଂସାର ପାତ୍ର ହୋଇଛନ୍ତି ।

-:ଅଭିନନ୍ଦନ:-
ଏକଦା ପୂର୍ବ ଭାରତର ସର୍ବବୃହତ୍ ଦୁର୍ଗ ରାଇବଣିଆର ବୀରଗାଥା ଆଜି ବି ଲୁଚି ଯାଇନି। ଦୈନିକ ସମ୍ବାଦପତ୍ର 'ଧରିତ୍ରୀ'ର ସାମ୍ବତ୍ସରିକ ଉତ୍ସବ ପାଳନ ଅବସରରେ ଏହି ବୀରମାଟି ରାଇବଣିଆରୁ ଜଳେଶ୍ୱର ନିର୍ବାଚନମଣ୍ଡଳୀର ଭାଇଭଉଣୀଙ୍କୁ ଜଣାଉଛି ଶୁଭେଚ୍ଛା ଓ ଅଭିନନ୍ଦନ।

ମନୋଜ କୁମାର ସାସମଲ
ଭାରତୀୟ ଜନତାପାର୍ଟି, ରାଇବଣିଆ ମଣ୍ଡଳ ସଭାପତି, ଜଳେଶ୍ୱର

-:ଅଭିନନ୍ଦନ:-

ମଧୁଛନ୍ଦା ମହାନ୍ତି
ସମ୍ପାଦିକା, ଜଳେଶ୍ୱର
ଦୈନିକ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଅବସରରେ ଦିଗମ୍ବରୀ ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ, +୨ ବିଜ୍ଞାନ ମହାବିଦ୍ୟାଳୟ ଓ ଜନଔଷଧି କେନ୍ଦ୍ର ପକ୍ଷରୁ ଅଗଣିତ ପାଠିକାପାଠକଙ୍କୁ ଶୁଭେଚ୍ଛା ଜଣାଉଛି ।

-:ଅଭିନନ୍ଦନ:-
ବହୁଳ ପ୍ରସାରିତ 'ଧରିତ୍ରୀ' ଦୈନିକ ସମ୍ବାଦପତ୍ରର ବାର୍ଷିକ ଉତ୍ସବ ଅବସରରେ ଜଳେଶ୍ୱର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।

ଶାନ୍ତନୁ କୁମାର ପଟ୍ଟନାୟକ
ବାଲେଶ୍ୱର ସାଂସଦ ପ୍ରତିନିଧି, ଜଳେଶ୍ୱର

-:ଅଭିନନ୍ଦନ:-
ଶରତର ଆଗମନେ କାଶତଣ୍ଡୀର ଦୋଳିରେ ବିଘ୍ନରାଜଙ୍କ ଆଗମନ ତଥା ସୁ–ଶ୍ୟାମଳ ଧରିତ୍ରୀକୁ ଅବଗାହନ ପୂର୍ବକ ଜଳେଶ୍ୱରବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ସୁଦାମ ପାତ୍ର
ବ୍ଲକ କିଷାନ କଂଗ୍ରେସ ସଭାପତି, ଜଳେଶ୍ୱର

-:ଅଭିନନ୍ଦନ:-
ଶାରଦୀୟ ପୂଜାର ଅବ୍ୟବହିତ ପୂର୍ବରୁ ରାଜ୍ୟରେ ବହୁଳ ପ୍ରସାରିତ 'ଧରିତ୍ରୀ' ଦୈନିକ ସମ୍ବାଦପତ୍ରର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଜଳେଶ୍ୱର ନିର୍ବାଚନମଣ୍ଡଳୀର ସମସ୍ତ ନାଗରିକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ହେମନ୍ତ କୁମାର ଗିରି
ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ, ଜଳେଶ୍ୱର

-:ଅଭିନନ୍ଦନ:-
'ଧରିତ୍ରୀ' ନଜର ରାଇଜ ଖବର ସତ୍ୟର ସଦା ସନ୍ଧାନ
ଗଣ ହିତ ହିତେ ସେ ଗଣମାଧ୍ୟମ ସୁପ୍ତ ଚେତନା ଇନ୍ଧନ।

ବଂଶୀ ବାରିକ


'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ଲୋପାମୁଦ୍ରା ଗାର୍ମେଣ୍ଟ୍‌ସ, ଖଇରା
- କରୋନା ସମୟରେ ୯୦ ଜଣ ବେକାର ଯୁବତୀଯୁବକଙ୍କୁ ତାଲିମ ସହ ନିଯୁକ୍ତି ।
- ୨ ହଜାର ଲୋକଙ୍କୁ ମାସ୍କ ବଣ୍ଟନ ।
- କୋଭିଡ୍ ସମୟରେ ପ୍ରବାସୀ, ଅସହାୟ ଗରିବ ଭିକାରୀଙ୍କୁ ମାଗଣାରେ ରନ୍ଧାଖାଦ୍ୟ ବଣ୍ଟନ ।
- ରକ୍ତ ଅଭାବ ସମୟରେ ଶିବିର ଆୟୋଜନ ମାଧ୍ୟମରେ ୪୨ ୟୁନିଟ୍ ରକ୍ତ ସଂଗ୍ରହ ।
- ବିଭିନ୍ନ ସଂସ୍ଥାର ଅର୍ଡର ମୁତାବକ ୧.୫ ଲକ୍ଷ ମାସ୍କ ଯୋଗାଣ ।

-:ଅଭିନନ୍ଦନ:-

ଦୈନିକ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଅବସରରେ ଜଳେଶ୍ୱରର ପାଠିକାପାଠକ, ଶୁଭେଚ୍ଛୁମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ପାର୍ଥସାରଥି କର
କେ.କେ. ସେଲ୍‌ସ, ବଡ଼ବଜାର, ଜଳେଶ୍ୱର

*With Best Compliments From:*
JSW Cement
Tapan Kumar Ghosh
Shree Associates (SPA / C&FA)
JSW Cement Limited
Email: shreeassociates.kjr@gmail.com
Mobile: +91 9437179102

ODISHA
INDIA'S BEST KEPT SECRET.
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଅଗଣିତ ପାଠିକା ପାଠକ ଓ ସମସ୍ତ ଓଡ଼ିଶାବାସୀ ଭଉଣୀ ଭାଇମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ଆସନ୍ତୁ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ପ୍ରଗତିର ନୂତନ ସୋପାନରେ ଉପନୀତ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର


- ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି କୋଣାର୍କ, ଭିତରକନିକା, ହୀରାକୁଦ, ସାତକୋଶିଆ ଓ ଦାରିଙ୍ଗବାଡ଼ିଠାରେ ଆୟୋଜିତ ଇକୋ–ରିଟ୍ରିଟ୍ ବ୍ୟବସ୍ଥା।
- ବିଶ୍ୱପ୍ରସିଦ୍ଧ କୋଣାର୍କ, ପୁରୀ ଶ୍ରୀମନ୍ଦିର, ସମଲେଶ୍ୱରୀ ମନ୍ଦିର ସମେତ ଅନ୍ୟାନ୍ୟ ପ୍ରାଚୀନ ମନ୍ଦିରଗୁଡ଼ିକର ସୌନ୍ଦର୍ଯ୍ୟକରଣ ।
- ଧଉଳି, ପଞ୍ଚୁଲିଙ୍ଗେଶ୍ୱର, କପିଳାସ, ନୃସିଂହନାଥ, ଭୀମକୁଣ୍ଡଠାରେ ରୋପ୍–ୱେ ପାଇଁ ପଦକ୍ଷେପ ।
- ୩ ବର୍ଷ ମଧ୍ୟରେ ବିଭାଗର ବଜେଟ୍‌କୁ ୫ ଶହରୁ ୧ ହଜାର ୫ ଶହ କୋଟିକୁ ବୃଦ୍ଧି ।
- ୫୦ ହଜାର ବରିଷ୍ଠ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭତ୍ତା ପ୍ରଦାନ ଆଦି କାର୍ଯ୍ୟକ୍ରମରେ ଭାଗୀଦାର ହୁଅନ୍ତୁ ।
ଜ୍ୟୋତି ପ୍ରକାଶ ପାଣିଗ୍ରାହୀ
ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ

-:ଅଭିନନ୍ଦନ:-

Devee Kanya Make-up STUDIO
- Aroma Treatment
- Enzyme Treatment
- Electrolysis Treatment
- Dermabrazen Machine
- Skin Vaccum
- Jet Spray
- MDA
- MESO
- Crystal Dermabrazen
- Hydra Spray
- DDA
- Korean Spray
- Skin Peeling
- BB Grow
- Permanent Eyebrow
STATION BAZAAR, JALESWAR (ODISHA)
CONTACT- 09238503824
ମହିଳାଙ୍କ ସୌନ୍ଦର୍ଯ୍ୟ ବର୍ଦ୍ଧନକୁ ବ୍ରତ ଭାବେ ଗ୍ରହଣ କରି ସେବା ଯୋଗାଉଥିବା ଦେବୀକନ୍ୟା ପରିବାର ପକ୍ଷରୁ ରାଜ୍ୟର ଅନ୍ୟତମ ସର୍ବାଧିକ ପ୍ରସାରଣ ଦୈନିକ ସମ୍ବାଦପତ୍ର 'ଧରିତ୍ରୀ'ର ଜନ୍ମଦିବସରେ ଉତ୍ତର ବାଲେଶ୍ୱର ଓ ଉପାନ୍ତ ପଶ୍ଚିମବଙ୍ଗ ଅଞ୍ଚଳବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା।
ନିବେଦିତା ପ୍ରଧାନ
ପ୍ରୋ: ଦେବୀକନ୍ୟା, ଷ୍ଟେଶନ ବଜାର, ଜଳେଶ୍ୱର

See Career Appointment on every Wednesday & Saturday

# ଦ୍ୱୈତ ନଗରୀରେ ବିକଶିତ ହେବ ଜଙ୍ଗଲ-ପାର୍କ

ଭୁବନେଶ୍ୱର,୭।୯(ବ୍ୟୁରୋ)

ଦ୍ୱୈତ ନଗରୀର ପ୍ରାକୃତିକ ପରିବେଶ ବିକାଶ ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ଉଭୟ ସହରଏବଂସହରପାଖାପାଖିସ୍ଥାନରେଜଙ୍ଗଲ-ପାର୍କ ବିକଶିତ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସହରାଞ୍ଚଳରେ ବୃକ୍ଷରୋପଣ ଓ ତାହାର ରକ୍ଷଣାବେକ୍ଷଣ ସମ୍ପର୍କୀୟ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ଲୋକସେବା ଭବନରେ ଡିଜିଟାଲ ମୋଡ଼ରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ସହରାଞ୍ଚଳରେ କରାଯାଇଥିବା ବୃକ୍ଷରୋପଣ ସ୍ଥାନରେ ଜଙ୍ଗଲ-ପାର୍କ ବିକଶିତ କରିବା ସମ୍ପର୍କୀୟ ପ୍ରଶାସନିକ ଏବଂ ଆର୍ଥିକ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ଶାସନ ସଚିବ ମହାପାତ୍ର ଉଭୟ କଟକ ଓ ଭୁବନେଶ୍ୱର ସହର ଏବଂ ଏହା ସଂଲଗ୍ନ ସ୍ଥାନଗୁଡ଼ିକରେ ବୃକ୍ଷରୋପଣ ମାଧ୍ୟମରେ ସୃଷ୍ଟି କରାଯାଇଥିବା ସବୁଜିମା ସ୍ଥାନର ପରିଧି ଓ ଘନତାର ସମୀକ୍ଷା କରିଥିଲେ। ଅଧିକାଂଶ ସ୍ଥାନରେ ସବୁଜିମାର ଘନତା ଭଲ ଭାବେ ବୃଦ୍ଧି ପାଇଥିବାରୁ ସେସବୁ ସ୍ଥାନରେ ଜଙ୍ଗଲ-ପାର୍କ କରି ଜନସାଧାରଣଙ୍କ ନିମନ୍ତେ ଖୋଲିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଜଙ୍ଗଲ-ପାର୍କରେ ପ୍ରାତଃ ଭ୍ରମଣ, ଚିତ୍ତବିନୋଦନ, ପିଲାଙ୍କ ପାଇଁ ପ୍ରମୋଦ ବ୍ୟବସ୍ଥା, ଛୋଟ ଛୋଟ ବଣଭୋଜି ପିଣ୍ଡି ଆଦିର ସୁବିଧା ରହିବ। ଜୟଦେବ ବାଟିକା ଏବଂ ଏକାମ୍ର କାନନ ପରି ଜଙ୍ଗଲ-ପାର୍କ ବେଶ୍ ଲୋକପ୍ରିୟ ହୋଇଛି। ନୂଆ ଜଙ୍ଗଲ-ପାର୍କ ଗୁଡ଼ିକୁ ସ୍ୱ ପୋଷିତ ରାଜସ୍ୱ ସଂଗ୍ରହ ଢାଞ୍ଚାରେ ପରିଚାଳିତ କରିବା ପାଇଁ ମୁଖ୍ୟ ଶାସନ ସଚିବ କହିଥିଲେ। ଜଙ୍ଗଲ-ପାର୍କର ବିକାଶ ଲାଗି ଚଲାପଥ, ବିଦ୍ୟୁତ୍ ଓ ପାନୀୟ ଜଳ ସଂଯୋଗ, ପରିଚ୍ଛନ୍ନତା, ପାର୍କିଂ ସ୍ଥାନ ଆଦି ସମ୍ପୃକ୍ତ ପୌର ମହାନଗର ନିଗମ ଦ୍ୱାରା କରାଯିବ। ଏସବୁର ରକ୍ଷଣାବେକ୍ଷଣ ଓଡ଼ିଶା ଜଙ୍ଗଲ ବିକାଶ ନିଗମ (ଓଏଫ୍‌ଡିସି) କରିବ ବୋଲି ବୈଠକରେ ସ୍ଥିର ହୋଇଛି। ଏଥିଲାଗି କ୍ଷେତ୍ରସ୍ତରୀୟ ସମନ୍ୱିତ କାର୍ଯ୍ୟୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସିଏମ୍‌ସି ଓ ଏଫଡିସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ-ପାର୍କକୁ ଯିବା ଲାଗି ମୋ ବସ୍ ରୁଟ୍‌ର ସମ୍ପ୍ରସାରଣ ସହ ବିଏମ୍‌ସି ଏବଂ ସିଏମ୍‌ସିର ୱେବ୍‌ସାଇଟ୍, ବସ୍ ଷ୍ଟପ୍‌ରେ ସୂଚନା ଫଳକ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ଏହି ସ୍ଥାନଗୁଡ଼ିକୁ ଲୋକପ୍ରିୟ କରିବା ଲାଗି ବିଏମ୍‌ସି କମିଶନର ସଞ୍ଜୀୟ କୁମାର ସିଂ କହିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ହରିଶଙ୍କର ଉପାଧ୍ୟାୟ କହିଥିଲେ, ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ୫ଟି ସବୁଜିମା ସ୍ଥାନ ସୃଷ୍ଟି କରାଯାଇଛି। ୬ଷ୍ଠ ସ୍ଥାନ ଭାବେ ବର୍ତ୍ତମାନ ନଗର ବଣକୁ ବିକଶିତ କରାଯାଉଛି। ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଯୁଗ୍ମ କମିଟି କ୍ଷେତ୍ର ପରିଦର୍ଶନ କରି ସହର ଜଙ୍ଗଲ ପାର୍କ ନିମନ୍ତେ ସ୍ଥାନ ଚିହ୍ନଟ କରିବା ପାଇଁ ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟରେ ଉଭୟ ସହର ଲାଗି ୬ରୁ ୭ଟି ସ୍ଥାନ ନିରୂପଣ କରିବା ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।


ଭର୍ଚ୍ଚୁଆଲ୍ ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଜଙ୍ଗଲ ବିଭାଗର ଅନ୍ୟ ଅଧିକାରୀ।

- ବିଏମ୍‌ସି, ସିଏମ୍‌ସି, ଓଏଫ୍‌ଡିସି ମିଳିତ ଭାବେ ଏହି ସୁବିଧା ସୃଷ୍ଟି କରିବେ
- ପ୍ରଥମ ପର୍ଯ୍ୟାୟରେ ଉଭୟ ସହରରେ ୬ରୁ ୭ ସ୍ଥାନ ନିରୂପଣ ଲାଗି ନିର୍ଦ୍ଦେଶ

# ଓଲଟିଲା ଆଳୁ ବୋଝେଇ ଟ୍ରକ୍


ରାସ୍ତାରେ ଓଲଟି ପଡ଼ିଥିବା ଆଳୁ ବୋଝେଇ ଟ୍ରକ୍।

**ଛତିଆ/ଚଣ୍ଡିଖୋଲ,୭।୯(ଡି.ଏନ.ଏ.):** ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ୧୬ ନଂ. ଜାତୀୟ ରାଜପଥର ଛତିଆ ହନୁମାନ ଢାବା ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୬ଟା ସମୟରେ ଏକ ଆଳୁ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକ୍ ନଂ. (ଡବ୍ଲ୍ୟୁବି-୩୩-ସି-୨୯୩୦) କୋଲକାତାରୁ ଆଳୁ ବୋଝେଇ କରି କଟକ ଜଗତପୁରକୁ ଆସୁଥିଲା। ଛତିଆ ହନୁମାନ ଢାବା ନିକଟରେ ପୂର୍ବରୁ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଛିଡ଼ାହୋଇଥିଲା। ଫଳରେ ଆଳୁ ବୋଝେଇ ଟ୍ରକ୍‌ଟି ଆସି ସେଠାରେ ଛିଡ଼ା ହୋଇଥିବା ଟ୍ରକ୍ ପଛରେ ଧକ୍କା ହୋଇଥିଲା। ତେବେ ଆଳୁ ଗାଡ଼ି ଓଜନିଆ ଥିବାରୁ ଭାରସାମ୍ୟ ହରାଇ ରାସ୍ତା ମଝିରେ ଓଲଟି ପଡ଼ିଥିଲା। ରାସ୍ତାରେ ଏଣେ ତେଣେ ଆଳୁ ବସ୍ତାଗୁଡ଼ିକ ବିଛେଇ ହୋଇ ପଡ଼ିଥିଲା। ଏହାର ସୁଯୋଗରେ ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭ କରି ରାଜପଥରେ ଯାତାୟାତ

## ମାନବିକତା ଭୁଲି ବୋହି ନେଇଗଲେ ଲୋକେ

କରୁଥିବା ଅନ୍ୟ ଗାଡ଼ିଚାଳକମାନେ ମାନିବକତା ଭୁଲି ବସ୍ତାବସ୍ତା ଆଳୁ ବୋହି ନେଇଥିଲେ। ହେଲେ ଗାଡ଼ି ଚାଳକ ଓ ସହାୟକଙ୍କୁ କେହି ଉଦ୍ଧାର କରି ନ ଥିଲେ। ସେମାନେ ନିଜ ଚେଷ୍ଟାରେ ବହୁ କଷ୍ଟରେ ବାହାରିଥିଲେ। ଖବର ପାଇ ବୈରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଟ୍ରକ୍‌ରୁ ଆଳୁ ଖାଲି ହୋଇଯାଇଥିଲା। ଉକ୍ତ ଦୁର୍ଘଟଣାରେ କାହାରି କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ୨ଟିକୁ କ୍ରେନ୍ ସହାୟତାରେ ଉଠାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ଏହି ଦୁର୍ଘଟଣା ଯୋଗୁ ପ୍ରାୟ ୪୫ ମିନିଟ୍ ଧରି ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

# ଆନ୍ଧ୍ର ଅଙ୍ଗନୱାଡି କେନ୍ଦ୍ର ସିଲ୍ କଲା ପ୍ରଶାସନ

ରାୟଗଡ଼(ଗଜପତି), ୭।୯(ଡି.ଏନ.ଏ.)

ଗଜପତି ଜିଲା ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତ ମାଣିକପାଟଣା ଗ୍ରାମରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଏକ ଅସ୍ଥାୟୀ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣକୁ ନେଇ ବିବାଦ ଦେଖାଯାଇଛି। ସୀମାନ୍ତ ଗ୍ରାମ ମାଣିକପାଟଣାରେ ଆନ୍ଧ୍ର ଦ୍ୱାରା ପରିଚାଳିତ ଏହି ଅଙ୍ଗନୱାଡି କେନ୍ଦ୍ରକୁ ଗତ ରବିବାର ଓଡ଼ିଶା ପ୍ରଶାସନ ସିଲ୍ କରିଛି। ମଙ୍ଗଳବାର ଆନ୍ଧ୍ର ପୋଲିସ ଓ ପ୍ରଶାସନ ସେଠାକୁ ଆସିଥିବା ବେଳେ ଚାପା ଉତ୍ତେଜନା ଦେଖାଯାଇଥିଲା। ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏଡିଏମ୍ ସଂଗ୍ରାମ ଶେଖର ପଣ୍ଡା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ପାତ୍ର, ଉପଜିଲାପାଳ ଦିଲୀପ କୁମାର ମହାରଣା, ରାୟଗଡ ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ବିଡିଓ ରାଜାରଞ୍ଜିତ ପ୍ରତାପ ବଳ, ଗାରବନ୍ଧ ଥାନା ଅଧିକାରୀ ସର୍ବେଶ୍ୱର ସାମନ୍ତରାୟ, ରାଜସ୍ୱ ନିରୀକ୍ଷକ ମାଣିକପାଟଣାରେ ପହଞ୍ଚି ଆନ୍ଧ୍ର ଶ୍ରୀକାକୁଲମ ଜିଲାର ପିଏଆଇଟିଡିଏଙ୍କ ସହ ବିଚାରବିମର୍ଶ କରିଥିଲେ। ରାଜ୍ୟ ସୀମାକୁ ଗୁରୁତ୍ୱ ଦିଆଯାଇ ଆଲୋଚନା ହୋଇଥିଲା। ଘଟଣାସ୍ଥଳରେ ଉଭୟ ଆନ୍ଧ୍ର-ଓଡ଼ିଶା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ଅଙ୍ଗନୱାଡି କେନ୍ଦ୍ର କେଉଁ ରାଜ୍ୟରେ ରହିଛି ତାହା ଉଭୟ ରାଜ୍ୟର ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ସୀମା ନିର୍ଦ୍ଧାରଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ମାଣିକପାଟଣାରେ ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ହୋଇଥିବା ବେଳେ ୨୦୧୨ ସେପ୍ଟେମ୍ବର ମାସରୁ ଆନ୍ଧ୍ର ସରକାର ସେଠାରେ ଏକ ମିନି ଅଙ୍ଗନୱାଡି କେନ୍ଦ୍ର ଚଳାଇ ଆସୁଛି। ଜଣେ ବ୍ୟକ୍ତିଙ୍କ ପଟ୍ଟା ଜମିରେ ଅସ୍ଥାୟୀ କୁଡିଆରେ ଉକ୍ତ କେନ୍ଦ୍ର ଚାଳଇଥିବା ବେଳେ ଓଡ଼ିଶା ପ୍ରଶାସନ ତାହାକୁ ସିଲ୍ କରିଛି।

# ଛାତ୍ରାବାସର ୧୯ ଅନ୍ତେବାସୀଙ୍କୁ କରୋନା

ବରଗଡ଼ ଅଫିସ୍, ୭।୯

କରୋନାର ତୃତୀୟ ଲହରରେ ଶିଶୁମାନେ ଆକ୍ରାନ୍ତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ଜିଲାରେ ତୃତୀୟ ଲହର ଆରମ୍ଭ ହୋଇ ନ ଥିଲେ ସୁଦ୍ଧା ବରଗଡ଼ ସହର ଉପକଣ୍ଠରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରାବାସରେ ୧୯ ଅନ୍ତେବାସୀ(୧୪ରୁ ୧୬ବର୍ଷ) କରୋନାରେ ଆକ୍ରାନ୍ତ ହେବା ଏଠାରେ ଚିନ୍ତା ବଢ଼ାଇଛି। ଆକ୍ରାନ୍ତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ସେତେ ଗୁରୁତର ନ ଥିବା ଏବଂ ସେମାନେ କ୍ୱାରାଣ୍ଟାଇନରେ ରହିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ର କହିଛନ୍ତି।

ପ୍ରକାଶ ଯେ, ଗତ ୪ତାରିଖରୁ ଉକ୍ତ ଶିକ୍ଷାନୁଷ୍ଠାନର ଅନ୍ତେବାସୀ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ପ୍ରଥମେ ୭ଜଣ ଚିହ୍ନଟ ହୋଇଥିବା ବେଳେ ୬ତାରିଖରେ ୭ଜଣ ଏବଂ ମଙ୍ଗଳବାର ୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାପରେ ଛାତ୍ରାବାସ ପରିସରକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି ଛାତ୍ରାବାସର ସମସ୍ତ ଅନ୍ତେବାସୀଙ୍କ କୋଭିଡ୍ ପରୀକ୍ଷା କରାଯାଇଛି ଏବଂ ଏହା ସହିତ କଣ୍ଟାକ୍ଟ ଟ୍ରେସିଂ ଚାଲିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପାତ୍ର କହିଛନ୍ତି। ଅନ୍ୟପଟେ ଛାତ୍ରାବାସରୁ ଅନ୍ତେବାସୀମାନେ ନିଜ ଘରକୁ ଫେରି ଯାଉଥିବା ଦେଖିବାକୁ ମିଳିଛି। ଆକ୍ରାନ୍ତ ଅନ୍ତେବାସୀଙ୍କ ମଧ୍ୟରେ ୪ଜଣ ବରଗଡ଼ ଜିଲାର ହୋଇଥିବା ବେଳେ ଅନ୍ୟମାନେ ବାହ୍ୟ ଜିଲାର ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପାତ୍ର ସୂଚନା ଦେଇଛନ୍ତି।

# ୪୨ଜଣଙ୍କୁ 'ବସନ୍ତ ବିଶ୍ୱାଳ ସମ୍ମାନ'

**ଭୁବନେଶ୍ୱର, ୭।୯(ବ୍ୟୁରୋ):** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ପୂର୍ବତନ ସଭାପତି ବସନ୍ତ କୁମାର ବିଶ୍ୱାଳଙ୍କ ଶ୍ରାଦ୍ଧ ଦିବସକୁ 'ବସନ୍ତ ଦିବସ' ରୂପେ ରାଜ୍ୟ କାର୍ଯ୍ୟାଳୟ ତରଫରୁ ପାଳନ କରାଯାଇଛି। ଏହି ଅବସରରେ ମଙ୍ଗଳବାର ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି କାଳିପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲାର ସ୍କାଉଟ୍, ଗାଇଡ୍, କବ୍, ବୁଲ୍‌ବୁଲ, ରୋଭର ଓ ରେଞ୍ଜର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୪୨ଜଣ ସ୍କାଉଟ ମାଷ୍ଟର, ଗାଇଡ୍ କ୍ୟାପଟେନ, କବ୍ ମାଷ୍ଟର, ଫ୍ଲକ ଲିଡର, ରୋଭର ଲିଡର ଓ ରେଞ୍ଜର ଲିଡରଙ୍କୁ 'ବସନ୍ତ ବିଶ୍ୱାଳ ସମ୍ମାନ' ପ୍ରଦାନ କରାଯାଇଛି। ଅତିଥି ଭାବେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ଉପସଭାପତି ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ମନୋରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ନ୍ୟାୟାଧୀଶ ରାଜ୍ୟ ସମ୍ପାଦକ ଶରତ କୁମାର ପାଇକରାୟ ଏବଂ ରାଜ୍ୟ କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ରାଜ୍ୟ ଗାଇଡ୍‌ସ ସଙ୍ଗଠନ କମିଶନର ଏବଂ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଅନାମିକା ଦାସ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ରାଜ୍ୟ ସମ୍ପାଦକ ଶରତ କୁମାର ପାଇକରାୟ ଧନ୍ୟବାଦ ଦେଇଥିଲେ।


**ODISHA PUBLIC SERVICE COMMISSION**
**CUTTACK**
**NOTICE**
No. 6240/P.S.C., (1E-25-2020-21) (DR-II), Dt.7.9.21
Website - http://www.opsc.gov.in

**No. D-119:-** It is for information of all concerned that the written examination for recruitment to the post of **Dental Surgeon** in Group-A (Junior Branch) of Odisha Medical & Health Services (Dental) Cadre under Health & Family Welfare Department, pursuant to Advertisement No. **11 of 2020-21** will be held **on 03.10.2021 (Sunday) from 10.00 A.M. to 1.00 P.M. (10.00 A.M. to 2.00 P.M. for PWD candidates)**. The detail programme of the written examination showing venue will be notified later on in the website of the Commission.

The concerned candidates are advised to visit the website of Commission regularly for further updates.

OIPR-12002/11/0081/2122 **Sd./- Secretary**

**PARADIP PORT TRUST**
**CORRIGENDUM-III**
**To e-TCN No. EM/WS-29/2021 for the work : "Grant of license for Installation, Operation & Maintenance of 04 nos. of 100 Ton Capacity HMC for a period of 05 years extendable to another 01 year"**
For the above e-Tender call notice are hereby extended as follows : (1) Date and time of uploading response to clarifications sought : **10.09.2021 at 17:00 Hrs,** (2) Last date and time of bid Submission : **20.09.2021** upto **18:00 Hrs**. (3) Opening of technical Bid : **21.09.2021 at 11:00 Hrs**. All other terms and conditions of the original tender and Addendum-I will remain unchanged. **Executive Engineer (M),**
**PPT/PR/105/2021-22, Dt.07.09.2021 WD-I**

**DIRECTORATE OF TECHNICAL EDUCATION & TRAINING**
**ODISHA, CUTTACK**
**Diploma Admission - 2021**
**Notice to 1st Sem/Year & 3rd Sem (Lateral Entry) Physically Challenged (PC) Candidates**

No. KK-75:- It is brought to the attention of all Physically Challenged (PC) candidates whose applications have been validated during the year 2021-22 and interested for taking admission into 1st Semester/Year & 3rd Semester (Lateral Entry) Diploma Courses that they will have to appear before the Medical Board at SCB Medical College & Hospital, Mangalabag, Cuttack on **09.09.2021 (Thursday)** for 1st Semester/Year and **14.09.2021 (Tuesday)** for 3rd Semester (Lateral Entry) at 9.30 AM onwards for examination of their medical standard. They will report to the Principal, BOSE, Cuttack by 8.30 AM on the above scheduled date & time for the said purpose. For details of reporting & date wise list of such candidates, please visit- **www.samsodisha.gov.in**

**Sd./- Director of Technical Education & Training, Odisha**
OIPR-14004/11/0010/2122

**SHREE JAGANNATH TEMPLE OFFICE, PURI**
**QUOTATION CALL NOTICE No.8911 Dt.4.09.2021**
"Quotation for supply of medicines to Shree Jagannath Temple Sevayat Welfare Dispensary (Allopathic), Puri".
Visit website: **www.shreejagannatha.in**
Last date: 20.09.2021 by 5 P.M.
**Sd./- Administrator**
**Shri Jagannath Temple, Puri**

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No. CAD-1128 Email-hpschiplima@yahoo.in, Fax No. (0663) 2460505
**No.-CHEP/TW-41 (Vol.-IV)/2820 Date: 06.09.2021**

**TENDER CALL NOTICE NO.-CHEP-14/2021-22**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Contractors / Firms having Electrical License for the following works as mentioned below.

| Description | Cost of Tender Paper (Non-refundable) | Estimated Cost |
|---|---|---|
| Lifting & distributing of water to OHPC Colony and Maintenance of Water Supply System of Residential & Non-Residential Buildings of CHEP, Chiplima | Rs.7,080/- (Rs.6,000/- + GST @18%) | Rs.11,10,871/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com** **from dtd.09.09.2021 up to 12:30 PM of dtd.23.09.2021.**
**OIPR-04006/11/0008/2122** **Sd/- Unit Head, CHEP, Chiplima**

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in
**Bid identification no:- VI-40(11)/SERIFED/2021-22/758 Dt.31.08.2021**
**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, from the registered contractors "B" & "A" for the **"Renovation of Existing Portion of Boyanika Sale Depot" at Western Market Building, Bhubaneswar.** The contractor having experience in executing similar type of work shall participate in the tender. Interested contractors have to visit the site and asses the requirement of work as per plan, elevations and BoQ attached in tender document and submit colored 3D views of the works. The Colored 3D views shall be submitted separately (offline) should reach the O/o SERIFED, Saheed Nagar, Bhubaneswar on or before the last date of submission. The tender without 3D views shall be rejected. The tender shall be finalized on the QCBS method basing on the concept design (3D views) & financial quote at the weightage ratio of 80:20. The bid documents such as DTCN/BOQ etc. can be seen/downloaded from the government website: **www.tendersodisha.gov.in** during the period **dt. 14.09.2021 to 17.00 hours up to dt. 27.09.2021.** Online bids shall be received **till 17.00 hours dt. 27.09.2021** & shall be opened **at 11.30 AM on Dt. 28.09.2021.** Any addendum / corrigendum / cancellation of tender can also be seen in the said website.

**Sd/-**
**MANAGING DIRECTOR**

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No.: C/71, Sector-7, CDA, Cuttack-753014**
**FORM NO. ITCP-1**
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks and Financial Institutions Act, 1993)
**R.P. No.: 148/2018/CTC**
**(Arising out of OA No. 356 of 2013)**
**Next Date: 02.11.2021**

**Bank of Baroda, Sambalpur Branch,** Christianpara, G.M. College Chowk, Dist.: Sambalpur, PIN-768001 **...Certificate Holder Bank**
**Vs.**
**Bharat Integrated Social Welfare Agency (BISWA) & Others**
**...Certificate Debtors**

To,
1. **Bharat Integrated Social Welfare Agency (BISWA),** At: Danipalli, P.O.: Bareipali, Dist.: Sambalpur, PIN-768006. (Represented through its Chairman, **Shri Khirod Chandra Mallick**).
2. **Shri Khirod Chandra Mallick,** S/o: Paban Mallick, At: Danipalli, P.O.: Bareipali, Dist.: Sambalpur, PIN-768150.
3. **Shri Pitabas Sethy,** S/o: Ramachandra Sethi, At: Krushnadaspur, P.O.: Dandisahi, Dist.: Kendrapara, PIN-754240.
4. **Ch. Bijayabati,** D/o: Shri Tirupati Rao, At: Cheruapara, Sambalpur, PIN-768002.
5. **Shri Pahelu Dip,** S/o: Late Marki Dip, At: Ghunghtipara, Sambalpur, PIN-768003.
6. **Smt. Jagadamba Rao,** W/o: Late T. Krishna Rao, At: Daleipara, Sambalpur, PIN-768001.
7. **Shri Niranjan Tripathy,** S/o: Jogeswar Tripathy, At: Hatpara, Susarigali, PIN-768001.
8. **Miss Rajasini Sibil,** D/o: Late Jisak Sibil, At: Baramunda, P.O.: Talab, Sambalpur, PIN-768200.
9. **Mrs. Joyasree Mahanti,** W/o: Shri S. D. Mahanti, At: Kamalibazar, Sambalpur, PIN-768003.
10. **Mrs. Rahil Sibil,** W/o: Imannuel Sibil, At: Baramunda, P.O.: Talab, Sambalpur, PIN-768200.
11. **Mrs. Phula Sibil,** W/o: Nithnnel Sibil, At: Baramunda, P.O.: Talab, Sambalpur, PIN-768200.
12. **Shri Sunil Kumar Panda,** S/o: Sashi Bhusan Panda, At: N. Guha Lane, Sambalpur, PIN-768001.

Take notice that Certificate arising out of **OA No. 356 of 2013** issued by the Hon'ble Presiding Officer, Debts Recovery Tribunal, Cuttack under Section 19(22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs.4,03,67,548.00 (Rupees Four Crore Three Lac Sixty Seven Thousand Five Hundred Forty Eight Only)** together with interest till realisation of the dues, cost, charges as per the certificate, the details of which are given below:

1. Decretal Dues : Rs.4,03,67,548.00
2. Interest @ 14.50% p.a. with quarterly rests from 12.06.2013 to 19.09.2019 : Rs.5,89,48,948.00
3. Cost allowed (+) : Rs. 1,50,000.00

Total : Rs.9,94,66,496.00

**(Rupees Nine Crore Ninety Four Lac Sixty Six Thousand Four Hundred Ninety Six Only)** with of interest @ 14.50% p.a. with quarterly rest on the amount due 20.09.2019 till realization of the entire Dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **02.11.2021** and report the details of payment made by you.

Given under my hand & seal at Cuttack on this **2nd day of September, 2021.**

**Sd/- (R. P. Patnaik)**
**Recovery Officer**

**ODISHA PUBLIC SERVICE COMMISSION**
**ADVERTISEMENT No.12 OF 2021-22**
**Recruitment to the post of Assistant Horticulture Officer in Class-II of Group-B service under Department of Agriculture & Farmer's Empowerment**
WEBSITE - **http://opsc.gov.in**

**No. D-120:-** *Online applications are invited from the prospective candidates through the Proforma application to be made available on the Website of the Commission (http://opsc.gov.in)* for recuruitment to **37** (Thirty Seven) posts of Assistant Horticulture Officer in Class-II of Group-B Service, under Department of Agriculture & Farmer's Empowerment, in the Pre-revised scale of pay of Rs.9,300-34,800/- with Grade pay of Rs.4600/- (PB2) or Level-10 of the Pay matrix Revised, as per ORSP Rules, 2017, with usual Dearness and other Allowances as may be sanctioned by the Government of Odisha from time to time. The posts are temporary and likely to continue.

2. **VACANCY POSITION:** As per requisition filed by the Agriculture and Farmer's Empowerment Department, Government of Odisha, out of a total of **37(12-w)** vacancies, 20 (07-w) vacancies are reserved for UR category, 07 (02-w) vacancies are reserved for SEBC category, 04(01 -w) vacancies are reserved for SC category, 06 (02 -w) vacancies are reserved for ST category. Also, 01 post is reserved for **Ex-Servicemen** & **01** post is reserved for **Persons with Disabilities** (whose permanent disability is 40% and more) having Locomotors Disabilities i.e. **OL (MNR)**.

3. **AGE:** A candidate must have attained the age of **21 (Twenty one)** years and must not be above **32 (Thirty two)** years as on **1st day of January 2021** i.e. he/she must have been born not earlier than **2nd January, 1989** and not later than **1st January, 2000**.

4. **EDUCATIONAL QUALIFICATION:** A candidate must possess a Bachelor of Science Degree in Horticulture/ Agriculture from any of the recognized Universities or Institutions.

5. **EXAMINATION FEE:** A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and Persons with Disabilities (whose permanent disability is 40% or more) are exempted from payment of this fee.

**The link for registration/ re-registration and payment of examination fees shall be available from 10.09.2021 to 30.09.2021 (Note: 08.10.2021 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in for detailed information for applying to the above post.**

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**
**CUTTACK**
**DATE- 07.09.2021**
OIPR-12002/11/0082/2122

**TPNODL TP Northern Odisha Distribution Limited**
**(A Tata Power & Odisha Govt. Joint Venture)**
**Regd. Off: Corp. Office: Januganj, Remuna Golei, Balasore, Odisha-756019**
**CIN No.: U40106OR2021SGC035951, Website: www.tpnodl.com**
**NOTICE INVITING TENDER (NIT) September 07, 2021**

TPNODL invites tenders as per following details:

| Tender Enquiry No. Work Description | Tender Fee/ EMD (Rs.) | Availability of Bid Document | Last Date of Bid Submission |
|---|---|---|---|
| TPNODL/OT/2021-22/064 (RC for WIFI) | Rs. 5000/- Rs. 50,000/- | 08.09.2021 | 21.09.2021, 15.00 hrs. |
| TPNODL/OT/2021-22/065 (RC for Supply of 11kV & 33kV Isolator & AB switch) | Rs. 5000/- Rs. 2,00,000/- | 08.09.2021 | 16.09.2021, 15.00 hrs. |
| TPNODL/OT/2021-22/067 (RC for Network Device for SCADA) | Rs. 5000/- Rs. 2,00,000/- | 08.09.2021 | 22.09.2021 15.00 hrs. |
| TPNODL/OT/2021-22/068 (RC for various size of Control Cable) | Rs. 5000/- Rs. 2,00,000/- | 09.09.2021 | 23.09.2021, 15.00 hrs. |

Please visit our website: **www.tpnodl.com** (Tenders) for complete details. All future communication regarding the tenders will be published on our website against each tender.
**HoD- Contracts**



# ରାଶି ଚାଷରେ ସାର ପ୍ରୟୋଗ

ଢିପ ଜମିରେ ରାଶି ବୁଣିବା ପାଇଁ ଏହା ଉପଯୁକ୍ତ ସମୟ। ଏକର ପ୍ରତି ୪ କିଗ୍ରା ବିହନ ଆବଶ୍ୟକ ହୋଇଥାଏ। ପ୍ରତି କିଗ୍ରା ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢ଼ା ଗୋବର ଖତ ସହି ୬କିଗ୍ରା ଯବକ୍ଷାରଜାନ, ୬କିଗ୍ରା ଫସଫରସ ଓ ୬କିଗ୍ରା ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା-ପ୍ରାଚୀ, ନିର୍ମଳା, କନକ, କାଳିକା, ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡିକୁ ଧାଡି ୩୦ସେ.ମି ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କିଗ୍ରା ବିହନରେ ୩ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷଓଡ଼ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କିଗ୍ରା ଯବକ୍ଷାରଜାନ, ୮କିଗ୍ରା ଫସଫରସ ଓ ୮କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ।

# ଅଧିକ ଅମଳକ୍ଷମ ଆମ୍ବ



ଅଧିକ ଅମଳକ୍ଷମ ଆମ୍ବ ପାଇଁ ଏହାର ଉନ୍ନତ କିସମ ବିଷୟରେ ଜାଣିବା ଦରକାର। ସେଗୁଡିକ ମଧ୍ୟରେ ରହିଛି ବାଗନପଲ୍ଲୀ, ତୋତାପୁରୀ,ବମ୍ବେଗ୍ରିନ୍, ସୁବର୍ଣ୍ଣରେଖା, ନିଲମ୍, ହିମସାଗର, ଲାଙ୍ଗରା, ଦଶରୀ, ଚୌଷା, ଆମ୍ରପଲ୍ଲୀ, ମଲ୍ଲିକା, ରତ୍ନା, ରାମକେଲା, ରୋମାନି, ଚେରୁ କରସମ, ସିନ୍ଧୁ, ଆଲଫାନ୍‌ସୋ ଏବଂ କେଶରୀ ଆଦି କିସମ। ୧୦x୧୦ ମିଟର ଦୂରତାରେ ୧x୧x୧ ମିଟର ଗାତ କରି ଗଛ ଲଗାଇ ପାରିବେ। ଏକ ବର୍ଷିଆ କେନାବିହୀନ ସୁସ୍ଥସବଳ କଲମି ଗଛ ଲଗାନ୍ତୁ। ଲଗାଇବା ସମୟରେ ଗାତ ପିଛା ଦୁଇଝୁଡି କମ୍ପୋଷ୍ଟ ୮୦ଗ୍ରାମ ଯବକ୍ଷାରଜାନ ୧୦୦ଗ୍ରାମ୍ ଫସଫେଟ୍ ଓ ୬୦ଗ୍ରାମ୍ ପଟାସ ପ୍ରୟୋଗ କରନ୍ତୁ।



# ଚିନାବାଦାମରେ ଉଇ ଦମନ

ଉଇ ଉପଦ୍ରୁତ ଅଞ୍ଚଳରେ ଚିନାବାଦାମ ଚାଷ କରୁଥିଲେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ । ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଚିନାବାଦାମ ଲଗାଇବା ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ ।

# ମାଟିରେ ଗୌଣ, ଅଣୁ ପୋଷକ



ପ୍ର. ସୁବୋଧ କୁମାର ସାହୁ

(ଶେଷ ଭାଗ)

ପରୀକ୍ଷାରୁ ଜଣାପଡ଼ିଛି ଯେ, ଓଡ଼ିଶାର ଯେଉଁ ଜିଲାଗୁଡ଼ିକର ମାଟି ପି.ଏଚ. ୫.୫ରୁ କମ୍ ସେହି ସମସ୍ତ ଜିଲାର ମାଟିରେ ଗୌଣ ଉପାଦାନ ଯଥା କ୍ୟାଲସିୟମ ଏବଂ ମ୍ୟାଗ୍ନେସିୟମର ଅଭାବ ରହିଛି । ବିଶେଷତଃ ଓଡ଼ିଶାର ସମସ୍ତ ମାଙ୍କଡ଼ା ପଥର ଏବଂ ଲାଲ ମୃତ୍ତିକାରେ ଉକ୍ତ ଦୁଇ ଗୌଣ ଉପାଦାନର ଅଭାବ ପରିଲକ୍ଷିତ ହୁଏ । ଉକ୍ତ ଦୁଇ ଉପାଦାନର ଅଭାବ ମେଣ୍ଟାଇବା ପାଇଁ ଏକର ପ୍ରତି ୮୦୦ କିଲୋଗ୍ରାମ ଚୂନ ପ୍ରୟୋଗ କରାଯିବା ଉଚିତ ।

ତୃତୀୟ ଗୌଣ ଉପାଦାନ, ଗନ୍ଧକର ଅଭାବ ଓଡ଼ିଶାର ବିଭିନ୍ନ ଜିଲାର ମାଟିରେ ବହୁଳ ଭାବେ ଥିବାର ପରୀକ୍ଷାରୁ ଜଣାପଡ଼ିଛି । ରାଜ୍ୟର ହାରାହାରି ଶତକଡ଼ା ୪୫ ଭାଗ ମାଟିରେ ଗନ୍ଧକର ଅଭାବ ଅଛି । ସେଥି ମଧ୍ୟରୁ ମାଲକାନଗିରି ଜିଲାର ସର୍ବାଧିକ ୯୮ ପ୍ରତିଶତ ମାଟିରେ ଗନ୍ଧକର ଅଭାବ ଥିବାବେଳେ ବୌଦ୍ଧ ଜିଲାରେ ସବୁଠାରୁ କମ୍ ଅର୍ଥାତ୍ ଏକ ପ୍ରତିଶତ ମାଟିରେ ଗନ୍ଧକର ଅଭାବ ଅଛି। ଜୈବଭାଗ ଥିବା ମାଟିରେ ଜୈବ ଗନ୍ଧକ ବହୁ ପରିମାଣରେ ଥାଏ । ଗନ୍ଧକ ଅଭାବ ଥିବା ମାଟିରେ ଏକର ପ୍ରତି ୧୬ରୁ ୨୦ କିଲୋଗ୍ରାମ ଜିପସମ ପ୍ରୟୋଗ କରିବା ଉଚିତ । ଅଣୁ ଖାଦ୍ୟ ଉପାଦାନ, ଲୁହା, ରାଜ୍ୟରେ ହାରାହାରି ଶତକଡ଼ା କେବଳ ଦୁଇଭାଗ ମାଟିରେ ତମ୍ବାର ଅଭାବ ଅଛି । ତମ୍ବାର ଅଭାବ ଦୂର କରିବା ପାଇଁ ଏକର ପ୍ରତି ୪ରୁ ୮ କିଲୋଗ୍ରାମ କପର ସଲ୍‌ଫେଟକୁ ମାଟିରେ ପ୍ରୟୋଗ କରାଯାଏ । ମାଟିରେ ପ୍ରୟୋଗ ହୋଇ ନ ପାରିଲେ ଶତକଡ଼ା ୦.୧ ଭାଗ କପର ସଲ୍‌ଫେଟ ଦ୍ରବଣକୁ ସପ୍ତାହ ବ୍ୟବଧାନରେ ଦୁଇଥର ପତ୍ରଛିଞ୍ଚା କରାଯାଇପାରିବ ।

ରାଜ୍ୟର ହାରାହାରି ୫୮ ଶତକଡ଼ା ମାଟିରେ ବୋରନ ବା ଟାଙ୍ଗଣାର ଅଭାବ ଥିବା ପରୀକ୍ଷାରୁ ନିର୍ଣ୍ଣୟ କରାଯାଇଛି । ରାଜ୍ୟର ସବୁ ଜିଲାରେ ଟାଙ୍ଗଣାର ଅଭାବ ଅଛି । ଫସଲରୁ ଟାଙ୍ଗଣା ଅଭାବ ଦୂର ପାଇଁ ଏକର ପ୍ରତି ୪ରୁ ୮ କିଲୋଗ୍ରାମ ପର୍ଯ୍ୟନ୍ତ ବୋରାକ୍ସ ମଞ୍ଜି ବୁଣା ବା ଚାରା ରୁଆ ସମୟରେ ପ୍ରୟୋଗ କରିବା ଉଚିତ। ଏହି ସମୟରେ ବୋରାକ୍ସ ପ୍ରୟୋଗ ହୋଇ ନ ପାରିଲେ ଚାରା ୨୫ରୁ ୩୦ ଦିନର ହେଲେ ଶତକଡ଼ା ୦.୩୦ ଭାଗ ବୋରାକ୍ସକୁ ଗଛରେ ୭ ଦିନ ବ୍ୟବଧାନରେ ଦୁଇଥର ପତ୍ର ଛିଞ୍ଚା କରାଯାଇପାରେ । ରାଜ୍ୟର ୮ କିସମ ମାଟିକୁ ପରୀକ୍ଷା କରି ଦେଖାଯାଇଛି ଯେ, ମଲିବଡେନମ କଳା ମାଟିରେ ଶତକଡ଼ା ୮୩ ଭାଗ ଅଭାବ ଥିବାବେଳେ ଆଲୁଭିଆଲ, ବାଦାମୀ ଜଙ୍ଗଲ, ଲାଟେରାଇଟ୍ ବା ମାଙ୍କଡ଼ା ପଥର ମାଟିରେ ପ୍ରତ୍ୟେକ ସମାନ ୬୭ ଭାଗ, ମିଶ୍ରିତ ଲାଲ ଏବଂ କଳା ମାଟିରେ ଶତକଡ଼ା ୬୦ ଭାଗ, ଲାଲ ମାଟିରେ ଶତକଡ଼ା ୫୫ ଭାଗ ଏବଂ ମିଶ୍ରିତ ଲାଲ ଏବଂ ହଳଦିଆ ମାଟିରେ ଶତକଡ଼ା ୩୩



ମାଟିରେ ଅଭାବ ଥିବା ଗବେଷଣାରୁ ଜଣାପଡ଼ିଛି । ମାଙ୍ଗାନିଜ ଅଭାବ ଥିବା ମାଟିରେ ଏକର ପ୍ରତି ୪ରୁ ୫ କିଲୋ ମାଙ୍ଗାନିଜ ସଲ୍‌ଫେଟ ପ୍ରୟୋଗ କରାଯାଇପାରେ କିମ୍ବା ଶତକଡ଼ା ୦.୬ ଭାଗ ମାଙ୍ଗାନିଜ ସଲ୍‌ଫେଟ ଦ୍ରବଣ ପତ୍ରଛିଞ୍ଚା କରାଯାଇ ପାରେ ।

ରାଜ୍ୟରେ ଜିଙ୍କ୍ ବା ଦସ୍ତା ଅଣୁ ଉପାଦାନ ଅଭାବ ହାରାହାରି ଶତକଡ଼ା ୨୫ ଭାଗ ମାଟିରେ ଥିବାର ପରୀକ୍ଷାରୁ ଜଣାପଡ଼ିଛି । ଦସ୍ତା ଅଭାବଥିବା ମାଟିରେ ଏକର ପ୍ରତି ୧୦ରୁ ୨୦ କିଲୋଗ୍ରାମ ଜିଙ୍କ୍ ସଲ୍‌ଫେଟ ପ୍ରୟୋଗ କରିବା ଉଚିତ । ମାଟିରେ ଦସ୍ତା ପ୍ରୟୋଗ ହୋଇ ନ ପାରିଲେ ଶତକଡ଼ା ୦.୫ ଭାଗ ଜିଙ୍କ୍ ସଲ୍‌ଫେଟ ଦ୍ରବଣକୁ ସପ୍ତାହ ବ୍ୟବଧାନରେ ଦୁଇଥର ପତ୍ରଛିଞ୍ଚା କରାଯାଏ ।

ରାଜ୍ୟର ହାରାହାରି ଶତକଡ଼ା ୩ ଭାଗ ମଲିବଡେନମ୍‌ର ଅଭାବ ରହିଛି । ରାଜ୍ୟର ଗୌଣ ଖାଦ୍ୟ ଉପାଦାନ ମଧ୍ୟରୁ ଅମ୍ଳ ମାଟିରେ କ୍ୟାଲସିୟମ ଏବଂ ଗନ୍ଧକର ଆବଶ୍ୟକତା ଯଥେଷ୍ଟ ଅଧିକ ଥିବା ବେଳେ, ଅଣୁ ଉପାଦାନ ମଧ୍ୟରେ ବୋରନ ବା ଟାଙ୍ଗଣା ଏବଂ ମଲିବଡେନମ୍‌ର ଅଧିକ ଅଭାବ ରହିଛି । ଫସଲର ଗୌଣ ଏବଂ ଅଣୁ ଉପାଦାନର ଅଭାବ ଜନିତ ଲକ୍ଷଣ ଚାକ୍ଷୁଷ ଅନୁଭୂତିରୁ ଜାଣି ନ ପାରିଲେ ଚାଷୀ ନିଜ କ୍ଷେତର ମାଟିକୁ ବିଶେଷ ସୁବିଧା ଥିବା ମୃତ୍ତିକା ପରୀକ୍ଷାଗାରରେ ପରୀକ୍ଷା କରି ନେଇ ମୃତ୍ତିକା ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଗୌଣ ଓ ଅଣୁ ଉପାଦାନର ପ୍ରକୃତ ସ୍ଥିତି ଜାଣିପାରି ବିହିତ ସମାଧାନ କରିପାରିବେ ।

*-ଶୈଳଶ୍ରୀବିହାର, ଭୁବନେଶ୍ୱର*
*ମୋ : ୯୫୫୬୨୬୬୦୮୫*

# ବାଛୁରିର ଯତ୍ନ



"ଠିକ୍ ଭାବରେ ପୋଛିଦେବା ପରେ ବାଛୁରି ନିଜେ ଛିଡ଼ାହେବାକୁ ଚେଷ୍ଟା କରେ। ମନେ ରଖନ୍ତୁ ବାଛୁରି ଜନ୍ମର ଅଧଘଣ୍ଟାଏ ମଧ୍ୟରେ କଷକ୍ଷୀର ପିଆଇବା ନିହାତି ଆବଶ୍ୟକ । କଷକ୍ଷୀରରେ ଅଧିକ ଖାଦ୍ୟ ଗୁଣ ସହିତ ରୋଗ ପ୍ରତିରୋଧକାରୀ ଶକ୍ତି ନିହିତ ଥାଏ; ଯାହା କି ବାଛୁରିର ଉତ୍ତମ ସ୍ୱାସ୍ଥ୍ୟ ଓ ନୀରୋଗ ରହିବା ପାଇଁ ଜରୁରୀ ।"



ଡା. ବୀର କିଶୋର ପରିଡ଼ା



ଗାଈ ପ୍ରସବ ପୂର୍ବରୁ ବିଶେଷ ଯତ୍ନ ନେବାକୁ ପଡ଼ିବ। ପ୍ରସୂତି ପ୍ରକ୍ରିୟାରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ହେବ। ବାଛୁରିର ଯତ୍ନ ନେଇ ନିମ୍ନଲିଖିତ କେତୋଟି ବିଷୟ ପ୍ରତି ଧ୍ୟାନ ଦେଲେ ବାଛୁରି ସୁସ୍ଥ ରହିବା ସଙ୍ଗେ ସଙ୍ଗେ ଗୋପାଳନ ଲାଭଜନକ ହୋଇପାରିବ ।

-ବାଛୁରି ଜନ୍ମ ମାତ୍ରେ ଗାଈ ଚାଟିବା ଆରମ୍ଭ କରିଥାଏ । ଏହା ଗାଈ ଓ ବାଛୁରି ମଧ୍ୟରେ ଏକ ଅତୁଟ ବନ୍ଧନ ସୃଷ୍ଟି ସହ ଶରୀର ଉତ୍ତାପ ସଂରକ୍ଷଣ କରିଥାଏ ।

-ମୁହଁ, ନାକ ଓ ପାଟି ଭିତରେ ଥିବା ଲାଳକୁ ଏକ ଶୁଖିଲା ଓ ପରିଷ୍କାର କନାରେ ପୋଛନ୍ତୁ । ଯଦି ଶ୍ୱାସକ୍ରିୟାରେ କିଛି ସମସ୍ୟା ଦେଖାଦିଏ, ଦୁଇପଟ ଛାତିରୁ ଧୀରେ ଧୀରେ ଦୁଇ ପାପୁଲିରେ ଚାପ ଦେବା କିମ୍ବା ମୁହଁ ଖୋଲି ଧୀରେ ଧୀରେ ଫୁଙ୍କିବା ଦ୍ୱାରା ବାଛୁରିଟିର ଶ୍ୱାସକ୍ରିୟା ସଂପାଦିତ ହୋଇଥାଏ ।

-ଠିକ୍ ଭାବରେ ବାଛୁରିକୁ ପୋଛିଦେବା ପରେ ସେ ନିଜେ ଛିଡ଼ାହେବାକୁ ଚେଷ୍ଟା କରେ। ଜନ୍ମହେବାର ଅଧଘଣ୍ଟା ମଧ୍ୟରେ ତାକୁ କଷକ୍ଷୀର ପିଆଇବା ନିହାତି ଆବଶ୍ୟକ । କଷକ୍ଷୀରରେ ଅଧିକ ଖାଦ୍ୟ ଗୁଣ ରହିବା ସହିତ ରୋଗ ପ୍ରତିରୋଧକାରୀ ଶକ୍ତି ନିହିତ ଥାଏ ; ଯାହା କି ବାଛୁରିର ଉତ୍ତମ ସ୍ୱାସ୍ଥ୍ୟ ଓ ନୀରୋଗ ରହିବା ପାଇଁ ନିହାତି ଆବଶ୍ୟକ। ଏତଦ୍‌ବ୍ୟତୀତ, ଏହାକୁ ପିଆଇବା ଦ୍ୱାରା ବାଛୁରିର ଖାଦ୍ୟନଳୀ ପରିଷ୍କାର ହେବା ସଙ୍ଗେସଙ୍ଗେ ପ୍ରଥମ ଘନ ହଳଦିଆ ଝାଡ଼ା ନିର୍ଗତ ହେବାରେ ସହାୟକ ହୋଇଥାଏ ।

- ପ୍ରତିଦିନ ୫ରୁ ୬ ଥର ଅତି କମ୍‌ରେ ସାତ ଦିନ ପର୍ଯ୍ୟନ୍ତ ବାଛୁରିକୁ ନିୟମିତ ଭାବେ କଷକ୍ଷୀର ପିଆଇବା ଆବଶ୍ୟକ। ଗୋଟିଏ ବାଛୁରିର ଓଜନ ଯଦି ୧୦ ରୁ ୧୫ କେଜି ହୋଇଥାଏ, ତେବେ ସେହି ବାଛୁରିକୁ ଗୋଟିଏ ଦିନରେ ୧ ଲିଟରରୁ ୧.୫ ଲିଟର କଷକ୍ଷୀର ପିଆନ୍ତୁ ।

-ଜନ୍ମ ପରେ ବାଛୁରିର ନାଭିଠାରୁ ୨ ଇଞ୍ଚ ଛାଡ଼ି ନାଭିନାଡ଼କୁ ଏକ ପରିଷ୍କାର ସୂତାରେ ବାନ୍ଧିଦେଇ ବଳକା ନାଡ଼ିକୁ ପରିଷ୍କାର ଶୁଦ୍ଧ ବ୍ଲେଡ଼ରେ କାଟି ଦିଅନ୍ତୁ ଏବଂ ପରେ ପରେ ଏହି କଟା ଅଂଶରେ ଟିଞ୍ଚର ଆୟୋଡିନ୍ ଅତି କମ୍‌ରେ ୩ ରୁ ୫ ଦିନ ପର୍ଯ୍ୟନ୍ତ ଲଗାନ୍ତୁ। ଫଳରେ ବାଛୁରିର 'ନାଭିଜ୍ୱର' ଓ ଟିଟାନସ୍‌ର ଆଶଙ୍କା ଦେଖା ଦେଇ ନ ଥାଏ ।

-ଦୁଧିଆଳୀ ଗାଈ ଜନ୍ମ ଦେବା ପରେ ସାମୟିକ ଭାବେ ବେଳେବେଳେ ସେମାନଙ୍କ ପହ୍ନା ଫୁଲିଥାଏ। ଏହା ଦ୍ୱାରା ଚିର ଛୋଟ ହୋଇଥାଏ ଓ ବାଛୁରିର କଷକ୍ଷୀର ପିଇବା ସମ୍ଭବପର ହୋଇ ନ ଥାଏ । ପ୍ରସବ ପରେ ଗାଈ ପହ୍ନାରୁ କ୍ଷୀର ପ୍ରତ୍ୟେକ ଦିନ ଭଲଭାବେ ଦୁହିଁବା ସହ ବାଛୁରିକୁ ଆବଶ୍ୟକ ପରିମାଣରେ କଷକ୍ଷୀର ପିଆନ୍ତୁ। ଏତଦ୍‌ବ୍ୟତୀତ, ପହ୍ନାରୁ କଷକ୍ଷୀର ଦୁହିଁ ବୋତଲ ଓ ରବର ଚିର ସାହାଯ୍ୟରେ ବାଛୁରିକୁ ଆବଶ୍ୟକତା ପରିମାଣର କଷକ୍ଷୀର ପିଆଇ ପାରିବେ ।

-ଯଦି ଗାଈର ପହ୍ନାରୁ କ୍ଷୀର ନିର୍ଗତ ନ ହୁଏ ତେବେ କୃତ୍ରିମ କଷକ୍ଷୀର ପ୍ରସ୍ତୁତ କରି ବାଛୁରିକୁ ପିଆନ୍ତୁ । କୃତ୍ରିମ କଷକ୍ଷୀର ପ୍ରସ୍ତୁତି ପ୍ରଣାଳୀ ହେଲା – ୧) କଞ୍ଚା ଅଣ୍ଡା – ୧ଟି, ୨) ପରିଷ୍କାର ପାଣି – ୩୦୦ମି.ଲି., ୩) କ୍ଷୀର – ୬୦୦ ମି.ଲି., ୪) ଜଡ଼ାତେଲ – ୨୫୦ ମି.ଲି., ସମୁଦାୟ ୧୦୦୦ ମି.ଲି. ବା ୧ ଲିଟର । କୃତ୍ରିମ କଷ କ୍ଷୀର ତିଆରି ପାଇଁ ଉପରୋକ୍ତ ଉପାଦାନଗୁଡ଼ିକ ଯୋଗାଡ଼ କରି ଏକ ମିଶ୍ରଣ ପ୍ରସ୍ତୁତ କରାଯାଇ ପାରିବ ।

**ବାଛୁରିର ଯତ୍ନ**

**୧ ରୁ ୧୨ ସପ୍ତାହ :** ବାଛୁରି ୧ସପ୍ତାହ ହେବା ପରେ ଏହାର ଶରୀର ବୃଦ୍ଧି ସହ ଚାଲିଚଳନରୁ ହିଁ ସ୍ୱାସ୍ଥ୍ୟାବସ୍ଥାର ଅନୁମାନ କରିହୁଏ । ଜନ୍ମର ୧୫ ଦିନ ପର୍ଯ୍ୟନ୍ତ ଉପଯୁକ୍ତ ପରିମାଣର କ୍ଷୀର ପିଇବାକୁ ଦିଅନ୍ତୁ । ଯଦି ବାଛୁରି ମା' ଗାଈଠାରୁ ଅଲଗା କରି ପରିପାଳନ କରାଯାଏ, ତେବେ ବାଛୁରି ଓଜନର ଏକ ଦଶମାଂସ କ୍ଷୀର ଏକ ପରିଷ୍କାର ପାତ୍ରରେ ପିଇବାକୁ ଦେବା ଆବଶ୍ୟକ । ପ୍ରାରମ୍ଭିକ ଅବସ୍ଥାରେ ବାଛୁରିକୁ ପାତ୍ରରୁ ଅଙ୍ଗୁଳି ସାହାଯ୍ୟରେ କ୍ଷୀର ପିଇବା ପାଇଁ ଅଭ୍ୟାସ କରାନ୍ତୁ । ସାଧାରଣତଃ ଏହି ପ୍ରକ୍ରିୟା ବାଛୁରି କ୍ଷୀର ପିଇବା ବୟସ ପର୍ଯ୍ୟନ୍ତ ଗ୍ରହଣ କରି ପରେ କମାଇ ଦିଅନ୍ତୁ।

**୩ରୁ ୬ ମାସ :** ବାଛୁରିର ବୟସ ୩ ମାସ ହୋଇଗଲେ ନିଜେ ନିଜକୁ ସ୍ୱାବଲମ୍ବୀ କରିପାରିଥାଏ । ଛଅ ମାସ ବେଳକୁ ବାଛୁରିର ଓଜନ ୮୦ ରୁ ୧୦୦ କିଗ୍ରା ହେବା ବିଧେୟ । ୩ ମାସ ପରେ ବାଛୁରିକୁ ମିଶ୍ରିତ ସୁଷମ ଦାନା ପୂର୍ଣ୍ଣମାତ୍ରାରେ ଦିଅନ୍ତୁ । ଏହା ସହିତ ୫ରୁ ୧୦ କେଜି ସବୁଜ ଘାସ ଓ ୧ରୁ ୨ କିଗ୍ରା ନଡ଼ା ମଧ୍ୟ ଖାଇବାକୁ ଦେବା ଜରୁରୀ । ପରିଷ୍କାର ପାଣି ଠିକ୍ ମାତ୍ରାରେ ପିଇବାକୁ ଦିଅନ୍ତୁ। ଏତଦ୍‌ବ୍ୟତୀତ, ପ୍ରଥମ ମାସ ଠାରୁ ୬ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ମାସରେ ଗୋଟିଏ ମାତ୍ରାର କୃମିନାଶକ ଔଷଧ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ ବାଛୁରିକୁ ଖୋଇବା ଆବଶ୍ୟକ । ଅଣ୍ଡିରା ବାଛୁରି ହୋଇଥିଲେ ୨ ରୁ ୩ ମାସ ମଧ୍ୟରେ ଧରାଣ ବା ଖାସୁ କରାଇବା ଭଲ ।



**୭ରୁ ୧୨ ମାସ :** ବାଛୁରି ୭ ମାସ ବୟସ ବେଳକୁ ତା'ର ଶାରୀରିକ ଓଜନ ୧୦୦ କିଗ୍ରାରୁ ଅଧିକ ହେବା ଆବଶ୍ୟକ। ବାଛୁରି ୧୨ ମାସ ହେବା ପରେ ତା'ର ଶରୀରର ଅନ୍ତବିକାଶ ମଧ୍ୟ ଠିକ୍ ରୂପେ ଘଟିଥାଏ । ବାଛୁରି ଛଡ଼ାରେ ପରିଣତ ହୋଇ ପ୍ରାପ୍ତ ବୟସ୍କନ୍ ଅବସ୍ଥାକୁ ପ୍ରବେଶ କରିଥାଏ। ବେଳେବେଳେ ଗରମ ଲକ୍ଷଣ ମଧ୍ୟ ପ୍ରକାଶ ପାଇଥାଏ । ଶରୀରର ଅଭିବୃଦ୍ଧି ଓ ଅନ୍ୟାନ୍ୟ ଲକ୍ଷଣଗୁଡ଼ିକୁ ଲକ୍ଷ୍ୟ କରି ଜଣେ ଗୋପାଳକ ଉତ୍ତମ ଛଡ଼ା ଚୟନ କରିବାରେ ସକ୍ଷମ ହୋଇଥାଏ। ଗରମକୁ ଠିକ୍ ସମୟରେ ଆସିଲେ ବା ଗରମ ଆସିବାର ମଧ୍ୟବର୍ତ୍ତୀ ଅବସ୍ଥା ବା ୧୨ ଘଣ୍ଟାରୁ ୧୮ ଘଣ୍ଟା ମଧ୍ୟରେ କୃତ୍ରିମ ପ୍ରଜନନ କରିବା ଆବଶ୍ୟକ। (କ୍ରମଶଃ)

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ – ୯୪୩୭୬୦୭୩୧୨

# ମୁଗ ଫସଲରେ ସାର ପ୍ରୟୋଗ

ମୁଗ, ବିରି ହେକ୍ଟର ପ୍ରତି ୨୦ ରୁ ୨୫ କିଲୋଗ୍ରାମ୍ ଓ କୋଳଥ ୩୦ କିଲୋଗ୍ରାମ୍ ଆବଶ୍ୟକ ହୋଇଥାଏ। ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍‌ରେ



ଗୋଳାଇ ବିଶୋଧନ କରନ୍ତୁ। ବୁଣିବା ପୂର୍ବରୁ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର କିଲୋଗ୍ରାମ୍ ପ୍ରତି ୨୦ ଗ୍ରାମ୍ ହିସାବରେ ବିହନକୁ ଉପଚାର କରି ଛାଇରେ ଶୁଖାଇ ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ମୁଗ, ବିରି ବା ହରଡ଼ ଫସଲରେ ଦେଖାଦେଲେ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ ୨ ଗ୍ରାମ୍‌କୁ ୧ ଲିଟରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ ।

## ଚାଷୀଙ୍କ ପାଇଁ...

➤ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ । ରୋଗଣା ଗଛକୁ ବାହାର କରିଦିଅନ୍ତୁ । ମେଟାଲାକ୍ସିଲ୍ ସହ ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ।

➤ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ଲାଗି ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡ଼ୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ । ଏକ ମାସ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ଏକଭାଗ ବୋର୍ଡାକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇ ପାରିବ ।

➤ପିଜୁଳି ଓ ଲେମ୍ବୁର ପାଣି କୁଆ ସବୁ କାଟି ଦିଅନ୍ତୁ।



**ଚନ୍ଦ୍ରମଣ୍ଡଳ ବୋଡା ଉଦ୍ଧାର**

ସଜଣାଗଡ଼,(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ କୁରିଆପାଟଣା ଗ୍ରାମର ରଘୁନାଥ ମଲ୍ଲିକଙ୍କ ଘର ବାଡ଼ିରେ ଘୋରାଘାଉଥିବା ଖାଇରେ ଏକ ଚନ୍ଦ୍ରମଣ୍ଡଳ ବିଷଧର ବୋଡା ପଡ଼ିଯାଇ ଛଟପଟ ହେଉଥିଲା। ଲୋକେ ଦେଖି ପକ୍ଷୀ ବିଶେଷଜ୍ଞ ମନୋରଞ୍ଜନ ଦାସଙ୍କୁ ଡକାଇଥିଲେ। ଦାସ ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରି ଘଞ୍ଚ ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ଉକ୍ତ ଗ୍ରାମ ଦେବଗିରି ପାହାଡ଼ ପାଦଦେଶ ତଳେ ଅବସ୍ଥିତ ଥିବାରୁ ବହୁ ବିଷଧର ସାପ ଘରବାଡ଼ିରେ ପଶୁଥିବା ଯୋଗୁ ଉକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଆଜି କ'ଣ କେଉଁଠି

ମୟୂରଭଞ୍ଜ

- ଭି-୨ ଶୋ'ରୁମ୍ ଉଦ୍‌ଘାଟନ। ସ୍ଥାନ- ପୂର୍ଣ୍ଣଚନ୍ଦ୍ରପୁର, ଦୁର୍ଗାବାଡ଼ି ଛକ, ବାରିପଦା, ସମୟ: ପୂର୍ବାହ୍ଣ୧୦ଟା।
- କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳ ଶକ୍ତି ବିଭାଗ ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ମୋରଡା ବ୍ଲକ ଗସ୍ତ, ସମୟ: ଅପରାହ୍ନ ୨ଟା, ସ୍ଥାନ:- ଚିତ୍ରଡ଼ା।

# ମାଡ଼ିଆସିଲା ୧୦ ଫୁଟ୍‌ର ଢେଉ

ଭୋଗରାଇ, ୭।୯(ଡି.ଏନ.ଏ.)

ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ହୋଇଛି। ଦୁଇଦିନ ଧରି ଝଡ଼ବର୍ଷା ଲାଗି ରହିଥିବା ବେଳେ କୌଶିକ ଅମାବାସ୍ୟା ତିଥିରେ ସମୁଦ୍ର ଉତ୍ତାଳ ହୋଇ ୧୦ଫୁଟ୍ ଉଚ୍ଚର ଢେଉ କୂଳ ଆଡ଼କୁ ମାଡ଼ି ଆସି ସୁରକ୍ଷା ପଥର ବନ୍ଧରେ ମଙ୍ଗଳବାର ମାଡ଼ କରିଛି। ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଉପକୂଳ ଉଦୟପୁର-ତାଳସାରୀ, ବିଚିତ୍ରପୁର, କାର୍ତ୍ତିକିଆ, ଚଉମୁଖ, କଙ୍କଡ଼ାପାଳ ଆଦି ସ୍ଥାନରେ ସମୁଦ୍ର ଉତ୍ତାଳ ଢେଉ କୂଳ ଆଡ଼କୁ ମାଡ଼ି ଆସି ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିଛି। ଉଦୟପୁରଠାରୁ ତାଳସାରୀ ପର୍ଯ୍ୟନ୍ତ ମେରାଇନ୍ ଡ୍ରାଇଭରୋଡ୍‌ରେ ନିର୍ମାଣାଧୀନ ସ୍ଲୁଇସଗେଟ୍ ଦେଇ ସମୁଦ୍ର ଜୁଆର ଉଦୟପୁର ଗାଁକୁ ପ୍ରବେଶ କରିଛି। ତାଳସାରୀ ମତ୍ସ୍ୟ ଅବତରଣ କେନ୍ଦ୍ର ଉପରକୁ ଜୁଆର ପ୍ରବେଶ କରିଥିବା ବେଳେ ଉଦୟପୁର ସ୍ଲୁଇସଗେଟ୍ କାର୍ଯ୍ୟ ମନ୍ଥର ଓ ନିମ୍ନମାନର କାର୍ଯ୍ୟ ହେବାର ଅଭିଯୋଗ ହୋଇଆସୁଥିଲା। କୁଳବାସୀଙ୍କୁ ସେଚ ବିଭାଗ ବିପଦ ମୁହଁକୁ ଠେଲି ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଦୀଘା, ଶଙ୍କରପୁର, ତାଜପୁର, ମନ୍ଦାରମଣି ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ସମୁଦ୍ରର ଜଳସ୍ତର ହୋଇ ଗାଁଗଣ୍ଡାକୁ ଲୁଣି ପାଣି ପ୍ରବେଶ କରିଛି। ସମୁଦ୍ର ଉତ୍ତାଳ ଥିବା ବେଳେ ନିଷେଧାଜ୍ଞା ଅମାନ୍ୟ କରି ପଶ୍ଚିମବଙ୍ଗ ଦକ୍ଷିଣ୨୪ ପ୍ରଗଣା ଜିଲା ନାମଖାନା ଅଞ୍ଚଳର ୬ଜଣ ମତ୍ସ୍ୟଜୀବୀ ଗତ ଶନିବାରଠାରୁ ଏକ ଟ୍ରଲରରେ ମାଛ ମାରିବାକୁ ଯାଇଥିବା ବେଳେ ସାମୁଦ୍ରିକ ଝଡ଼ର ସମ୍ମୁଖୀନ ହୋଇ ନିଖୋଜ ଥିଲେ। ମଙ୍ଗଳବାର ଏହି ୬ ମତ୍ସ୍ୟଜୀବୀଙ୍କୁ ନ୍ୟୁଦୀଘା ଠାରେ ନେଳିଆମାନେ ଅଚେତ୍ ଅବସ୍ଥାରେ ଉଦ୍ଧାର କରି ଦୀଘା ଜେନେରାଲ ହସ୍‌ପିଟାଲରେ ଚିକିତ୍ସା ନିମନ୍ତେ ପୋଲିସ ପଠାଇଛି। ଟ୍ରଲରଟି ମଧ୍ୟ ଦରିଆରେ ବୁଡ଼ିଯାଇଥିବା ସୂଚନା ମିଳିଛି। ତାଳସାରୀ ସୁବର୍ଣ୍ଣପୁର ଦ୍ୱୀପ ସମୁଦ୍ର ଢେଉରେ ଶତାଧିକ ଝାଉଁ ଜଙ୍ଗଲ ଧରାଶାୟୀ ହୋଇଛି। କୂଳରେ ଥିବା ବହୁ ମାଛଧରା ଡଙ୍ଗା ଜୁଆର ମାଡ଼ରେ ଭାଙ୍ଗିରୁଜିଯାଇଛି।



ନିର୍ମାଣାଧୀନ ସ୍ଲୁଇସଗେଟ୍ ଦେଇ ସମୁଦ୍ର ଜୁଆର ପ୍ରବେଶ କରୁଛି।

# 'ବିଦ୍ୟୁତ୍ ଯୋଗାଣରେ ଗୁଣାତ୍ମକ ସେବା ଯୋଗାଇ ଦିଆଯିବ'

ବାଲେଶ୍ୱର ଅଫିସ, ୭।୯

ବାଲେଶ୍ୱର ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଉତ୍ତର ଓଡ଼ିଶା ବିତରଣ ଲିମିଟେଡ୍ (ଟିପିଏନ୍‌ଓଡ଼ିଏଲ୍)ର ସିଇଓ ଭାସ୍କର ସରକାର ଉତ୍ତର ପୂର୍ବାଞ୍ଚଳର ୫ଟି ଜିଲା (ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର)ରେ ବିଦ୍ୟୁତ୍ ଯୋଗାଣର ଗୁଣାତ୍ମକ ସେବା ଯୋଗାଇଦେବାର ଦୃଢ଼ୋକ୍ତି ପ୍ରକାଶ କରିବା ସହ ଆଧୁନିକୀକରଣ ପାଇଁ ଉପଭୋକ୍ତାମାନଙ୍କର ସହଯୋଗ କାମନା କରିଛନ୍ତି। ଆସନ୍ତା ୨୦୨୨ ସୁଦ୍ଧା ଉନ୍ନତମାନର ସେବା ଯୋଗାଣ କରିବା ସହ କାର୍ଯ୍ୟଦକ୍ଷତାର ସାମର୍ଥ୍ୟକୁ ହାସଲ କରିବୁ। ଏଥିପାଇଁ ଆବଶ୍ୟକ ସହଯୋଗ କରିବା ପାଇଁ ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ସିଇଓ ଭାସ୍କର ସରକାର ଉପଭୋକ୍ତାଙ୍କୁ ଅନୁରୋଧ କରିଛନ୍ତି।

ଉତ୍ତର ପୂର୍ବାଞ୍ଚଳର ୫ଟି ଜିଲାରେ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଏନ୍‌ଓଡ଼ିଏଲ୍ ଲାଇସେନ୍ସପ୍ରାପ୍ତ କରିଛି। ଯଦିଓ ରାଜ୍ୟ ସରକାର ଗତ କିଛି ବର୍ଷ ମଧ୍ୟରେ ନୂତନ ୩୩ କେଭି ସବଷ୍ଟେଶନ ଏବଂ ଲାଇନରେ ଯଥେଷ୍ଟ ବିନିଯୋଗ କରିଛନ୍ତି, ତଥାପି ପୁରାତନ ନେଟୱାର୍କର ଅଧିକାଂଶ ଅଂଶ ଅତ୍ୟଧିକ ଲୋଡ୍ ହୋଇଛି। ଗଛ ଏବଂ ଲତା ଲାଗି ଭୋଲଟେଜ ନଷ୍ଟ ହେଉଛି। ତୁରନ୍ତ କମ୍ପାନୀ ପକ୍ଷରୁ ଏକ ପ୍ରକଳ୍ପ 'କ୍ଲିନ୍ ଅପ୍' ନିଆଯାଇ ସମଗ୍ର ଜିଲାରେ ଗଛ ଓ ଲତାଗୁଡ଼ିକୁ ସଫା କରାଯିବା ସହ ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକ ଟ୍ରାନ୍ସଫର୍ମରଗୁଡ଼ିକୁ ମରାମତି କରାଯାଇଥିଲା। ଏହା କେବଳ ଅଘଟଣକୁ ହ୍ରାସ କରିନାହିଁ, ବରଂ ୟାସ୍ ବାତ୍ୟାର ପ୍ରଭାବକୁ ମଧ୍ୟ କମ୍ କରିଦେଇଛି। ଟିପିଏନ୍‌ଓଡିଏଲ୍‌ର ନବୀକରଣ ହୋଇଥିବା ବିଲିଂ ସିଷ୍ଟମ, ଉତ୍ସର୍ଗୀକୃତ ଗ୍ରାହକ କଲ୍ ସେଣ୍ଟର ଏବଂ ଗ୍ରାହକ ସନ୍ତୋଷ ପାଇଁ ଗ୍ରାହକ ସେବା କେନ୍ଦ୍ର ଦୃଷ୍ଟିରୁ ଉପଭୋକ୍ତା ସେବା ପ୍ରତି ଅନେକ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟକାରୀ କରିଛି। ଟିପିଏନ୍‌ଓଡିଏଲ୍ ସମଗ୍ର ନେଟୱର୍କକୁ ମଧ୍ୟ ସର୍ଭେ କରିଛି ଏବଂ ନେଟୱର୍କକୁ ମଜବୁତ କରିବା ସହ ଉନ୍ନତମାନର ଜ୍ଞାନକୌଶଳରେ ପରିବର୍ତ୍ତନର ପ୍ରସ୍ତୁତି ଆରମ୍ଭ କରିଛି। କମ୍ପାନୀ ଗତ ଅଗଷ୍ଟରୁ ସେବା ଯୋଗାଇବା ପାଇଁ ୧୧କେଭି, ୩୩ କେଭି ନେଟୱର୍କର ବ୍ୟାପକ ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ପ୍ରାୟ ୮୦୦୦ କର୍ମଚାରୀଙ୍କୁ ଯାନ ଏବଂ ସମସ୍ତ ଆବଶ୍ୟକ ଉପକରଣ ଯୋଗାଇ ଦିଆଯାଇଛି। ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣର ଏକ ଅଭିଜ୍ଞ ନେଟୱର୍କ ପରାମର୍ଶଦାତା ବିସ୍ତୃତ ନେଟୱର୍କ ଅଧ୍ୟୟନ ଏବଂ ଉନ୍ନତିର ପ୍ରାଥମିକ କ୍ଷେତ୍ରଗୁଡ଼ିକ ପରାମର୍ଶ ଦେବା ପାଇଁ ନିୟୋଜିତ ହୋଇଛନ୍ତି। ଅଗଷ୍ଟରେ ବାଲେଶ୍ୱର ଡିଭିଜନରେ ବିଲିଂରେ ସାମାନ୍ୟ ବିଳମ୍ବ ଘଟିଛି। ପ୍ରସ୍ତାବିତ ନୂତନ ବିଲିଂ ସିଷ୍ଟମର ପରୀକ୍ଷଣ ଏବଂ ରୋଲଆଉଟ୍ ହେତୁ କିଛି ଗ୍ରାହକଙ୍କୁ ଅଧିକ ସ୍ଲାବରେ ଚାର୍ଜ କରାଯାଇଥିଲା। ସମସ୍ତ ଉପଭୋକ୍ତାଙ୍କ ତଥ୍ୟ ବାହାର କରାଯାଇ ଆଗାମୀ ଦିନରେ ସେମାନଙ୍କ ବିଲିଂରେ କ୍ରେଡିଟ୍ ପ୍ରକ୍ରିୟାକରଣ କରାଯିବ ବୋଲି ସିଇଓ ସରକାର କହିଛନ୍ତି।

## +୩ ଫାଇନାଲ ସେମିଷ୍ଟର ପରୀକ୍ଷାଫଳ ପ୍ରକାଶିତ

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ**

ବାରିପଦା ଅଫିସ,୭।୯

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଅନୁମୋଦନକ୍ରମେ +୩ ଫାଇନାଲ ସେମିଷ୍ଟାର (ସିବିସିଏସ) ୨୦୨୧ର ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଚଳିତ ବର୍ଷ ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ମୋଟ ୮୫ ଟି ମହାବିଦ୍ୟାଳୟରୁ ୧୪୧୦୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ କଳାରେ ୯୭.୨୨ ପ୍ରତିଶତ, ବିଜ୍ଞାନରେ ୯୮.୭୪ ଏବଂ ବାଣିଜ୍ୟରେ ଶତକଡ଼ା ୯୬.୩୯ ପ୍ରତିଶତ ପରିକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସାମଗ୍ରିକ ଭାବରେ ମୋଟ ଶତକଡା ୯୭.୬୧ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରଛାତ୍ରୀମାନେ ସେମାନଙ୍କ ପରୀକ୍ଷା ଫଳ www.orissaresults.nic.in ରୁ ଡାଉନଲୋଡ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ମୟୂରଭଞ୍ଜରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ

ବାରିପଦା ଅଫିସ/ ବୈଶିଙ୍ଗା, ୭।୯(ଡି.ଏନ.ଏ.)

କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳ ଶକ୍ତି ବିଭାଗ ମନ୍ତ୍ରୀ ବିଶେଶ୍ୱର ଟୁଡୁ ଶୁକ୍ରବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିଲେ। କେନ୍ଦ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ ପରେ ଏହା ଥିଲା ତାଙ୍କର ପ୍ରଥମ ଜିଲା ଗସ୍ତ। ଏହି ଉପଲକ୍ଷେ ଅପରାହ୍ନ ସାଢ଼େ ୪ଟାରେ ଜିଲାର ପ୍ରବେଶ ପଥ ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥର କଳମାଠାରେ ଭାଜପା କର୍ମୀମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜିଲା ଭାଜପା ସଭାପତି କାନ୍ଦ୍ରା ସୋରେନ, ସହରାଞ୍ଚଳ ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ମୋରଡା ବିଧାୟକ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବେତନଟୀ ବ୍ଲକ ଅଧ୍ୟକ୍ଷ କାଳୀଚରଣ ସୋରେନ , ଜିଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା, ଭାଜପା ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତ , ଯୁବ ସଂଗଠକ ପ୍ରଶାନ୍ତ କୁମାର ସାମଲ, ରବିକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବୈଶିଙ୍ଗା ବଜାରଠାରେ ବଣିକ ସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା। ଏହି ଅବସରରେ ବଣିକ ସଂଘ ପକ୍ଷରୁ ସୁଦର୍ଶନ ମହାପାତ୍ର, ପ୍ରଶାନ୍ତ କୁମାର ପଣ୍ଡା, ଲକ୍ଷ୍ମୀଧର ଦଣ୍ଡପାଟ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ବୈଶିଙ୍ଗା ବଜାରଠାରେ ଥିବା ଜାତୀୟ ରାଜପଥର ଗଳାପୋଲ ଯୋଗୁ ହେଉଥିବା ଟ୍ରାଫିକ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବିକାଶ ମଞ୍ଚ ପକ୍ଷରୁ ଆବାହକ ତଥା ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା, ବିମଳେନ୍ଦୁ ମହାପାତ୍ର, ସଞ୍ଜୟ ମିଶ୍ର, ସୀତାନାଥ ବେହେରା ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ।



କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ଭାଜପା କର୍ମୀ ସ୍ୱାଗତ କରୁଛନ୍ତି।

**କଳମା, ବୈଶିଙ୍ଗାରେ ସମ୍ବର୍ଦ୍ଧନା**

## କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ବାସୁଦେବପୁର/ ଭଣ୍ଡାରିପୋଖରୀ, ୭।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଓ ଭଣ୍ଡାରିପୋଖରୀ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବାସୁଦେବପୁର ଜାମୁଝାଡ଼ିଠାରେ ମଙ୍ଗଳବାର ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ମୌଳିକ ସମସ୍ୟା ସମାଧାନ ଲାଗି ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ପୂର୍ବତନ ଉପନଗରପାଳ ଗଦାଧର ପଲାଇ, ଜଗବନ୍ଧୁ ଦାସ, ରବିନାରାୟଣ ଦାସ, ବଂଶୀଧର ସାହୁ, ମଧୁସୂଦନ ପାଢ଼ୀ, ସୁବାସ ପ୍ରଧାନ, ତାଜୁ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭଣ୍ଡାରିପୋଖରୀ ବ୍ଲକ ବୈତରଣୀ ନଦୀର ଆଖୁଆପଦା ଆନିକଟଠାରେ ବ୍ୟାରେଜ ନିର୍ମାଣ ଓ ନିର୍ବାଚନମଣ୍ଡଳୀର ଭୂମିହୀନ ଆଦିବାସୀ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ ସୋମବାର ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲେ ନିରଞ୍ଜନ

ଯୋଡ଼ା,୭।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବଡକାଳିମାଟି ଠାରେ ଗତ ୨୬ ତାରିଖରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ। ମଙ୍ଗଳବାର ସକାଳ ୯ଟା ବେଳେ ପିସିସି ସଭାପତି ପଟ୍ଟନାୟକଙ୍କ ସହିତ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ଚମ୍ପୁଆ ବ୍ଲକ କଂଗ୍ରେସ ସଭାପତି ପ୍ରଦୀପ ନାଏକ, ଯୋଡା ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାଏକ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବ୍ରହ୍ମାନନ୍ଦ ସେଠୀ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ ନେତା କାଳିମାଟି ସ୍ଥିତ ମୃତ ନାବାଳିକାଙ୍କ ପରିବାରବର୍ଗ ଓ ଗ୍ରାମବାସୀନ୍ଦାଙ୍କ ସହ ଆଲୋଚନା କରିଥିଲେ। ପରେ ସମସ୍ତ ତଥ୍ୟ ନେଇ ବାମେବାରୀ ଥାନା ତଦନ୍ତକାରୀ ଅଧିକାରୀ ଜି.ଲାକ୍ରାଙ୍କ ନିକଟରେ ଉପସ୍ଥାପନା କରି ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ସହିତ ଏହାର ତଦନ୍ତ ଠିକ୍ ଭାବେ ନହେଲେ କ୍ରାଇମବ୍ରାଞ୍ଚକୁ ତଦନ୍ତ ହସ୍ତାନ୍ତର କରାଯାଉ ବୋଲି ପିସିସି ସଭାପତି ପଟ୍ଟନାୟକ ଦାବି କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆତ୍ମହତ୍ୟା ବୋଲି ପ୍ରକାଶ ପାଇଥିବା ବେଳେ ଏହା ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପିଡିତାଙ୍କ ଖୁଡି କଂଗ୍ରେସ ପ୍ରତିନିଧି ଦଳଙ୍କ ଆଗରେ ଅଭିଯୋଗ କରିଥିଲେ। ନାବାଳିକାଙ୍କୁ ହତ୍ୟା କରାଯାଇଥିବା ନେଇ ପିଡିତାଙ୍କ କକା ଅଭିଯୋଗ କରିଥିଲେ ହେଁ ପୋଲିସ ଏହାକୁ ଆତ୍ମହତ୍ୟା ମାମଲା କହିଛି। ଏଣୁ ଯଥାଶୀଘ୍ର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ ବୋଲି କଂଗ୍ରେସ ଦଳ ପକ୍ଷରୁ ଦାବି କରାଯାଇଛି।

## ଗୋଦାମରେ ନିଆଁ: ଫାଟିଲା ୮ ଗ୍ୟାସ୍ ସିଲିଣ୍ଡର

ପଦ୍ମପୁର, ୭।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିରସ ପଞ୍ଚାୟତ ଶ୍ରୀରାମଗଡ଼ିଆ ଛକଠାରେ ରାସ୍ତାନିର୍ମାଣକାରୀ ୟୁଏମ୍ଏସ୍ଏଲ୍ କମ୍ପାନୀ ଗୋଦାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଗୋଦାମରେ ଥିବା ୮ ଗ୍ୟାସ୍‌ସିଲିଣ୍ଡର ଫାଟିଯାଇ ପ୍ରଚଣ୍ଡ ଶବ୍ଦ ହେବା ସହ ସିଲିଣ୍ଡରଗୁଡ଼ିକ ଛିଟିକି ଯାଇ ଅଧା କି.ମି. ଦୂରରେ ପଡ଼ିଥିଲା। ଗୋଦାମ ଉପର ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ଛିଡ଼ିଯାଇ ବିଭିନ୍ନ ଆଡ଼େ ପଡ଼ିଥିଲା। ମଙ୍ଗଳବାର ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମାଟି ତଳେ କେବୁଲ ବିଛାଯାଇ ତାର ନେବା ପାଇଁ କମ୍ପାନୀ ଓ ବିଦ୍ୟୁତ୍ ବିଭାଗ ଦାୟିତ୍ୱ ନେବା ସହ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ପରେ ଉତ୍ତେଜନା କମିଥିଲା।

# ପାଟଣାରେ ହାତୀ ଉପଦ୍ରବ

ପାଟଣା,୭।୯(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ଅନ୍ତର୍ଗତ ସାହାରପଡା ସେକ୍ସନ ମାଛଗଡ଼ ବିଟ୍ ବ୍ରାହ୍ମଣୀବେଡା ଗ୍ରାମରେ ହାତୀ ପଲ ସୋମବାର ବିଳମ୍ବିତ ରାତିରେ ଏକର ଏକର ପରିମିତ ଧାନ ଚାଷ ନଷ୍ଟ କରିଛନ୍ତି। ହାତୀପଲ ଦିନବେଳା ମୟୂରଭଞ୍ଜ ଜିଲା କରଞ୍ଜିଆ ସେକ୍ସନ ରେ ରହୁଥିବା ବେଳେ ରାତି ହେଲେ ପାଟଣା ରେଞ୍ଜ୍‌କୁ ପ୍ରବେଶ କରି ଧାନ ଫସଲ ନଷ୍ଟ କରୁଛନ୍ତି। ଗାଁ ନିକଟରେ ହାତୀପଲ ଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଖୁବ୍‌ଶୀଘ୍ର ଏ ଅଞ୍ଚଳରୁ ହାତୀପଲଙ୍କୁ ଘଉଡ଼ାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ମଙ୍ଗଳବାର ଏହି ହାତୀପଲ କେନ୍ଦୁଝର ମୟୁରଭଞ୍ଜ ସୀମା ଠାକୁରମୁଣ୍ଡା ରେଞ୍ଜ ଟାଇଁସିରି ଜଙ୍ଗଲରେ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ପୋଷଣ ମାସରେ ଖାଦ୍ୟମେଳା

କେନ୍ଦୁଝର, ୭।୯ (ସ୍ୱ.ପ୍ର./ଡି.ଏନ.ଏ.)

ଚଳିତ ସେପ୍ଟେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ମଙ୍ଗଳବାର ଓଡ଼ିଶା ମିଲେଟ୍ ମିଶନ ଓ ଜିଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଦରବାର ହଲ୍‌ଠାରେ ଏକ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟାଭ୍ୟାସରେ ପୋଷଣଯୁକ୍ତ ମାଣ୍ଡିଆ ଜାତୀୟ ଖାଦ୍ୟ ସାମିଲ୍ କରିବାକୁ ଆହ୍ୱାନ ଜଣାଇଥିଲେ। ଶିଶୁଙ୍କର ପୌଷ୍ଟିକ ବିକାଶ ପାଇଁ ଡିଏମ୍ଏଫ ତରଫରୁ ଅନେକ ପ୍ରକାର ପଦକ୍ଷେପ ନିଆଯାଇଛି। ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଖାଦ୍ୟ ତାଲିକାରେ ମାଣ୍ଡିଆ ଲଡୁକୁ ସାମିଲ୍ କରାଯାଇଛି। ଶିଶୁର ଯତ୍ନ ଓ ପୁଷ୍ଟି ପାଇଁ କ୍ରେଚ୍/ମା'ଗୃହର ବ୍ୟବସ୍ଥା କରାଯାଇଛି। ଜିଲାରେ ମାଣ୍ଡିଆ ଜାତୀୟ ଖାଦ୍ୟ ଦ୍ରବ୍ୟକୁ ଅଧିକ ଲୋକପ୍ରିୟ କରିବା ନିମନ୍ତେ ଜିଲାସ୍ତରରେ ମାଣ୍ଡିଆ କାଫେ ନିର୍ମାଣ କରାଯାଉଛି। ସମ୍ମାନିତ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲା ଚିକିତ୍ସା ଅଧିକାରୀ ତଥା ଅଧୀକ୍ଷକ ଜିଲା ମୁଖ୍ୟ ଚିକିତ୍ସାଳୟ ଡାଃ କିଶୋର କୁମାର ପୃଷ୍ଟି ଉପସ୍ଥିତ ଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଅନୁସୂୟା ସାହୁ, ଜିଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ଶିଶିର ଷଡଙ୍ଗୀ, ୟୁନିସେଫ୍‌ର ଜିଲା ସଂଯୋଜକ ଗୋବିନ୍ଦ ସେଠୀ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରି ରାଷ୍ଟ୍ରୀୟ ପୋଷଣ ମାସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରି ପୋଷଣ ଯୁକ୍ତ ଖାଦ୍ୟର ଘରୋଇ ବ୍ୟବହାର ପାଇଁ ଲୋକଙ୍କୁ ଉତ୍ସାହିତ କରାଯିବା ଦିଗରେ ଆଲୋଚନା କରିଥିଲେ। ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ସଞ୍ଜୀବ ବାରିକ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।

## ଚୋରି ସାମଗ୍ରୀ ଛାଡ଼ି ଫେରାର

ଆରଡି, ୭।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଆରଡ଼ି ଫାଣ୍ଡି ଅମୃତମଣୋହି ଗ୍ରାମ ରାସ୍ତାକଡରେ ଦୁର୍ବୃତ୍ତମାନେ ଚୋରି ସାମଗ୍ରୀ ଛାଡ଼ି ଫେରାର ହୋଇଯାଇଛନ୍ତି। ସୋମବାର ବିଳମ୍ବିତ ରାତିରେ ଫସଲ ଜଗିଥିବା କେତେଜଣ ଚାଷୀ ଦୁଇଜଣ ଦୁର୍ବୃତ୍ତ ଏକ ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ଓ ଛୋଟ ଗ୍ୟାସ୍ କଟର ନେଇ ଯାଉଥିବା ଦେଖିବାକୁ ପାଇଥିଲେ। ସେମାନେ ଟର୍ଚ୍ଚ ମାରିବାରୁ ଦୁର୍ବୃତ୍ତମାନେ ଚୋରି ସାମଗ୍ରୀ ଛାଡ଼ି ଦେଇ ପଳାଇ ଥିଲେ। ଆରଡ଼ି ଫାଣ୍ଡି ପୋଲିସ ଉକ୍ତ ସାମଗ୍ରୀ ଜବତ କରିଥିଲା।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**Tel Irrigation Division, Sonepur**
**E-mail: eetelirrdivn@gmail.com**

**E-procurement Notice No - EE, TID, SNP – 07/2021-22**

**No. A-427:-** The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **Double Cover** system to be received in **online mode** only for the works as detailed below.

| | | |
|---|---|---|
| 1 | Name of the work | Flood Protection Embankment Work |
| 2 | No. of Works | 01 No |
| 3 | Class of Contractor | 'B' & 'A' Class (Odisha PWD or relevant class of other licensing Authority.) |
| 4 | Bid Identification No. | **EE, TID, SNP-07/2021-22** |
| 5 | Estimated Cost | Rs 88.09 Lakhs |
| 6 | Period of Completion | As per mentioned in NIT |
| 7 | Date & time of availability of bid documents in the Portal. | **From 08.09.2021 (10.00 AM) to 27.09.2021 ( 05.30 PM)** |
| 8 | Last date/time for receipt of bids in the Portal | **In portal -27.09.2021 from 10.00 A.M up to 05.30 P.M.** |
| 9 | Date of Opening of Bid | **On Date 28.09.2021 (11.00 AM onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Tel Irrigation Division, Sonepur (Dist.-Subarnapur)** |

Further details can be seen from the e-Procurement portal https://tendersodisha.gov.in.

**Sd./- Executive Engineer, Tel Irrigation Division, Sonepur**
OIPR-32362/11/0004/2122



See Career Appointment on every Wednesday & Saturday



**NOTICE**

**No. C-912:-** The following contractor, who were registered as "C" Class Contractor under S.E.P.H. Circle, Bhubaneswar and their Registration Certificate are hereby cancelled as per his written request and their one time deposit in shape of NSC will be refunded to him.

| Sl. No. | Name and Address | Regn. No & Class | This office order No. & Date |
|---|---|---|---|
| 1) | **Sri Sudhansu Sekhar Choudhury,** S/o Amarsing Choudhury, At/PO-Kulasarichuan, PS- Sadar, Dist.- Cuttack | Regd. No. 871 of 2002-03 'C' Class | S.E.P.H. Circle, BBSR No.7047 Dt.22.07.2002 |
| 2) | **Sri Prakas Chandra Balabantaray,** S/o- Golakha Bihari Nayak, At- N/6-342, PO- IRC Village Nayapalli, Dist.- Khordha | Regd. No. 1081 of 2007-08 'C' Class | S.E.P.H. Circle, BBSR No.8306 Dt.05.12.2007 |
| 3) | **Sri Hari Har Behera,** S/o- Late Balabhadra Behera, At/PO- Saswotipur, PS- Balanga, Dist- Puri, Pin-752105 | CDMS Code No.342QH567- "C" Class (Upgraded to "B" Class) | Dt.13.04.2021 |
| 4) | **Sri Chandan Ojha,** S/o- Basudev Ojha, At/PO- Govind Prasad, PS- Bhapur, Dist.- Dhenkanal | Regd. No.1393 of 2015-16 'C' Class | S.E.P.H. Circle, BBSR No.5054 Dt.03.10.2015 |

This notice is required to be published for information of all Govt. Deptt./Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (Thirty) days from the date of publication of this notice for recovery/adjustment to Govt. accounts.

In case no report from any office / Deptt. are received within the stipulated period i.e. 30 days from the date of publication of this notice, the one time deposit made by the contractor will be released/refunded to them without any further notice.

If any Govt. dues/materials detected by any office beyond the stipulated time, it will be their responsibility for the lapses whatsoever.

OIPR-13039/11/0006/2122
**Sd./- Additional Chief Engineer, P.H. Circle, Bhubaneswar**



**DISTRICT OFFICE, BALASORE**
**(G.P. SECTION)**
**TENDER CALL NOTICE**

**No. 65/G.P.** **Date: 04.09.2021**

No. i-159: Sealed tenders in plain paper are invited from the interested/registered local Printing Presses/DTP Firms for printing of ward wise Electoral Rolls and binding of Gram Panchayat wise Electroal Roll in respect of the following Blocks subject to the following terms & conditions. The tenders should reach through Registered Post only addressed to the District Panchayat Officer, Balasore on or before **23.09.2021 by 5.00 P.M.** The tenders received beyond the scheduled date and time will not be entertained. The envelope containing the tender paper should be mentioned as "TENDER FOR PRINTING OF ELECTORAL ROLLS FOR GENERAL ELECTIONS TO PRIs-2022". The sealed tenders shall be opened on **24.09.2021 at 11 A.M. at DRDA Conference Hall, Balasore** in the presence of the tenderer or their authorized representatives. The tenders should contain photocopies of GST registration No and update retrun of GST and Income Tax. The cost must include all offering/ accepted taxes/GST etc. The Tender Call Notice along with details of terms & conditions for the purpose can be downloaded from the district website **www.baleswar.nic.in** during the period from 07.09.2021 to 23.09.2021.

**Sd./- Collector, Balasore**
**OIPR-15017/11/0001/2122**



**RFP for Engagement of Programme Management Consultant (PgMC) for Irrigation Projects (ISS/MMIPs/ UGPL) of Water Resources Department, Govt. of Odisha**
**Bid Identification No. 02/2021-22 of EE, SS Division, Bhubaneswar**

**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**

No. A-435: Engineer-in-Chief, Procurement, O/o. the Engineer-in-Chief, Water Resources, Sechasadan, Bhubaneswar invites Technical and Financial proposals from reputed consulting firms having experience in design, design vetting, engineering, monitoring and supervision for "Engagement of Programme Management Consultancy Firm for Irrigation Projects of Water Resources Department". The detailed Request for Proposal (RFP) document can be downloaded from e-Procurement portal of Govt. of Odisha from 5 P.M. of Dt.08.09.2021 to 5.00 P.M. of Dt.07.10.2021. A pre bid meeting shall be held on Dt.23.09.2021 at 11.30 A.M. through VC (link will be share on 21.09.2021 by 4.00 P.M.). Interested applicants are requested to send their queries upto 4 P.M. of Dt.20.09.2021 in the email Id of **eic.proc.wr@gmail.com**. The last date of receipt of technical and financial bids through e-procurement portal of Govt. of Odisha is Dt.11.10.2021 till 5.00 P.M. The cost of bid document is Rs.10,000.00/- (Rupees ten thousand only) and is to be paid online. The technical bids will be opened online on Dt.18.10.2021 at 11.00 A.M. Engineer-in-Chief, Procurement has the right to accept or reject the Notice/RFP without assigning any reason thereof.

**Sd./- Engineer-in-Chief, Procurement**
**OIPR-32314/11/0008/2122**



**OFFICE OF THE CHIEF CONSTRUCTION ENGINEER, KANUPUR IRRIGATION PROJECT**
**AT/P.O.- BASUDEVPUR, DIST.- KEONJHAR, ODISHA, PIN- 758047**
**e-mail: ccekipbpur@gmail.com**

**"e" PROCUREMENT NOTICE**
**Bid Identification No. 07/CCEKIP of 2021-22 (Online)**
**No. A-425** **NOTICE INVITING TENDER**

| | | |
|---|---|---|
| 1 | Name of the Assignment | Request for Proposal (RFP) for Appointment of Thrid Party Quality Assurance & Inspection Agency (TPIA) for Plastic Concrete Cut-off Wall of Kanupur Irrigation Project, Odisha. |
| 2 | Estimated Cost | Not Provided |
| 3 | Period of Completion | 11 (Eleven) Calendar Months including rainy season. |
| 4 | Date & Time of availability of bid document in the portal | Dt.08.09.2021 from 10.00 hours to Dt.22.09.2021 upto 17.00 hours. |
| 5 | Last date/time of receipt of bid in the portal | Dt.22.09.2021 upto 17.00 hours. |
| 6 | Name & Address of the Officer Inviting Bid | Chief Construction Engineer, Kanupur Irrigation Project, At/P.O.- Basudevpur, Dist.- Keonjhar, Odisha - 758047 |

Further details can be seen from e-Procurement portal **www.tendersodisha.gov.in**.

**Sd./- (Er. P.K. Pani)**
**Chief Construction Engineer, Kanupur Irrigation Project, Basudevpur, Keonjhar, Odisha**
**OIPR-32236/11/0002/2122**



**GOVERNEMENT OF ODISHA** **No. A-431**
**DEPARTMENT OF WATER RESOURCES**
**Office of the Additional Chief Engineer,**
**Western Irrigation Circle, Bhawanipatna-766001**
**E-Mail-ID-sewic2012@gmail.com / Phone No. 06670-230763**

**NOTICE INVITING TENDER**
**e-Procurement Notice No. ADDLCE,WIC – 02/2021-22**
**PERCENTAGE RATE e-TENDER**

1. The Additional Chief Engineer, Western Irrigation Circle, Bhawanipatna, Dist.- Kalahandi, Pin-766001, (Odisha) on behalf of governor of Odisha invites **"PERCENTAGE RATE Bids" IN DOUBLE COVER SYSTEM**, in electronic tendering system for the construction works detailed in the table below.

| | |
|---|---|
| 2. Package No. | ADDLCE,WIC(KID)01/2021-22 to ADDLCE,WIC(KID)02/2021-22 |
| Types of Work | 02, (TWO) Nos, Flood Protection work under Nabard Asst Scheme. |
| Approximate value of work | Varies from Rs.652.04 Lakhs to Rs.544.76 Lakhs (Excluding GST) |
| Period of Completion | 11, (Eleven ) calendar Months. |
| Classification of Bidder | "A", 'Special' & 'Super' Class Contractor only |
| Tender documents available on website. | Can be downloaded from Website **(http://www.tendersodisha.gov.in)** |
| Bid documents available Date and Time. | 09.09.2021 at11.00Hrs |
| Bid clarification start date & Closing date. | 09.09.2021 to 15.09.2021 during office hours |
| On Line Bid submission closing date and time. | 27.09.2021 at17.00 Hrs. |
| Date, Time and Venue of opening of bid online. | 28.09.2021 at 11.00Hrs office of the Addl Chief Engineer, Western Irrigation Circle, Bhawanipatna. |
| Date / Time of Opening of Financial Bid | To be intimated after evaluation of Technical Bid. |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in** only.

**Additional Chief Engineer**
**Western Irrigation Circle, Bhawanipatna**
**OIPR-32178/11/0002/2122**

## ସଂକ୍ଷେପରେ

### ହୋମ୍ ଲୋନ ପ୍ରଦାନ କରିବ ଇଣ୍ଡିଆ ପୋଷ୍ଟ

ନୂଆଦିଲ୍ଲୀ, ୭।୯: ଏଲ୍ଆଇସି ହାଉସିଂ ଫାଇନାନ୍ସ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ (ଆଇପିପିବି) ଚୁକ୍ତିରେ ସାମିଲ ହୋଇଛନ୍ତି। ଆଇପିପିବିର ସିଇଓ ଜେ.ଭେଙ୍କଟରାମୁ କହିଛନ୍ତି, ଆମ ପ୍ଲାଟଫର୍ମରେ ଗ୍ରାହକଙ୍କୁ ହୋମ୍ ଲୋନ ସୁବିଧା ଯୋଗାଣ ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ। ସାରା ଦେଶରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ୪.୫ କୋଟି ଗ୍ରାହକ ରହିଛନ୍ତି। ଆଇପିପିବି ଜରିଆରେ ଏଲ୍ଆଇସି ହାଉସିଂ ଫାଇନାନ୍ସ ସୁବିଧା ଗ୍ରାହକ ନେଇ ପାରିବେ। ଏଲ୍ଆଇସି ବାଦ ଇଣ୍ଡିଆ ପୋଷ୍ଟର କର୍ମଚାରୀମାନେ ମଧ ହୋମ୍ ଲୋନ ବୃଦ୍ଧି କ୍ଷେତ୍ରରେ ମଧ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ସାରା ଦେଶରେ ଇଣ୍ଡିଆ ପୋଷ୍ଟର ୬୫୦ ଶାଖା ରହିଛି। ଏହା ୧.୩୬ ଲକ୍ଷ ବ୍ୟାଙ୍କିଙ୍ଗ ଟଚ୍ ପଏଣ୍ଟ ମଧ ଏହା ମଧରେ ରହିଛି। ୨ ଲକ୍ଷରୁ ଊର୍ଦ୍ଧ୍ୱ ଡାକବାଲା ଏବଂ ଗ୍ରାମାଞ୍ଚଳରେ ଡାକସେବକ ମାନେ ମଧ ରହିଛନ୍ତି। ଏଲ୍ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ ବାଦ ଇଣ୍ଡିଆ ପୋଷ୍ଟର କର୍ମଚାରୀ ବିଜନେସ୍ ଲୋନ୍ କ୍ଷେତ୍ରରେ କାମ କରିବେ। ଏଲ୍ଆଇସି ହାଉସିଂ ଫାଇନାନ୍ସର ହୋମ୍ ଲୋନ ସୁଧ ହାର ୬.୬୬% ସ୍ତରରେ ରହିଛି। କୋଟାକ ମହିନ୍ଦ୍ରା ବ୍ୟାଙ୍କ ପରେ ଏହା ସବୁଠାରୁ କମ୍ ବୋଲି ଜଣାପଡିଛି। କୋଟାକ ୬.୬୫% ବାର୍ଷିକ ସୁଧହାରରେ ବାସଗୃହ ଋଣ ପ୍ରଦାନ କରୁଛି।

# ମାମଲା ପ୍ରତ୍ୟାହାର କରିବ କେୟର୍ନ

ନୂଆଦିଲ୍ଲୀ, ୭।୯

ବ୍ରିଟେନ ଭିତ୍ତିକ ଏନର୍ଜି କମ୍ପାନୀ ଭାରତ ବିରୋଧରେ ଦାୟର କରିଥିବା ମାମଲାକୁ ପ୍ରତ୍ୟାହାର କରିବ ବୋଲି ଜଣାପଡିଛି। ଆମେରିକା, ଫ୍ରାନ୍ସ ଭଳି ବିଭିନ୍ନ ଦେଶରେ ରହିଥିବା ଭାରତୀୟ ସମ୍ପତ୍ତି ଜବତ ଲାଗି କେୟର୍ନ ବିଦେଶର ବିଭିନ୍ନ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ବର୍ତ୍ତମାନ ଏହି ମାମଲାଗୁଡିକୁ ପ୍ରତ୍ୟାହାର କରିବାକୁ ପ୍ରସ୍ତୁତ ଥିବା କମ୍ପାନୀ ସ୍ପଷ୍ଟ କରିଛି। ଭାରତ ସରକାର ରେଟ୍ରୋସ୍ପେକ୍ଟିଭ (ପୂର୍ବ ପ୍ରଭାବୀ) ଟିକସ ରଦ୍ଦ କରିବା ସହ ୧ ବିଲିୟନ ଡଲାର ଅର୍ଥ ଫେରସ୍ତ କରିବାକୁ ଆଗ୍ରହୀ ଅଛନ୍ତି। ଟିକସ ଅର୍ଥ ଫେରିପାରିବାର ଗୋଟିଏ କିମ୍ବା ୨ ଦିନ ମଧ୍ୟରେ ମାମଲା ପ୍ରତ୍ୟାହାର କରାଯିବ ବୋଲି କମ୍ପାନୀ ମଙ୍ଗଳବାର କହିଛି। ଉଲ୍ଲେଖଯୋଗ୍ୟ, ଭାରତ ସରକାର ରେଟ୍ରୋସ୍ପେକ୍ଟିଭ ଟିକସ ଆଇନରେ ଏହି ଅର୍ଥ କେୟର୍ନଠାରୁ ଆଦାୟ କରିଥିଲେ।

କେୟର୍ନ ଏନର୍ଜିର ସିଇଓ ସାଇମନ ଥମ୍ପସନ ନ୍ୟୁଜ ଏଜେନ୍ସି ପିଟିଆଇକୁ ଏକ ସାକ୍ଷାତକାରରେ କହିଛନ୍ତି, ରେଟ୍ରୋସ୍ପେକ୍ଟିଭ ଟିକସ ଆଇନ ସମ୍ପର୍କିତ ଭାରତ ସରକାରଙ୍କ ବିରୋଧରେ କରାଯାଇଥିବା ସବୁ ମାମଲା ପ୍ରତ୍ୟାହାର କରିବାକୁ ପ୍ରସ୍ତୁତ ଅଛୁ। ଭାରତର ସର୍ତ୍ତ ଆମକୁ ମଞ୍ଜୁର। ମାମଲା କେତେ ଶୀଘ୍ର ସମାଧାନ ହେବ ସେ ନେଇ ଭାରତ ସରକାର ଚେଷ୍ଟା ଜାରି ରଖିଛନ୍ତି। ଆଗାମୀ କିଛି ସପ୍ତାହ ମଧ୍ୟରେ ସବୁ ପ୍ରକ୍ରିୟା ଶେଷ ହୋଇପାରେ ବୋଲି ଆଶା କରାଯାଉଛି। ପ୍ୟାରିସ ସ୍ଥିତ ଭାରତର ଡିପ୍ଲୋମାଟିକ ଆପାର୍ଟମେଣ୍ଟ ଏବଂ ଆମେରିକାରେ ଏୟାର ଇଣ୍ଡିଆର ବିମାନ ଜବତ କରିବା ନେଇ କେୟର୍ନ ଯୋଜନା ରଖିଥିଲା। ଭାରତ ସରକାରଙ୍କ ଅଫରକୁ ବିଚାର କରି ମାମଲା ପ୍ରତ୍ୟାହାର କରାଯାଉ ବୋଲି କମ୍ପାନୀର ଅଂଶୀଦାରମାନେ



- ଭାରତ ଫେରାଇବ ୧ ବିଲିୟନ ଡଲାର
- ରିଫଣ୍ଡ ପରେ ମୋକଦ୍ଦମା ଶେଷ ହେବ

ଚାହୁଁଛନ୍ତି ବୋଲି ଥମ୍ପସନ କହିଛନ୍ତି।

ଟିକସ ବିବାଦ ସମାଧାନ ହେଲେ କେୟର୍ନ ଏନର୍ଜିକୁ ୧.୬ ବିଲିୟନ ଡଲାର ଅର୍ଥ ଭାରତ ସରକାର ଫେରାଇବେ। ଏହି ଅର୍ଥ ମଧ୍ୟରେ କମ୍ପାନୀ ୭୦ କୋଟି ଡଲାର ସ୍ୱତନ୍ତ୍ର ଡିଭିଡେଣ୍ଡ ଏବଂ ବାଏବ୍ୟାକ୍ ଅଫର ଜରିଆରେ କମ୍ପାନୀର ଅଂଶୀଦାରଙ୍କ ମଧ୍ୟରେ ବଣ୍ଟାଯାଇପାରେ। ମାମଲା ସମାଧାନ ହେବାର ୪ରୁ ୬ ସପ୍ତାହ ମଧ୍ୟରେ ୫୦ କୋଟି ଡଲାରର ପ୍ରସ୍ତାବିତ ଡିଭିଡେଣ୍ଡ ଏବଂ ୨୦ କୋଟି ଡଲାରର ବାଏବ୍ୟାକ୍ ଅଫର ସମ୍ପର୍କିତ ରିଜଲ୍ୟୁଶନ ଶେୟାର ହୋଲ୍ଡରଙ୍କ ତରଫରୁ ଆସିପାରେ।

**କଣ ଥିଲା ଟିକସ ମାମଲା...**

ରେଟ୍ରୋସ୍ପେକ୍ଟିଭ ଟିକସ ଡିମାଣ୍ଡ ଅଧିନରେ ଭାରତ ସରକାର କେୟର୍ନ ଏନର୍ଜି ବିରୋଧରେ ୧୦,୨୪୭ କୋଟି ଟଙ୍କା ଟିକସ ଅସୁଲ କରିଥିଲେ। ଏହା ବିରୋଧରେ କେୟର୍ନ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଗତ ବର୍ଷ ସେପ୍ଟେମ୍ବରରେ ଟ୍ରିବ୍ୟୁନାଲ ଏହି ମାମଲାକୁ ଖାରଜ କରି ଦେଇଥିଲେ। କେୟର୍ନଠାରୁ ଆଦାୟ କରାଯାଇଥିବା ଟିକସ ଅର୍ଥ ଫେରସ୍ତ ଲାଗି ଭାରତକୁ ନିର୍ଦ୍ଦେଶ ରହିଥିଲା। ଭାରତ ସରକାର ଏହି ଅର୍ଥ ଫେରସ୍ତ ଲାଗି ମନା କରିବାକୁ କମ୍ପାନୀ ବିଭିନ୍ନ ଦେଶର ଅଦାଲତଙ୍କ ଦ୍ୱାରସ୍ଥ ହେବା ସହ ଭାରତୀୟ ସମ୍ପତ୍ତି ଜବତ କରିବାକୁ ଅଗ୍ରସର ହୋଇଥିଲା। ଭାରତ ସରକାର ଚଳିତ ବର୍ଷ ଅଗଷ୍ଟରେ ଆମେରିକା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ଆମେରିକା ନ୍ୟାୟ କ୍ଷେତ୍ର ବାହାରେ ଥିବାରୁ ଏହାକୁ ଖାରଜ କରାଯାଉ ବୋଲି ଭାରତ ଦାବି କରିଥିଲା। ରେଟ୍ରୋସ୍ପେକ୍ଟିଭ ଟିକସକୁ ଖାରଜ କରିବା ଲାଗି ଭାରତ ସରକାର ଅଗଷ୍ଟ ୭ରେ ଏକ ସଂସଦରେ ବିଲ୍ ଉପସ୍ଥାପିତ କରିଛନ୍ତି। ପୂର୍ବର ନିୟମ ମୁତାବକ, ୫୦ ବର୍ଷ ପର୍ଯ୍ୟନ୍ତ ପୁରୁଣା ଟିକସ ମାମଲାରେ କ୍ୟାପିଟାଲ ଗେନ୍ସ ଉପରେ ଟିକସ ଲାଗୁ କରାଯାଇପାରିବ। ଏହା ଦ୍ୱାରା ୧୭ କମ୍ପାନୀଠାରୁ ସରକାର ୧.୧୦ ଲକ୍ଷ କୋଟି ଟଙ୍କା ଆଦାୟ କରିଥିଲେ। ଏହା ମଧ୍ୟରେ କେୟର୍ନର ୧୦,୨୪୭ କୋଟି ଟଙ୍କା ସାମିଲ ରହିଥିଲା।

# ଏଲ୍‌ଜିର ନୂଆ ବେଷ୍ଟ ଶପ୍



ରାୟଗଡା, ୭।୯

ଏଲ୍‌ଜି ଇଲେକଟ୍ରୋନିକ୍ସ ପକ୍ଷରୁ ରାୟଗଡାରେ ନୂଆ ବେଷ୍ଟ ଶପ୍ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଷ୍ଟେଶନ ରୋଡର ଏସ୍କାୟ ଏଣ୍ଟରପ୍ରାଇଜେସଠାରେ ଏହା ଅବସ୍ଥିତ। ଗ୍ରାହକଙ୍କ ପରିବର୍ତ୍ତିତ ଚାହିଦାକୁ ନଜରରେ ରଖି ଏହି ଷ୍ଟୋରଟି ଖୋଲାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଭିଡିଓକନଫରେନ୍ସିଂ ଯୋଗେ ଏହି ଅବସରରେ ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆର ହୋମ୍ ଆପ୍ଲାଏନ୍ସ ନିର୍ଦ୍ଦେଶକ ଏଚ୍.ଏସ୍.ଜି, ବରିଷ୍ଠ ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ପ୍ରବଳ ସକ୍ସେନା, ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ପ୍ରଭଞ୍ଜନ ରେଡ୍ଡୀ, ଓଡିଶା ବିଏମ୍ ମନିଷ ସିଂଘଲ, ମାର୍କେଟିଂ ମ୍ୟାନେଜର ସିଦ୍ଧାର୍ଥ ଦୀପଙ୍କର, ଦକ୍ଷିଣ ଓଡ଼ିଶାର ଏରିଆ ମ୍ୟାନେଜର ସୁମିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହା ଗ୍ରାହକଙ୍କୁ ଉନ୍ନତ ଶପିଂ ଅଭିଜ୍ଞତା ପ୍ରଦାନ କରିବା ସହ ଏହା ୱାନ ଷ୍ଟପ ଶପ୍ ଭାବେ କାମ କରିବ ବୋଲି କୁହାଯାଇଛି।

# ଅଗଷ୍ଟରେ ଯାନ ଚାହିଦା ବୃଦ୍ଧି

ନୂଆଦିଲ୍ଲୀ, ୭।୯



କୋଭିଡ-୧୯ ମାମଲାର ଲଗାତାର ହ୍ରାସ ଏବଂ ବଜାରରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ଦେଶର ଅଟୋମୋବାଇଲ ଶିଳ୍ପ ଲାଗି ଲାଭକାରୀ ସାବ୍ୟସ୍ତ ହୋଇଛି। ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଏଫ୍ଏଡିଏ) ଡାଟା ମୁତାବକ, ଚଳିତ ବର୍ଷ ଅଗଷ୍ଟରେ ଯାନ ପଞ୍ଜୀକରଣ ୧୪.୪୮% ବୃଦ୍ଧି ଘଟିଛି। ପାସେଞ୍ଜର, ୨ ଚକିଆ ଏବଂ ୩ ଚକିଆ ସମେତ ଅନ୍ୟ ବର୍ଗଗୁଡିକରେ ଯାନ ବିକ୍ରି ବୃଦ୍ଧି ପାଇଛି।

ଚଳିତ ବର୍ଷ ଅଗଷ୍ଟରେ ୧୩.୮୪ ଲକ୍ଷ ଯାନ ପଞ୍ଜୀକରଣ ହୋଇଥିଲା। ଗତ ବର୍ଷ ସମାନ ଅବଧିରେ ଏହା ୧୨.୦୯ ଲକ୍ଷ ୟୁନିଟ ଥିଲା। ଚଳିତ ବର୍ଷ ଅଗଷ୍ଟରେ ବାଣିଜ୍ୟିକ ଯାନ ବର୍ଗରେ ବିକ୍ରି ୯୭% ବୃଦ୍ଧି ହୋଇଛି। ଏହି ବର୍ଗରେ ୫୩,୧୫୦ ୟୁନିଟ ଗାଡି ବିକ୍ରି ହୋଇଛି। ଗତ ବର୍ଷ ସମାନ ମାସରେ ଏହା ୨୬,୮୫୧ ୟୁନିଟ ରହିଥିଲା। ମାତ୍ର ୨୦୧୯ ଅଗଷ୍ଟ ତୁଳନାରେ ୧୪.୧୭% ନିମ୍ନରେ ରହିଛି। ୨ ବର୍ଷ ତଳେ ସମାନ ସମୟରେ ୬୨,୩୧୯ ୟୁନିଟ ଗାଡି ପଞ୍ଜୀକରଣ ହୋଇଥିଲା।

୩ ଚକିଆ ବର୍ଗରେ ୭୯% ବିକ୍ରି ଅଭିବୃଦ୍ଧି ଦେଖାଯାଇଛି। ୩୦,୪୧୦ ୟୁନିଟ ୩ ଚକିଆ ଯାନ ଅଗଷ୍ଟ ମାସରେ ପଞ୍ଜୀକରଣ କରାଯାଇଛି। ୨୦୨୦ ଅଗଷ୍ଟରେ ଏହା ୧୬,୯୨୩ ୟୁନିଟ ରହିଥିଲା। ୨୦୧୯ ଅଗଷ୍ଟରେ ୩ ଚକିଆ ଯାନ ପଞ୍ଜୀକରଣ ୫୫,୨୯୨ ୟୁନିଟ ରହିଥିଲା। ୨ ଚକିଆ ବର୍ଗରେ ୬% ଏବଂ ପାସେଞ୍ଜର ଯାନ ବର୍ଗରେ ୩୮% ଅଭିବୃଦ୍ଧି ହୋଇଥିବା ଜଣାପଡିଛି। ସେହିଭଳି ଟ୍ରାକ୍ଟର ପଞ୍ଜୀକରଣରେ ୫.୫୦% ଅଭିବୃଦ୍ଧି ଦେଖାଯାଇଛି।

# ଦର ବଢ଼ାଇଲା ହିନ୍ଦୁସ୍ତାନ ୟୁନିଲିଭର

ନୂଆଦିଲ୍ଲୀ, ୭।୯

ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ (ଏଚ୍ୟୁଏଲ) ଲୋକଙ୍କ ଦୈନନ୍ଦିନ ବ୍ୟବହାରରେ ଆସୁଥିବା ବିଭିନ୍ନ ସାମଗ୍ରୀର ଦର ବଢାଇଛି। ମିଡିଆ ରିପୋର୍ଟ ମୁତାବକ, କମ୍ପାନୀ ଡିଟର୍ଜେଣ୍ଟ ଏବଂ ସାବୁନ ଦାମ ପ୍ରାୟ ୧୪% ବଢାଇଛି। କମ୍ପାନୀର ହ୍ୱିଲ ଡିଟର୍ଜେଣ୍ଟ ପାଉଡରର ଦର ୩.୫% ବଢିଛି। ଗୋଟିଏ କେଜି ଏହି ପାଉଡର ଲାଗି ଗ୍ରାହକଙ୍କୁ ୨ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡିବ। ସର୍ଫ ଏକ୍ସେଲ ଡିଟର୍ଜେଣ୍ଟ ପାଉଡରର ଦର ୧୦୦ରୁ ୧୧୪ ଟଙ୍କା ଛୁଇଁଛି। ଲକ୍ସ ସାବୁନ ଦର ୮ରୁ ୧୨% ବଢିଛି। ରିନ୍ ଡିଟର୍ଜେଣ୍ଟ ପାଉଡରର ଦର ୭୭ ଟଙ୍କାରୁ ୮୨ ଟଙ୍କାକୁ ବଢିଛି। ଏହାର ୫୦୦ ଗ୍ରାମ ପ୍ୟାକର ଦର ୩୭ ଟଙ୍କାରୁ ୪୦ ଟଙ୍କାକୁ ବଢିଛି। ଲାଇଫ ବୟ ସାବୁନର ଦର ୮% ଯାଏ ବଢିଛି। ଏହା ବର୍ତ୍ତମାନ ୩୫ ଟଙ୍କା ପରିବର୍ତ୍ତେ ୩୮ ଟଙ୍କାରେ ମିଳିବ। କମ୍ପାନୀ ପକ୍ଷରୁ ଏ ନେଇ ବର୍ତ୍ତମାନ ଯାଏ କୌଣସି ପ୍ରତିକ୍ରିୟା ମିଳି ନ ଥିବା ଜଣାପଡିଛି।

# ସୁଲଭ ହେବ ଏସି ଟ୍ରେନ ଯାତ୍ରା

ନୂଆଦିଲ୍ଲୀ, ୭।୯

ଟ୍ରେନ ଯାତ୍ରୀ ବର୍ତ୍ତମାନ ସୁଲଭରେ ଶୀତତାପ ନିୟନ୍ତ୍ରିତ କୋଚ୍‌ରେ ଯାତ୍ରା କରିବାର ସୁବିଧା ପାଇବେ। ରେଲୱେ ପକ୍ଷରୁ ଥ୍ରି ଟାୟାର ଇକୋନୋମି କ୍ଲାସ କୋଚ୍ ସୁବିଧା ଆରମ୍ଭ କରାଯାଇଛି। ପ୍ରଥମ କୋଚ୍ ଭାବେ ପ୍ରୟାଗରାଜ-ଜୟପୁର-ପ୍ରୟାଗରାଜ ଦୈନିକ ସ୍ପେଶାଲ ଏକ୍ସପ୍ରେସକୁ ଶୁଭାରମ୍ଭ କରାଯାଇଛି। ଏହି ଏସି ୩ ଟାୟାର କୋଚ୍‌ରେ ୭୨ ପରିବର୍ତ୍ତେ ୮୩ ସିଟ୍ ରଖାଯାଇଛି। ଏସି ୩ ଟାୟାର ତୁଳନାରେ ଏଥିରେ ଭଡା ୮% କମ୍ ରହିବ। ରେଳ କୋଚ୍ ଫ୍ୟାକ୍ଟ୍ରି କପୁରଥାଲାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିଲାଗି ୫୦ କୋଚ୍ ପ୍ରସ୍ତୁତ କରାଯାଇଛି। ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏଭଳି କୋଚ୍ ସୁବିଧା ଥିବା ଆଉ ୨ ଟ୍ରେନ ଚଳାଚଳ କରାଯିବ। ନୂଆଦିଲ୍ଲୀ-ଲକ୍ଷ୍ନୌ ଏସି ସ୍ପେଶାଲ ଏବଂ ଲକ୍ଷ୍ନୌ ମେଲ୍ ଭାବେ ଏହା ଚଳାଚଳ କରିବ। ଏଥିରେ ଇଣ୍ଡିଆନ ଏବଂ ୱେଷ୍ଟର୍ନ ଷ୍ଟାଇଲରେ ଟଏଲେଟ ରହିବ। ସବୁ ବର୍ଥର ଯାତ୍ରୀଙ୍କୁ ଯେଭଳି ଶୀତତାପ ନିୟନ୍ତ୍ରିତ ସୁବିଧା ଉପଲବ୍ଧ ହେବ ତାକୁ ଧ୍ୟାନରେ ରଖାଯାଇଛି। ସହଜରେ ଫୋଲ୍ଡ ହୋଇ ପାରୁଥିବା ସ୍ନାକ୍ସ ଟେବଲ, ପ୍ରତି ସିଟରେ ୟୁଏସ୍‌ବି ଚାର୍ଜିଂ ପଏଣ୍ଟ, ଯାତ୍ରୀଙ୍କ ସୁରକ୍ଷା ଲାଗି ସିସିଟିଭି ବ୍ୟବସ୍ଥା ଏବଂ ଅନ୍ତର୍ଜାତୀୟ ସ୍ତରର ଅଗ୍ନି ନିରାପତ୍ତା ସୁବିଧା ରହିଥିବା ରେଲୱେ ପକ୍ଷରୁ ସୂଚନା ମିଳିଛି।

## ଫୁରସତ୍


# ରଣବୀରଙ୍କ ନାଁରେ ଦୀପିକାଙ୍କ ଅଭିଯୋଗ



ଦୀପିକା ପାଦୁକୋନ

ମୁମ୍ବାଇ: ବଲିଉଡ୍ ବିଗ୍-ବି ଅମିତାଭ ବଚ୍ଚନଙ୍କ ଗେମ ଶୋ' କୌନ ବନେଗା କରୋଡପତିର ୧୩ ତମ ସିଜନ ଆରମ୍ଭ ହୋଇଛି। ଅଧିକ ରୋମାଞ୍ଚକର କରିବା ପାଇଁ ଶୋ'ରେ ଅନେକ ପରିବର୍ତ୍ତନ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ହେଉଛି 'ଶାନଦାର୍ ଶୁକ୍ରବାର'ର ଏପିସୋଡ। ଏଥିରେ ସେଲିବ୍ରିଟି ଅତିଥିମାନେ ହଟ ସିଟରେ ବସିଥିବାର ନଜର ଆସିଛନ୍ତି। ଆସନ୍ତା ଶୁକ୍ରବାର ଏପିସୋଡରେ ଅଭିନେତ୍ରୀ ଦୀପିକା ପାଦୁକୋନ ଅତିଥି ଭାବରେ ନଜର ଆସିବେ। ଏହି ଏପିସୋଡ ବହୁତ ଆକର୍ଷଣୀୟ ହେବାକୁ ଯାଉଛି। ଏପିସୋଡର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓରେ ଦୀପିକା ସ୍ୱାମୀ ରଣବୀର ସିଂଙ୍କ ନାଁରେ ଅଭିଯୋଗ କରୁଥିବା ଦେଖିବାକୁ ମିଳିଛି। ଅମିତାଭଙ୍କୁ ଦୀପିକା ଅଭିଯୋଗ କରିଛନ୍ତି ଯେ, ରଣବୀର ଦିନେ ତାଙ୍କ ପାଇଁ ଜଳଖିଆ ପ୍ରସ୍ତୁତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାହା ହୋଇ ନାହିଁ। ପରେ ବିଗ ବି ରଣବୀରଙ୍କୁ ଫୋନ ଲଗାଇଛନ୍ତି। ଏଥିସହ ପୂର୍ବ ପ୍ରତିଶ୍ରୁତ ପୂରଣ କରିବାକୁ ପୁଣି ପ୍ରତିଶ୍ରୁତି ଦେଉଥିବା ଦେଖିବାକୁ ମିଳିଛି।

# ସାକ୍ଷରତା ହିଁ ବିକାଶ



## ଆଜି ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ସାକ୍ଷରତା ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ଦେଶର ବିକାଶ ପାଇଁ ଏହା ଅତୀବ ଗୁରୁତ୍ୱପୂର୍ଣ୍ଣ। ସାକ୍ଷରତା ହାର ଯେଉଁଠି ଯେତେ ଅଧିକ ତାହା ସେତେ ବିକଶିତ। ଏହା ନୂତନ ପିଢ଼ି ହୋଇଥାଏ ସୃଜନଶୀଳ। ନୂଆ ଓ ଉଜ୍ଜ୍ୱଳ ଭବିଷ୍ୟତକୁ ଫିଟିଥାଏ। ତେଣୁ ଏହା ମାଧ୍ୟମରେ ସହଜରେ ବିକାଶ ଲକ୍ଷ୍ୟ ହାସଲ କରାଯାଇପାରିଥାଏ। ସାକ୍ଷରତାର ଗୁରୁତ୍ୱ ଉପଲବ୍ଧ କରି ଅନ୍ତର୍ଜାତୀୟସ୍ତରରେ ଜାତିସଂଘର ୟୁନେସ୍କୋ ସାଧାରଣ ସମ୍ମିଳନୀ ୧୪ ତମ ଅଧିବେଶନରେ ୧୯୬୬ ଅକ୍ଟୋବର ୨୬ରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନିଷ୍ପତ୍ତି ଆଧାରରେ ପ୍ରତିବର୍ଷ ସେପ୍ଟେମ୍ବର ୮କୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯିବାକୁ ଘୋଷଣା କରାଯାଇଥିଲା। ଏହାପରେ ୧୯୬୭ଠାରୁ ପ୍ରତିବର୍ଷ ସାକ୍ଷରତା ଅଭିଯାନକୁ ଆଗେଇ ନେବାକୁ ଏହି ଦିବସ ପାଳନ କରାଯାଉଛି।

ପୃଥିବୀରେ ପ୍ରାୟ ୭୭୫ ନିୟୁତ ଲୋକ ନିରକ୍ଷର ରହିଛନ୍ତି। ସେମାନଙ୍କ ମଧ୍ୟରେ ଦୁଇ ତୃତୀୟାଂଶ ହେଉଛନ୍ତି ମହିଳା। ୟୁନେସ୍କୋର ଶିକ୍ଷା ମନିଟରିଂ ରିପୋର୍ଟ ଅନୁଯାୟୀ ବିଶ୍ୱରେ ସର୍ବନିମ୍ନ ସାକ୍ଷରତା ହାର ଥିବା ଦେଶଗୁଡ଼ିକ ମଧ୍ୟରେ ବୁର୍କିନା ଫାସୋ, ନାଇଜର ଏବଂ ମାଲି ଆଦି ଦେଶ ରହିଛି। ଏହି ରିପୋର୍ଟରେ ନିରକ୍ଷରତା ଏବଂ ଭୟଙ୍କର ଦାରିଦ୍ର୍ୟ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଯାଇଛି। ୨୦୧୫ ସେପ୍ଟେମ୍ବରରେ ଜାତିସଂଘ ପକ୍ଷରୁ ସାକ୍ଷରତା ଅଭିଯାନ ଲାଗି ସ୍ଥାୟୀ ବିକାଶ ଏଜେଣ୍ଡା ଗ୍ରହଣ କରାଯାଇ ଗୁଣାତ୍ମକ ଶିକ୍ଷା ତଥା ଲୋକଙ୍କ ଜୀବନରେ ଶିକ୍ଷାର ସୁଯୋଗ ପାଇଁ ଅନ୍ତର୍ଜାତୀୟସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। ୨୦୩୦ ସୁଦ୍ଧା ସାକ୍ଷରତା ଲକ୍ଷ୍ୟ ହାସଲ ଲାଗି ଏଥିରେ ଉଲ୍ଲେଖ କରାଯାଇଛି। ସାକ୍ଷରତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିବା ସଂସ୍ଥାଗୁଡ଼ିକୁ ୟୁନେସ୍କୋ ପକ୍ଷରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସମ୍ମାନିତ କରାଯାଇଥାଏ।

# ୧୫ କେ.ଜି କମିଲେ ଭାରତୀ



ମୁମ୍ବାଇ: କମେଡି କୁଇନ ଭାବେ ପରିଚିତ ଭାରତୀ ସିଂ ଏବେ ତାଙ୍କ ଓଜନ କମାଇ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ସେ ୧୫ କିଲୋ ଓଜନ କମ କରିଥିବା କହିଛନ୍ତି। ଏହାର କିଛି ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଆଗରୁ ୯୧ କିଲୋ ଥିବା ଭାରତୀ ଏବେ ୭୬ କେଜିରେ ପହଞ୍ଚିଛନ୍ତି। ସେ ତାଙ୍କ ଡାଏଟ କଣ୍ଟ୍ରୋଲ କରିଥିବା କହିଛନ୍ତି। ପୂର୍ବରୁ ସନ୍ଧ୍ୟା ୭ଟା ସୁଦ୍ଧା ଡିନର କରୁଥିବା ଭାରତୀ ଏବେ ସନ୍ଧ୍ୟା ୭ଟା ପରେ ଖାଉ ନାହାନ୍ତି। ପୁଣି ତା'ପରଦିନ ଦିନ ୧୨ଟାରେ ସେ ଖାଦ୍ୟ ଖାଉଥିବା କହିଛନ୍ତି।

# ଜୀବସତ୍ତାହୀନ ଟ୍ରାନ୍ସ ଆଣ୍ଟାର୍କଟିକ ପାହାଡ଼

ୱାଶିଂଟନ: ପୃଥିବୀର କୌଣସି ସ୍ଥାନରେ ଯଦି ମୁଠାଏ ମାଟିକୁ ନେଇ ପରୀକ୍ଷା କରାଯାଏ ତେବେ ସେଥିରେ କୋଟି କୋଟି ସଂଖ୍ୟାରେ ସୂକ୍ଷ୍ମ ଜୀବ ରହିଥିବାର ଜଣାପଡ଼ିଥାଏ। ମାତ୍ର ପୃଥିବୀର ଏଭଳି କିଛି ଅଞ୍ଚଳରେ ଏବେ ମଧ ଜୀବନ ସତ୍ତା ପହଞ୍ଚି ପାରିନି। ଆଣ୍ଟାର୍କଟିକାର ଟ୍ରାନ୍ସ ଆଣ୍ଟାର୍କଟିକ ପାହାଡ଼ ମଧ୍ୟରେ କୌଣସି ଜୀବନ ସତ୍ତା ନାହିଁ ବୋଲି ଗବେଷକ ପ୍ରକାଶ କରିଛନ୍ତି। ପ୍ରୋଭୋ ଅଟାହର ବ୍ରିଘମ ୟଙ୍ଗ ୟୁନିଭର୍ସିଟି ଏବଂ ଆମେରିକା କଲୋରାଡୋ ୟୁନିଭର୍ସିଟି ପକ୍ଷରୁ ଏକ ମିଳିତ ଗବେଷକ ଦଳ ଟ୍ରାନ୍ସ ଆଣ୍ଟାର୍କଟିକ ପାହାଡ଼ ଅଞ୍ଚଳର ମାଟିକୁ ପରୀକ୍ଷା କରିଥିଲେ। ଜଣା ପଡ଼ିଥିଲା ମାଟିରେ ଗୋଟିଏ ମଧ ସୂକ୍ଷ୍ମ ଜୀବ ନାହିଁ। ସ୍ଥାନୀୟ ଅଞ୍ଚଳର ୨୦୪ ମାଟି ନମୁନା ପରୀକ୍ଷା ହୋଇଥିଲା। ଏହି ଅଞ୍ଚଳ ସାଉଥ ପୋଲ ଠାରୁ ୩୦୦ କିଲୋମିଟର ଦୂରରେ ଥିବା ଶେକଲଟନ ଗ୍ଲାସିୟର ନିକଟବର୍ତ୍ତୀ ଅଞ୍ଚଳରୁ ମାଟି ସଂଗ୍ରହ କରାଯାଇଥିଲା। ମାଟି ନମୁନା ମଧ୍ୟରୁ ୨୦ ପ୍ରତିଶତ ମାଟିରେ ସୂକ୍ଷ୍ମ ଜୀବର ଡିଏନଏ ନ ଥିବା ଜଣାପଡ଼ିଥିଲା। ଏସବୁ ମାଟି ଥିବା ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଜୀବନ ପହଞ୍ଚି ନ ଥିବା ସ୍ପଷ୍ଟ ହୋଇଥିବା ଗବେଷକ ଦଳର ମୁଖ୍ୟ ବାୟରନ ଏଡମ୍ସ ପ୍ରକାଶ କରିଛନ୍ତି। ଏହି ଗବେଷଣା ରିପୋର୍ଟ ଜିଓଫିଜିକାଲ ରିସର୍ଚ୍ଚ ପତ୍ରିକା ବାୟୋ ଜିଓସାଇନ୍ସରେ ପ୍ରକାଶିତ ହୋଇଛି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 8282973756
Whatsapp : 9953557897

KUBER FINANCE
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9452281017

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ସୁଶାନ୍ତ କୁମାର ଦଳାଇ
ସରୋବରପୁର, କେନ୍ଦୁପାଟଣା, କଟକ
ଆବିର୍ଭାବ: ୧୮।୦୧।୧୯୭୫
ତିରୋଧାନ: ୨୯।୦୮।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜତରନାଥ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଉତ୍କଳଲକ୍ଷ୍ମୀ ଇଞ୍ଜିନିୟରସ ପ୍ରାଇଭେଟ୍ ଲିମିଟେଡ୍, N୧/୭୩, ଆଇ.ଆର.ସି.ଭିଲେଜ, ଭୁବନେଶ୍ୱର, ସହକର୍ମୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୫୭୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ଶାନ୍ତିଲତା ପାଇକରାୟ
ପିପିଲି, କଣ୍ଟି, ପୁରୀ, ମୁକୁନ୍ଦ ନଗର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ
ଧ-୨୧୫୫୫

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ଦିଲ୍ଲୀପ ଶତପଥି (ବାବୁ)
(ବରିଷ୍ଠ ସାମ୍ବାଦିକ)
ବାଦାମବାଡି, କଟକ
ତିରୋଧାନ : ୦୮.୦୯.୨୦୧୯
'ବାବୁରେ! ଚାହୁଁ ଚାହୁଁ ୨ବର୍ଷ ବିତିଗଲା, ତୁ ଅଫେରା ରାଇଜକୁ ଚାଲିଗଲୁ, ଯେଉଁଠି ଅଛୁ ଭଲରେ ଥାଆ। ଭଗବାନ ତୋର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୧୫୭୩

# ଜୋକୋଭିଚ୍ କ୍ୱାର୍ଟରଫାଇନାଲରେ

**ନ୍ୟୁୟର୍କ, ୭।୯**

ୟୁଏସ୍ ଓପନ ଟେନିସ ସିଙ୍ଗଲ୍ସରେ ପ୍ରଥମଥର ଜଣେ ହେଲେ ଆମେରିକୀୟ ଖେଳାଳି କ୍ୱାର୍ଟରଫାଇନାଲରେ ପହଞ୍ଚିପାରି ନାହାନ୍ତି। ସର୍ବିୟାର ନୋଭାକ୍ ଜୋକୋଭିଚ୍ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇ ତାଙ୍କ କ୍ୟାଲେଣ୍ଡର ଗ୍ରାଣ୍ଡସ୍ଲାମ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ପୁରୁଷ ସିଙ୍ଗଲ୍ସର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବିଶ୍ୱର ଏହି ନମ୍ବର ୱାନ ଖେଳାଳି ଆମେରିକାର ୱାଇଲ୍ଡ କାର୍ଡ ଜେନସନ ବ୍ରୁକ୍ସବାଏଙ୍କୁ ୧-୬, ୬-୩, ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଦୁଇ ଘଣ୍ଟା ୫୮ମିନିଟ୍‌ରେ ଏହି ମ୍ୟାଚ ଶେଷ ହୋଇଥିଲା। ଆର୍ଥର ଆସେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ ବେଳେ ବ୍ରୁକ୍ସବାଏଙ୍କୁ ସ୍ଥାନୀୟ ଦର୍ଶକ ଉତ୍ସାହିତ କରିଥିଲେ। ସର୍ବୀୟ ଖେଳାଳି କ୍ୱାର୍ଟରଫାଇନାଲରେ ଇଟାଲୀର ମାଟେଓ ବରେଟେନିଙ୍କୁ ଭେଟିବେ। ଜୋକୋଭିଚ୍ ଆଉ ୩ଟି ମ୍ୟାଚ ଜିତିଲେ ତାଙ୍କ ଗ୍ରାଣ୍ଡସ୍ଲାମ ଟାଇଟଲ ସଂଖ୍ୟା ୨୧କୁ ବୃଦ୍ଧି ପାଇବ। ପୁରୁଷ ବିଭାଗରେ ଏହା ଏକ ନୂଆ ରେକର୍ଡ ହେବ। କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ଦକ୍ଷିଣ ଆଫ୍ରିକାର ଲୟଡ ହାରିସ, ଜର୍ମାନୀର ଆଲେକ୍‌ଜାଣ୍ଡର ଜେଭରେଭ ଓ କାନାଡାର ଫେଲିକ୍ସ ଅଗର ଆଲିଆସିମି।

ମହିଳା ବିଭାଗରେ ଗ୍ରୀସ୍‌ର ୧୭ତମ ସିଡ୍ ମାରିଆ ସାକାରି ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବାଏଙ୍କା ଆଣ୍ଡ୍ରେସ୍କୁଙ୍କୁ ପରାସ୍ତ କରି ପ୍ରଥମ ଥର ୟୁଏସ୍ ଓପନ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସାକାରି ୨୦୧୯ ଚାମ୍ପିୟନ ତଥା କାନାଡାର ଆଣ୍ଡ୍ରେସ୍କୁଙ୍କୁ ୬-୭ (୨-୭), ୭-୬(୮-୬), ୬-୩ ସେଟ୍‌ରେ ହରାଇ ଦେଇଥିଲେ। ମ୍ୟାଚଟି ପ୍ରାୟ ସାଢେ ୩ ଘଣ୍ଟା ଧରି ଚାଲିଥିଲା। ସାକାରି କ୍ୱାର୍ଟରଫାଇନାଲରେ ୱିମ୍ବେଲଡନ ଫାଇନାଲିଷ୍ଟ କାରୋଲିନା ପ୍ଲିସ୍‌କୋଭାଙ୍କୁ ଭେଟିବେ। ପୂର୍ବରୁ ଅଲିମ୍ପିକ ଚାମ୍ପିୟନ ବେଲିଣ୍ଡା ବେନ୍‌ସିକ୍ ୨୦୨୦ ଫ୍ରେଞ୍ଚ ଓପନ ଚାମ୍ପିୟନ ଇଗା ସ୍ୱିଟେକ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପାଦ ଦେଇଛନ୍ତି। ସୁଇଜରଲାଣ୍ଡର ୨୪ ବର୍ଷୀୟ ଖେଳାଳି ଆର୍ଦ୍ର ପରିବେଶରେ ଏକ ମାରାଥନ ପ୍ରଥମ ସେଟ୍ ଟାଇବ୍ରେକ୍‌ରେ ପୋଲାଣ୍ଡର ସପ୍ତମ ସିଡ୍ ଖେଳାଳିଙ୍କୁ ୭-୬ (୧୪-୧୨), ୬-୩ ସେଟ୍‌ରେ ପରାଜିତ କରିଥିଲେ। ପ୍ରଥମ ସେଟ୍ ୧ ଘଣ୍ଟା ୨୪ ମିନିଟ ଧରି ଚାଲିଥିଲା। ଅନ୍ୟମାନଙ୍କ ମଧ୍ୟରେ ଚେକ୍ ରିପବ୍ଲିକର ବାରବୋରା କ୍ରେଜ୍‌ସିକୋଭା, ବ୍ରିଟେନର ଇମା ରାଡୁକାନୁ, ରୁଷିଆର ଆନାସ୍ତାସିଆ ପାଭଲୁଚେଙ୍କୋଭା ପ୍ରମୁଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



ନୋଭାକ୍ ଜୋକୋଭିଚ୍

## ବୋପାନ୍ନା-ଡୋଗିଗ୍ ଯୋଡ଼ି ପରାସ୍ତ

**ନ୍ୟୁୟର୍କ, ୭।୯ (ପି.ଟି.):** ଭେଟେରାନ ଭାରତୀୟ ଟେନିସ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ କ୍ରୋଏସିଆନ ପାର୍ଟନର ଇଭାନ ଡୋଗିଗ୍ ୟୁଏସ ଓପନ ଟେନିସ ପୁରୁଷ ଡବଲ୍ସ ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୧୩ତମ ସିଡ୍ ବୋପାନ୍ନା ଓ ଡୋଗିଗ୍ ଅଷ୍ଟ୍ରେଲିଆନ ଓପନ ରନର୍ସଅପ୍ ତଥା ଚତୁର୍ଥ ସିଡ୍ ରାଜୀବ ରାମ ଓ ଜୋ ସାଲିସ୍‌ବୁରିଙ୍କଠାରୁ ୭-୬ (୪), ୪-୬, ୬-୭ (୩) ସେଟରେ ପରାଜିତ ହୋଇଛନ୍ତି। ସୋମବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚ ୨ ଘଣ୍ଟା ଓ ୩୦ ମିନିଟ୍ ଧରି ଚାଲିଥିଲା। ଏହି ପରାଜୟ ଦ୍ୱାରା ସଜିନର ଶେଷ ଗ୍ରାଣ୍ଡସ୍ଲାମ୍‌ରେ ଭାରତର ଅଭିଯାନ ଶେଷ ହୋଇଛି। ସାନିଆ ମିର୍ଜା ତାଙ୍କ ମହିଳା ଡବଲ୍ସ ଓ ମିକ୍ସଡ ଡବଲ୍ସ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି। ଅଙ୍କିତା ରାଇନା ମଧ୍ୟ ମହିଳା ଡବଲ୍ସରେ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ପ୍ରଜନେଶ ଗୁଣେଶ୍ୱରନ, ସୁମିତ ନାଗାଲ ଓ ରାମକୁମାର ରମାନାଥନ ପୁରୁଷ ସିଙ୍ଗଲ୍ସ ଡ୍ର' ପାଇଁ କ୍ୱାଲିଫାଏ କରିପାରି ନାହାନ୍ତି। କ୍ୱାଲିଫାୟର୍ସରୁ ସେମାନେ ବିଦାୟ ନେଇଛନ୍ତି।

# ବୈଦ୍ୟନାଥ ମହାପାତ୍ରଙ୍କୁ କ୍ରୀଡ଼ାଗୁରୁ ସମ୍ମାନ



ସମ୍ମାନିତ ହେବାକୁଥିବା କ୍ରୀଡ଼ାବିତ୍‌ମାନେ।

**ଷଷ୍ଠ ଏମ୍‌ବି ସ୍ମାରକୀ କ୍ରୀଡ଼ା ସମ୍ମାନ**

**ଭୁବନେଶ୍ୱର,୭।୯**

ମକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଷଷ୍ଠ ଏମ୍‌ବି ସ୍ମାରକୀ କ୍ରୀଡ଼ା ସମ୍ମାନ ପୁରସ୍କାର ଘୋଷଣା କରାଯାଇଛି। ଚଳିତ ବର୍ଷ ବରିଷ୍ଠ କୁସ୍ତିଯୋଦ୍ଧା ବୈଦ୍ୟନାଥ ମହାପାତ୍ରଙ୍କୁ ଏମ୍‌ବି ସ୍ମାରକୀ କ୍ରୀଡ଼ା ଗୁରୁ ସମ୍ମାନରେ ସମ୍ମାନିତ କରାଯିବ । ଏହାବ୍ୟତୀତ ସଫ୍ଟ ଟେନିସ ଖେଳାଳି ଶିବରାମ ସ୍ୱାଇଁ, କରାଟେକା ଚିନ୍ମୟୀ ଭୂୟାଁ, ଫୁଟବଲ ପ୍ରତିଭା ରାଜେଶ ନାୟକ, ଆଥ୍‌ଲେଟ ସବିତା ଟପ୍ପୋ ଓ ହକି ପ୍ରତିଭା ସୁରେଖା ବାର୍ଲାଙ୍କୁ ସମ୍ବର୍ଦ୍ଧିତ କରାଯିବ । ଚଳିତ ମାସ ୧୧ ତାରିଖରେ ଏକ ନିରାଡମ୍ବର ଉତ୍ସବରେ କୋଭିଡ୍ କଟକଣା ମଧ୍ୟରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ପ୍ରକାଶ କରାଯାଇଛି।

ପୁରୀ ଜିଲାର ବୈଦ୍ୟନାଥ ମହାପାତ୍ର କୁସ୍ତିରେ ଏକ ପରିଚିତ ନାମ । ଛୋଟବେଳୁ ପୁରୀ ସହର ଆଖଡା ଘରୁ ଆରମ୍ଭ କରିଥିଲେ କୁସ୍ତି ଅଭ୍ୟାସ । ସ୍ଥାନୀୟ ପ୍ରତିଯୋଗିତାରେ ସଫଳ ହେବା ପରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସଫଳ ହୋଇଥିଲେ । କ୍ରମାଗତ ଭାବେ ୧୯୬୭ରୁ ୧୯୭୮ ମସିହା ପର୍ଯ୍ୟନ୍ତ ରାଜ୍ୟ ଚାମ୍ପିୟନ ରହିଥିଲେ । ୧୯୬୯ରେ ଜାତୀୟ ବିଦ୍ୟାଳୟ ପ୍ରତିଯୋଗିତାରେ ଅଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ସେହିପରି ୧୯୯୭ରେ ଜନ୍ମିତ ଶିବରାମ ସଫ୍ଟ ଟେନିସ ଖେଳରେ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ଚିନ୍ମୟୀ ରାଜ୍ୟ କରାଟେରେ ଏକ ପରିଚିତ ଚେହେରା । ନିଜ ପ୍ରତିଭା ଓ ନିଷ୍ଠା ବଳରେ ଜାତୀୟ କରାଟେ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ଫୁଟବଲ ପ୍ରତି ଛୋଟବେଳୁ ଆଗ୍ରହୀ ରାଜେଶ ରାଜ୍ୟ ପାଇଁ ବହୁ ଜାତୀୟ ସ୍ତରର ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଛନ୍ତି । ସବିତାଙ୍କୁ ଅନୁରାଧା ବିଶ୍ୱାଳ ସମ୍ମାନ ପ୍ରଦାନ କରାଯିବ। ଉଦୀୟମାନ ଆଥ୍‌ଲେଟ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ସବିତା । ପେଣ୍ଟାଥଲନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୦୦ ମିଟର ହର୍ଡଲ୍ସରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ନିକଟରେ ଆସାମରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାର ୮୦୦ ମିଟର ହର୍ଡଲ୍ସରେ ଦ୍ୱିତୀୟ ଓ ଲଙ୍ଗ୍‌ଜମ୍ପରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି । ବର୍ତ୍ତମାନ ସେ କଳିଙ୍ଗ ଷ୍ଟାଡିୟମସ୍ଥିତ ରିଲାଏନ୍ସ ହାଇ ପରଫର୍ମାନ୍ସ ଆଥ୍‌ଲେଟିକ ସେଣ୍ଟରରେ ଜେମ୍‌ସ ହିଲରଙ୍କ ତତ୍ତ୍ୱାବଧାନରେ କୋଚିଂ ନେଉଛନ୍ତି। ସୁରେଖା ବାର୍ଲାଙ୍କୁ ଦିଲୀପ ତିର୍କୀ ସମ୍ମାନ ପ୍ରଦାନ କରାଯିବ। ସବ୍‌ଜୁନିୟର ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିସାରିଛନ୍ତି ସୁରେଖା। ୨୦୨୦ରେ ହରିୟାଣାରେ ଅନୁଷ୍ଠିତ ଦଶମ ଜାତୀୟ ସବ୍‌ଜୁନିୟର ହକିରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି।

## ନମ୍ବର ୱାନ ସ୍ଥାନ ବଜାୟ ରଖିଲେ ଶେଫାଳି

**ଦୁବାଇ, ୭।୯ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା ଟି୨୦ ର୍‍ୟାଙ୍କିଂ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ଭାରତର ସ୍ୱଳ୍ପ ବୟସ୍କା ଷ୍ଟାର ଖେଳାଳି ଶେଫାଳି ବର୍ମା ବ୍ୟାଟ୍ସଓମ୍ୟାନ ତାଲିକାରେ ନମ୍ବରୱାନ ସ୍ଥାନ ବଜାୟ ରଖିଛନ୍ତି। ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍ ନୂଆ ଯୁଗ୍ମ ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଅଲ୍‌ରାଉଣ୍ଡର ହୋଇଛନ୍ତି। ବର୍ମା ୭୫୯ ର୍‍ୟାଙ୍କିଂ ପଏଣ୍ଟ ସହ ଯଥାକ୍ରମେ ଅଷ୍ଟ୍ରେଲିଆର ବେଥ୍ ମୁନି (୭୪୪) ଓ ଭାରତ ଟି୨୦ ଉପଅଧିନାୟିକା ସ୍ମୃତି ମନ୍ଧାନା (୭୧୬)ଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ରହିଛନ୍ତି। ଅଷ୍ଟ୍ରେଲିଆର ଅନ୍ୟ ଜଣେ ମେଗ୍ ଲାନିଙ୍ଗ୍ ୭୦୯ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ଅଛନ୍ତି। ବ୍ୟାଟିଂ ତାଲିକାରେ ଡିଭାଇନ୍ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି। ୬୮୯ ପଏଣ୍ଟ ସହ ସେ ୫ମ ସ୍ଥାନରେ ଅଛନ୍ତି। ହୋଭ୍‌ଠାରେ ଇଂଲଣ୍ଡ ବିପକ୍ଷ ତୃତୀୟ ଟି୨୦ରେ ଡିଭାଇନ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ମ୍ୟାଚରେ ସେ ୫୦ ରନ କରିବା ସହ ୨୬ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଫଳରେ ଅଲ୍‌ରାଉଣ୍ଡର ତାଲିକାରେ ସେ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ଇଂଲଣ୍ଡର ନାଟାଲି ସ୍କିଭରଙ୍କ ସହ ମିଳିତଭାବେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି।

## ରସେଲଙ୍କ ଯୋଗଦାନକୁ ସ୍ପଷ୍ଟ କଲା ମର୍ସିଡିଜ୍

**ଲଣ୍ଡନ, ୭।୯ (ଏପି):** ଆସନ୍ତାବର୍ଷ ମର୍ସିଡିଜ୍‌ରେ ଲୁଇସ୍ ହାମିଲଟନଙ୍କ ଫର୍ମୁଲା ୱାନ ଟିମ୍‌ମେଟ୍ ହେବେ ଜର୍ଜ ରସେଲ। ଏ ନେଇ କିଛି ମାସ ହେଲା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଭାଲଟେରୀ ବୋଟାସ ୨୦୨୨ରେ ଆଲ୍‌ଫା ରୋମିଓ ଟିମ୍‌ରେ ଯୋଗ ଦେଉଥିବା ବିଷୟ ସୋମବାର ଜଣାପଡ଼ିବା ପରେ କଳ୍ପନା ଜଳ୍ପନା ସତ୍ୟରେ ପରିଣତ ହୋଇଛି। ଫଳରେ ଆସନ୍ତାବର୍ଷେ ମର୍ସିଡିଜ୍‌ରୁ ବ୍ରିଟେନର ଦୁଇ ଡ୍ରାଇଭର ପ୍ରତିନିଧିତ୍ୱ କରିବେ। ମର୍ସିଡିଜ୍‌ରେ ଯୋଗଦାନ ନେଇ ସେ ଖୁବ୍ ଆନନ୍ଦିତ ବୋଲି ୨୩ ବର୍ଷୀୟ ରସେଲ କହିଛନ୍ତି। ରସେଲଙ୍କ ସହ ଦୀର୍ଘ ମିଆଦି ଚୁକ୍ତି କରାଯାଇଥିବା ମର୍ସିଡିଜ୍ ଟିମ୍ ପ୍ରିନ୍ସିପାଲ ଟୋଟୋ ଓଫ୍ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରସେଲ ୨୦୧୭ରେ ଟିମ୍‌ର ୟଙ୍ଗ୍ ଡ୍ରାଇଭର ପ୍ରୋଗ୍ରାମରେ ଯୋଗ ଦେଇଥିଲେ। ସେହିବର୍ଷ ସେ ଜିପି-୩ ସିରିଜ ଏବଂ ପରବର୍ଷ ଫର୍ମୁଲା-୨ ଚାମ୍ପିୟନଶିପ୍ ଜିତିଥିଲେ। ଗତ ଡିସେମ୍ବରରେ ହାମିଲଟନ କରୋନା ସଂକ୍ରମିତ ହେବାରୁ ରସେଲଙ୍କୁ ମର୍ସିଡିଜ ତରଫରୁ ଥରେ ସୁଯୋଗ ମିଳିଥିଲା। ସାଖିର ଗ୍ରାଁ ପ୍ରିରେ ସେ ଏକ ପିଟ୍ ଷ୍ଟପ୍ ତ୍ରୁଟି ପର୍ଯ୍ୟନ୍ତ ଅଗ୍ରଣୀ ରହିଥିଲେ।

# ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଲେ ବଟଲର, ଲିଚ୍

**ମାଞ୍ଚେଷ୍ଟର, ୭।୯ (ପି.ଟି.)**

ଭାରତ ବିପକ୍ଷ ୫ମ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ପାଇଁ ମଙ୍ଗଳବାର ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ଉଇକେଟକିପରବ୍ୟାଟ୍ସମ୍ୟାନ ଜୋସ୍ ବଟଲର ଓ ବାମହାତି ସ୍ପିନର ଜ୍ୟାକ୍ ଲିଚ୍ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବଟଲରଙ୍କ ଦ୍ୱିତୀୟ ସନ୍ତାନ ଜନ୍ମ ହେବାକୁଥିବାରୁ ସେ ଚତୁର୍ଥ ଟେଷ୍ଟ ଖେଳିପାରି ନ ଥିଲେ। ଅନ୍ୟପକ୍ଷରେ ଚତୁର୍ଥ ଟେଷ୍ଟ ପାଇଁ ଦଳରେ ସାମିଲ କରାଯାଇଥିବା ସାମ୍ ବିଲିଙ୍ଗ୍ସ କାଉଣ୍ଟି ଦଳ କେଣ୍ଟକୁ ଫେରି ଯାଇଛନ୍ତି। ଜେମ୍ସ ଆଣ୍ଡରସନଙ୍କ ସ୍ଥାନରେ ମାର୍କ ଉଡ୍ ସ୍ଥାନ ପାଇପାରନ୍ତି। **ଇଂଲଣ୍ଡ କ୍ରିକେଟ ଦଳ:** ଜୋ ରୁଟ୍ (ଅଧିନାୟକ), ମୋଇନ ଅଲୀ, ଜେମ୍ସ ଆଣ୍ଡରସନ, ଜୋନାଥନ ବେୟାରଷ୍ଟୋ, ରୋରି ବର୍ନ୍ସ, ଜୋସ୍ ବଟଲର, ସାମ୍ କୁରାନ, ହାସିବ ହମିଦ୍, ଡାନ୍ ଲରେନ୍ସ, ଜ୍ୟାକ୍ ଲିଚ୍, ଦାଭିଦ ମଲନ, କ୍ରେଗ୍ ଓଭରଟନ, ଓଲି ପୋପ୍, ଓଲି ରବିନସନ, କ୍ରିସ୍ ଓକ୍ସ ଓ ମାର୍କ ଉଡ୍।



ଜୋସ୍ ବଟଲର ଓ ଜ୍ୟାକ୍ ଲିଚ୍ ।

# 'ଖେଳାଳିଙ୍କ ସଫଳତା ପଛରେ ଫିଜିଓଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ସେପ୍ଟେମ୍ବର ୮କୁ ବିଶ୍ୱ ଫିଜିଓଥେରାପି ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଭାରତୀୟ ଜୁନିୟର ହକି ଦଳ ସହ କାର୍ଯ୍ୟ କରିଥିବା ଓଡ଼ିଶାର ପ୍ରତିଷ୍ଠିତ ଫିଜିଓ ଡକ୍ଟର ମୁକ୍ତି ପ୍ରସାଦ ଦାଶଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**



**ଭୁବନେଶ୍ୱର, ୭।୯(ତପନ ସ୍ୱାଇଁ)**

**● ଚଳିତ ବର୍ଷ କୋଭିଡ କଟକଣା ମଧ୍ୟରେ ବିଶ୍ୱ ଫିଜିଓଥେରାପି ଦିବସକୁ କିପରି ପାଳନ କରିବାକୁ ଯୋଜନା ରଖିଛନ୍ତି ?**

▶ ଯେହେତୁ ସାରା ସମାଜ କୋଭିଡରେ ପ୍ରଭାବିତ ତେଣୁ ସେଲିବ୍ରେଶନ ଓ ଫେଷ୍ଟିଭାଲ ଏକ ଶବ୍ଦ ହୋଇ ରହି ଯାଇଛି। ଆମେ ପୂର୍ବରୁ ଯେଉଁ ବିଶ୍ୱ ଫିଜିଓଥେରାପି ଦିବସ କିମ୍ବା ସପ୍ତାହ ପାଳନ କରୁଥିଲୁ ତାକୁ ଏବେ କେବଳ ଭର୍ଚୁଆଲ ମାଧ୍ୟମରେ ସୀମିତ ରଖିଛୁ। ନିଜକୁ ଫିଟ ରଖିବା ପାଇଁ ବ୍ୟାୟାମ କେତେ ଜରୁରୀ ଆମେ ପୂର୍ବରୁ କହି ଆସୁଥିଲୁ, ମାତ୍ର କରୋନା ଆସିବାପରେ ସଚେତନତାର ଉତ୍ସ ଆମେ ଦେଖି ପାରୁଛୁ। ସବୁ ଲୋକଙ୍କୁ ଅନୁରୋଧ କିଛି ନା କିଛି କାର୍ଯ୍ୟକଳାପ ସହ ସମ୍ପୃକ୍ତ ରଖନ୍ତୁ। ଫଳରେ କରୋନା ପରି ଅନ୍ୟକିଛି ମହାମାରୀରୁ ନିଜକୁ ଦୂରେଇ ରଖି ପାରିବେ।

**● ଫିଜିଓଭାବେ ଆପଣଙ୍କ ଯାତ୍ରା ସମ୍ପର୍କରେ କୁହନ୍ତୁ ?**

▶ ମୁଁ ଫିଜିଓଥେରାପି ପାଠ୍ୟକ୍ରମ ସାରି ୨୦୦୩ ମାର୍ଚ୍ଚରେ ଭୁବନେଶ୍ୱର ଆସିଲି। ସେହି ସମୟରେ ଭୁବନେଶ୍ୱରରେ ଏକ ଘରୋଇ ଫିଜିଓଥେରାପି କଲେଜ ନୀଳାଚଳ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆରମ୍ଭ ହୋଇଥିଲା। ତା ପୂର୍ବରୁ ଓଡ଼ିଶାରେ କୌଣସି ଘରୋଇ ଫିଜିଓଥେରାପି କଲେଜ ନ ଥିଲା। କେବଳ କେନ୍ଦ୍ର ସରକାରଙ୍କର ଓଲଟପୁରରେ ନୀରତାର କଲେଜ ଥିଲା, ଯେଉଁଠି ସାଢ଼େ ୩ ବର୍ଷର ପାଠ୍ୟକ୍ରମ ପଢ଼ା ଯାଉଥିଲା। ମୁଁ ବେଙ୍ଗାଲୁରୁରୁ ସାଢ଼େ ୪ ବର୍ଷର କୋର୍ସ କରିକି ଆସିବା ବେଳକୁ ଅର୍ଥାତ୍ ୨୦୦୩ରେ ଲୋକମାନଙ୍କ ପାଖରେ ଫିଜିଓଥେରାପିର ଅର୍ଥ କ'ଣ ପହଞ୍ଚିପାରି ନ ଥିଲା। ମୁଁ ପ୍ରଥମେ ନୀଳଚଳ ଇନ୍‌ଷ୍ଟିଚ୍ୟୁଟ ଡାଇରେକ୍ଟର ଦାମୋଦର ପତିଙ୍କ ସହିତ ଆଲୋଚନା କଲି। ସେତେବେଳ ପର୍ଯ୍ୟନ୍ତ ଏହି ଅନୁଷ୍ଠାନରେ କୌଣସି ଫିଜିଓଥେରାପିଷ୍ଟ ନିଯୁକ୍ତି ପାଇ ନ ଥିଲେ। ସେଠି ପଢ଼ାଇବା ପାଇଁ କେବଳ ଡାକ୍ତରମାନେ ନିଯୁକ୍ତି ପାଇଥିଲେ। ୨୦୦୩ରେ ମୁଁ ସେଠାରେ ଜୁନିୟର ଅଧ୍ୟାପକ ଭାବେ ନିଯୁକ୍ତି ହେଲି। ସେହିଠାରୁ ହିଁ ମୋର ୨୦ ବର୍ଷର ଯାତ୍ରା ଆରମ୍ଭ ହୋଇଥିଲା। ସେଠି ୨-୩ ବର୍ଷ କାର୍ଯ୍ୟ ପିଲାମାନଙ୍କୁ ପାଠ ପଢ଼ାଇବାପରେ କ୍ଲିନିକାଲ ପ୍ରାକ୍ଟିସର ଆବଶ୍ୟକତା ଅଛି ବୋଲି ଅନୁଭବ କଲି। ପରେ ଡାକ୍ତର ଆର.କେ. ମହାପାତ୍ରଙ୍କୁ ଦେଖା କରି ତାଙ୍କ ନିକଟରେ ଫିଜିଓଭାବେ ନିଯୁକ୍ତ ହେବାକୁ ଇଚ୍ଛା କଲି। ତାଙ୍କ ନିକଟରେ ସେତେବେଳେ ଜଣେ ଫିଜିଓ ଥିବାରୁ ସେ ପ୍ରଥମେ ରାଜି ହୋଇ ନ ଥିଲେ। ପରେ ସେ ମୋତେ ଡାକିଲେ ଓ ମୁଁ କାମ ଆରମ୍ଭ କଲି। ୩-୪ ମାସ କାର୍ଯ୍ୟ କରିବାପରେ ସେ ମୋତେ ତାଙ୍କ ଚାମ୍ବରକୁ ଡକାଇ ଜଣେ ବ୍ୟକ୍ତିଙ୍କୁ ଚିହ୍ନିବାକୁ କହିଲେ। ମୁଁ ଉକ୍ତ ବ୍ୟକ୍ତିଙ୍କୁ ଚିହ୍ନି ନ ଥିଲି। ସେ ମୋତେ ତାଙ୍କ ସହ ପରିଚିତ କରାଇଲେ। ସେ ଥିଲେ ଓଡ଼ିଶାର ଗର୍ବ ପଦ୍ମଶ୍ରୀ ଦିଲୀପ ତିର୍କୀ। ସେ ହେଉଛନ୍ତି ଜାତୀୟ କିମ୍ବା ଅନ୍ତର୍ଜାତୀୟ ସ୍ତରର ପ୍ରଥମ ହକି ଖେଳାଳି, ଯାହାଙ୍କ ସଂସ୍ପର୍ଶରେ ମୁଁ ପ୍ରଥମେ ଆସିଥିଲି। ତାଙ୍କ ଆଣ୍ଠୁ ଜନିତ ସମସ୍ୟା ଥିଲା। ୧୦-୧୨ ଦିନ ତାଙ୍କ ଚିକିତ୍ସା ମଧ୍ୟରେ ମୁଁ ହକି ସମ୍ପର୍କରେ ଅନେକ କିଛି ଆଲୋଚନା କରିଥିଲି। ଜଣେ ମାର୍ଗ ଦର୍ଶକଭାବେ ସେ ମୋତେ ହକିରେ ଫିଜିଓଥେରାପିର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ତାଙ୍କ ଚିକିତ୍ସା ସରିଗଲା, ମାତ୍ର ସେ ମୋତେ ଯେଉଁ ବାର୍ତ୍ତା ଦେଇଗଲେ ତାକୁ ନେଇ ମୁଁ ଓଡ଼ିଶା ହକି ଆସୋସିଏଶନ ସମ୍ପାଦକ ପ୍ରତାପ ଶତପଥୀଙ୍କ ନିକଟକୁ ଏକ ଅନୁରୋଧପତ୍ର ପଠାଇଥିଲି। ଫିଜିଓଥେରାପିର ଆବଶ୍ୟକତା ସମ୍ପର୍କରେ ତାଙ୍କୁ ବୁଝାଇ ମୋତେ ଓଡ଼ିଶା ହକି ସହିତ କାମ କରିବା ସୁଯୋଗ ଦିଆଯାଉ ବୋଲି କହିଥିଲି। ସେ ମୋତେ ବୁଝାଇଥିଲେ ଯେ, ସରକାରଙ୍କ ନିୟମ ଅନୁସାରେ କୌଣସି ପ୍ରତିଯୋଗିତା ପାଇଁ ୨୨ ଜଣଙ୍କ ପାଇଁ ସ୍ପନଶରଶିପ୍ ଆସିଥାଏ। ସେମାନେ ହେଲେ ୧୮ ଖେଳାଳି, କୋଚ୍, ସହକାରୀ କୋଚ୍, ମ୍ୟାନେଜର ଏବଂ ଟ୍ରେନର। ହକି ଦଳ ସହ କାର୍ଯ୍ୟ କରିବାର ପ୍ରବଳ ଆଗ୍ରହ ଥିବାରୁ ମୁଁ ନିଜ ଖର୍ଚ୍ଚରେ କାମ କରିବାକୁ ତାଙ୍କୁ କହିଲି। ସେ ରାଜି ହେଲେ ଏବଂ ନିଜସ୍ୱ ଖର୍ଚ୍ଚରେ ମୁଁ ଫିଜିଓଭାବେ ଓଡ଼ିଶା ଦଳସହ ବିଭିନ୍ନ ରାଜ୍ୟକୁ ଗଲି। ଓଡ଼ିଶା ଦଳସହ ୨-୩ ବର୍ଷ କାର୍ଯ୍ୟ କରିବାପରେ ପ୍ରିମିୟର ହକି ଲିଗ୍ ଆରମ୍ଭ ହେଲା। ଏକ ଟିମ୍ ଗଠନ ପାଇଁ ଓଡ଼ିଶା ହକି ଆସୋସିଏଶନକୁ ନିବେଦନ ଆସିଥିଲା। ଦଳର ସଦସ୍ୟଙ୍କ ମଧ୍ୟରେ ଫିଜିଓଙ୍କୁ ରଖିବା ପାଇଁ ମଧ୍ୟ ବାଧ୍ୟତାମୂଳକ ଥିଲା। ତେଣୁ ଓଡ଼ିଶା ଆସୋସିଏଶନ ମୋତେ ଓଡ଼ିଶା ଷ୍ଟିଲର୍ସ ଦଳସହ ସାମିଲ କଲେ। ଡିଭିଜନ-୨ରେ ଓଡ଼ିଶା ଚାମ୍ପିୟନ ହେବାପରେ ଡିଭିଜନ-୧କୁ ଉନ୍ନୀତ ହେଲା। ସେଠାରେ ମଧ୍ୟ ଦଳ ଚାମ୍ପିୟନ ହେଲା। ସବୁ ମ୍ୟାଚରେ ବିନା ଇଞ୍ଜୁରିରେ ଶ୍ରେଷ୍ଠ ଏକାଦଶ ଖେଳିବା ହିଁ ଓଡ଼ିଶା ଷ୍ଟିଲର୍ସ କ୍ରମାଗତ ଚାମ୍ପିୟନ ହେବାର ମୁଖ୍ୟ କାରଣ ବୋଲି ଚାରିଆଡ଼େ ଚର୍ଚ୍ଚା ହୋଇଥିଲା। ଫଳ ସ୍ୱରୂପ ଭାରତୀୟ ସବ୍ ଜୁନିୟର ହକି ଦଳରେ ମୋତେ ଫିଜିଓ ହେବା ପାଇଁ ସୁଯୋଗ ମିଳିଥିଲା। ଏହିଠାରୁ ମୋର ସ୍ପୋର୍ଟ୍ସ ଫିଜିଓ ଥେରାପିର ପ୍ରକୃତ ଯାତ୍ରା ଆରମ୍ଭ ହେଲା। ଭାରତୀୟ ହକି ଦଳ ସହ କାମ କରି ବିଭିନ୍ନ ବିଦେଶ ଭ୍ରମଣ କଲା ପରେ ଓଡ଼ିଶା ପାଇଁ କିଛି କରିବାକୁ ଅଛି ବୋଲି ଅନୁଭବ କଲି। ମୁଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗକୁ କଳିଙ୍ଗ ଷ୍ଟାଡିୟମରେ ଏକ ଫିଜିଓ ନିଯୁକ୍ତି ପାଇଁ ପତ୍ର ଲେଖିଲି। ପାଖାପାଖି ୮ ବର୍ଷ ବ୍ୟବଧାନରେ ମୋତେ କଳିଙ୍ଗ ଷ୍ଟାଡିୟମରେ ଫିଜିଓଭାବେ ନିଯୁକ୍ତି ମିଳିଥିଲା। ବର୍ତ୍ତମାନ ରାଜ୍ୟ ସରକାର କିଛି ସ୍ପୋର୍ଟ୍ସ ହଷ୍ଟେଲରେ ଫିଜିଓ ନିଯୁକ୍ତି କରିଛନ୍ତି ଏବଂ ଆଗାମୀ ଦିନରେ ସବୁ କ୍ରୀଡ଼ା ଛାତ୍ରାବାସରେ ନିଯୁକ୍ତି କରିବାକୁ ଯାଉଛନ୍ତି ବୋଲି ଶୁଣିବାକୁ ମିଳୁଛି।

**● ସାଧାରଣ ଲୋକ ଏବଂ ଜଣେ କ୍ରୀଡ଼ାବିତ୍‌ଙ୍କୁ ଚିକିତ୍ସା ମଧ୍ୟରେ କ'ଣ ପାର୍ଥକ୍ୟ ଥାଏ।**

▶ କେତେ ପରିମାଣରେ ଇଞ୍ଜୁରି ହୋଇଛି ତାହାକୁ ବିଚାରକୁ ନେଇ ଚିକିତ୍ସାକୁ ୩-୪ ଭାଗରେ ବିଭକ୍ତ କରାଯାଇଥାଏ। ପ୍ରଥମ ୩ ପର୍ଯ୍ୟାୟ ପର୍ଯ୍ୟନ୍ତ ଚିକିତ୍ସା ପ୍ରାୟ ସମାନ ଥାଏ। ମାତ୍ର ଖେଳାଳିଙ୍କ କ୍ଷେତ୍ରରେ ସେ କେଉଁ ଖେଳ ସହ ସମ୍ପୃକ୍ତ ଏବଂ ନିର୍ଦ୍ଦିଷ୍ଟ ଉକ୍ତ ଖେଳରେ କିପରି ମୁଭ୍‌ମେଣ୍ଟ ହେବାକୁ ପଡ଼େ ତାକୁ ଲକ୍ଷ୍ୟ କରି ଚିକିତ୍ସା ଏବଂ ବ୍ୟାୟାମ କରାଯାଇଥାଏ। ବାସ୍କେଟବଲ, ଫୁଟବଲ, କ୍ରିକେଟ, ହକି କ୍ଷେତ୍ରରେ ତାହା ଭିନ୍ନଭିନ୍ନ ହୋଇଥାଏ।

**● ଭାରତୀୟ ଜୁନିୟର ହକି ଦଳ ସହ ଯାତ୍ରା କିପରି ଥିଲା ?**

▶ ୨୦୦୫ରୁ ୨୦୦୮ ପର୍ଯ୍ୟନ୍ତ ଭାରତୀୟ ଦଳ ସହ ସଂଶ୍ଳିଷ୍ଟ ହେବାପରେ ବହୁତ କିଛି ଶିଖିବାକୁ ପାଇଲି। ବିଦେଶ ଗସ୍ତ କରିବାଦ୍ୱାରା ସେଠାରେ କିପରି ଏହି ପେସାକୁ ଗ୍ରହଣ କରାଯାଉଛି ତାହା ମଧ୍ୟ ଜାଣିବାକୁ ପାଇଲି। ସେମାନଙ୍କ ସହ ଭାବର ଆଦାନ ପ୍ରଦାନ ହେଲା। ଅମିତ ରୋହିଦାସ ହୁଅନ୍ତୁ କିମ୍ବା ବୀରେନ୍ଦ୍ର ଲାକ୍ରା, ପି.ଆର. ଶ୍ରୀଜେଶ କି ବର୍ତ୍ତମାନର ଅଧିନାୟକ ମନପ୍ରୀତ ସିଂ ସମସ୍ତେ ଖେଳ କ୍ୟାରିୟର ଆରମ୍ଭ କରିବା ସମୟରେ ମୁଁ ଫିଜିଓ ଥିଲି। ଜୁନିୟର ଦଳ ସହ ଥିବାବେଳେ ଜଣେ ଖେଳାଳିଙ୍କ ସହ ଏକ ଅଭୁଲା ଅନୁଭୂତି ରହିଛି। ଆମେ ମାଲେସିଆରେ ଥିବାବେଳେ ଉକ୍ତ ଖେଳାଳି ଜଣକ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କଲେ। ମୋତେ ଡକାହେଲା ପରେ ତାଙ୍କୁ ମେଡିକାଲ ରୁମ୍‌କୁ ନିଆ ଯାଇଥିଲା। ମାତ୍ର ଲଞ୍ଚ୍ ଟାଇମ୍ ହୋଇଥିବାରୁ ସେଠାରେ ଡାକ୍ତର, ନର୍ସ ଆଦି ସମସ୍ତେ ଖାଇବାକୁ ଯାଇଥିଲେ। ତେଣୁ ମୁଁ ମୋ ନିକଟରେ ଯାହା ଔଷଧ ଥିଲା ସେଥିରୁ ଗୋଟିଏ ଦେଇଥିଲି। ଶ୍ରୀଜେଶ ୨-୩ ମିନିଟ ମଧ୍ୟରେ ଭଲ ହୋଇଗଲେ। ବହୁ କଷ୍ଟ ପାଇଥିବାରୁ ଖୁସିରେ କାନ୍ଦି ପକାଇଥିଲେ ଏବଂ ''ସାର୍ ମୋ ଜୀବନ ବଞ୍ଚାଇଦେଲେ'' ବୋଲି କହିଥିଲେ। ଏହା ମୋତେ ବହୁତ ଖୁସି ଦେଇଥିଲା ସତ, ମାତ୍ର ମୁଁ ତାଙ୍କୁ ଯେଉଁ ଔଷଧ ଦେଇଥିଲି ତାହା ଡୋପ୍‌ଟେଷ୍ଟରେ ପଜିଟିଭ୍ ଆସିବା ସମ୍ଭାବନା ଥିଲା। ସେ ଯାହା ହେଉ ଲଟେରିରେ ଅନ୍ୟ ଖେଳାଳିଙ୍କ ନାଁ ଆସିଲା ଆଉ ଆମେ ସମସ୍ତେ ବଡ଼ ସମସ୍ୟାରୁ ବଞ୍ଚି ଯାଇଥିଲୁ।

**● ପେସାକୁ ନେଇ କେତେ ସନ୍ତୁଷ୍ଟ ?**

▶ ଏହା ଏବେ ମୋର ଆଉ ପେସା ହୋଇ ନାହିଁ ନିଶା ହୋଇ ଯାଇଛି। ମୁଁ ପିଲାବେଳେ ଖେଳିବାବେଳେ ଜଣେ ଜାତୀୟ ସ୍ତରୀୟ ଆଥଲେଟ୍ ଥିଲି। ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ମୁଁ ରାଜ୍ୟ ଚାମ୍ପିୟନ ଥିଲି। ବହୁତ ଖେଳ ସହିତ ସମ୍ପୃକ୍ତ ଥିବାରୁ ଏ କ୍ଷେତ୍ର ମୋତେ ସହଜ ହେଲା। ଶେଷ ଜୀବନ ପର୍ଯ୍ୟନ୍ତ ଖେଳାଳି ଓ ଖେଳ ପଡ଼ିଆ ସହିତ ସମ୍ପୃକ୍ତ ହୋଇ ରହିବି ବୋଲି ଲକ୍ଷ୍ୟ ରହିଛି। କୌଣସି ଖେଳାଳି ଉଚ୍ଚ ସ୍ତରରେ ସଫଳ ହେଲେ ଖେଳାଳଙ୍କ ସହ କୋଚ୍‌ଙ୍କୁ ଶ୍ରେୟ ଯାଉଛି। ମାତ୍ର ଫିଜିଓଙ୍କର ମଧ୍ୟ ବହୁତ ଅବଦାନ ରହୁଛି। ତେଣୁ ସମାନ ଭାବେ ଫିଜିଓଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ ଏବଂ ପୁରସ୍କୃତ କରାଯିବା ଆବଶ୍ୟକ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ବୁଧବାର, ସେପ୍ଟେମ୍ବର ୮/୨୦୨୧ Balasore, Wednesday, September 8/ 2021

## ଆଜିଠାରୁ ୨ ଦିନିଆ ସୁପରଲିଗ୍

**ଭୁବନେଶ୍ୱର, ୭।୯ (କ୍ରୀଡ଼ା ପ୍ରତିନିଧି):** କଳାହାଣ୍ଡି କପ୍‌ର ଦିନିକିଆ ଓ ଟି୨୦ ଫର୍ମାଟ ଗତ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୪ ମଧ୍ୟରେ ସଫଳତାର ସହ ସମ୍ପନ୍ନ ହୋଇଛି। ପ୍ରତିଯୋଗିତାର ୨ ଦିନିଆ ସୁପରଲିଗ୍ ଫର୍ମାଟ ବୁଧବାରଠାରୁ ଆରମ୍ଭ ହେବ। ଲିଗ୍ ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ୬ଟି ଦଳ ଓ ଅବଶିଷ୍ଟ ଦଳଗୁଡ଼ିକରେ

**କଳାହାଣ୍ଡି କପ୍ କ୍ରିକେଟ**

ଭଲ ଖେଳିଥିବା ଖେଳାଳିଙ୍କୁ ନେଇ ୬ଟି ଦଳ ଗଠନ କରାଯାଇଛି। ୧୨ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଇକୋର୍ସା, ସୁନ୍ଦରଗଡ଼, ଖୋର୍ଦ୍ଧା, ଓଡ଼ିଶା ବ୍ଲୁ, ଓଡ଼ିଶା ଗ୍ରୀନ୍, ଓଡ଼ିଶା ୟେଲୋ ରହିଥିବାବେଳେ ଗ୍ରୁପ୍ 'ବି'ରେ ଝାରସୁଗୁଡ଼ା, କଟକ-ଏ, ରାଉରକେଲା, ଓଡ଼ିଶା ରେଡ୍, ଓଡ଼ିଶା ଭାଓଲେଟ ଓ ଓଡ଼ିଶା ପିଙ୍କ୍ ସ୍ଥାନ ପାଇଛନ୍ତି। ମ୍ୟାଚଗୁଡ଼ିକ କଟକର ୬ଟି ପଡ଼ିଆରେ ଅନୁଷ୍ଠିତ ହେବ। ଗ୍ରୁପ୍ 'ଏ' ଓ ଗ୍ରୁପ୍ 'ବି'ର ଶୀର୍ଷ ଦଳକୁ ନେଇ ଫାଇନାଲ ଚଳିତ ମାସ ୨୩ ଓ ୨୪ ତାରିଖରେ ଅନୁଷ୍ଠିତ ହେବ।

# ପ୍ରଥମ ଦିବସରେ ୪ ନୂଆ ରେକର୍ଡ

**ଭୁବନେଶ୍ୱର, ୭।୯(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬୮ତମ ରାଜ୍ୟ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୪ଟି ନୂଆ ରେକର୍ଡ ସ୍ଥାପନ ହୋଇଛି। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ଆଥଲେଟ୍ ୩୪ଟି ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ୨ ଦିନଧରି ଚାଲିବ। ପ୍ରଥମ ଦିବସରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ପୁରୁଷ ହାଇଜମ୍ପରେ କଟକର ସ୍ୱାଧିନ ମାଝି ୨.୦୭ ମିଟର କ୍ଲିୟର କରି ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ସୁନୀଲ କୁମାର ଆଜାଦଙ୍କ ନାମରେ ଥିଲା। ସେ ୧୯୯୬ରେ କୋଲକାତାଠାରେ ୨.୦୬ ମିଟର କ୍ଲିୟର କରି ରେକର୍ଡର



ପ୍ରଥମ ଦିବସରେ ଅନୁଷ୍ଠିତ ରେସ୍ ଅବସରରେ ପ୍ରତିଯୋଗୀମାନେ।

ଅଧିକାରୀ ଥିଲେ। ସେହିପରି କଟକର କିଶୋର କୁମାର ଜେନା ଜାଭେଲିନ୍ ଥ୍ରୋରେ ନିଜ ନାମରେ ଥିବା ରାଜ୍ୟ ରେକର୍ଡକୁ ଭାଙ୍ଗିଛନ୍ତି। ସେ ଏଠାରେ ୭୬.୪୧ ମିଟର ଦୂରକୁ ଜାଭେଲିନ ପକାଇଛନ୍ତି। ପୂର୍ବରୁ ୨୦୧୭ରେ କଟକରେ ଅନୁଷ୍ଠିତ ପ୍ରତିଯୋଗିତାରେ ସେ ୭୨.୭୭ ମିଟର ଥ୍ରୋ କରି ରେକର୍ଡ କରିଥିଲେ। ୧୫୦୦ ମିଟର ରେସ୍‌ରେ ଓଡ଼ିଶା ପୋଲିସର ଅଶୋକ ଦେଶପାଣ୍ଡେ ନୂଆ ମିଟ୍ ରେକର୍ଡ କରିଛନ୍ତି। ସେ ୩ ମିନିଟ ୫୮.୭ ସେକେଣ୍ଡ ସମୟ ନେଇଛନ୍ତି। ପୂର୍ବ ରେକର୍ଡ ୩ ମିନିଟ ୫୯.୩ ସେକେଣ୍ଡ ଥିଲା। ସେହିପରି ଓଡ଼ିଶା ପୋଲିସରେ କାର୍ଯ୍ୟରତ ବିଘ୍ନରାଜ ମିରିଡିଆ ୪୦୦ ମିଟର ରେସ୍ ସେମିଫାଇନାଲରେ ୪୮.୨୬ ସେକେଣ୍ଡ ସମୟ ନେଇ

**ରାଜ୍ୟ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍ ଆରମ୍ଭ**

ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବ ରେକର୍ଡ ୪୮.୩୧ ସେକେଣ୍ଡ ଥିଲା।

ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ ଦ୍ୱାରା ଦିଆଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମାର୍କକୁ ଯେଉଁ ଆଥଲେଟ୍ ସ୍ପର୍ଶ କରିବେ ସେମାନେ ୬୦ତମ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଏହା ଚଳିତ ମାସ ୧୫ରୁ ୧୯ ପର୍ଯ୍ୟନ୍ତ ତେଲେଙ୍ଗାନାରେ ଅନୁଷ୍ଠିତ ହେବ।

## ବିଦେଶୀ ବକ୍ସିଂ କୋଚ୍‌ଙ୍କ କାର୍ଯ୍ୟକାଳ ବଢ଼ିପାରେ

**ନୂଆଦିଲ୍ଲୀ, ୭।୯ (ପି.ଟି.):** ଭାରତ ବକ୍ସିଂ ମହାସଂଘ (ବିଏଫ୍ଆଇ) ଏହାର ୨ ବିଦେଶୀ କୋଚ୍‌ଙ୍କ କାର୍ଯ୍ୟକାଳ ଆହୁରି ୩ ମାସ ବୃଦ୍ଧି ପାଇଁ ଇଚ୍ଛା ପ୍ରକାଶ କରିଛି। ଏହି କୋଚ୍ ଦ୍ୱୟଙ୍କ କାର୍ଯ୍ୟକାଳ ଚଳିତମାସରେ ଶେଷ ହେଉଛି। ଚଳିତବର୍ଷ ପରବର୍ତ୍ତି ଭାଗରେ ହେବାକୁଥିବା ପୁରୁଷ ଓ ମହିଳା ବିଶ୍ୱଚାମ୍ପିୟନଶିପ୍ ପରେ ସେମାନଙ୍କ କାର୍ଯ୍ୟର ସମୀକ୍ଷା ହେବ ବୋଲି ମହାସଂଘ କହିଛି। ସ୍ୱିଡେନର ସାଣ୍ଟିଆଗୋ ନିଭା ପୁରୁଷ ଏବଂ ଇଟାଲୀର ରାଫେଲି ବର୍ଗାମାସ୍କୋ ମହିଳା ହାଇ ପରଫର୍ମାନ୍ସ ଡାଇରେକ୍ଟର ଅଛନ୍ତି। ଟୋକିଓ ଅଲିମ୍ପିକ୍ସ ପରେ ସେମାନଙ୍କ କାର୍ଯ୍ୟକାଳ ଶେଷ ହେଉଥିଲା। ସେମାନଙ୍କୁ ଅଉ ୩ ମାସ ପାଇଁ ରଖିବା ପାଇଁ ମହାସଂଘ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆର ଅନୁମୋଦନ ଚାହୁଁଛି।










For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422, ଭାରତ ହୀରୋ - 7799766378, ଡିଡି ହୀରୋ - 7799766329, ଅରୁନ୍ଧତୀ ହୀରୋ- 9311733967. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 8448389695. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 9238551897. ବାଲୁଗାଁ: ମହାମୟୀ ମୋଟର୍ସ - 8327793865. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 9853471301. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 9861242100. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 9437185858. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 9438139116. ପିପିଲି: ଶ୍ରୀରାମ ମୋଟର୍ସ - 9437110789. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 9437055552. ରାହାମା: ଶରଣ୍ୟା ଅଟୋମୋବାଇଲ୍ସ - 9937018532. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7978560171. ସୋରୋ: ଟୁଇଙ୍କିଲ ମୋଟର୍ସ - 9861594852. ଉଦଳା: ମହାବୀର ମୋଟର୍ସ - 9853290346.

୧୮
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ